
ଟ. : ୨୪

# ଆମରି ସତ୍ୟ

# AMARI SATYA

RNI Regn. No. - 107608/2010
Postal Regd. No. : PURI-33/2019-21
ଏକାଦଶ ବର୍ଷ, ପ୍ରଥମ ସଂଖ୍ୟା
ମାସିକ, ଜୁଲାଇ-୨୦୨୦, ପୃଷ୍ଠା ସଂଖ୍ୟା ୫୨



# ଆଜୀବନ ସଦସ୍ୟ



ଶ୍ରୀଯୁକ୍ତ ସୁବ୍ରତ କୁମାର ମିଶ୍ର
ପରିଚାଳନା ନିର୍ଦ୍ଦେଶକ
ଷ୍ଟିଲ୍ ଏଜ୍, ଝାରସୁଗୁଡା




ଡା. ଲିଆକତ୍ ଅଲ୍ଲୀ ଖାଁ
ଅବସରପ୍ରାପ୍ତ ସରକାରୀ ହୋମିଓପାଥି
ମେଡ଼ିକାଲ ଅଫିସର, ଅଲ୍ଲୀ ହୋମିଓ କ୍ଲିନୀକ୍
ମହିଳା କଲେଜ ରୋଡ଼, ନୟାଗଡ଼




ଶ୍ରୀଯୁକ୍ତ ସରୋଜ ସୁନ୍ଦର ପଟ୍ଟନାୟକ
ପଲଟଣ ପଡିଆ, ଖୋର୍ଦ୍ଧା



ପ୍ରଫେସର କୈଳାଶ ଚନ୍ଦ୍ର ମିଶ୍ର
ଅଧ୍ୟକ୍ଷ, ବେଗୁନିଆ କଲେଜ
ବେଗୁନିଆ, ଖୋର୍ଦ୍ଧା



ଐଶାନୀ ମହାପାତ୍ର
ଷ୍ଟାଣ୍ଡାର୍ଡ -୪





ସାୟାଂଶ ଜେନା
ଷ୍ଟାଣ୍ଡାର୍ଡ-୩



ଶରନ୍ୟା ବଳିଆରସିଂହ
ଷ୍ଟାଣ୍ଡାର୍ଡ-୫



ଆଦିତ୍ୟ ଶୁଭ୍ରଜ୍ୟୋତି ସ୍ୱାଇଁ
ଷ୍ଟାଣ୍ଡାର୍ଡ - ୪




ସମ୍ଭବ ବଳିଆରସିଂହ
ଷ୍ଟାଣ୍ଡାର୍ଡ-୨



"ବାପା ହେଲ୍‌ମେଟ୍ ଦେଲେନି" -
ଅଧିରାଜ ଦାଶ

**ପ୍ରତିଷ୍ଠାତା**

**ଡ. ପ୍ରମୋଦ ଚନ୍ଦ୍ର ଦାଶ**

୯୪୩୭୨୮୧୬୫୫

**ସଂପାଦକ**

**ଡ. ପ୍ରସନ୍ନ କୁମାର ଜେନା**

୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**

**ସତ୍ୟବାଦୀ ବଳିଆରସିଂହ**

୯୨୩୭୦୮୯୫୦୯

**ସହ ସମ୍ପାଦକ**

ତ୍ରିଲୋଚନ ମହାପାତ୍ର

୯୯୩୮୯୯୪୮୨୨

**ସତ୍ୟନାରାୟଣ ସାମନ୍ତରାୟ**

୯୪୩୮୭୩୪୮୧୬

**ଡ. ଅଜୟ କୁମାର ସ୍ୱାଇଁ**

୯୪୩୭୨୮୧୪୮୨

**ଭବାନୀ ଶଙ୍କର ଦାଶ**

୯୪୩୭୧୩୧୯୯୬

**ସଂଯୋଜକ**

**ଡ. ନିରଞ୍ଜନ ମହାନ୍ତି**

୯୪୩୭୧୬୦୩୫୫

**ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ**

୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**

**ସର୍ବେଶ୍ୱର ମହାପାତ୍ର**

୯୯୩୮୪୪୨୪୨୮

**ସମରଜିତ୍ ପଟ୍ଟନାୟକ**

୯୮୬୧୧୨୧୨୦୫

**ବିଭୁପ୍ରସାଦ ହରିଚନ୍ଦନ**

୭୦୭୭୯୮୩୮୪୦

**ଡ. ପ୍ରେମଚାନ୍ଦ ମହାନ୍ତି**

୯୪୩୭୧୨୭୮୨୦

ଡ.ରଶ୍ମୀ ରଞ୍ଜନ ନାଥ

୯୯୮୬୧୪୭୭୧୯୫

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

**ରାଜୀବ ରଥ**

୭୯୭୮୭୧୫୧୪୯


# ଆମରି ସତ୍ୟ

## AMARI SATYA


**ଭିନ୍ନସ୍ୱାଦର ମାସିକ ପତ୍ରିକା...**

**ଏକାଦଶ ବର୍ଷ - ପ୍ରଥମ ସଂଖ୍ୟା -ଜୁଲାଇ, ୨୦୨୦**



**ଯୋଗାଯୋଗ:**

**ମୁଖ୍ୟ କାର୍ଯ୍ୟାଳୟ**

**'ଆମରିସତ୍ୟ'**

ଏମ୍ - ୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ଼ କଲୋନୀ

ପୋ.ଅ.- ପି.ଏନ୍. କଲେଜ,

ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା

ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ -**

**ଶ୍ରୀମତୀ ରୁନା ମହାପାତ୍ର**

ପ୍ଲଟ ନ-୧୦୭୧/ପି,ଲେନ ନ-୪,ଶତାବ୍ଦୀ ନଗର

ଭୁବନେଶ୍ୱର-୩ ପିନ୍:୭୫୧୦୦୩, ଓଡ଼ିଶା

ଫୋନ୍ ନଂ:୯୪୩୭୪୧୪୩୨୦

**ଜଟଣୀ କାର୍ଯ୍ୟାଳୟ -**

**ଶ୍ରୀ ପଦ୍ମନାଭ ପାଣିଗ୍ରାହୀ**

ବନମାଳି କଲୋନୀ, ଜଟଣୀ, ଖୋର୍ଦ୍ଧା-୭୫୨୦୫୦

ମୋ-୯୩୩୮୨୨୧୩୭୪


**ଗ୍ରାହକମାନଙ୍କ ପାଇଁ ସୂଚନା**

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ୨ବାର୍ଷିକ ଦେୟ | ଟ.୪୫୦/- |
| ୪. ୩ ବାର୍ଷିକଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟ | ଟ.୩୦୦୦/- |

**(ଆଜୀବନ ଗ୍ରାହକ ସଦସ୍ୟତା ୧୪ ବର୍ଷ ପାଇଁ )**


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**

ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ

**ଡ. ନାରାୟଣ ରାଓ**

ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ. ଅଭୟ କୁମାର ନାୟକ**

କୁଳସଚିବ ,ନାଇଜର, ଭୁବନେଶ୍ୱର

**ଡ.ଶରଚ୍ଚନ୍ଦ୍ର ମହାପାତ୍ର**

ପୂର୍ବତନ ଅଧ୍ୟକ୍ଷ,

ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ

**ଡା. ଧନେଶ୍ୱର ସାହୁ**

ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା

**ଶ୍ରୀ ଭୀମସେନ ପ୍ରଧାନ**

ଶିକ୍ଷାବିତ୍, ଖୋରଧା

**ଶ୍ରୀ ଅନୀଲ କୁମାର ଶତପଥୀ**

ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର

**ଡ.ବିଷ୍ଣୁ ଚରଣ ସାହୁ**

ଶିକ୍ଷାବିତ ଓ ସାମାଜସେବୀ, ଭୁବନେଶ୍ୱର

**ଡ. ଗୌରୀ ଶଙ୍କର ପ୍ରହରାଜ**

ପୂର୍ବତନ ଅଧ୍ୟକ୍ଷ, ଭୁବନେଶ୍ୱର

**ଶ୍ରୀ ଜବାହରଲାଲ ସୁବୁଦ୍ଧି**

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ

**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**

ସାହିତ୍ୟିକ, ଖୋରଧା


**ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। IFSC-SBIN0012027, MICR-752002151**


**'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।**




AMARISATYA

AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.

website: www.amarisatya.in Email:amarisatya@gmail.com / amarisatya@rediffmail.com

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : | ରମେଶ ମଙ୍ଗରାଜ | ୦୪ |
| ୨. | ସମ୍ପାଦକୀୟ | | ୦୫ |
| ୩. | ହିତ ବାଣୀ | | ୦୬ |
| ୪. | ଘୋଷଯାତ୍ରା ଶୁଭକାଳେ | ଡ.ଶରଚ୍ଚନ୍ଦ୍ର ମହାପାତ୍ର | ୦୭ |
| ୫. | ବନ୍ଦେ ଉତ୍କଳ ଜନନୀ | ଡ. ପ୍ରମୋଦ ଚନ୍ଦ୍ର ଦାଶ | ୦୮ |
| ୬. | ଆତ୍ମ ବଳ | ଅଧ୍ୟାପିକା ସସ୍ମିତା ଦାସ | ୦୯ |
| ୭. | କାହିଁକି ଏତେ ରାଗ ରୋଷ | ଲୋହିତ ମହାପାତ୍ର | ୦୯ |
| ୮. | ବିଜ୍ଞାନ ବିଚିତ୍ର | ଡ. ପ୍ରେମଚାନ୍ଦ ମହାନ୍ତି | ୧୦ |
| ୯. | ଅତିଥି ଓ ଆତିଥେୟତା | ଇଂ ସତ୍ୟବ୍ରତ ରଥ | ୧୩ |
| ୧୦. | ଛାତ୍ରଛାତ୍ରୀମାନେ ସୃଜନ ... | ଡ. ବିଷ୍ଣୁଚରଣ ସାହୁ | ୧୫ |
| ୧୧. | ଝରା ଫୁଲକୁ ପଚାରନା କେବେ | ଡ. ଦିଲ୍ଲୀପ ଶ୍ରୀଚନ୍ଦନ | ୧୬ |
| ୧୨. | ନାରୀ | ଶୋଭାଗିନୀ ନନ୍ଦ | ୧୬ |
| ୧୩. | ଶୁଷ୍କ ଓ ଅବସନ୍ନ ଚକ୍ଷୁ | ଡ. ମୁରାରି ମୋହନ ଦାଶ | ୧୭ |
| ୧୪. | ଉତ୍ତମ ଗୃହିଣୀ | ପଦ୍ମନାଭ ପାଣିଗ୍ରାହୀ | ୧୮ |
| ୧୫. | କରୋନାୀୟ ଶୈଶବ | ସତ୍ୟନାରାୟଣ ସାମନ୍ତରାୟ | ୧୯ |
| ୧୬. | ବିମଳା | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୨୦ |
| ୧୭. | ଦେଖାଦେଇ ଲୁଚିଯାଅ | ଶିବସୁନ୍ଦର ପଟ୍ଟନାୟକ | ୨୧ |
| ୧୮. | ରୁବେଲା | ଡା: ଧନେଶ୍ୱର ସାହୁ | ୨୨ |
| ୧୯. | ଖୁସିଟିଏ ଅନେକ ରୂପରେ | ଆରତି ପ୍ରହରାଜ | ୨୪ |
| ୨୦. | ମାଛ ମସଲା | ସୌମିତ୍ରା ହରିଚନ୍ଦନ | ୨୪ |
| ୨୧. | ଶ୍ରୀ ଜଗନ୍ନାଥ ସଂସ୍କୃତିରେ ଛେରା.. | ବିଭୂତି ଭୂଷଣ ସେନାପତି | ୨୫ |
| ୨୨. | ଗୋବିନ୍ଦ ଦାସଙ୍କ.. | ଜବାହରଲାଲ ସୁବୁଦ୍ଧି | ୨୭ |
| ୨୩. | ଝରା ଶେଫାଳୀ | ଅନିରୁଦ୍ଧ ମହାନ୍ତି | ୨୯ |
| ୨୪. | ପ୍ରାର୍ଥନା | ବିଭୁ ପ୍ରସାଦ ହରିଚନ୍ଦନ | ୩୦ |
| ୨୫. | କର୍ତ୍ତବ୍ୟ ସମ୍ବନ୍ଧୀୟ ବିଶେଷ କଥନ | ଅଜୟ କୁମାର ସାହୁ | ୩୧ |
| ୨୬. | ସତ୍ୟ | ଉମାକାନ୍ତ ସାହୁ | ୩୧ |
| ୨୭. | ଅନାଦିର ନାହିଁ ଅନ୍ତ | ପ୍ରମୋଦ କୁମାର ନନ୍ଦ | ୩୨ |
| ୨୮. | ଚିର ମଳୟ | ରଶ୍ମିତା ନାୟକ | ୩୨ |
| ୨୯. | ଦେହରକ୍ଷୀ | ଡ. ରାମଚନ୍ଦ୍ର ଦେଓ | ୩୩ |
| ୩୦. | ରୋଗୀ ସେବା କରୁ .... | ରବୀନ୍ଦ୍ରନାଥ ପ୍ରଧାନ | ୩୪ |
| ୩୧. | ସ୍ୱାଧୀନ ଭାରତର ସର୍ବଶ୍ରେଷ୍ଠ .... | ଆଶିଷ କୁମାର ରାୟ | ୩୫ |
| | **ପିଲାଙ୍କ ଆମରିସତ୍ୟ** | | ୩୭-୪୧ |
| ୩୨. | ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ | ତ୍ରିଲୋଚନ ମହାପାତ୍ର | ୩୭ |
| ୩୩. | କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର | ସମରଜିତ୍ ପଟ୍ଟନାୟକ | ୩୭ |
| ୩୪. | କିଛି ଜାଣିବା କଥା | | ୩୮ |
| ୩୫. | ଦିବସ ପାଳନ(ଅଗଷ୍ଟ) | | ୩୯ |
| ୩୬. | ଅହିରାଜ ସାପ | ମନୋଜ କୁମାର ମହାପାତ୍ର | ୪୧ |
| ୩୭. | ଏମିତି ଦିଅଁ | ନିଶିକାନ୍ତ କହଲସିଂହ | ୪୧ |
| ୩୮ | ସମ୍ବାଦ ବିଚିତ୍ରା | | ୪୨ |
| ୩୯. | ସାଧାରଣ ଜ୍ଞାନ | | ୪୩-୫୦ |

## ।। ସକାଳ ବନ୍ଦନା : ସଂଜ


## ପ୍ରାର୍ଥନା-୪୯

**ରମେଶ ମଙ୍ଗରାଜ**

ତମେ ଅଛ ବୋଲି ମୁଁ ଅଛି ପ୍ରଭୁ
ତମ ବିନା ନାହିଁ ମୋର ସତା
ତମେ ହସାଉଛ ତୁମେ କନ୍ଦାଉଛ
ତୁମେ ପ୍ରଭୁ ମୋର ଜନ୍ମଦାତା । ।।୦।।
ତାରିବା ମାରିବା ତମ ହାତେ ପ୍ରଭୁ
ଯାହାଇଚ୍ଛା ତାହା କର
ତୁମ ପାଦତଳେ ଶରଣ ନେଇଛି
କରିବନି କେବେ ପର
ତମେ ଥାଉ ଥାଉ ହେ' କଳାଠାକୁର
କାହିଁକି କରିବି ନିଜଚିନ୍ତା । ।।୧।।
ତମେ ଅଛ ବୋଲି...........
ତୁଚ୍ଛ ଏ ଜୀବନ ତୁଚ୍ଛ ସନମାନ
ମିଛ ଦୁନିଆର ଖେଳ
ତାମସା ଲଗାଇ ଦେଖୁଛ ହେ'ପ୍ରଭୁ
କାହାର' ତ କେତେ ବଳ
ତିଳଟିଏ କାହୁଁ ଜାଣିବ ତାଳକୁ
ତମେ ଜଗତର ସୃଷ୍ଟିକର୍ତ୍ତା । ।।୨।।
ତମେ ଅଛ ବୋଲି.........


କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା
ଖୋର୍ଦ୍ଧା - ୭୫୨୦୫୪
ଦୂରଭାଷ - ୯୧୭୮୬୨୬୨୮୦

# ସମ୍ପାଦକୀୟ....




ଶେଷରେ ବଡ଼ଦାଣ୍ଡରେ ରଥ ଗଡିଲା !

ରଥ, ପଥ, ରଥୀ, ସାରଥୀ ସବୁ ଏକାକାର ହୋଇଗଲେ। ଭକ୍ତର ମାନରକ୍ଷା ହେଲା। ମାନଉଦ୍ଧାରଣ ନାମ ସାର୍ଥକ ହେଲା। ପତିତର ଆରତରେ କରତି ହୋଇଗଲା ପତିତପାବନଙ୍କର ହୃଦୟ। ବିଶ୍ୱବେଦନାର ବୈଦ୍ୟ ବ୍ୟାଧିଗ୍ରସ୍ତ ବିଶ୍ୱକୁ ଅଭୟ ଦେବାକୁ ଶ୍ରୀମନ୍ଦିର ଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ପଡ଼ିଲେ। ଭକ୍ତି, ଭକ୍ତ ଓ ଭଗବାନଙ୍କ ଏକୀଭୂତ ରୂପ ଦର୍ଶନରେ ସ୍ୱର୍ଗର ଦେବତାମାନେ ମଧ୍ୟ ଆହ୍ଲାଦିତ ହେଲେ। ଭକ୍ତଟି ଆତ୍ମବିଭୋର ହୋଇଗଲା। ଭୁଲିଗଲା ନିଜର ସ୍ଥିତି ଓ ପାଶୋରି ପକେଇଲା ନିଜର ପ୍ରକୃତି। ଅପଲକ ନେତ୍ରରେ ଚାହିଁରହିଲା ବିଶ୍ୱେଶ୍ୱରଙ୍କ ନିତ୍ୟସୁନ୍ଦର ବିଶ୍ୱରୂପକୁ। ଅନନ୍ତ, ଅପ୍ରାକୃତ, ଅବ୍ୟକ୍ତ ଓ ଅନିର୍ବଚନୀୟ କୋଟିକୈବଲ୍ୟନାଥଙ୍କ ରଥାରୂଢ଼କୁ ପ୍ରତ୍ୟକ୍ଷରେ ନହେଲେ ନାଇଁ ମନଶ୍ଚକ୍ଷୁରେ ଦେଖି ଆନନ୍ଦାଶ୍ରୁ ବିଗଳିତ ଭକ୍ତପ୍ରାଣ ମହାପ୍ରଭୁଙ୍କ ସତ୍ତାକୁ ସର୍ବତ୍ର ବିଦ୍ୟମାନ ହେବାର ଅନୁଭବକରି ଗାଇଉଠିଲା,

ଅନେକ ବାହୁଦରବକ୍ତ୍ରନେତ୍ରଂ ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ୍
ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ । ଗୀତା ୧୧/୧୬

ଅନେକ ଦ୍ୱନ୍ଦ ଓ ଅନେକ ଆଶଙ୍କା ! ବିଶ୍ୱମାରୀ କରୋନାର ବିଭୀଷିକାରେ ସାରା ବିଶ୍ୱ ଆକ୍ରାନ୍ତ। ବହୁରୂପୀ ଭୂତାଣୁଟି କୌଣସି ଆକଟ କି ନିୟମକୁ ବେଖାତିର କରି ତାର କାୟା ବିସ୍ତାରି ଚାଲିଛି। ରାସ୍ତାଘାଟ, ଦୋକାନବଜାର, ମେଳାମଉଚ୍ଛବ ସବୁ ଉପରେ କଟକଣା। ମଣିଷ ଏକୁଟିଆ ଓ ଏକୁଟିଆ ରହିବ, ଏହାରି ଉପରେ ଗୁରୁତ୍ୱ। ସମସ୍ତେ ସଙ୍ଗରୋଧ ଭଳି ଏକ ଅଣ-ସାମାଜିକ ବ୍ୟବସ୍ଥାକୁ ଯେପରି  ନିଜର କରିନେଇଛନ୍ତି। ଉପାୟ ନାହିଁ। ଏପରି କରିବାକୁ ସମସ୍ତେ ବାଧ୍ୟ। ମାଆ ପାଖକୁ ପୁଅ ଫେରିପାରୁନି। ଫେରିପାରିଲେ ବି କୋଳେଇ ପାରୁନି। ସ୍ୱାମୀ ଫେରିପାରୁନି ପ୍ରତୀକ୍ଷାରତା ସ୍ତ୍ରୀ ପାଖକୁ। ଫେରିଲେ ବି ଆଦର କରିପାରୁନି। କରୋନା ଭୂତାଣୁର ସର୍ବଗ୍ରାସୀ ଆଁ' ଟାକୁ ସଭିଙ୍କର ଭୟ। କେତେବେଳେ କାହାକୁ କୋଉଭାବରେ ଆକ୍ରାନ୍ତ ଯେ ନକରିବ ସେକଥା କହିହେବନି। ଜନତା ସଜାଗ। ପ୍ରଶାସନ ବି ସଜାଗ। କଥା ରହିଲା, ମହାପ୍ରଭୁଙ୍କ ରଥଯାତ୍ରାରେ ! ଯାତ୍ରା ହେବ କି ନାହିଁ !

କଥା ପହଞ୍ଚିଲା ସର୍ବୋଚ୍ଚ ନ୍ୟାୟାଳୟରେ। ରଥଯାତ୍ରା ବନ୍ଦ ପାଇଁ ଯାଚିକା ଦାଖଲ ହେଲା। ପ୍ରତିବାଦର ସ୍ୱର ନାହିଁ ଏପଟେ କରୋନାର ଭୟାବହତା। ରଥଯାତ୍ରାର ଦିନକ ପୂର୍ବରୁ ନ୍ୟାୟାଳୟ ଏହାକୁ ବନ୍ଦ ପାଇଁ ଆଦେଶଦେଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ତ୍ୱରିତ ପାଳନ ହେବାର ଘୋଷଣା କରାଗଲା।

କାଳର ଗତି କୁଟିଳ !

କାଳ ତାର କାମ ଦେଖେଇଲା। ବନ୍ଦ ପାଇଁ ଯାଚିକା ଦାଖଲ ବେଳେ ସମସ୍ତେ ଦେଖଣାହାରୀ ପାଲଟି ଯାଇଥିଲେ। ସମସ୍ତେ ପ୍ରାୟ ନିର୍ବୋଧଙ୍କ ଭଳି ନ୍ୟାୟାଳୟଙ୍କ ଆଦେଶକୁ ଅପେକ୍ଷା କରିଥିଲେ। ବୁଦ୍ଧି କୋଉଠୁ ଆସିବ ଯେ ? ଜଗନ୍ନାଥ ପରା ଖେଳ ଦେଖୁଥିଲେ। ସାଧାରଣ ମଣିଷଟିଏ ଜ୍ଞାନହୀନ, ସତ୍ତାହୀନ ଓ ନିର୍ବୋଧ ହେଲେ ତ ଜଗନ୍ନାଥ ତାଙ୍କ ଖେଳ ଦେଖେଇବେ ! ଅର୍ଜୁନଙ୍କୁ ବିଶ୍ୱରୂପ ଦେଖେଇଲାବେଳର ଅବସ୍ଥା ଇଏ ! ଉଭୟ ପକ୍ଷରେ ଲକ୍ଷ ଲକ୍ଷ ରଥୀ, ମହାରଥୀ ଓ ସୈନ୍ୟସାମନ୍ତ ! ବିଶ୍ୱରୂପ କେହି ଦେଖିପାରିଲେନି। କେବଳ ଅର୍ଜୁନ ଦେଖିଲେ। କାଳକାଳରୁ ଏଇମିତି ଅର୍ଜୁନମାନେ ମହାପ୍ରଭୁଙ୍କ ଆୟୁଧ ସାଜନ୍ତି !

ଶେଷରେ ଅର୍ଜୁନମାନେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶର ପୁନର୍ବିଚାର ପାଇଁ  ଆବେଦନ କଲେ। ଯୁକ୍ତିନିଷ୍ଠ ପ୍ରମାଣ ଉପସ୍ଥାପନ ହେଲା। ନ୍ୟାୟାଳୟ ରଥଯାତ୍ରା ପାଇଁ ଅନୁମତି ଦେଲେ। ଶ୍ରୀକ୍ଷେତ୍ରରେ ରଥଯାତ୍ରାର ମହତ୍ତ୍ୱ ସଂସ୍ଥାପନ ହେଲା। ଭକ୍ତର ମାନ ରକ୍ଷା ହେଲା ଓ କୋଟି ବିଶ୍ୱର ମଉଡ଼ମଣି ଜଗନ୍ନାଥଙ୍କ ପତିତପାବନ ନାମ ସାର୍ଥକ ହେଲା।

ତେଣୁ ତ କୁହାଯାଏ,

କରି କରାଉଥାଏ ମୁହିଁ।
ମୋ ବିନୁ ଅନ୍ୟ ଗତି ନାହିଁ।।

**ଡ. ପ୍ରସନ୍ନ କୁମାର ଜେନା**

# ହିତ ବାଣୀ



## ଗୀତା

ବ୍ରହ୍ମଣ୍ୟାଧାୟ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା କରୋତି ଯଃ।
ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା । ୫/୧୦

ଯେଉଁ ପୁରୁଷ ସକଳ କର୍ମ ପରମାତ୍ମାଙ୍କଠାରେ ଅର୍ପଣ କରି ଓ ଆସକ୍ତି ତ୍ୟାଗ କରି କର୍ମ କରନ୍ତି, ପଦ୍ମପତ୍ର ଯେପରି ଜଳଦ୍ୱାରା ଲିପ୍ତ ହୁଏନାହିଁ, ସେହି ପୁରୁଷ ସେପରି ପାପଦ୍ୱାରା ଲିପ୍ତ ହୁଅନ୍ତି ନାହିଁ।

## ବ୍ରିଘାମ୍ ୟଙ୍ଗ୍

ଯଦି ଆପଣ ଜଣେ ପୁରୁଷକୁ ଶିକ୍ଷିତ କରୁଛନ୍ତି ତେବେ ଜଣେ ମାତ୍ର ବ୍ୟକ୍ତି ଶିକ୍ଷିତ ହୋଇଥାଏ। ମାତ୍ର ଜଣେ ମହିଳାକୁ ଶିକ୍ଷିତ କରାଇଲେ ଗୋଟିଏ ପିଢ଼ି ଶିକ୍ଷିତ ହୋଇଥାଏ ।

## ଭାଗବତ ବାଣୀ

ଦଣ୍ଡିବା ଶକ୍ତି ଯାର ଥାଇ। ସେ ଯେବେ କ୍ଷମା ଆଚରଇ।।
ସାଧୁଙ୍କ ଶ୍ରେଷ୍ଠ ସେଇ ନର। ସୁଖ ଦୁଃଖରୁ ସେ ବାହାର।।

### କୁହତ ଦେଖି

ଗଛ ମହାମେରୁ ପତର ସରୁ
ତା ଫଳଟା ବାଙ୍କିଆ ମେରୁ । (କଇଁଆ)



## ଚାଣକ୍ୟ ନୀତି

**ମାତା :-**

**ରାଜପତ୍ନୀ ଗୁରୋଃ ପତ୍ନୀ ମିତ୍ରପତ୍ନୀ ତଥୈବ ଚ।**
**ପତ୍ନୀମାତା ସ୍ୱମାତା ଚ ପଂଚୈତାଃ ମାତରଃ ସ୍ମୃତାଃ।**

**ଏହି ଶ୍ଳୋକରେ ଆଚାର୍ଯ୍ୟ ଚାଣକ୍ୟ ମାଆଙ୍କ ସମ୍ବନ୍ଧରେ ଚର୍ଚ୍ଚା କରିବାକୁ ଯାଇ କହିଛନ୍ତି ଯେ, ରାଜାଙ୍କ ପତ୍ନୀ, ଗୁରୁଙ୍କ ପତ୍ନୀ, ମିତ୍ରଙ୍କ ପତ୍ନୀ, ପତ୍ନୀ, ପତ୍ନୀଙ୍କ ମାତା ତଥା ନିଜର ଜନ୍ମଦାତ୍ରୀ ମାଆ - ଏହି ପାଂଚଜଣଙ୍କୁ ସଂସାରରେ ସମ୍ମାନ ପ୍ରଦାନ କରାଯାଇଥାଏ।**

## ଢଗ ଢମାଳି

ଅଧାକାନ୍ଥ ପାଣି ନଉତି
ନଣନ୍ଦ ଗୋଡ଼ରେ ବଳା
ଥିରି ଥିରି କରି ଆସିବୁରେ ଚୋର
ପୁଅକୁ ଝୁଣ୍ଟିବୁ ପରା ।

(ସ୍ୱାମୀ ବିଦେଶରେ, ପୁଅ ଓ ନଣନ୍ଦ ଘରେ ଥିଲାବେଳେ ଚୋରା ପ୍ରୀତିରେ ମାତିଥିବା ସ୍ତ୍ରୀର ପରପୁରୁଷ ପ୍ରତି ପ୍ରେମ ସହ ସତର୍କ ସୂଚନା ଏଥିରେ ରୂପାୟିତ ହୋଇଛି।)

## ରୂଢ଼ି ପ୍ରୟୋଗ

କୁହା ମୁଣ୍ଡା କପିଳା - କଥା ଅଧିକ, କାମ କମ।
କମଳ ଯାକ ବାଳ - ସଂପୂର୍ଣ୍ଣ ଭାବେ ଦୋଷଯୁକ୍ତ।

# ଘୋଷଯାତ୍ରା ଶୁଭକାଳେ



ଡ.ଶରଚ୍ଚନ୍ଦ୍ର ମହାପାତ୍ର

ସ୍ୱରୂପେ ନିର୍ଗୁଣ ହୋଇ ମାୟାବଳେ ସଗୁଣ ରୂପ ବିସ୍ତାରି
ଲୀଳାମୟ ଲୀଳା ପ୍ରକଟ କରନ୍ତି ମର୍ତ୍ତ୍ୟଧାମେ ଅବତରି।

ଦୀନଜନଙ୍କର ଦୁଃଖହାରୀ ସେ ଯେ କରୁଣାର ପାରାବାର
ସଂସାର ବାରିଧି ପାରି କରିବାକୁ ଏକମାତ୍ର କର୍ଣ୍ଣଧାର।୧।

ଯାହାଙ୍କର ଲୀଳା ବୁଝି ନ ପାରନ୍ତି ଇନ୍ଦ୍ରାଦି ଦେବତା ଗଣ
ହରବ୍ରହ୍ମା ଆଦି ଯାହାଙ୍କ ଧ୍ୟାନରେ ହୋଇଥାଆନ୍ତି ତଲ୍ଲୀନ।

ରତ୍ନମଣ୍ଡପକୁ ତୁଚ୍ଛ ମନେକରି ଭକ୍ତ ହୃଦ ସିଂହାସନେ
ଆନନ୍ଦ ମନରେ ବିରାଜନ୍ତି ହରି କୃପାକରି ଦୀନଜନେ।୨।

ବାକ୍ୟମନ ଭେଦି ନପାରେ ଯେ ତତ୍ତ୍ୱ ଗହନ ଦର୍ଶନ ବନେ
ଅନ୍ଧକାର ପଥେ ଅନ୍ଧଭଳି ତୁମେ ଭ୍ରମୁଅଛ ଅକାରଣେ।

ଅଭିମାନ ଭରା ହୃଦୟକୁ ଧରି ପାଇବକି ତାଙ୍କ ଦେଖା
କେବଳ ପ୍ରେମର ଡୋରିରେ ସେ ବନ୍ଧା ଭକତର ପ୍ରାଣସଖା।୩।

ଆଦିଅନ୍ତ ତାଙ୍କ କେହି ନ ଜାଣନ୍ତି ସଗୁଣ ଅବା ନିର୍ଗୁଣ
କିମ୍ବା ଉଭୟରେ ମୋହିତ କରନ୍ତି ଭକତ ଜନର ପ୍ରାଣ।

ବେଦାନ୍ତ ଦର୍ଶନ ପୁରାଣ ଶାସ୍ତ୍ରରେ ହୋଇଛି କେତେ ବର୍ଣ୍ଣନା
ତଥାପି ରହସ୍ୟ କେହି ନଜାଣନ୍ତି ବୁଦ୍ଧି ହୋଇଯାଏ ବଣା।୪।

କଳିଯୁଗରେ ଯେ ଏକମାତ୍ର ସତ୍ୟ ନାମତାଙ୍କ ଜଗନ୍ନାଥ
ସୁନୀଳ ସାଗର ତୀରେ ନୀଳାଚଳ ମର୍ତ୍ତ୍ୟଧାମେ ପୁଣ୍ୟତୀର୍ଥ

ବଳିଆର ଭୁଜ ସଙ୍ଗତେ ଅଗ୍ରଜ ଭଗିନୀ ସୁଭଦ୍ରା ମାଆ
ରହସ୍ୟ ନ ବୁଝି ସରଳ ବିଶ୍ୱାସେ ଲୋଡୁଛି ଯାହାଙ୍କ ସାହା।୫।

କୋଟି କୋଟି ଭକ୍ତ ହୃଦୟ ସ୍ପନ୍ଦନେ ସ୍ପନ୍ଦିତ ଯା ପ୍ରାଣ ସଦା
ସେହି ମହାପ୍ରଭୁ ଜଗନ୍ନାଥ ସ୍ୱାମୀ ଫେଡ଼ିବେ ବିପଦ ବାଧା।

ତାଙ୍କରି କରୁଣା କିଞ୍ଚିତ ଲଭିଲେ ରଙ୍କହୁଏ କୋଟିପତି
ତାହାଙ୍କର କୃପା ପାତକ ନାଶଇ ମିଳିବ ବୈକୁଣ୍ଠ ପତି।୬।

ଦିଅ ପ୍ରଭୁ ତୁମ ଚରଣେ ଶରଣ ନାହିଁ ମୋର ଅନ୍ୟଗତି
ତୁମବିନୁ ପ୍ରଭୁ କେହି ମୋର ନାହିଁ ପଡ଼ିଛି ଘୋର ବିପତ୍ତି।

ରକ୍ଷାକର ନାଥ ଭାସି ଯାଉଅଛି ଏ ଭବ ସାଗର ଜଳେ
'ମଣିମା' 'ମଣିମା'ଆତୁରେ ଡାକଇ ଘୋଷଯାତ୍ରା ଶୁଭକାଳେ।୭।

ମଙ୍ଗଳାନଗର,ଖୋରଧା
ଦୂରଭାଷ:-୯୮୬୧୮୮୦୭୨୮



# ବନ୍ଦେ ଉତ୍କଳ ଜନନୀ

ସଂଗ୍ରାହକ-ଡ. ପ୍ରମୋଦ ଚନ୍ଦ୍ର ଦାଶ



'ବନ୍ଦେ ଉତ୍କଳ ଜନନୀ' ଓଡ଼ିଆଜାତିର ଅସ୍ମିତା ଏବଂ ସ୍ୱାଭିମାନର ସଙ୍ଗୀତ। ଏହା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ଅନବଦ୍ୟ ସୃଷ୍ଟି। ଅନେକ ଦିନଧରି ଏହି ସଙ୍ଗୀତକୁ ରାଜ୍ୟ ସଙ୍ଗୀତର ମାନ୍ୟତା ଦେବାପାଇଁ ଦାବି ହୋଇଆସୁଥିଲା। ଚାରିକୋଟି ଓଡ଼ିଆଙ୍କୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏହାକୁ 'ରାଜ୍ୟ ସଙ୍ଗୀତ' ଭାବରେ ମାନ୍ୟତା ଦେଇଛନ୍ତି। ମାତ୍ର ୧୮ ବର୍ଷ ବୟସରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର 'ବନ୍ଦେ ଉତ୍କଳ ଜନନୀ' କବିତା ଲେଖିଥିଲେ।

କାନ୍ତକବିଙ୍କର ଏହା ହେଉଛି କାଳଜୟୀ ସୃଷ୍ଟି। ୧୯୧୨ ମସିହାରେ ବାଲେଶ୍ୱରରେ ଆୟୋଜିତ ଉତ୍କଳ ସମ୍ମିଳନୀରେ ପ୍ରଥମେ ଗାନ କରାଯାଇଛି ବୋଲି କୁହାଯାଏ। ୧୯୩୬ ଅପ୍ରେଲ ମାସରୁ ଏହି ସଙ୍ଗୀତଟି ଓଡ଼ିଆ ହୃଦୟରେ ସ୍ଥାନପାଇଆସିଛି। ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ୧୯୯୪ ନଭେମ୍ବର ୭ଠାରୁ 'ବନ୍ଦେ ଉତ୍କଳ ଜନନୀ' କୁ ବିଧାନସଭାର ଅଧିବେଶନର ଶେଷ ଦିବସଠାରୁ ଏଯାବତ୍ ଉଦ୍‌ଯାପନୀ ସଙ୍ଗୀତ ଭାବରେ ଗାନ କରାଯାଇଆସୁଛି।

୨୦୨୦ ମଇ ୩୦ ତାରିଖ ସନ୍ଧ୍ୟା ୫.୩୦ରେ 'କୋଭିଡ୍ ଯୋଦ୍ଧା'ଙ୍କୁ ଉତ୍ସାହିତ କରିବାପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଗାନ କରିବାପାଇଁ ନିବେଦନ କରିଥିଲେ। ଏହାକୁ ଗାନକରି ଓଡ଼ିଆମାନେ ସେମାନଙ୍କ ଜାତିପ୍ରେମ ଦେଖାଇଥିଲେ। ଓଡ଼ିଆଜାତି ଏକ ମନ ଓ ଏକ ପ୍ରାଣ ନେଇ ଜାଗିଉଠିଥିଲା। ଗାଇଥିଲା ଏକ ସମୟରେ 'ବନ୍ଦେ ଉତ୍କଳ ଜନନୀ'। ଯାହାକୁ ୭ ଜୁନ୍, ୨୦୨୦ରେ ରାଜ୍ୟ ସରକାର ରାଜ୍ୟ ସଙ୍ଗୀତ ଭାବେ ଗ୍ରହଣ କରିଥିଲେ। ସ୍ୱତନ୍ତ୍ର ପ୍ରଦେଶ ଗଠନର ୮୪ ବର୍ଷ ପରେ ଏହାକୁ ସ୍ୱୀକୃତି ମିଳିଛି। ସଙ୍ଗୀତ ରଚନା ହେବାର ଦୀର୍ଘ ୧୧୫ ବର୍ଷ ପରେ ଏହାର ସମ୍ମାନକୁ ସଠିକ୍ ମାନ୍ୟତା ମିଳିଛି।

୨୦୨୧ - ୨୨ ଶିକ୍ଷାବର୍ଷରେ ଏହା ସ୍କୁଲ କଲେଜ ପାଠ୍ୟକ୍ରମରେ ସାମିଲ ହେବ। ସରକାରୀ କାର୍ଯ୍ୟକ୍ରମ, ବିଧାନସଭା ଅଧିବେଶନରେ ବିନା ବାଦ୍ୟରେ ଏହା ଗାନ କରାଯିବ। ସ୍କୁଲ, କଲେଜ, ସଭାସମିତି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏହା ବୋଲାଯିବ। ଏହାକୁ ଉଦ୍‌ଘାଟନୀ, ଉଦ୍‌ଯାପନୀ ସଙ୍ଗୀତ ଭାବରେ ଗାନ କରାଯିବ। ସମସ୍ତେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦଣ୍ଡାୟମାନ ହେବେ। ଏହି ଗୀତର ଅବଧି ରହିବ ୨ ମିନିଟ୍ ୧୧ ସେକେଣ୍ଡ।

## ଘଟଣାକ୍ରମରେ 'ବନ୍ଦେ ଉତ୍କଳ ଜନନୀ' :-

୭ ନଭେମ୍ବର, ୧୯୯୪ - ବିଧାନସଭାରେ ସଙ୍ଗୀତ ଗାନ ପାଇଁ ବାଚସ୍ପତି ଯୁଧିଷ୍ଠିର ଦାସଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ। ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ।

୧ ଡିସେମ୍ବର, ୧୯୯୪ - ସଙ୍ଗୀତ ଗାନ ପାଇଁ ବିଧାନସଭା ସଚିବଙ୍କ ଅଧ୍ୟକ୍ଷତାର ନିଷ୍ପତ୍ତି।

୨୧ଡିସେମ୍ବର, ୧୯୯୪ - ସପ୍ତଦଶ ବିଧାନସଭା ଅଧିବେଶନରେ ଶେଷଦିନରେ ସର୍ବ ପ୍ରଥମେ 'ବନ୍ଦେ ଉତ୍କଳଜନନୀ' ସଙ୍ଗୀତ ଗାନ।

୧୯ ଡିସେମ୍ବର, ୨୦୦୨ - ବିଧାନସଭାରେ ରାଜ୍ୟ ସଙ୍ଗୀତ ମାନ୍ୟତା ପାଇଁ ବିତର୍କ।

୧୦ ମଇ ୨୦୦୩ - ରାଜ୍ୟ ସଙ୍ଗୀତ ମାନ୍ୟତା ପାଇଁ ବାଚସ୍ପତି ଶରତ କରଙ୍କ ଅଧ୍ୟକ୍ଷତାରେ ବୈଠକ। ଏହାର ପ୍ରଥମ, ଚତୁର୍ଥ ଓ ଶେଷ ପଦକୁ ୭୦ ରୁ ୯୦ ସେକେଣ୍ଡ ଭିତରେ ବାଳକୃଷ୍ଣ ଦାଶଙ୍କ ମୂଳକଣ୍ଠ ସ୍ୱରରେ ଗାନକରିବାକୁ ନିଷ୍ପତ୍ତି।

୭ ଡିସେମ୍ବର, ୨୦୦୫ - କେନ୍ଦ୍ର ସରକାରଙ୍କର ସ୍ପଷ୍ଟିକରଣ ପାଇଁ ରାଜ୍ୟ ସରକାରଙ୍କୁ ପତ୍ର ଲେଖିଲେ।

୭ ଡିସେମ୍ବର, ୨୦୦୬ - ଆଇନ ପ୍ରଣୟନ ସମ୍ବିଧାନ ସମ୍ମାନ ବୋଲି କେନ୍ଦ୍ରର ସ୍ପଷ୍ଟିକରଣ ମିଳିଲା।

୨୬ ଅଗଷ୍ଟ, ୨୦୦୬ - ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ପ୍ରଥମ, ଚତୁର୍ଥ ଓ ଷଷ୍ଠ ପଦ ବାଳକୃଷ୍ଣ ଦାଶଙ୍କ କଣ୍ଠସ୍ୱର ଗାନପାଇଁ ନିଷ୍ପତ୍ତି।

୧୫ ଡିସେମ୍ବର, ୨୦୧୨ - ରାଜ୍ୟ ସଙ୍ଗୀତ ମାନ୍ୟତା ଦିଆଯାଇ ପାରିବନି ବୋଲି ସଂସ୍କୃତି ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କର ସ୍ପଷ୍ଟିକରଣ।

୧୭ ଡିସେମ୍ବର, ୨୦୧୨ - ସଂସ୍କୃତି ମନ୍ତ୍ରୀ ଗୃହ ବିଭାଗକୁ ପତ୍ର ଓ ବିଧାନସଭାରେ ସୂଚନା ଦେଲେ।

୨୨ ଜାନୁଆରି, ୨୦୧୩ - ରାଜ୍ୟ ସଂସ୍କୃତି ବିଭାଗ ୧୭ ଡିସେମ୍ବର ୨୦୧୨ର ବିବରଣୀ ସହ ଦୁଇଟି ସିଡ଼ି ଗୃହ ବିଭାଗକୁ ପଠାଇଲେ।

୨୪ ଫେବୃୟାରୀ, ୨୦୧୫ - ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ 'ବନ୍ଦେ ଉତ୍କଳ

ଜନନୀ'କୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦେବାକୁ ଚୂଡ଼ାନ୍ତ ନିଷ୍ପତ୍ତି। ଆଇନଗତ ତର୍ଜମାପାଇଁ ୯ରିଜଣିଆ କମିଟି ଗଠନ।

୧୦ ଜୁଲାଇ, ୨୦୧୫ - କମିଟି ରିପୋର୍ଟ ସଂସ୍କୃତି ସଚିବ ଅରବିନ୍ଦ ପାଢ଼ୀ ଦେଲେ।

ଜୁଲାଇ ୨୦୧୫ - ଆଇନଗତ ସମସ୍ୟା ନାହିଁ ଦର୍ଶାଇ ଅଶୋକ ପଣ୍ଡା ରାଜ୍ୟ ସଙ୍ଗୀତ ମାନ୍ୟତା ଦେବା ସପକ୍ଷରେ ମତ ଦେଇ କ୍ୟାବିନେଟ୍‌ରେ ଉପସ୍ଥାପନା ପାଇଁ ଫାଇଲ୍ ପଠାଇଲେ।

୩୦ ମଇ, ୨୦୨୦ - କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନ ଜଣାଇବାପାଇଁ ମୁଖ୍ୟମନ୍ତ୍ରୀ "ବନ୍ଦେ ଉତ୍କଳ ଜନନୀ" ଗାନ କରିବାକୁ ଆହ୍ୱାନ ଦେଲେ।

୭ ଜୁନ୍, ୨୦୨୦ - କ୍ୟାବିନେଟ୍‌ରେ ଏକ ଐତିହାସିକ ନିଷ୍ପତ୍ତି ନିଆଗଲା 'ବନ୍ଦେ ଉତ୍କଳ ଜନନୀ' ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଲା।

କବିଙ୍କ ନାତି ଗୁରୁକଲ୍ୟାଣ ମହାପାତ୍ର ଏକ ଆଲେଖ୍ୟରେ ଲେଖିଛନ୍ତି କାନ୍ତକବିଙ୍କ ଦୁଇପଦ 'ବନ୍ଦେ ଉତ୍କଳ ଜନନୀ' କବିତା ସଂପର୍କରେ କହିଛନ୍ତି -ଏକ ଅନନ୍ୟ ପ୍ରଶାନ୍ତ ପରିବେଶରେ ଈଶ୍ୱରଙ୍କ ପ୍ରେରଣାରେ କାନ୍ତକବି ଏଭଳି ସଙ୍ଗୀତ ରଚନା କରିଛନ୍ତି। ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ତାହା ଲେଖିଯାଇଛନ୍ତି।

## ଆତ୍ମ ବଳ



**ଅଧ୍ୟାପିକା ସସ୍ମିତା ଦାସ**

ଆତ୍ମ ପ୍ରଚେଷ୍ଟାରେ
କର୍ମର ମାର୍ଗରେ
ନିର୍ମାଣ ମୁଖୀ ହୁଅ,
ସ୍ଥିତିକୁ ପରଖି
ନିଜକୁ ସୁଧାରି
ବାହୁବଳେ ଠିଆ ହୁଅ।
ନିଜ କ୍ଷେତ୍ରରେ କର ଉଦ୍ୟମ
ଭିତ୍ତିଭୂମି ଦୃଢ଼ କର,
ବାହାର ରାଜ୍ୟରେ ଦାଦନ ନ ଖଟି
ନିଜ ରାଜ୍ୟରେ ଜୀବିକା ସନ୍ଧାନ କର।
ଦାନର ଆଧାର ହୁଅ,
ନିଜ ସମ୍ବଳ ନିଜ ବାହୁ ବଳେ
ଉପାର୍ଜନ କ୍ଷମ ହୁଅ।
ଚରିତାର୍ଥ କର ଜୀବନକୁ ତୁମେ
ଜୀବନ ଶୈଳୀରେ
କାୟାର ସୁଧାର କର।

ଗାୟତ୍ରୀ ନଗର ,ଢେଙ୍କାନାଳ
ଦୂରଭାଷ-୭୦୦୮୪୯୩୫୬୭

## ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା। ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡିଗୁଡ଼ିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟାଗୁଡ଼ିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

**ଉତ୍ତର ପୃଷ୍ଠା ନ.-୧୬**

| | | | | | | | | |
|---|---|---|---|---|---|---|---|---|
| | 1 | 3 | 2 | | 4 | | 5 | |
| | 2 | | | 6 | | 3 | | 1 |
| 7 | 8 | | 1 | | 3 | | 2 | 4 |
| 1 | | | 6 | 2 | | 9 | | 7 |
| 9 | | 6 | 4 | | 7 | 8 | | |
| | | 7 | | 1 | 8 | | 4 | 6 |
| 3 | | 4 | | | | 2 | 7 | 5 |
| 5 | | 1 | 3 | 7 | | | 6 | |
| | 7 | | 5 | | 6 | | 9 | 3 |

## କାହିଁକି ଏତେ ରାଗ ରୋଷ

**ଲୋହିତ ମହାପାତ୍ର**



କେତେ ବାକି ଅଛି ଆୟୁଷ
ଜାଣୁନା କେବେ ହେବ ଶେଷ ।
ସରି ସରି ଆସେ ବୟସ
କିମ୍ପାଇ ଏତେ ରାଗ ରୋଷ ।
ନିଶ୍ୱାସକୁ ନାହିଁ ବିଶ୍ୱାସ
ମୋହ ମାୟା କରୁଛି ଗ୍ରାସ ।
ମନକୁ ରଖିବା ହରଷ
ମିଳିମିଶି ଚଳିବା ଆସ ।
କର୍ମରେ ରଖିବା ତ ଯଶ
ମିଳିବ ପ୍ରଭୁଙ୍କ ଆଶିଷ ।

ଦୂରଭାଷ-୯୫୮୩୨୧୯୮୨୭



# ବିଜ୍ଞାନ ବିଚିତ୍ର

ଡକ୍ଟର ପ୍ରେମଚାନ୍ଦ ମହାନ୍ତି

## ମଙ୍ଗଳ ଗ୍ରହରେ ଶୁଣା ଯାଉଥିଲା ଏକ ଅଦ୍ଭୁତ ଶବ୍ଦ :-



ନାସା ଦ୍ୱାରା ପ୍ରେରିତ ଇନସାଇଟ ଲେଣ୍ଡର ତା ଦେହରେ ଖଚିତ ଥିବା ଏକ ସିସ୍‌ମୋମିଟର ଦ୍ୱାରା ରେକର୍ଡିଂ କରା ଯାଇଥିବା ଏକ ଅଦ୍ଭୁତ ଶବ୍ଦକୁ ପ୍ରକାଶିତ କରିଛି ଯାହା ଖାଲି କାନଦ୍ୱାରା ମଣିଷ ପକ୍ଷରେ ଶୁଣିବା ସମ୍ଭବ ନୁହଁ। ଏହାର ଗତିକୁ ବଢାଇ ପ୍ରସେସିଂ କଲାପରେ ହେଡ୍‌ଫୋନରେ ଶୁଣି ହେଉଛି। ଏହି ସିସମୋମିଟରକୁ ଫ୍ରାନ୍ସର ସ୍ପେସ ଏଜେନ୍ସି ସିଏନଇଏସ ନାସାକୁ ପ୍ରଦାନ କରିଥିଲା। ଏହା ଏତେ ଶକ୍ତିଶାଳୀ ଥିଲା ଯେ ଧୀର ଗତିରେ ପବନ ବହୁଥିଲେ ବି ତାକୁ ରେକର୍ଡିଂ କରି ପାରୁଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମଙ୍ଗଳ ଗ୍ରହରେ ସଂଗଠିତ ହେଉଥିବା ଭୂମିକମ୍ପ ସଂପର୍କରେ ସୂଚନା ଏକତ୍ରିତ କରିବା। ଯଦ୍ଦ୍ୱାରା ଏହି ଗ୍ରହର ଭୂଗର୍ଭ ସଂପର୍କରେ ଜାଣିହେବ। ଯେତେବେଳେ ଏହାର ରୋବୋଟିକ ଆର୍ମ ସାହାଯ୍ୟରେ ସିସମୋମିଟରକୁ ମଙ୍ଗଳ ପୃଷ୍ଠ ଦେଶରେ ଅବତରଣ କରାଗଲା ସେ ସମୟରେ ପ୍ରାୟ କିଛି ସପ୍ତାହ ପାଇଁ କିଛି ବି ଶୁଣାଗଲା ନାହିଁ କିନ୍ତୁ ଏପ୍ରିଲ ଶେଷ ଆଡକୁ ଏପରି ଏକ ଶବ୍ଦ ସଂଗ୍ରହ କରାଗଲା ଯାହାର ଫ୍ରୀକ୍ୱେନ୍ସି ପୂର୍ବରୁ ରେକର୍ଡିଂ କରା ଯାଇଥିବା ସବୁ ତରଙ୍ଗଠୁଁ ଅଧିକ ଥିଲା। ସଂଗ୍ରହ କରା ଯାଇଥିବା ୧୦୦ ଟି ନମୁନା ମଧ୍ୟରୁ ୨୧ଟିର ତୀବ୍ରତା ଏପରି ଥିଲା. ଏହା ସେଠାକାର ଭୂଗର୍ଭରେ ସଙ୍ଗଠିତ ହେଉଥିବା ଭୂକମ୍ପକୁ ସୂଚୀତ କରୁଥିଲା ବୋଲି ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି।

## ଦୁଇ ମାତା କିମ୍ବା ଦୁଇ ପିତାଙ୍କର ଗୋଟିଏ ସନ୍ତାନ :-

ଶୁଣିବାକୁ ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ ଲାଗୁଥିବ। କାରଣ ଆମେ ଜାଣୁ ଗୋଟିଏ ପିତା ଓ ଗୋଟିଏ ମାତାଙ୍କ ଔରସରୁ ସନ୍ତାନଟିଏ ଜନ୍ମ ନେଇଥାଏ। କିନ୍ତୁ ଚାଇନିଜ ଏକାଡେମି ଅଫ୍ ସାଇନ୍ସେସର ବୈଜ୍ଞାନିକ କ୍ୱି ଝାଉଙ୍କ ନେତୃତ୍ୱରେ ହୋଇଥିବା ଏକ ଗବେଷଣାରେ ଷ୍ଟେମ ସେଲ ଓ ଟାର୍ଗେଟେଡ ଜିନ ଏଡିଟିଙ୍ଗ କୌଶଳ ବ୍ୟବହାର କରି ମୂଷା କ୍ଷେତ୍ରରେ ଏହାର ସତ୍ୟତା ପ୍ରତିପାଦନ କରିଛନ୍ତି। ସମାନ କୌଶଳ ଅବଲମ୍ବନ କରି ପ୍ରଥମେ ଦୁଇଟି ବାପାଙ୍କଠୁଁ ମୂଷାଟିଏ ଜନ୍ମ ହୋଇଥିଲା କିନ୍ତୁ ୨ ଦିନ ପରେ ତାର ମୃତ୍ୟୁ ଘଟିଥିଲା ଏହି ଅସଫଳତାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ଦୁଇଟି ମାଆଁଙ୍କ ଜିନ ଡିଲିସନ କୌଶଳ ପ୍ରୟୋଗ କରି ଷ୍ଟେମ ସେଲରୁ ହେପ୍ଲଏଡ ଏମ୍ବ୍ରିଅନିକ ସେଲ ବାହାର କରି ୨୧୦ ଟି ଏମ୍ବିଓ ରୁ ୨୯ଟି ଜୀବନ୍ତ ମୂଷାଙ୍କୁ ବିଜ୍ଞାନାଗାରରେ ତିଆରି କରି ପାରିଥିଲେ କିନ୍ତୁ ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଶାରୀରିକ ବିକଳାଙ୍ଗତା ଦୃଶ୍ୟମାନ ହୋଇଥିଲା। ପ୍ରତ୍ୟେକ ପ୍ରାଣୀର ଡିଏନଏ ରେ ନିର୍ଦ୍ଦିଷ୍ଟ ଯୋଡା କ୍ରୋମୋଜମ ଥାଆନ୍ତି ସେଥିରୁ ଅଧା ପିତା ଓ ଆଉ ଅଧା ମାତାଙ୍କଠୁଁ ଆସିଥାଏ। କିନ୍ତୁ ଏହି ବୈଜ୍ଞାନିକମାନେ ଗୋଟିଏ ମାଆ ମୂଷାର ଏମ୍ବ୍ରିଅନିକ ଷ୍ଟେମ ସେଲର ଜିନୋମରୁ ୩ ଟି ଅଂଚଳକୁ ଖାଲି କରି ଏହାକୁ ଅନ୍ୟ ଏକ ମାଈ ମୂଷାର ଡିମ୍ବାଣୁ ମଧ୍ୟକୁ ପ୍ରବେଶ କରାଯାଇ ଏହି ମୂଷା ଛୁଆଙ୍କୁ ଜାତ କରାଗଲା ଅର୍ଥାତ ପିତାମାତାଙ୍କଠୁଁ ଯେଉଁ ହେପ୍ଲଏଡ କ୍ରୋମୋଜମ ଆସିବା କଥା ତାହା ଦୁଇ ଜଣ ମାଆଙ୍କଠୁଁ ଅଣା ଯାଇଥିଲା। କିନ୍ତୁ ମନୁଷ୍ୟ କ୍ଷେତ୍ରରେ ଏହି ପ୍ରୟୋଗ ଏବେ ସମ୍ଭବ ନୁହଁ ବୋଲି ଏହି ଗବେଷକ ଦଳ ସ୍ୱୀକାର କରିଛନ୍ତି।

## ଉଚ୍ଚ ହିଲଯୁକ୍ତ ଜୋତା ପିନ୍ଧୁଥିବା ମହିଳା ସାବଧାନ ରହନ୍ତୁ:-

ଆଧୁନିକ ମହିଳାମାନଙ୍କ ଏକ ଫ୍ୟାସନ ହେଲା ଅଭିନବ ପୋଷାକ ସହିତ ହାଇ ହିଲ ଜୋତା ପିନ୍ଧି ବଜାରକୁ କିମ୍ବା ପାର୍ଟି ଓ ଫଙ୍କସନକୁ ଯିବା। କିନ୍ତୁ ମନେ ରଖନ୍ତୁ ଏହା ଆପଣଙ୍କର ଓଷ୍ଟିଓପୋରୋସିସ ଓ ସ୍ଥାୟୀ ଭାବେ ବେକ, ପିଠି ଯନ୍ତ୍ରଣାର କାରଣ ହୋଇ ପାରେ। ନିକଟରେ ଗୁରୁଗ୍ରାମ ସ୍ଥିତ ମେକ୍ସ ହେଲ୍‌ଥକେୟାର ନାମକ ସଂସ୍ଥାଦ୍ୱାରା ୨୦ ରୁ ୪୫ ବର୍ଷ ମଧ୍ୟରେ ଥିବା ୫୦୦ ମହିଳାଙ୍କୁ ନେଇ ହୋଇଥିବା ଏକ ଗବେଷଣାରୁ ଏହା ଜଣା ଯାଇଛି। ଏହାର ମୁଖ୍ୟ ଡ. ଏସକେଏସ ମୌର୍ଯ୍ୟଙ୍କ ତଥ୍ୟାନୁଯାୟୀ ୪୫.୮% ମହିଳା ନିରନ୍ତର ଭାବେ ଏହାକୁ ବ୍ୟବହାର କରୁଥିବା ବେଳେ ୩୭.୫% ମହିଳା କେବଳ ପାର୍ଟି କିମ୍ବା ନିର୍ଦ୍ଦିଷ୍ଟ ପର୍ବରେ ଏହାକୁ ବ୍ୟବହାର କରନ୍ତି। ଏଥିରୁ କର୍ମଜୀବୀ ମହିଳା ହେଲେ ୪୩.୭%। ଗବେଷକଙ୍କ ମତାନୁସାରେ ଏପରି ହିଲ ସବୁଦିନ ବ୍ୟବହାର କଲେ ଏହା ଗୋଇଠି, ପାଦ ଓ ଆଂଠୁର ହାଡକୁ ବଙ୍କା କରିବା ସହିତ ମେରୁଦଣ୍ଡ ଉପରେ ଚାପ ପକାଏ। ଗୋଡ ବଙ୍କା ହୋଇ ରହିବାରୁ ଏହା ଯନ୍ତ୍ରଣାଦାୟକ ହେବା ସହିତ ପ୍ରାକୃତିକ ଭାବେ ଅନୁଭୂତ ହେଉଥିବା ଅସ୍ଥିର ଚଳାଚଳରେ ବାଧା ସୃଷ୍ଟି



କରେ। ୨୦-୩୦ ବର୍ଷ ମଧ୍ୟରେ ଥିବା ୧୪.୬% ମହିଳା ଆଦୌ ଏପରି ଜୋତା ପସନ୍ଦ କରୁ ନଥିବା ଜଣା ପଡିଥିଲା। ନିରନ୍ତର ଭାବେ ହିଲ ଜୋତା ପିନ୍ଧୁଥିବା ମହିଳାଙ୍କ ଗୋଇଠି ଫୁଲି ଯାଇ ହାଲସ ଭାଲଗସ ନାମକ ବିକୃତି ସୃଷ୍ଟି କରେ। ପରେ ଏହାକୁ ସଜାଡିବାକୁ ହୁଏତ ଶଲ୍ୟ ଚିକିତ୍ସାର ସହାୟତା ନେବାକୁ ପଡିପାରେ। ଏହା ପରୋକ୍ଷରେ ବେକ, ପିଠି ଯନ୍ତ୍ରଣା ଏବଂ ଓଷ୍ଟିଓ ପୋରୋସିସ୍‌କୁ ଜନ୍ମ ଦେଇଥାଏ। ତେଣୁ ଡାକ୍ତର ମୌର୍ଯ୍ୟ କହନ୍ତି ଏପରି ଜୋତା ମହିଳାମାନେ ବର୍ଜନ କରିବା ଉଚିତ। ଏବଂ ଯଦି ବେଳେବେଳେ ପିନ୍ଧିବାକୁ ଚାହୁଁଛନ୍ତି ତେବେ ଫ୍ଲାଟ, ବାଲେରିଆନସ, ଲୋଫର୍ସ, ସ୍ଲିପ ଓ ଅକ୍ସଫୋର୍ଡ ପେଟର୍ନର ଜୋତା ପିନ୍ଧନ୍ତୁ।

## ୨୦୭୦ ମସିହା ବେଳକୁ ବିଶ୍ୱରୁ ଏକ ତୃତୀୟାଂଶ ଉଦ୍ଭିଦ ଓ ପ୍ରାଣୀ ବିଲୁପ୍ତ ହୋଇଯିବେ:-


ଆମେରିକାର ଆରିଜୋନା ୟୁନିଭର୍ସିଟିର ପ୍ରଫେସର କ୍ରିଷ୍ଟିନା ରୋମାନ ପାଲାସିଓସଙ୍କ ନେତୃତ୍ୱରେ ହୋଇଥିବା ଏକ ଗବେଷଣାରୁ ଏହା ଜଣା ଯାଇଛି। ଏହାର ମୁଖ୍ୟ କାରଣ ହେଲା ଦ୍ରୁତ ଜଳବାୟୁ ପରିବର୍ତ୍ତନ। ସାରା ପୃଥିବୀର ୫୮୧ ଟି ସ୍ଥାନର ୫୩୮ ପ୍ରଜାତିର ଉଦ୍ଭିଦ ଓ ପ୍ରାଣୀଙ୍କ ସ୍ଥାନୀୟ ଜଳବାୟୁ ପରିବର୍ତ୍ତନ ସହ କିପରି ଗତିପଥର ପରିବର୍ତ୍ତନ ଘଟିଛି ତାର ବିସ୍ତୃତ ଆକଳନ ସେମାନେ କରିଛନ୍ତି। ବହୁ ପୂର୍ବରୁ ଏମାନଙ୍କ ସମ୍ପର୍କରେ ସଂଗୃହୀତ ବିବରଣୀକୁ ବର୍ତ୍ତମାନ ସହ ତୁଳନା କରି ସେମାନେ ଦେଖିଲେ ଯେ ୫୩୮ଟି ପ୍ରଜାତି ମଧ୍ୟରୁ ଏ ପର୍ଯ୍ୟନ୍ତ ୪୪% ବିଲୁପ୍ତ ହୋଇ ସାରିଲେଣି। କୌଣସି ସ୍ଥାନରେ ଜଳବାୟୁର ୧୯ଟି ଭେରିଏବୁଲ ବା ରୂପଭେଦକୁ ବିଚାରକୁ ନେଇ ସେମାନେ ଜାଣିବାକୁ ଚାହିଁଥିଲେ ଯେ କେତେ ପ୍ରାଣୀ ବା ଉଦ୍ଭିଦ ଜଳବାୟୁ ସହିତ ନିଜକୁ ଖାପ ଖୁଆଇ ନ ପାରି ସ୍ଥାନାନ୍ତରୀତ ହୋଇଛନ୍ତି। କେତେଜଣ ନିଜକୁ ବିଲୁପ୍ତ ନକରି ଜଳବାୟୁ ପରିବର୍ତ୍ତନ ସହ ବଂଚିବାର ନୂତନ କଳାକୁ ଆବୋରି ନେଇଛନ୍ତି। ପ୍ରତ୍ୟେକ ପ୍ରଜାତି ପାଇଁ ଏହି ତଥ୍ୟ ସଂଗ୍ରହ ବେଳେ ସେମାନେ ଜାଣିଲେ ଯେ ଗ୍ରୀଷ୍ମଋତୁର ଅତ୍ୟଧିକ ତାପମାତ୍ରା ବୃଦ୍ଧି ଏଥିପାଇଁ ମୁଖ୍ୟ କାରକ ସାଜିଥିଲା। ପୂର୍ବରୁ ହୋଇଥିବା ଗବେଷଣାରେ ଉତ୍ତପ୍ତ ଅଂଚଳରୁ ଅପେକ୍ଷାକୃତ ଥଣ୍ଡା ଅଂଚଳକୁ ସ୍ଥାନାନ୍ତରକୁ ପ୍ରାଧାନ୍ୟ ଦିଆ ଯାଉଥିଲା କିନ୍ତୁ ଏବେ ଜଣାଗଲା ଯେ ଏବେ ସ୍ଥାନାନ୍ତର ପ୍ରକ୍ରିୟାର ପରିବେଗ ଅତ୍ୟନ୍ତ ଶିଥିଳ ହୋଇ ଯାଇଛି ତେଣୁ ବିଲୁପ୍ତିରୁ ରକ୍ଷା ପାଇବାକୁ ସ୍ଥାନାନ୍ତର ଉଚିତ ବିକଳ୍ପ ହୋଇ ନ ପାରେ। ସେମାନେ ଲକ୍ଷ୍ୟ କଲେ ଯେ ୦.୫ ଡିଗ୍ରୀ ସେଲସିଅସ୍ ତାପମାତ୍ରା ବୃଦ୍ଧିକୁ କେବଳ ୫୦% ପ୍ରଜାତି ସହ୍ୟ କରି ପାରୁଛନ୍ତି। କିନ୍ତୁ ଯଦି ଏହା ୨.୯ ଡିଗ୍ରୀକୁ ବୃଦ୍ଧି ପାଏ ତେବେ ୭୫% ଜୀବଜଗତ ନିଜକୁ ବିଲୁପ୍ତି ପ୍ରକ୍ରିୟାରୁ ସୁରକ୍ଷିତ ରଖି ପାରିବେ ନାହିଁ।

## ମହାକାଶରେ ପରିବା ଚାଷ :-

ମହାକାଶଚାରୀମାନେ ରକେଟରେ ଯାତ୍ରା କଲାବେଳେ ଏବଂ ମହାକାଶରେ ବାସ କଲାବେଳେ ଖାଦ୍ୟ ରୂପେ ପୂର୍ବରୁ ପ୍ରକ୍ରିୟାକୃତ ହୋଇଥିବା ଫଳ, ଚଣା ଜାତୀୟ ଖାଦ୍ୟ, ଚକୋଲେଟ, ସ୍ରିମ୍ପ କକଟେଲ, ଲହୁଣି ମିଶ୍ରିତ ମଟର, ଚିକେନ ଆଦି ନେଇଥାଆନ୍ତି। ଏହାକୁ ବିଶୁଦ୍ଧ କରିବାକୁ ବାରମ୍ବାର ଗରମ କରିବା, ଥଣ୍ଡା କରିବା ଏବଂ ବିକୀରଣ କରି ପ୍ୟାକିଙ୍ଗ କରିବାକୁ ପଡିଥାଏ। ତେଣୁ ମହାକାଶରେ ଶସ୍ୟ କିମ୍ବା ପରିବା ଚାଷ ସମ୍ଭବ କି ନୁହେଁ ତାହା ଜାଣିବାକୁ ନାସା ପକ୍ଷରୁ ୨୦୧୪ ରୁ ୨୦୧୬ ମଧ୍ୟରେ ଭେଗି ନାମକ ଏକ ସିଷ୍ଟମ ବିକଶିତ କରା ଯାଇଥିଲା ଯାହା ଏଲଇଡି ଲାଇଟ ଦ୍ୱାରା ଆଲୋକିତ ହେଉଥିଲା ଏବଂ ଏଠାରେ ଜଳ ସେଚନର ବି ସୁବିଧା କରା ଯାଇଥିଲା। ମହାକାଶରେ ସ୍ଥାପିତ ଷ୍ଟେସନ ଆଇଏସଏସରେ ସେମାନେ ଏହି ଚେମ୍ବରରେ ସାଲାଡ ରୂପେ ବ୍ୟବହୃତ ହେଉଥିବା ରେଡ ରୋମାନ ଲେଟ୍ୟୁସକୁ ସେମାନେ ଉପୁଜାଇ ପାରିଛନ୍ତି। ଏହାର ରାସାୟନିକ ଓ ଜୈବିକ ବିଶ୍ଲେଷଣ ପୃଥିବୀ ପୃଷ୍ଠରେ କଲାପରେ ଜଣାଗଲା ଯେ ଏହା ପୃଥିବୀ ପୃଷ୍ଠରେ ଚାଷ କରାଯାଉଥିବା ଲେଟ୍ୟୁସ ସହ ସମାନ ଅଟେ ବରଂ ଏଥିରେ ପୋଟାସିଅମ, ସୋଡିଅମ, ଫସଫରସ, ସଲଫର, ଜିଙ୍କ, ଭିଟାମିନ କେ, ବି-୧ ଓ ସି ବହୁଳ ପରିମାଣରେ ଥିଲା। ଅପେକ୍ଷାକୃତ କମ ମାଧ୍ୟାକର୍ଷଣ ଶକ୍ତି ଓ ଆଲୋକରେ ଚାଷ କରା ଯାଇଥିବା ଏହି ଲେଟ୍ୟୁସ ରୋଗଗ୍ରସ୍ତ ନଥିଲା କି ଏହାକୁ ଅଣୁଜୀବମାନେ ନଷ୍ଟ ମଧ୍ୟ କରି ପାରୁ ନଥିଲେ। ଏହି ଉଦ୍ଭାବନଟି ମହାକାଶଚାରୀମାନଙ୍କ ମଧ୍ୟରେ ନୂତନ ଆଶା ଓ ଉତ୍ସାହ ଜାଗ୍ରତ କରିଛି ଏବଂ ୨୦୨୪ରେ ହେବାକୁ ଥିବା ଆର୍ଟେମିଶ –III ମିଶନ, ସ୍ପେସେକ୍ସ ପ୍ରୋଗ୍ରାମ, ମଙ୍ଗଳ ଗ୍ରହକୁ ଯାତ୍ରା ,ଏବଂ ଅନ୍ୟ ମହାକାଶ ଯାତ୍ରାରେ ଏହି ପ୍ରକ୍ରିୟାଟି ପୂର୍ଣ୍ଣଭାବେ ମହାକାଶଚାରୀଙ୍କୁ ସୁଷମ ଖାଦ୍ୟ ଯୋଗାଇବ ବୋଲି ଆଶା କରାଯାଏ।

## ବିଶ୍ୱର ପ୍ରଥମ ୪-ଡି ସେରାମିକ ପ୍ରିଣ୍ଟିଂ ଉଦ୍ଭାବିତ :-

ଆମେ ସମସ୍ତେ ପ୍ରାୟ ୩-ଡି ପ୍ରିଂଟିଙ୍ଗ କୌଶଳ ବାବଦରେ ଅବଗତ କିନ୍ତୁ ପ୍ରଥମ କରି ସିଟି ୟୁନିଭର୍ସିଟି ଅଫ ହଂକଂର ପ୍ରଫେସର ଲୁ ଜିଆନ ନୂତନ କୌଶଳ ପ୍ରୟୋଗ କରି ସେରାମିକରେ ୪-ଡି ପ୍ରିଣ୍ଟିଂ କରି ପାରିଛନ୍ତି। ଏଥିରେ ଗତାନୁଗତିକ ଭାବେ ୩-ଡି ଟେକ୍ନୋଲଜି ସହିତ ସମୟ ବା ଟାଇମକୁ ୪ର୍ଥ ଡାଇମେନସନ ଭାବେ ନିଆ ଯାଇଛି। ଅର୍ଥାତ ଏଠରେ ୩-ଡି କୌଶଳରେ ନିର୍ମିତ ଏକ ସେରାମିକ ବ୍ଲକକୁ ପରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ବାହ୍ୟ ଉତ୍ସରୁ ଯାନ୍ତ୍ରିକ ବଳ, ଉତ୍ତାପ ଓ ଚୁମ୍ବକୀୟ କ୍ଷେତ୍ର ପ୍ରୟୋଗ କରି ପୂର୍ବ ବସ୍ତୁଟିକୁ ନୂତନ ଆକାର କିମ୍ବା ପରିପାଟୀ ଦେଇ ପାରିବା। ଏଥିରେ ସେରାମିକ ତିଆରି ପୂର୍ବ ବସ୍ତୁ ଯାହାର ଗଳନାଙ୍କ ବହୁତ ବେଶୀ ତା ସହିତ ଏକ ପଲିମର ଓ ସେରାମିକର ନାନୋ କଣିକା ମିଶାଇ ଏକ ସେରାମିକ କାଳି ପ୍ରସ୍ତୁତ କରାଯାଏ। ଏହା ଅପେକ୍ଷାକୃତ କୋମଳ



ଏବଂ ତାକୁ ତାର ଲମ୍ବର ୩ ଗୁଣ ପର୍ଯ୍ୟନ୍ତ ସମ୍ପ୍ରସାରିତ କରା ଯାଇପାରେ। ଏହାର କଂପ୍ରେସିଭ ଷ୍ଟ୍ରେଙ୍ଗଥ ଓ ସାନ୍ଦ୍ରତାର ଅନୁପାତ ବହୁତ ବେଶୀ ହୋଇ ଥିବାରୁ ଏହାକୁ ବିରାଟ ଖଣ୍ଡ ଆକାରରେ ପ୍ରସ୍ତୁତ କରିହୁଏ। ବିଭିନ୍ନ କୌଶଳକୁ ବାରମ୍ବାର ପ୍ରୟୋଗ କରି ସେମାନେ ଏହି ସେରାମିକ ଇଙ୍କକୁ ଆହୁରି ଉନ୍ନତ କିସମରେ ପରିବର୍ତ୍ତିତ କରି ପାରିଥିଲେ। ପ୍ରାୟ ଅଢେଇ ବର୍ଷର ପରିଶ୍ରମ ପରେ ଏହି ୪-ଡି ପ୍ରିଣ୍ଟିଂ ସିଷ୍ଟମକୁ ସେମାନେ ସଫଳତାର ସହିତ ବ୍ୟବହାରରେ ଲଗାଇ ପାରିଲେ। ଏଥିରେ ପ୍ରଥମେ ଏକ ୩-ଡି ପ୍ରିଣ୍ଟେଡ୍ ସେରାମିକ ପ୍ରିକର୍ସର ଉପରେ ସେରାମିକ ଇଙ୍କର ପ୍ରଲେପ ଦେଇ ତାକୁ ଏକ ବାଇଏକ୍ସିଆଲ ଷ୍ଟ୍ରେଚିଙ୍ଗ ଡିଭାଇସ ଦ୍ୱାରା ପ୍ରସାରିତ କରି ଦିଆଯାଏ। ପରେ କମ୍ପ୍ୟୁଟର ଦ୍ୱାରା ପ୍ରୋଗ୍ରାମିଙ୍ଗ କରି ନିର୍ଦ୍ଦିଷ୍ଟ ସମୟ ପରେ ଏହି ପ୍ରସାରିତ ଅଂଶକୁ ଛାଡି ଦିଆଯାଏ ଯଦ୍ୱାରା ଏହା ଆବଶ୍ୟକ ଡିଜାଇନର ଆକୃତି ଧାରଣ କରିଥାଏ। ଅନ୍ୟ ଏକ ପ୍ରଣାଳୀରେ ଡିଜାଇନ କରା ଯାଇଥିବା ଇଙ୍କକୁ ସିଧା ସଳଖ ସଂପ୍ରସାରିତ ପ୍ରିକର୍ସର ଉପରେ ଦେଇ କମ୍ପ୍ୟୁଟର ପ୍ରୋଗ୍ରାମ ଦ୍ୱାରା ନିୟନ୍ତ୍ରଣ କରି ଧୀରେ ଧୀରେ ସଂକୁଚିତ ହେବାକୁ ଛାଡିଦିଆଯାଏ। କିଛି ସମୟ ପରେ ଏହା ପୂର୍ବ ନିର୍ଦ୍ଧାରିତ ଡିଜାଇନକୁ ଧାରଣ କରିଥାଏ।

## କୃତ୍ରିମ ବୁଦ୍ଧିମତା ପରିଚାଳିତ ଚାଟବୋଟ୍ସ ଦ୍ୱାରା ୬୯% ମେନେଜରଙ୍କ ସାହାଯ୍ୟ ଆଉ ଦରକାର ପଡିବ ନାହିଁ :-

ପ୍ରତ୍ୟେକ ଅନୁଷ୍ଠାନ କହନ୍ତୁ ବା ବିତ୍ତୀୟ ସଂସ୍ଥା କୁହନ୍ତୁ ତାର ସୁପରିଚାଳନା ପାଇଁ ମେନେଜରମାନଙ୍କ ଆବଶ୍ୟକତା ରହିଥାଏ। ତାଙ୍କର କାମ ହେଲା ନୀତି ନିର୍ଦ୍ଧାରଣ, ବିଭିନ୍ନ ଫର୍ମ ପୂରଣ କରିବା ,ବିବରଣୀ ସବୁକୁ ଅପଡେଟ କରିବା ଏବଂ ଯୋଜନା ମୁତାବକ ସଂସ୍ଥାମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିବା। ଏହି କାର୍ଯ୍ୟରେ ସେମାନେ ଅଧିକ ସମୟ ବ୍ୟୟ କରୁଥିବା ହେତୁ ନୂଆ କଥା ଜାଣିବା, ଦକ୍ଷତା ପରିଚାଳନା ଏବଂ କମ୍ପାନୀମାନଙ୍କ ବ୍ୟବସାୟିକ ଲକ୍ଷ୍ୟ ପୂରଣ କରିବା ଭଳି ପ୍ରଧାନ କାର୍ଯ୍ୟ ପାଇଁ ସମୟ ଦେଇ ପାରନ୍ତି ନାହିଁ। କିନ୍ତୁ ଏହି କାର୍ଯ୍ୟଭାର ଯଦି କୃତ୍ରିମ ବୁଦ୍ଧିମତା ଉପରେ ଛାଡି ଦିଆଯାଏ ତେବେ କାର୍ଯ୍ୟଗୁଡିକ ପ୍ରଭାବୀ ଢଙ୍ଗରେ ସଂଗଠିତ ହେବା ସହିତ ୨୦୨୪ ମସିହା ବେଳକୁ ୬୯% ମେନେଜରଙ୍କ ଚାକିରିର ଆବଶ୍ୟକତା ରହିବନି। ଏହା ପ୍ରକାଶ କରିଛନ୍ତି ଗାର୍ଟନର ଗବେଷଣା ସଂସ୍ଥାର ମୁଖ୍ୟ ହେଲେନ ପୋଲଟେଭିନ୍। ଏହି ସ୍ୱୟଂକ୍ରିୟ ପ୍ରକ୍ରିୟାର ବିନିଯୋଗ କର୍ମଚାରୀମାନଙ୍କ ମଧ୍ୟରେ କର୍ମ ତତ୍ପରତା ବୃଦ୍ଧି ସହିତ ପ୍ରତିଯୋଗୀ ମନୋଭାବ ଉଦ୍ରେକ କରିବ। କେତେକ ଅନୁଷ୍ଠାନ ଏହାର ପ୍ରୟୋଗ କରି ସଫଳତା ପାଇ ସାରିଲେଣି। ଏବେ ରେସ୍ତୋରାଁମାନଙ୍କରେ ହୋଟେଲ ବୟ ମାନଙ୍କ ବିକଳ୍ପ ଭାବେ ରୋବୋଟମାନଙ୍କୁ ବ୍ୟବହାର କରା ଗଲାଣି। ଠିକ ସମାନ ଭାବେ ପରିଚାଳକମାନଙ୍କ ବିକଳ୍ପ ରୂପେ ଚାଟବୋଟ୍ସମାନଙ୍କୁ ବ୍ୟବହାର କରିହେବ।

## ଆସନ୍ତୁ କେତେକ ନୂଆ ତଥ୍ୟ ସଂପର୍କରେ ଜାଣିବା :-

୧. ଜଣେ ବ୍ୟକ୍ତିର ଶରୀରରେ ଯେତିକି ଡିଏନଏ ଅଛି ତାର ଦୈର୍ଘ୍ୟ ପ୍ଲୁଟୋଠାରୁ ଆରମ୍ଭ କରି ସୂର୍ଯ୍ୟ ପର୍ଯ୍ୟନ୍ତ ଯାଇ ପୁଣି ଫେରି ଆସିବା ଦୂରତା ସହିତ ସମାନ ଅଟେ।

୨. ମଣିଷଟିଏ ଛିଙ୍କିଲେ ତାର ପାଟିରୁ ନିର୍ଗତ ତରଳ କଣିକାଗୁଡିକ ଘଂଟାପ୍ରତି ୧୦୦ କିମି ବେଗରେ ଗତି କରିପାରନ୍ତି।

୩. ଗୋଟିଏ ଡାଆଁଶ ବା ଫ୍ଲି ନିଜ ଉଚ୍ଚତାର ୧୩୦ ଗୁଣ ଅଧିକ ଉଚ୍ଚକୁ ଲମ୍ଫ ପ୍ରଦାନ କରିପାରେ। ଉଦାହରଣ ସ୍ୱରୂପ ଯଦି ଗୋଟିଏ ଡାଆଁଶକୁ ୬ ଫୁଟ ମଣିଷ ବୋଲି ଧରାଯାଏ ତେବେ ଏହା ୭୮୦ ଫୁଟ ପର୍ଯ୍ୟନ୍ତ ଲମ୍ଫ ପ୍ରଦାନ କରି ପାରନ୍ତା।

୪. ଗୋଟିଏ ପ୍ଲାଷ୍ଟିକ ବସ୍ତୁ ବିଘଟିତ ହେବାକୁ ୪୫୦ ବର୍ଷ ଲାଗୁଥିବା ବେଳେ ଗୋଟିଏ କାଚ ତିଆରି ବସ୍ତୁ ୪୦୦୦ ବର୍ଷ ନେଇପାରେ।

୫. ବିଶ୍ୱ ତାପାୟନ ପାଇଁ ମାଂସ ଉତ୍ପାଦନକାରୀ କାରଖାନା ୧ ନମ୍ବର ଦାୟୀ ହେଲେ ଜଙ୍ଗଲ ଧ୍ୱଂସ ୨ୟ କାରଣ ହୋଇପାରେ।

୬. ବର୍ତ୍ତମାନ ବିଶ୍ୱର ଜନସଂଖ୍ୟା ୭ ବିଲିଅନରୁ ବି ଅଧିକ ଅଛି ଏବଂ ଆଶା କରା ଯାଉଛି ଯେ ଏହି ସଂଖ୍ୟା ୨୦୨୫ ବେଳକୁ ୮ ବିଲିଅନକୁ ଟପି ଯିବ।

୭. ଗୋଟିଏ ଦିନରେ ସମଗ୍ର ବିଶ୍ୱରେ ବ୍ୟବହାର କରା ଯାଉଥିବା ଟଏଲେଟ ପେପର ତିଆରି କରିବାକୁ ୨୭,୦୦୦ ଗଛ କାଟିବାକୁ ପଡେ।

୮. ଭୂପୃଷ୍ଠରେ ମିଳୁଥିବା ଜଳରାଶି ମଧ୍ୟରୁ ୯୭% ଲୁଣିଆ ହୋଇ ଥିବାରୁ ବ୍ୟବହାର ଯୋଗ୍ୟ ନୁହଁ, ଅନ୍ୟ ୨% ଜଳ ବରଫ ଆକାରରେ ରହିଛି ତେଣୁ ଭାବି ଦେଖନ୍ତୁ ଆମର ବ୍ୟବହାର ପାଇଁ ମାତ୍ର ୧% ଜଳ ଉପଲବ୍ଧ ରହିଛି। ଯଦି ଏହାର ସଦୁପଯୋଗ କରା ନଯାଏ ତେବେ ଆମକୁ କି ପରିସ୍ଥିତି ଦେଇ ଯିବାକୁ ପଡିବ।

ବିଭାଗୀୟ ମୁଖ୍ୟ, ରସାୟନ ଶାସ୍ତ୍ର ବିଭାଗ
ଏନଏସି କଲେଜ,ବୁର୍ଲା,ସମ୍ବଲପୁର
**ଦୂରଭାଷ-୯୪୩୭୧୨୭୮୨୦**

# ଅତିଥି ଓ ଆତିଥେୟତା



**ଇଂ ସତ୍ୟବ୍ରତ ରଥ**

ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପରଂପରା ମହାନ୍। ଏହି ସଂସ୍କୃତି ଭାରତୀୟ ସଂସ୍କୃତିର ଅଂଶବିଶେଷ। ଆମ ସଂସ୍କୃତିରେ ଅତିଥିଙ୍କୁ ସମ୍ମାନ ଦିଆଯାଏ। ଅତିଥିଙ୍କ ଆଗମନଙ୍କୁ ସୌଭାଗ୍ୟ ବୋଲି ମନେକରାଯାଏ। "ଅତିଥି ଦେବୋ ଭବ"। ଆମ ନୀତି ଶ୍ଲୋକରେ ଅଛି - ଅପଜିତୋ (ତିଥିଯସ୍ୟ ଗୃହାତ୍ ଯାତି ବିନିଶ୍ୱସନ୍, ଗଚ୍ଛନ୍ତି ବିମୁଖାସ୍ତସ୍ୟ ପିତୃଭିସଦ୍ ଦେବତା)। ଅର୍ଥ - ଅତିଥି ଯେଉଁ ଦ୍ୱାରରୁ ଆତିଥେୟତା ନପାଇ ନିରାଶ ମନରେ ଫେରିଯାଆନ୍ତି, ସେହି ଗୃହପ୍ରତି ପିତୃପୁରୁଷ ଏବଂ ଦେବତାମାନେ ମଧ୍ୟ ବିମୁଖ ହୋଇଥାଆନ୍ତି।

ଯେଉଁ ବ୍ୟକ୍ତି ପୂର୍ବରୁ ନଜଣାଇ କୌଣସି ସମୟରେ ଦ୍ୱାରଦେଶରେ ଆସି ଉପସ୍ଥିତ ହୋଇଥାଆନ୍ତି, ତାଙ୍କୁ ଅତିଥି କୁହାଯାଏ। ତାଙ୍କ ପାଇଁ ତିଥି, ବାର, ନକ୍ଷତ୍ର ବା ସମୟର ବାରଣ ନାହିଁ। ଅତିଥିମାନଙ୍କୁ ସାଧାରଣତଃ ଚାରିଭାଗରେ ବିଭକ୍ତ କରାଯାଇଛି - ଅପରିଚିତ, ପରିଚିତ, ଯାଚଜ୍ଞାଶୀଳ ଓ ଉଦ୍ଦେଶ୍ୟାନ୍ୱିତ। ଯେଉଁ ପ୍ରକାର ଅତିଥି ହେଇଥାଆନ୍ତୁନା କାହିଁକି, ସମସ୍ତଙ୍କୁ ଯଥା ସମ୍ଭବ ଆତିଥେୟତା ପ୍ରଦାନ କରିବା ଗୃହସ୍ଥର ପରମ କର୍ତ୍ତବ୍ୟ। ଏଥିରେ ଅତିଥି ଏବଂ ସେବାପ୍ରଦାନକାରୀ ବ୍ୟକ୍ତିଙ୍କର କଲ୍ୟାଣ ହୋଇଥାଏ।

ଆତିଥେୟତା ସଂପର୍କରେ କୁହାଯାଇଛି - Hospitality is virtue with persons who feel happy by treating guests or door comers. Here treatment means welcome, conversession, food service and entertainment. Overall guests should be provided friendly service for a short period.

ଭାରତବର୍ଷ ସମେତ ଜାପାନ, ଇଣ୍ଡୋନେସିଆ, ଭିଏତ୍‌ନାମ୍, ସାଇପ୍ରସ୍ ପ୍ରଭୃତି ଦେଶରେ ଅତିଥିମାନଙ୍କୁ ଯଥା ସମ୍ଭବ ଆତିଥେୟତା ପ୍ରଦାନ କରାଯାଇଥାଏ। କେତେକ ଦେଶର ଧର୍ମପୀଠ ପରିସରରେ ବା ନିକଟରେ ଧର୍ମଶାଳା ବା ପାନ୍ଥଶାଳାମାନଙ୍କରେ କିଛିଦିନ ରହିବାର ବନ୍ଦୋବସ୍ତ ରହିଛି। ଯେଉଁମାନେ ଧର୍ମଶାଳାରେ ରହନ୍ତି ସେମାନେ ଧର୍ମାନୁଷ୍ଠାନର ଅତିଥି ରୂପେ ବିବେଚିତ। ଆଉ ମଧ୍ୟ ଭାରତବର୍ଷର କେତୋଟି ରାଜ୍ୟରେ ପେଇଙ୍ଗ୍ ଗେଷ୍ଟ୍ ପ୍ରଥା ଅଛି।

ଜାପାନ୍ ଦେଶର ଲୋକମାନେ ଦେଶପ୍ରେମୀ, କର୍ତ୍ତବ୍ୟ ନିଷ୍ଠ, ଆଚରଣଶୀଳ ଏବଂ ନମ୍ର ସ୍ୱଭାବର ଅଟନ୍ତି। ବିଶୃଙ୍ଖଳାକୁ ସେମାନେ ପସନ୍ଦ କରନ୍ତି ନାହିଁ। ସାଧାରଣ ଦୋଷ ପାଇଁ ସେ ଦେଶରେ ତ୍ୱରିତ ବିଚାର ଓ ଦଣ୍ଡ ବ୍ୟବସ୍ଥା ରହିଛି। ଲୋକମାନେ ନିଜ କର୍ମକ୍ଷେତ୍ରରେ ପ୍ରାୟ ବାରଘଣ୍ଟାରୁ ଅଧିକ ପରିଶ୍ରମ କରିଥାଆନ୍ତି। ଘରେ ବା ବସା ଘରେ ସେମାନେ କମ୍ ସମୟ ରହିଥାଆନ୍ତି। ତେଣୁ ସେମାନଙ୍କର ସାମାଜିକ ସଂପର୍କ ଖୁବ୍ ଦୁର୍ବଳ। କେବେକେବେ ନିଜ ବନ୍ଧୁବାନ୍ଧବ ବା ସାଙ୍ଗସାଥୀଙ୍କୁ ଦେଖିଲେ ସେମାନେ ଭାରି ଖୁସି ହୁଅନ୍ତି। ସେ ଦେଶରେ କର୍ମ ନିବୃତ୍ତ ପୁରୁଷ ବା ମହିଳାମାନେ ପ୍ରାୟତଃ ନିଃସଙ୍ଗ ଓ କର୍ମବିହୀନ ଜୀବନଯାପନ କରନ୍ତି। ବେଳେବେଳେ ସେ ବିଶୃଙ୍ଖଳିତ କାର୍ଯ୍ୟ କରିଥାଆନ୍ତି। ସେମାନଙ୍କ ମାନସିକ ସ୍ଥିତି ଅସନ୍ତୁଳିତ ଥାଏ। ଅନେକ ଦ୍ୱୀପର ଦେଶ ଜାପାନ୍। ସେଥିମଧ୍ୟରୁ ୫ଟି ଦ୍ୱୀପର ଜେଲ୍‌ଖାନାରେ ବହୁସଂଖ୍ୟାରେ ବୃଦ୍ଧାମାନେ ଥାଆନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟତଃ କେହି ଗରିବ ନୁହନ୍ତି। ଅଶିକ୍ଷିତା ମଧ୍ୟ ନୁହନ୍ତି। ଜେଲଖାନାରେ ଥିବା ଜଣେ ବୃଦ୍ଧାଙ୍କୁ ଥରେ ଜଣେ ମହିଳା ଜେଲ କର୍ମଚାରୀ ପଚାରିଥିଲେ - ମ୍ୟାମ୍! ତୁମର ପରିଚୟ ପତ୍ରରୁ ଜଣାପଡୁଛି ଯେ - ତୁମର ଆର୍ଥିକ ସ୍ଥିତି ସ୍ୱଚ୍ଛଳ। ତୁମେ ମଧ୍ୟ ଉଚ୍ଚ ଶିକ୍ଷିତା। ବ୍ୟବସାୟିକ ଅନୁଷ୍ଠାନ ଚଳାଇବାରେ ତୁମର ଦକ୍ଷତା ଥିଲା। ଦେଶ ସଂପତ୍ତି ବା ଅନ୍ୟର ବ୍ୟକ୍ତିଗତ ସଂପତ୍ତିକୁ ତୁମେ କରାଗତ କରିନାହଁ। ତୁମ ବିରୁଦ୍ଧରେ ଆସିଥିବା ଅଭିଯୋଗ ଫର୍ଦ୍ଦରୁ ଜଣାଯାଉଛି ଯେ - ହୋଟେଲ୍ ମାଲିକଙ୍କ ବିନାନୁମତିରେ କେତେ ଖଣ୍ଡ ମାଛ ଭଜା ତୁମେ ଭ୍ୟାନିଟ୍ ବ୍ୟାଗରେ ଲୁଚାଇ ନେଇଥିଲ କାହିଁକି, ଯାହାଫଳରେ ପରଧନ ଚୋରି କରିବା ଦୋଷରେ ତୁମେ ଦଣ୍ଡିତ ହୋଇଛ ?



ବୃଦ୍ଧା ଜଣକ କହିଲେ - ତୁମେ ଯାହା ଯାହା କହିଛ, ସବୁ

ସତ୍ୟ, ମୋର ଆର୍ଥିକ ସ୍ଥିତି ଉନ୍ନତ। ଉଚ୍ଚଶିକ୍ଷାର ପ୍ରମାଣପତ୍ର ମୋ ପାଖରେ ଅଛି। ଅନେକ ବର୍ଷ ମୁଁ ଘର ସଂସାର କରିଥିଲି। ମୋର ଗୋଟିଏ ବୋଲି ପୁଅ। ପୁଅ ବୋହୂ ବିଦେଶରେ ଚାକିରି କରନ୍ତି। ସେମାନେ ଏତେ ବ୍ୟସ୍ତ ଯେ ମାସକୁ ଥରେ ମୋ ପାଖକୁ ଫୋନ୍ କରନ୍ତି ନାହିଁ। ମୋ ସ୍ୱାମୀ ଆଉ ନାହାନ୍ତି। ଘରେ ମୁଁ ଏକାକିନୀ। ନିରୋଳା ସ୍ଥାନରେ ମୋ ଘର। ଜଣେ କାମବାଲି ମୋର ସବୁ କାମ କରିଦିଏ। ଦିନସାରା ମୋ ପାଇଁ କିଛି କାମ ନଥାଏ। ମୁଁ କେବଳ ମୋ କୋଠରୀରୁ ବାଲ୍‌କୋନି ଓ ବାଲ୍‌କୋନୀରୁ କୋଠରୀ ଏପଟ ସେପଟ ହେଉଥାଏ। ଟେଲିଭିଜନ୍ ଦେଖୁଥାଏ। ମୋ ଘରକୁ କୌଣସି ପଡ଼ୋଶୀ ଆସନ୍ତି ନାହିଁ। ମୋର ସ୍ପଷ୍ଟ କଥାବାର୍ତ୍ତାକୁ ଅନ୍ୟମାନେ ପସନ୍ଦ କରନ୍ତି ନାହିଁ। ମାନସିକ ଅସ୍ଥିରତା ଭିତରେ ମୋର ସମୟ କଟେ। ଆମ ଦେଶରେ କେଉଁ ପ୍ରକାର ଦୋଷ ପାଇଁ କେଉଁ ଦଣ୍ଡ ରହିଛି, ତାହା ମୁଁ ଜାଣେ। ମୁଁ ଜାଣିଶୁଣି ଚୋରି କରିଥିଲି। ମୋର ଜଣେ ଭଉଣୀ ମୋତେ କହିଥିଲା – ଆମ ଦେଶର ଜେଲ୍‌ଖାନାରେ କଏଦୀମାନଙ୍କୁ ଭଲ ବ୍ୟବହାର କରାଯାଏ। ଦୋଷ ପାଇଁ ଦଣ୍ଡ ରହିଛି, କିନ୍ତୁ ବ୍ୟକ୍ତିର ବ୍ୟକ୍ତିତ୍ୱକୁ କେବେ ଅସମ୍ମାନିତ କରାଯାଏ ନାହିଁ। ତା' କଥାରେ ପ୍ରଭାବିତ ହୋଇ ମୁଁ ପୂର୍ବରୁ ଥରେ ଦୋଷ କରି ଜେଲଖାନାକୁ ଆସିଥିଲି। ମୋତେ କଏଦୀ ଜୀବନ ଭଲ ଲାଗିଥିଲା। କର୍ମଚାରୀମାନଙ୍କର କଥାବାର୍ତ୍ତା, ମାର୍ଜିତ ବ୍ୟବହାର, ସମୟ ଅନୁଯାୟୀ ଖାଦ୍ୟପେୟର ବ୍ୟବସ୍ଥା ମୋତେ ପ୍ରଭାବିତ କରିଥିଲା। ଉଚ୍ଚ କର୍ତ୍ତୃପକ୍ଷଙ୍କ ଆତିଥେୟତାରେ ମୁଁ ମୁଗ୍ଧ ହୋଇଥିଲି। ସମବୟସ୍କ ମହିଳାମାନଙ୍କ ସହିତ କଥାବାର୍ତ୍ତା ତଥା ଭାବ ବିନିମୟର ସୁଯୋଗ ପାଇଥିଲି। କଏଦୀ ଜୀବନକୁ ଆଶୀର୍ବାଦ ବୋଲି ମୁଁ ମନେ କରିଥିଲି। ଦୁଇବର୍ଷର ବ୍ୟବଧାନ ପରେ ମୁଁ ଏଠାକୁ ଆସିବାକୁ ଇଚ୍ଛା କରିଥିଲି।

ଓଡ଼ିଆମାନେ ଅତିଥି ପରାୟଣ ବୋଲି ପୂର୍ବରୁ ବହୁ ବିଦେଶୀ ମତବ୍ୟକ୍ତ କରିଯାଇଛନ୍ତି। ଅତୀତର ଅନେକ ଘଟଣା, କିମ୍ବଦନ୍ତୀ, ଲୋକକଥାରୁ ମଧ୍ୟ ତାହାର ପ୍ରମାଣ ମିଳେ। କୋଣାର୍କ ମନ୍ଦିର ନିର୍ମାଣ ପାଇଁ ତତ୍କାଳୀନ ପୁରୀ ରାଜା ଲାଙ୍ଗୁଳା ନରସିଂହ ଦେବ ଶିବେଇ ସାମନ୍ତରାୟ ନାମକ ଜଣେ ବୟୋଜ୍ୟେଷ୍ଠ ଶିଳ୍ପୀଙ୍କୁ ଦାୟିତ୍ୱ ଦେଇଥିଲେ। ତାଙ୍କୁ ସହଯୋଗ କରିବା ପାଇଁ ପ୍ରଥମେ ସାତଶହ ଶ୍ରମିକ ଏବଂ ଦୁଇଶହ କାରିଗରଙ୍କୁ ନିୟୋଜିତ କରିଥିଲେ। ଯୋଜନା ଅନୁସାରେ ପ୍ରଥମେ ଚନ୍ଦ୍ରଭାଗା ନଦୀର ଗଣ୍ଡକୁ ପୋତିବା ପାଇଁ ସ୍ଥିର କରାଯାଇଥିଲା। ବିଭିନ୍ନ ସ୍ଥାନରୁ ଖଣ୍ଡ ଖଣ୍ଡ ପଥର ବୁହାହୋଇ ନଦୀଠୁ ଅଳ୍ପ ଦୂରରେ ଗଦା କରାଯାଇଥିଲା। ଶିବେଇ ସାମନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଶ୍ରମିକମାନେ ଖଣ୍ଡଖଣ୍ଡ ପଥର ନେଇ ଗଣ୍ଡ ମଧ୍ୟରେ ନିକ୍ଷେପ କରୁଥିଲେ। ଚନ୍ଦ୍ରଭାଗା ନଦୀର ସମୁଦ୍ର ସହିତ ସଂଯୋଗ ଥିଲା। ତେଣୁ ଗଣ୍ଡ ମଝିରେ ଯେତେ ପଥର ପକାଇଲେ ମଧ୍ୟ ତାହା ପାଣି ଭିତରେ ଗଡ଼ିଗଡ଼ି ସମୁଦ୍ରକୁ ଯାଉଥିଲା। ୨୪ଦିନ ପରିଶ୍ରମ ପରେ ମଧ୍ୟ ଗଣ୍ଡ ପୋତିହେଲା ନାହିଁ, ପୂର୍ବଭଳି ରହିଥିଲା। ଶିବେଇ ସାମନ୍ତରାୟ ପ୍ରମାଦ ଗଣିଲେ। ରାଜା ତାଙ୍କୁ ଏଥିପାଇଁ ଏକମାସ ସମୟ ଦେଇଥିଲେ। ତାଙ୍କୁ ବୁଦ୍ଧିବାଟ ଦିଶିଲା ନାହିଁ। ରାଜାଙ୍କୁ ନିଜର ଅସଫଳତା ଜଣାଇବା ପାଇଁ ପରଦିନ ସକାଳୁ ସେ ଚାଲିଚାଲି ପୁରୀ ଅଭିମୁଖେ ବାହାରିଲେ। ରାଜଦଣ୍ଡ ଭୟ ମଧ୍ୟ ତାଙ୍କ ମନରେ ଥିଲା। ଚାଲିଚାଲି ଅନେକ ବାଟ ଯିବାପରେ ହଠାତ୍ ଝଡ଼ପବନ ମାଡ଼ିଆସିଲା। ଚାରିଆଡ଼ ଅନ୍ଧାର ଦିଶିଲା। ରାସ୍ତାରୁ ଗୋଟିଏ ଚାଳଘରେ ଦୀପଟିଏ ଜଳୁଥିବା ସେ ଦେଖିଲେ। ଅବିଳମ୍ବେ ସେଠାକୁ ଯାଇ ପିଣ୍ଡା ପାହାଚରେ ବସିପଡ଼ିଲେ। ଜଣେ ବୁଢ଼ୀ ଲୋକ ଘରୁ ବାହାରି ଆସି ଶିବେଇ ସାମନ୍ତରାୟଙ୍କୁ ଦେଖି ପଚାରିଲେ – ବାପ! ଝଡ଼ ପବନ ମାଡ଼ିଆସୁଛି। ଜଣାପଡୁଛି ତମେ ପୁରୁଷୋତ୍ତମ କ୍ଷେତ୍ର ଯାଉଥିଲ। ବାଟ ଚାଲି ଚାଲି ଥକିପଡ଼ିଛ। କୂଅମୂଳେ ଗୋଡ଼ହାତ ଧୋଇ ଘର ଭିତରକୁ ଆସ।

ବାଧ୍ୟ ଶିଶୁଟି ପରି ଶିବେଇ ସାମନ୍ତରାୟ ବୁଢ଼ୀ ମାଉସୀ କଥାମାନି ଗୋଡ଼ହାତ ଧୋଇ ଦାଣ୍ଡ ଘରେ ଯାଇ ବସିଲେ। ବୁଢ଼ୀ ମାଉସୀ ଅଳ୍ପ ସମୟ ଭିତରେ ଜାଉ ତିଆରି କରି ଗୋଟିଏ କଂସା ଥାଳିରେ ଆଣି ଶିବେଇ ସାମନ୍ତରାୟଙ୍କ ପାଖରେ ରଖିଲେ। ଆଦରଭରା କଣ୍ଠରେ କହିଲେ – ପୁଅ! ମୁଁ ଆଉ କିଛି ରାନ୍ଧିପାରିନି। ତମେ ଏଇ ଜାଉ ଖାଇଦିଅ। ଭୋକ ହେଉଥିବ।

ଶିବେଇ ସାମନ୍ତରାୟଙ୍କୁ ମଧ୍ୟ ପ୍ରକୃତରେ ଭୋକ ହେଉଥିଲା। ସେ ବିଳମ୍ବ ନକରି ଜାଉଥାଳି ମଝିରୁ କିଛି ଜାଉ ନେଇ ଖାଇବାକୁ ଆରମ୍ଭ କଲେ। ଗରମ ଥିବାରୁ ତାଙ୍କ ହାତ ଫୋଟକା ହୋଇଗଲା ଓ ସେ ଆହା ଉଚ୍ଚାରଣ କଲେ। ବୁଢ଼ୀ ମାଉସୀ ଟିକିଏ ହସିଦେଲେ। କହିଲେ ପୁଅ! ଶିବେଇ ସାମନ୍ତରାୟ ଚନ୍ଦ୍ରଭାଗା ଗଣ୍ଡ ପୋତିଲା ଭଳି ତମେ ଜାଉ ଖାଉଛ। ଏମିତି କ'ଣ ହୁଏ? ଜାଉ ଥାଳି କଡ଼ରୁ ଅଳ୍ପ ଅଳ୍ପ ଖାଅ। ଆସ୍ତେ ଆସ୍ତେ ଶୀତଳ ହୋଇଯିବ ଓ ତମେ ଖାଇପାରିବ। ଶିବେଇ ସାମନ୍ତରାୟ ନଈକୂଳରୁ ପଥର ପକେଇ ପକେଇ ନଯାଇ ଗଣ୍ଡ ମଝିରେ ପଥର ପକାଉଛି।

ବୁଢ଼ୀ ମାଉସୀଙ୍କ ଆତିଥେୟତା ଶିବେଇ ସାମନ୍ତରାୟଙ୍କୁ ବୁଦ୍ଧି ଦେଇଥିଲା।

ଅତିଥିଙ୍କୁ ସ୍ୱାଗତ କରିବା, ତାଙ୍କ ସହିତ ଆଳାପ ଆଲୋଚନା କରିବା, ଆବଶ୍ୟକମତେ ସାହାଯ୍ୟ କରିବା ମନୁଷ୍ୟର ପରମ କର୍ତ୍ତବ୍ୟ ବୋଲି ପ୍ରଭୁ ଶ୍ରୀରାମ ଭ୍ରାତା ଲକ୍ଷ୍ମଣଙ୍କୁ ଉପଦେଶ ଦେଇଥିଲେ।

ଆଜିକାଲି ସମାଜରେ ଲୋକମାନଙ୍କର ଉପନିବେଶବାଦୀ ଚିନ୍ତାଧାରା ଏବଂ ସ୍ୱାର୍ଥସର୍ବସ୍ୱ ଚଳଣି ଭିତରେ ଆମ ସଂସ୍କୃତି, ପ୍ରଥା ଓ ପରଂପରା ଅବହେଳିତ ହୋଇଯାଇଛି। ଅତିଥି ସେବାର ମହତ୍ୱକୁ ଅନେକ ଭୁଲି ଗଲେଣି। ତଥାପି ଏହି ଦେଶ ସୁଲଭ ଚିନ୍ତାଧାରା ସଂପୂର୍ଣ୍ଣ ଭାବେ ଲୋପ ପାଇନାହିଁ। ଅତ୍ୟାଧୁନିକ ସଭ୍ୟତା ଲୋକମାନଙ୍କୁ ମରୀଚିକା ଭଳି ଭ୍ରମିତ କରିଚାଲିଛି। ମରୀଚିକା କେବେହେଲେ ତୃଷା ନିବାରଣ କରେ ନାହିଁ, ବରଂ ପଥିକକୁ ଭ୍ରମାଇ ହତାଶ କରିଥାଏ। ତେବେ ଯେଉଁ ପରଂପରା ଜନକଲ୍ୟାଣ ମାର୍ଗରେ ପରିଚାଳିତ ତାହା ସଜୀବ ରହିବ ନିଶ୍ଚୟ।

**କଲେଜ ରୋଡ଼, ବାଙ୍କୀ, କଟକ**
**ଦୂରଭାଷ : ୯୯୩୭୭୩୨୭୬୪୭**

# ଛାତ୍ରଛାତ୍ରୀମାନେ ସୃଜନ ଶକ୍ତିର ଆଧାର



**ଡକ୍ଟର ବିଷ୍ଣୁଚରଣ ସାହୁ**

ଶିକ୍ଷକ ଯେତେବେଳେ ଗୋଟିଏ ସୃଜନଶୀଳ ବା ମେଧାଶକ୍ତି ସଂପନ୍ନ ପିଲା ଶ୍ରେଣୀ କକ୍ଷରେ ଆବିଷ୍କାର କରେ ତାଙ୍କର ଖୁସିର ସୀମା ରୁହେ ନାହିଁ । ସେଇ ଭଳି ପିତାମାତା ବା ଅଭିବାବକ ଯଦି କୌଣସି ସୂତ୍ରରୁ ଉପଲବ୍ଧି କରନ୍ତି ଆମ ପିଲାର ମେଧାଶକ୍ତି ଅତ୍ୟନ୍ତ ପ୍ରବଳ ସେମାନେ ଆନନ୍ଦିତ ହେବା ସଙ୍ଗେ ସଙ୍ଗେ ପିଲା ଭିତରେ ଥିବା ଅନ୍ତର୍ନିହିତ ଜ୍ଞାନର ପରିପ୍ରକାଶ ପାଇଁ ବିଭିନ୍ନ ଯୋଜନାମାନ ପ୍ରସ୍ତୁତ କରିଥାନ୍ତି । ଶିକ୍ଷକ ବା ପିତାମାତା ଛାତ୍ରଟିର ସୃଜନ ଶକ୍ତିରେ କ୍ଷତି ନପହଞ୍ଚାଇ ତାଙ୍କୁ କେମିତି ଆମର ପ୍ରଚଳିତ ଶିକ୍ଷା ପଦ୍ଧତି ଭିତରେ ଅଧିକ ଦୃଷ୍ଟି ଦେଇ ପାରିବେ ତାପାଇଁ ଚେଷ୍ଟିତ ଥାଆନ୍ତି । ପିଲାମାନେ ତାଙ୍କର ସାଙ୍ଗ ସାଥୀ ତଥା ଶିକ୍ଷକମାନଙ୍କ ସହିତ ସୃଜନଶୀଳ ଚିନ୍ତାଧାରାକୁ ଆଲୋଚନା ମାଧ୍ୟମରେ ଆଗକୁ ବଢାଇଥାନ୍ତି । ବହୁ ସମୟରେ ନୂଅ ନୂଆ ତଥ୍ୟ ସୃଷ୍ଟି କରି ଅନ୍ୟର ଦୃଷ୍ଟିକୁ ଆସିଥାନ୍ତି । ପିଲା ସୃଜନଶକ୍ତି ସମ୍ପନ୍ନ (Creative), ପ୍ରତିଭାବାନ (Gifted) ବା ଅତ୍ୟନ୍ତ ମେଧାବୀ (High Achieving)ଜଣାପଡିଥାଏ ତାର ଚିନ୍ତାଧାରା, ପାଠପଢା ଏବଂ ଶ୍ରେଣୀ କକ୍ଷରେ ଶିକ୍ଷକ ଉପସ୍ଥିତିରେ ଯେତେବେଳେ ତାର ଦକ୍ଷତା ପ୍ରତିପାଦନ କରିଥାଏ । ସବୁପିଲା ସମାନ ଭାବରେ ସୃଜନ ଶକ୍ତି ସମ୍ପନ୍ନ ବା ବୁଦ୍ଧିମାନ ନୁହଁନ୍ତି । ସାଧାରଣ ଲୋକେ ଭାବନ୍ତି ସୃଜନଶକ୍ତି ହେଉଛି ସ୍ୱାଭାବିକ ବା ଜନ୍ମଗତ କିନ୍ତୁ ପ୍ରକୃତରେ ସୃଜନ ଶକ୍ତି ଜନ୍ମଗତ ସ୍ୱତନ୍ତ୍ର ଗୁଣଠାରୁ ଅଧିକ ନିପୁଣତାର ପରିଚୟ ଦେଇଥାଏ ଯାହାକି ଅଭିବାବକମାନେ ତାଙ୍କ ପିଲାଙ୍କୁ ସେଇ ମାନରେ ଆଗକୁ ନେବାପାଇଁ ଚେଷ୍ଟା କରନ୍ତି ।

ଜନ୍ମଗତ ସ୍ୱତନ୍ତ୍ର ଗୁଣ ପିଲାଙ୍କୁ ସବୁକାର୍ଯ୍ୟ କରିବାପାଇଁ ଶକ୍ତି ଯୋଗାଇଥିଲା ବେଳେ ସୃଜନ ଶକ୍ତି ପିଲାର ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ରଖିବା ସଙ୍ଗେ ସଙ୍ଗେ ପିଲା ଖୁସି ରହିବାର କଳାକୁ ଆଦରି ଥାଏ। ସୃଜନଶକ୍ତି ପିଲାକୁ କଳା,ବିଜ୍ଞାନ,ଗଣିତ ଓ ସାମାଜିକ ବିଜ୍ଞାନ ଇତ୍ୟାଦିରେ ନିପୁଣ କରାଇବା ସହିତ ପିଲାର ଆଗ୍ରହ ବା ଇଚ୍ଛା ଅନୁସାରେ ସମସ୍ତ କାର୍ଯ୍ୟପାଇଁ ଯୋଗ୍ୟ କରାଇଥାଏ । ସୃଜନ ଶକ୍ତି ସଂପନ୍ନ ପିଲାମାନେ ମନନଶୀଳ ଏବଂ ସମସ୍ୟାର ସମାଧାନ କରିପାରୁଥିବା ବ୍ୟକ୍ତିତ୍ୱ ହାସଲ କରିଥିବା ହେତୁ ଯାନ୍ତ୍ରିକ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଅତି ସହଜରେ ହାସଲ କରିବା ପାଇଁ ସକ୍ଷମ ହୁଅନ୍ତି। ସେମାନେ ସବୁ ପରିବର୍ତ୍ତନର ସାମ୍ନା କରିବା ସଙ୍ଗେ ସଙ୍ଗେ ନୂତନ ସୁବିଧା ସୁଯୋଗକୁ ହାତେଇବାର ପାଇଁ ଦକ୍ଷ ହୋଇଥାନ୍ତି ।

ଅନେକ ଗବେଷକଙ୍କର ବିଶ୍ୱାସ ଆମ୍ଭେମାନେ ଶୈଶବର ଅନୁଭୂତିକୁ ଏପରି ମୌଳିକ ଭାବରେ ପରିବର୍ତ୍ତନ କରିଥାଉ ଯେଉଁଥିପାଇଁ ସେମାନଙ୍କର ସୃଜନ ଶକ୍ତିର ବିକାଶ ଅଭିବୃଦ୍ଧି ହୋଇପାରେ ନାହିଁ । ବିଭିନ୍ନ କମ୍ପାନୀମାନଙ୍କ ଦ୍ୱାରା ତିଆରି କରାଯାଉଥିବା ବିଶେଷ ଧରଣର ଖେଳନା ପିଲାମାନଙ୍କୁ ଗଢିବା ପରିବର୍ତ୍ତେ ସେମାନଙ୍କର ବ୍ୟକ୍ତିତ୍ୱ, ପରିକଳ୍ପନା ଓ ବୌଦ୍ଧିକ ଗୁଣକୁ ନଷ୍ଟ କରିଦେଇଥାଏ । ସୃଜନ ଶକ୍ତି ମାନସିକ ସ୍ତରରେ ପ୍ରଥମେ ସୃଷ୍ଟି ହୋଇଥାଏ। ମନେକରନ୍ତୁ ଆମେ ପିଲାକୁ ଗୋଟିଏ ବାକ୍ସ ଭିତରେ କିଛି ସମଜାତୀୟ ଶବ୍ଦ ଲେଖିଛନ୍ତି ଓ ସେ ମଧ୍ୟରୁ ଗୋଟିଏ ଶବ୍ଦ ଛାଡି ଦେଇଛନ୍ତି। ପିଲା ନିଜେ ତାର ଆକସ୍ମିକ ଅନୁପ୍ରେରଣା ଦ୍ୱାରା ବକ୍ସ ଭିତରେ ଛାଡିଯାଇଥିବା ଠିକ୍ ଶବ୍ଦଟିକୁ ଚିନ୍ତା କରି ବାହାର କରିବ । ସୃଜନଶକ୍ତି ବା ମେଧାଶକ୍ତି ଏମିତି ଗୋଟିଏ ଶବ୍ଦ ନୁହେଁ ଯାହାକୁ ଆବିଷ୍କାର କରିବାକୁ ପଡେ । ଏହା ସମସ୍ତଙ୍କ ଭିତରେ ଅନ୍ତର୍ନିହିତ । ଯେତେବେଳେ ପିଲାଟି ପାଠ ପଢିବାକୁ ଆରମ୍ଭ କରେ ଆମେ ସେତେବେଳେ ତାର ମେଧା ଶକ୍ତି ଅନୁଯାୟୀ ଆଗକୁ ବଢିବାପାଇଁ ତାକୁ ଉତ୍ସାହିତ କରିଥାଉ । ପିଲାଙ୍କୁ କୌଣସି ଏକ କଳା ପ୍ରଦର୍ଶନ ହେଉଥିବା ପ୍ରକୋଷ୍ଠ, ସଂଗ୍ରହାଳୟ ବା ଅପେରା ବୁଲିବା ପାଇଁ ସୁଯୋଗ ଦେଉ । ଗୋଟିଏ ଡ୍ରଇଁ ପେପର ଓ ପେନ୍‌ସିଲ ଦେଲେ ଆପଣ ଦେଖିବେ ତା ଭିତରେ ଥିବା କାରୁକାର୍ଯ୍ୟପୂର୍ଣ୍ଣ ଚିନ୍ତାଧାରାକୁ ସେ ସୁନ୍ଦର ଭାବରେ ବ୍ୟକ୍ତ କରିପାରିବ । ଆପଣ ରହୁଥିବା ଘରୁ ପିଲାକୁ ଅନ୍ୟ ଗୋଟିଏ ଗ୍ରାମକୁ ବା ଛୋଟ ଛୋଟ ଜଙ୍ଗଲକୁ ନିଅନ୍ତୁ । ଆପଣ ତାର ମାନସିକତାରେ ପରିବର୍ତ୍ତନ ଦେଖିବା ସହିତ ତା ମେଧା ଶକ୍ତିର ଧାରା ଉପଲବ୍ଧି କରି ପାରିବେ। ମନେକରନ୍ତୁ ପିଲା ଭଲ ଗୀତ ଗାଉଛି, ନାଚ କରୁଛି ବା ଅନ୍ୟ କୌଣସି ତାଦ୍ୱାରା ସୃଷ୍ଟି ନୂତନ କାର୍ଯ୍ୟଟିଏ କରୁଛି, ଆପଣ ତାର କିଛି ସାଙ୍ଗମାନଙ୍କୁ ଡାକନ୍ତୁ, ଗୋଟିଏ ଛୋଟ ଉତ୍ସବ ପାଳନ କରାଇବା ପାଇଁ ସୁବନ୍ଦୋବସ୍ତ କରାନ୍ତୁ। ପିଲା ସେମାନଙ୍କ ସାମନାରେ ତାର କୃତିତ୍ୱ ପ୍ରଦର୍ଶନ କଲେ ତାର ମେଧା ଶକ୍ତିର ପରିପ୍ରକାଶ ହେବା ସଙ୍ଗେ ସଙ୍ଗେ ସାଙ୍ଗମାନେ ଖୁସି ହେବେ । ପିଲା ସୃଜନ ଶକ୍ତି ସମ୍ପନ୍ନ ଅନୁଭବ କଲାପରେ ସେ ଯାହା କହୁଛି କରିବାକୁ ତାକୁ ମାନସିକ ସ୍ତରରେ ସାହାଯ୍ୟ କରିବା ଉଚିତ୍ । ଯଦି ତୁମର ସାନ ଝିଅ କପରେ କେକ୍ କରିବାକୁ ଚାହୁଁଛି ତାହେଲେ ତାକୁ ଅଟା, ଅଣ୍ଡା ଓ ଦୁଧ ବା ପାଣି ମିଶାଇବା ପାଇଁ ଉତ୍ସାହିତ କରନ୍ତୁ ଏବଂ ଓଭେନରେ ବସାଇବାର ସୁବନ୍ଦୋବସ୍ତ କରନ୍ତୁ । ଦେଖିବେ ତାର ମେଧା ଶକ୍ତିର ପରିପ୍ରକାଶ ହେବା ସଙ୍ଗେ ସଙ୍ଗେ ସେ ବହୁତ ଖୁସି ହେବ ।

**ସି-୭,ସହିଦ ନଗର**
**ମାର୍କେଟ ବିଲଡିଂ**
**ଭୁବନେଶ୍ୱର, ଖୋର୍ଦ୍ଧା।**

# ଝରା ଫୁଲକୁ ପଚାରନା କେବେ

ଡ. ଦିଲ୍ଲୀପ ଶ୍ରୀଚନ୍ଦନ



ଝରାଫୁଲକୁ ପଚାରନା କେବେ
ଝରି ପଡ଼ିବାର ବ୍ୟଥା
ଉଜୁଡ଼ା ବଗିଚା  କହିକି ପାରିବ
ଫୁଲକୁ ଫୁଟିବାର କଥା......
ଝରା ଫୁଲକୁ ପଚାରନା କେବେ।୦।

ମଲାଜହ୍ନ କେବେ କହିପାରେ ନାହିଁ
ରାତିର କାହାଣୀ କେତେ .....
ଜଉଘରେ ଯେଉଁ ଜୀବନ ଜଳିଛି
ପ୍ରେମକୁ ବୁଝେନା ସେତେ
ଗଉରବ କେବେ ବୁଝିପାରେ ନାହିଁ
ନଇଁ ପଡ଼ିଥିବା ମଥା
ଝରା ଫୁଲକୁ ପଚାରନା କେବେ।୧।

ଯଦି ତୁମ ସାଥେ,        ଦେଖାହୁଏ କେବେ
କିଛି ପଚାରିବି ନାହିଁ
ଦେଖିବ କେମିତି ସବୁ ହରେଇବି
ଖୁସିରେ ପାରିଛି ଜୀଇଁ
ଭଂଗା ହୃଦୟରେ ତଥାପି ମାଡ଼ିଛି
ପ୍ରେମର ମଉଳା ଲତା.....
ଝରା ଫୁଲକୁ ପଚାରନା କେବେ ।୨।

ପୂର୍ବତନ  ବିଧାୟକ, ଖୋର୍ଦ୍ଧା
ମୋ - ୯୪୩୭୨୮୭୮୦୬

ସୁଡୋକୁ ୦୯ ପୃଷ୍ଠାର ଉତ୍ତର

| | | | | | | | | |
|---|---|---|---|---|---|---|---|---|
| 6 | 1 | 3 | 2 | 8 | 4 | 7 | 5 | 9 |
| 4 | 2 | 5 | 7 | 6 | 9 | 3 | 8 | 1 |
| 7 | 8 | 9 | 1 | 5 | 3 | 6 | 2 | 4 |
| 1 | 4 | 8 | 6 | 2 | 5 | 9 | 3 | 7 |
| 9 | 5 | 6 | 4 | 3 | 7 | 8 | 1 | 2 |
| 2 | 3 | 7 | 9 | 1 | 8 | 5 | 4 | 6 |
| 3 | 6 | 4 | 8 | 9 | 1 | 2 | 7 | 5 |
| 5 | 9 | 1 | 3 | 7 | 2 | 4 | 6 | 8 |
| 8 | 7 | 2 | 5 | 4 | 6 | 1 | 9 | 3 |

# ନାରୀ

ଶୋଭାଗିନୀ ନନ୍ଦ



ନାରୀ -ଅମ୍ଳାନ ଗଙ୍ଗୋତ୍ରୀର
ପୂର୍ଣ୍ଣକିୟା ତଟିନୀ
ଝରି ଝରି ଯାଉଥିବା
ଝରଣାର ସୁଲଳିତ ରାଗିଣୀ।
ସେ ତ ନାରୀ
ଜ୍ୟୋସ୍ନା ଚର୍ଚ୍ଚିତ ଫଲ୍‌ଗୁ ଭିଜା
ରଜନୀଗନ୍ଧା ଭରା ସୁରଭିତ ଯାମିନୀ।
ନାରୀ -ସେ ତ ନାରୀ, ସେ ତ ଅପରୂପା
ସୌନ୍ଦର୍ଯ୍ୟର ପ୍ରତୀକ
ଦୟା, କ୍ଷମା, ପ୍ରେମ, ପ୍ରୀତି, ମମତାର ବିନ୍ଧାଣୀ
ସେ ତ ନାରୀ
ଭଗିନୀ, ଜାୟା, ଜନନୀ
ଭଗିନୀରେ ଢ଼ାଳିଦିଏ
ସ୍ନେହ ପ୍ରୀତିର ଡ଼ୋରି
ସେ ତ ନାରୀ।
ଜାୟା ରୂପେ ସେ ପ୍ରେମର ବୈତରଣୀ
ଜନନୀର ରୂପ ନେଇ ବାତ୍ସଲ୍ୟତାରେ
ସାଗର ନନ୍ଦିନୀ
ସେ ତ ନାରୀ।
ନାରୀ ପୁଣି ଅନେକ   ରୂପରେ
ପ୍ରେମ ଯଦି କରିପାରେ
ପ୍ରଜାପତିର ସପ୍ତ ରଙ୍ଗେ
ନିଜକୁ ସଜାଇ।
ପୁଣି ବାତ୍ସଲ୍ୟତାର ମଞ୍ଜି ବୁଣି ଦେଇ
ସେ ପୁଣି ଅନ୍ୟାୟର
ପ୍ରତିକାର କରେ।
ବୀର ରମଣୀର ସାହସିକତାରେ
ନାରୀ ସଂହାରକାରିଣୀ
ହିଂସା ପରାୟଣୀ
ଫୁଲନ୍, ବୀରା, ଝାନ୍‌ସୀର ରୂପରେ
ସେ ତ ନାରୀ।

ଜୟପୁର, କୋରାପୁଟ
ମୋ - ୮୭୬୩୮୧୧୧୮୨



# ଶୁଷ୍କ ଓ ଅବସନ୍ନ ଚକ୍ଷୁ

**ଡକ୍ଟର ମୁରାରି ମୋହନ ଦାଶ**

ସ୍ମାର୍ଟଫୋନ୍ ଘଣ୍ଟା ଘଣ୍ଟା ଧରି ବ୍ୟବହାର କଲେ, ଟେଲିଭିଜନ, କମ୍ପ୍ୟୁଟର ସ୍କ୍ରିନ୍‌କୁ ଅନବରତ ଅନେଇ ରହିଲେ ଏବଂ ଚଳନ୍ତି ଛବିକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାରମ୍ବାର ଦେଖିଲେ ଆଖିରେ ଚାପ ସୃଷ୍ଟିହୁଏ। ସେଥିପାଇଁ ଆଖି ଶୁଖିଯିବା ସହିତ କ୍ଲାନ୍ତ ହୋଇଯାଏ। ଆଜିକାଲି ଲୋକମାନେ ହାରାହାରି ୮-୧୦ ଘଣ୍ଟା ପର୍ଯ୍ୟନ୍ତ ସ୍ମାର୍ଟ ଫୋନ୍, ଟେଲିଭିଜନ ଓ କମ୍ପ୍ୟୁଟର ବ୍ୟବହାର କରୁଛନ୍ତି। ଏ ସମ୍ପର୍କରେ ଆମେରିକାନ୍ ଏକାଡେମୀ ଅଫ୍ ଅଫ୍‌ଥାଲମୋଲୋଜି ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶାବଳୀ ପ୍ରକାଶ କରିଛନ୍ତି। ନିର୍ଦ୍ଦେଶାବଳୀ ଅନୁଯାୟୀ ଲୋକମାନେ ନିୟମିତ ବ୍ୟବଧାନରେ ଆଖି ପରୀକ୍ଷା କରାଇନେବା ଉଚିତ। ଆଖି କ୍ଲାନ୍ତ ହୋଇଗଲେ ସ୍ନେହନ(lubricant)ର ଆବଶ୍ୟକତା ଥାଏ, ଯାହା ଆଖିକୁ ଆର୍ଦ୍ର, ମସୃଣ ଓ ସୁସ୍ଥ ରଖିଥାଏ।

**ପ୍ରଶ୍ନ : କେତେ ସମୟ ଧରି କମ୍ପ୍ୟୁଟର ସ୍କ୍ରିନ୍‌କୁ ଅନେଇଲେ ଆଖି ପ୍ରଭାବିତ ହୋଇଥାଏ ?**

**ଉତ୍ତର:** ଆଖିରେ ପ୍ରାକୃତିକ ସ୍ନେହନ (lubricant) ରହିଛି ଯାହା ଆଖିକୁ ଓଦାରଖେ ଏବଂ ଲୁହ ଉତ୍ପନ୍ନ କରିବାରେ ସାହାଯ୍ୟ କରେ। ଲୁହ ଦୃଷ୍ଟିଶକ୍ତିର ପୁନରୁଦ୍ଧାର ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହା ସ୍ୱଚ୍ଛପଟ୍ଟଳ ଉପରେ ଏକ ପତଳା ଆସ୍ତରଣ ଆକାରରେ ରହିଥାଏ। ଏଥିରେ ଜଳ ସହିତ ଲିପିଡ୍ (ଏକ ପ୍ରକାର ସ୍ନେହସାର) ଥାଏ ଓ ଆଖିକୁ ପଲକ ଜନିତ ଘର୍ଷଣରୁ ରକ୍ଷା କରେ।

ବର୍ତ୍ତମାନ ଲୋକମାନେ ୮ ଘଣ୍ଟାରୁ ଅଧିକ ସମୟ ପାଇଁ ମୋବାଇଲ/କମ୍ପ୍ୟୁଟର/ଟିଭି ଦେଖୁଛନ୍ତି। ଏହା ଶୁଷ୍କ ଚକ୍ଷୁ ଲକ୍ଷଣ ସମୂହ (ସିଣ୍ଡ୍ରୋମ୍), ଯଥା: ମୁଣ୍ଡ ବ୍ୟଥା ଓ ମାନସିକ ଅବସନ୍ନତା ସୃଷ୍ଟିକରୁଛି। ଏହା ମଧ୍ୟ ଆଖିରେ ପଲକ ପକାଇବାରେ ବ୍ୟାଘାତ ସୃଷ୍ଟିକରେ ଯାହା ଚକ୍ଷୁ ଶୁଷ୍କତା ପାଇଁ ଦାୟୀ।

**ପ୍ରଶ୍ନ : ଅବସନ୍ନ ଚକ୍ଷୁର ଲକ୍ଷଣ କ'ଣ ?**

**ଉତ୍ତର:** ଶୁଖିଲା ଆଖି ଚକ୍ଷୁ ଅବସନ୍ନତାର ମୁଖ୍ୟ କାରଣ। ଅନ୍ୟାନ୍ୟ କାରଣ ମଧ୍ୟରେ ଆଖି କୁଣ୍ଡେଇ ହେବା, ଆଖି ଲାଲ ପଡ଼ିବା, ଆଖିକୁ ଅସ୍ପଷ୍ଟ ଦେଖାଯିବା, ମୁଣ୍ଡବ୍ୟଥା ଓ ବେକ ବ୍ୟଥା ପ୍ରଧାନ।

**ପ୍ରଶ୍ନ : ଚକ୍ଷୁର ଅବସନ୍ନତା ଶରୀର ଓ ମନକୁ କିପରି ପ୍ରଭାବିତ କରେ ?**

**ଉତ୍ତର:** ଦୀର୍ଘ ସମୟ ଧରି, ବିନା ବିଶ୍ରାମରେ, କମ୍ପ୍ୟୁଟର/ଟିଭି/ମୋବାଇଲ ସ୍କ୍ରିନ୍‌କୁ ଉନ୍ମୁକ୍ତ ରହିଲେ ଆଖିରେ ଆଘାତ ଲାଗିଥାଏ। ଦୃଷ୍ଟିଶକ୍ତିରେ ସମସ୍ୟା ଦେଖାଯାଏ ଓ ମୁଣ୍ଡବ୍ୟଥା ହୋଇଥାଏ।

**ପ୍ରଶ୍ନ : ଆଖିର ଚତୁଃପାର୍ଶ୍ୱରେ ବ୍ୟଥାର ଏହା କାରଣ କି ?**

**ଉତ୍ତର:** ଯେଉଁ ବ୍ୟକ୍ତିମାନେ ଆଖିକୁ କୌଣସି ବିଶ୍ରାମ ନଦେଇ ଅନବରତ ମୋବାଇଲେ, କମ୍ପ୍ୟୁଟର ଓ ଟିଭି ଦେଖନ୍ତି ସେମାନଙ୍କ ଆଖିର ଚତୁଃପାର୍ଶ୍ୱ ଓ ମୁଣ୍ଡର ଆଗପଟରେ (forehead) ବ୍ୟଥା ଅନୁଭୂତ ହୋଇଥାଏ। କମ୍ପ୍ୟୁଟରରେ କାମ କଲାବେଳେ ନିୟମ ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତି ଏକ ଘଣ୍ଟାରେ ୧୦ ମିନିଟ୍ ପାଇଁ ଚକ୍ଷୁକୁ ବିଶ୍ରାମ ଦେବା ଉଚିତ। ଆହୁରି ମଧ୍ୟ ଚକ୍ଷୁ ଚିକିତ୍ସକମାନଙ୍କ ମତରେ ପ୍ରତ୍ୟେକ ବ୍ୟକ୍ତି ୨୦ ମିନିଟ୍ କମ୍ପ୍ୟୁଟରରେ କାମ କରିବା ପରେ ୨୦ ଫୁଟ ଦୂରରେ ଥିବା ପଦାର୍ଥ/ଦ୍ରବ୍ୟ ପ୍ରତି ୨୦ ସେକେଣ୍ଡ ପାଇଁ ଦୃଷ୍ଟି ନିକ୍ଷେପ କରିବା ଉଚିତ। ଏହାକୁ ୨୦-୨୦-୨୦ ନିୟମ କୁହାଯାଏ।

**ପ୍ରଶ୍ନ : କ୍ରମାଗତଭାବେ କମ୍ପ୍ୟୁଟର/ମୋବାଇଲ/ଟିଭି ପରଦାକୁ ଚାହିଁବା ଦ୍ୱାରା ଆଖିର ଅନ୍ୟ କିଛି କ୍ଷତି ହୁଏ କି ?**

**ଉତ୍ତର:** ବହୁଦିନ ଧରି ସର୍ବଦା ଡିଜିଟାଲ ଉପକରଣ ବ୍ୟବହାର କରିବା ଫଳରେ ମସ୍ତିଷ୍କରେ ହ୍ୱାଇଟ୍‌ମ୍ୟାଟର ଓ ଗ୍ରେ-ମ୍ୟାଟର ସଂକୁଚିତ ହୋଇଯାଏ। ଏହାଦ୍ୱାରା ଭାବପ୍ରବଣତା ଜନିତ ଖବରକୁ ପ୍ରକ୍ରିୟାକରଣ କରିବା ସମୟରେ ପରିବର୍ତ୍ତନ ଆସେ ଓ ବାଧା ଉପୁଜେ।

**ପ୍ରଶ୍ନ : ଚକ୍ଷୁର ଅବସନ୍ନତା ଦୂର କରିବା ପାଇଁ କ'ଣ କରିବା ଆବଶ୍ୟକ ?**

**ଉତ୍ତର:** ଚକ୍ଷୁର ଅବସନ୍ନତା ଦୂର କରିବା ପାଇଁ ବିଭିନ୍ନ ପ୍ରତିକାରକ ବ୍ୟବସ୍ଥା ରହିଛି ଏବଂ ସେଗୁଡ଼ିକୁ ସହଜରେ ପାଳନ କରାଯାଇ ପାରିବ। ସେ ବ୍ୟବସ୍ଥାଗୁଡ଼ିକୁ ଉତ୍ସର୍ଗୀକୃତ ଭାବେ ନିୟମିତ ପାଳନ କଲେ

ଆଖି ସୁସ୍ଥ ରହିବ। ପାଳନରେ ବ୍ୟତିକ୍ରମ କଲେ ଆଖିରେ ଦୀର୍ଘକାଳୀନ ସମସ୍ୟା ଦେଖାଯାଇଥାଏ। ସେଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଗଲା।

୧. ଆଖିରେ ନିୟମିତ ପଲକ ପଡ଼ିବା ବିଧେୟ, ଫଳରେ ଚକ୍ଷୁ ଶୁଷ୍କତା ଦୂର ହୋଇଥାଏ।

୨. ଡିଜିଟାଲ ପରଦା ଉପରୁ ଅଭ୍ୟାସଗତ ଭାବେ ଦୃଷ୍ଟି ପ୍ରତ୍ୟାହାର କରିବା ବା ଉଠାଇନେବା ଆବଶ୍ୟକ।

୩. କମ୍ପ୍ୟୁଟରରେ କାମ କରୁଥିଲେ ପ୍ରତ୍ୟେକ ବର୍ଷ ଆଖି ପରୀକ୍ଷା କରାଇନେବା ଉଚିତ।

୪. ଆଖିର ଦୃଷ୍ଟିଶକ୍ତି ପରୀକ୍ଷା କରି ନିୟମିତ ଚଷମା ବଦଳାଇବା ଉଚିତ।

୫. ଉଜ୍ଜ୍ୱଳତା ବିରୋଧୀ ଚଷମା ବ୍ୟବହାର କରିବା ଉଚିତ।

୬. କମ୍ ଆଲୋକରେ କାର୍ଯ୍ୟ କରିବା ଅନୁଚିତ।

୭. ଡିଜିଟାଲ ପରଦାର ଉଜ୍ଜ୍ୱଳତା କମ୍ ରହିବା ବିଧେୟ।

୮. ଆଖି ସହିତ ସମାନ ଉଚ୍ଚତାରେ ଡିଜିଟାଲ ପରଦା ରହିବା ଉଚିତ।

**ପ୍ରଶ୍ନ : ଆଜିର ଡିଜିଟାଲ ଯୁଗରେ କେତେ ସମୟ ପାଇଁ ଡିଜିଟାଲ ଉପକରଣଠାରୁ ଦୂରେଇ ରହିହେବ ?**

**ଉତ୍ତର:** ଆଜିକାଲି ଡିଜିଟାଲ ଉପକରଣ ଠାରୁ ଦୂରେଇ ରହିହେବ ନାହିଁ। ଆଖିର ସ୍ୱାସ୍ଥ୍ୟ ଦୃଷ୍ଟିରୁ ୨୦-୨୦-୨୦ ନିୟମ ପାଳନୀୟ।

**ଲୋକପ୍ରିୟ ବିଜ୍ଞାନ ସଂଚାରକ**
**ଜି/ଏଲ-୧, ଭି.ଏସ୍.ଏସ୍. ନଗର**
**ଭୁବନେଶ୍ୱର-୭୫୧୦୧୦**
**ମୋ-୯୪୩୭୧୧୦୭୧୫**

# ଉତ୍ତମ ଗୃହିଣୀ



**ପଦ୍ମନାଭ ପାଣିଗ୍ରାହୀ**

ସର୍ବଗୁଣ ଯୁକ୍ତା ମଧୁର ଭାଷିଣୀ
ବାକ୍‌ବାଣୀ ପ୍ରଶଂସନୀୟ।
ସଦା ଶାନ୍ତି ଆନନ୍ଦ ପ୍ରଦାୟିନୀ
ବିଶ୍ୱରେ ମହନୀୟା। ॥୧॥

କ୍ଲେଶ-ସନ୍ତାପରୁ ଦୂର କରୁଥାଏ
ଆଦର ବ୍ୟବହାରରେ
ଆତ୍ମୀୟତା, ଉଦାରତା, ସେବାଭାବେ
ଜିଣନ୍ତି ଜନ ମନରେ। ॥୨॥

ଅନ୍ତର ସୌନ୍ଦର୍ଯ୍ୟ ବ୍ୟକ୍ତି ଆକର୍ଷଣେ
ସ୍ୱପରିବାର ପୋଷଣେ
ହୃଦୟ କୁସୁମ କୋମଳ ଶ୍ରଦ୍ଧାର
ନାରୀତ୍ୱର ନିଦର୍ଶନେ। ॥୩॥

ପରିବାର-ପରିଜନ ସୁଖପାଇଁ
ନିଜ ସୁଖ ବଳି ଦେଇ
ଗୃହିଣୀ ସେ ସଦା ଆତ୍ମତୃପ୍ତି ଲଭେ
ଅନ୍ୟ ସଦସ୍ୟଙ୍କ ପାଇଁ। ॥୪॥

ଭୋଜନେ ଅତିଥି ପ୍ରସନ୍ନ କରାଏ
ବଧୂ ରୂପେ କାର୍ଯ୍ୟଭାର
ଶାଶୂ, ଶ୍ୱଶୁର, ନଣନ୍ଦ ଦିଅରେ
ଦିଅଇ ଅଗ୍ରାଧିକାର। ॥୫॥

ଜନନୀ, ସନ୍ତାନ ଲାଳନ-ପାଳନେ
ନିଜ ସୁଖ ଜଳାଞ୍ଜଳି
ସ୍ନେହ, ପ୍ରେମ, ପ୍ରୀତି ପ୍ରେରଣାଦାୟିନୀ
କିଏ ବା ତା'ଠାରୁ ବଳି। ॥୬॥

ସହଯୋଗ ପ୍ରତିମୂର୍ତ୍ତି ଶୋଭନୀୟା
ସ୍ୱାମୀଙ୍କ ସହଗାମିନୀ
ବାତ୍ସଲ୍ୟ ପ୍ରେମର ଭଣ୍ଡାର ସେ ଯେ
ସଦା ସ୍ୱାମୀ ସୋହାଗିନୀ। ॥୭॥

ଚନ୍ଦ୍ର ବିମଳ ଜ୍ୟୋତ୍ସ୍ନା ଧବଳ
ଚରିତ୍ରର ନିଦର୍ଶନ
ସ୍ନେହ-ପ୍ରୀତି ପୂର୍ଣ୍ଣ ସ୍ନିଗ୍ଧ-ମଧୁର
ଶୀତଳତାର ପ୍ରଦାନ। ॥୮॥

ଆତ୍ମା ଜ୍ୟୋତିରେ ସଦା ପ୍ରକାଶିତା
ଈଶ୍ୱର ଉପାସନାରେ
ପ୍ରଦୀପ ସଦୃଶ ଗୃହ ପରିବାରେ
ଜ୍ୟୋତି ପ୍ରକାଶିତ କରେ। ॥୯॥

ବାରମାସେ ତେର ଓଷାବ୍ରତ କରେ
ସନ୍ତାନ ମଙ୍ଗଳ ପାଇଁ
ସଭିଙ୍କୁ ସ୍ନେହର ବନ୍ଧନରେ ବାନ୍ଧେ
ସୁଖେ, ଦୁଃଖେ ଭାଗୀହୋଇ। ॥୧୧॥

ମହୀ ମହୀୟସୀ ସହନଶୀଳା ସେ
ସର୍ବଂସହା ମା'ଧରଣୀ
କୀର୍ତ୍ତିମୟୀ ଯଶସ୍ୱିନୀ ବନ୍ଦନୀୟା
ଶୂର - ବୀର - ପ୍ରସବିନୀ। ॥୧୨॥

ବନମାଳୀ କଲୋନୀ, ଜଟଣୀ
ଦୂରଭାଷ - ୯୩୩୮୨୨୧୩୭୪

(ଏବେ, କେବେ, କୋଉଠି- ୭୯)

# କରୋନୀୟ ଶୈଶବ

**ସତ୍ୟନାରାୟଣ ସାମନ୍ତରାୟ(ସତ୍ୟକକ୍ଷ)**



ତରତରରେ ଘରୁ ବାହାରି ମଟର ସାଇକେଲକୁ ଷ୍ଟାର୍ଟ କରୁକରୁ ଆଉଥରେ ଝିଅର କାନ୍ଦୁରା ମୁହଁକୁ ଚାହିଁଲା ନୀଳାମ୍ବର। ଝିଅଟି ତାର କାନ୍ଦୁଛି। କାନ୍ଦିଲେ କଣ ହେବ ? ତାକୁ ଯିବାକୁ ତ ପଡ଼ିବ। ଢେର ଦିନ ଛୁଟି କାଟିଲା। ଛୁଟି କଣ ମ ? କରୋନା ପାଇଁ ସରକାର ସାରା ଦେଶକୁ ଲକ୍‌ଡାଉନ୍ ଘୋଷଣାକଲା ପରେ ସମସ୍ତେ ଆପେଆପେ ଘରେ ରହିଗଲେ। ତା ଭିତରେ ନୀଳାମ୍ବର ବି। ସରକାର ଯେତେବେଳେ ଲକ୍‌ଡାଉନ୍ ଉଠାଇ ଅଫିସ୍ ଖୋଲିଦେଲେ, ସେତେବେଳେ ତାକୁ ତ ଅଫିସ ଯିବାକୁ ପଡ଼ିବ।

ଆଗକୁ ଆଗେଇଲାବେଳକୁ ମୋ ଉପରେ ନୀଳାମ୍ବରର ନଜର ପଡ଼ିଯିବାରୁ ବାଧ୍ୟ ହୋଇ ରହିଲା।

ପଚାରିଲି ଝିଅ କାନ୍ଦୁଛି କାହିଁକି ?

କହିଲା, ଝିଅ ଅଝଟକରି କହୁଛି, ତୁମେ ଅଫିସ ଯାଅନି ! କି ଅବାନ୍ତର କଥା, କିମିତି ଯିବିନି ? ଦି'ମାସ କି ଅଢ଼େଇ ମାସ ହେଲା ଘରେ ବସିବସି ଢେର ବିରକ୍ତ ଲାଗିଲାଣି। ତାପରେ ଅଫିସ ତ ଖୋଲିଗଲାଣି। ଯିବିନି କେମିତି କହିଲ ? ତାର ଗୋଟେ ଯିଦି ତମେ ଅଫିସ୍ ଯାଅନି !

ପାଞ୍ଚ ବରଷର ଝିଅ ଦୀପାଳି - ମାଆ କାନିରେ କାନ୍ଦୁରା ମୁହଁକୁ ଚାପି ଧକେଇ ଧକେଇ କାନ୍ଦୁଛି।

ତା ପାଖକୁ ଯାଇ ତାକୁ କହିଲି, ବାବାଙ୍କର ଅଫିସ ପରା ଖୋଲିଲାଣି, ସିଏ ଅଫିସ ତ ନିହାତି ଯିବେ। ତୁମେ କାନ୍ଦିଲେ କେମିତି ହେବ ?

ମୋ କଥା ଶୁଣି କଣ ଭାବିଲା କେଜାଣି, ଦୀପାଳି ଆହୁରି ଜୋର୍‌ରେ କାନ୍ଦିଲା। ମୁଁ ଅପ୍ରସ୍ତୁତ ହୋଇପଡ଼ିଲି। ପିଲାଟା ମନରେ ପୁଣି ଦୁଃଖ ଦେଇଥିବାରୁ ନିଜକୁ ଅପରାଧୀ ଭାବିଲି। ଦେଖିଲି ନୀଳାମ୍ବର ମଟର ସାଇକେଲରୁ ଓହ୍ଲେଇ ଆମ ପାଖରେ ଛିଡ଼ାହୋଇଛି।

ନୀଳାମ୍ବର କହିଲା, କଥା କଣ କି - ସିଏ କହୁଛି ତୁମେ କେବେ ବି ଘରୁ ବାହାର ନି। ଛୁଟି ନେଇକି ଘରେ ରହ। କେହି କୁଆଡ଼େ ଯାଅନି। ତାକୁ ଡରଲାଗୁଛି। କାଳେ ଘରୁ ବାହାରକୁ ଗଲେ ଘରକୁ କରୋନା ପଳେଇଆସିବ !

ଏଇଟା କେବଳ ନୀଳାମ୍ବରର ଝିଅର କଥା ନୁହଁ। ଏଭଳି ମାନସିକ ଦ୍ୱନ୍ଦ ଭିତରେ ଆଜି କେବଳ ଓଡ଼ିଶା କି ଭାରତ ନୁହଁ, ସମଗ୍ର ବିଶ୍ୱର ସମସ୍ତ ଶିଶୁ ପ୍ରାୟ ଆକ୍ରାନ୍ତ ! ଅଜଣା ଅଶୁଣା ରୋଗ ଓ ତାର ସଂକ୍ରମଣର ଭୟାବହତା ହେତୁ ତାଲାବନ୍ଦ ଭଳି ଏକ ଅନାକାଙ୍‌କ୍ଷିତ ଉପଲବ୍ଧିକୁ ଆଜିର ଶୈଶବ ଠିକ୍‌ରେ ଗ୍ରହଣ କରିପାରୁନି। ସିଏ ବୁଝେନା ତାଲାବନ୍ଦ କଣ ପାଇଁ ? କାହିଁକି ତା' ମାଆ କି ବାପା ବାହାରକୁ ବାହାରିପାରୁନାହାଁନ୍ତି ? କାହିଁକି ଘରେ ରହି କାମ କରୁଛନ୍ତି ? ବାହାରକୁ ଗଲେ ମୁହଁରେ କାହିଁକି ମାସ୍କ ବାନ୍ଧି ଯାଉଛନ୍ତି ? ଘରକୁ ଫେରିଲେ କାହିଁକି ସାବୁନରେ କିମ୍ବା ସାନିଟାଇଜରରେ ହାତ ଧୋଉଛନ୍ତି। ତାକୁ ବାହାରକୁ କାହିଁକି ବାହାରିବାକୁ ମନା କରାଯାଉଛି ? ସେ କାହିଁକି ସ୍କୁଲକୁ ଯାଉନି ? ଘରେ ରହି ସେ କାହିଁକି ପାଠ ପଢ଼ିବ ? ସାଙ୍ଗସାଥୀ କାହାରିକୁ କାହିଁକି ଦେଖା କରିବାକୁ ମନା କରାଯାଉଛି ? ସବୁବେଳେ ଘରେ ଗୋଟିଏ ପ୍ରକାର ଖାଦ୍ୟ ଖାଇଖାଇ ବିରକ୍ତ ଲାଗିଲାଣି- କୋଉଦିନ ବାହାରୁ ପିଜା, ଚାର୍ଟ, ଗୁପ୍‌ଚୁପ୍ ଖାଇବ ? କାଇଁ କୋଉଦିନୁ ସିନେମା ଦେଖିନି କି ମଲ୍‌କୁ ମାଆ, ବାପାଙ୍କ ସହିତ ଯାଇନି ? ସେସବୁ କଣ ବନ୍ଦ ହୋଇଗଲା ନା କଣ ? ତା' ସ୍କୁଲ କଣ ଆଉ ଖୋଲିବନି କି? ଏମିତି ଅନେକ ଭାବନା ଓ ଦୁର୍ଭାବନାରେ ଆଜି ପ୍ରତ୍ୟେକ ଶିଶୁ ମନ ସଂକ୍ରମିତ ।

ସେଦିନ ଜଣେ ସହକର୍ମୀ କହୁଥିଲେ ତାଙ୍କର ଛଅବର୍ଷର ପୁଅ ଅଝଟକରି କହୁଛି ସ୍କୁଲକୁ ଯିବ ! ଯୋଉ ପିଲା ସ୍କୁଲ ଯିବାକୁ ଅଣାୟତ କରୁଥିଲା, କେତେପ୍ରକାର କଅଁଳାବାଆଁଳାକରି ସ୍କୁଲକୁ ପଠେଇବାକୁ ହଉଥିଲା, ସେ ପିଲା ଆଜି ସ୍କୁଲ୍ ଯିବାକୁ ଜିଦ୍ କରୁଛି। ଘରେ ବସିବସି ସିଏ ସ୍କୁଲକୁ ଝୁରି ହେଉଛି। ତାର ମନେପଡ଼ିଯାଉଛି ସ୍କୁଲ ଭିତରର ସାଙ୍ଗସାଥୀ, ଖେଳକୁଦ, ମିସ୍‌ଙ୍କର ଖେଳଣା ଓ ମିଠାମିଠା କଥା, ସାଥୀମାନଙ୍କ ସହ ଟିଫିନ୍ ଖିଆ, ସ୍କୁଲ ବସରେ ଯିବାଆସିବା, ଡ୍ରାଇଭର ଅଙ୍କଲ୍‌ଙ୍କ ମଜାଳିଆ କଥାକୁ ଝୁରି ହେଉଛି ବହୁଦିନ ହେଲା ତାଲାବନ୍ଦୀ ଜୀବନ ବିତଉଥିବା ଶୈଶବ।

ମାତ୍ର, ପ୍ରଥମ ତାଲାବନ୍ଦ ଘୋଷଣା ହେଲାବେଳେ ସବୁଠାରୁ ଶିଶୁଟି ହିଁ ଅଧିକ ଖୁସି ଥିଲା। ତାର ସ୍କୁଲ ଛୁଟି ହୋଇଗଲା, ମାଆବାପା ଘରେ ରହି କାମ କଲେ, ସିଏ ଏଥର ମନଇଚ୍ଛା ଟି.ଭି. ଦେଖିପାରିବ ଓ ଯାହା ଚାହିଁବ ତାହା କରିପାରିବ। କିନ୍ତୁ, ଧାରାବାହିକ ଜୀବନଚର୍ଯ୍ୟା ଭିତରେ ବ୍ୟତିକ୍ରମକୁ ସେ ଅଧିକ ଦିନ ବରଦାସ୍ତ କରିପାରିଲାନି। ତା ଭିତରେ ପ୍ରତିକ୍ରିୟା ଦେଖାଦେଲା। ଶିଶୁଟି ଭିତରେ ଉଭୟ ଶାରୀରିକ ଓ ମାନସିକ ସଙ୍ଗରୋଧର ନକାରାତ୍ମକ ପ୍ରଭାବ ସ୍ପଷ୍ଟ ବାରି ହୋଇପଡ଼ିଲା। ବାହାରକୁ ବାହାରିବା ସମୟ, ଖେଳିବା ସମୟ ତଥା ସ୍କୁଲର ରୁଟିନ୍‌ବନ୍ଧା ଚଳଣିକୁ ମନେପକାଇ ସେ ନିଜକୁ ଆଉ ନିୟନ୍ତ୍ରଣ କରିପାରୁନି। ଅବସାଦଗ୍ରସ୍ତ ମନ, ଭିତରେ ଭିତରେ ବିଦ୍ରୋହ କରୁଛି।

**ଅବଶିଷ୍ଟାଂଶ...୨୧ପୃଷ୍ଠା**

# ବିମଳା

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ



ଭାରତରୁ ଇଂରେଜ ଶାସନ ଲୋପ କରିବା ନିମନ୍ତେ ଚାଲିଥିଲା ଅସହଯୋଗ ଆନ୍ଦୋଳନ। ଅନେକ ମହିଳା ନିଜର ଘର ସଂସାର ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହୋଇଥିଲେ। କଲିକତାରେ ସେମାନେ ରହିବାପାଇଁ ଦେଶବନ୍ଧୁ ଚିତ୍ତରଂଜନ ଦାସ ସ୍ଥାପନ କରିଥିଲେ ଦୁଇଟି ପ୍ରତିଷ୍ଠାନ। ପ୍ରତିଷ୍ଠାନ ଦୁଇଟିର ନାଆଁ "ନାରୀ କର୍ମମନ୍ଦିର" ଓ "ମହିଳା କର୍ମୀସଂସଦ"। ଏହି ସଂସ୍ଥା ଦୁଇଟିକୁ ଚଳେଇବାର ଦାୟିତ୍ୱ ଦିଆଯାଇଥିଲା ହେମପ୍ରଭା ମଜୁମଦାର ଓ ଉର୍ମିଳା ଦେବୀଙ୍କୁ। ଏ ଦୁହେଁ ଥିଲେ ଚିତ୍ତରଂଜନଙ୍କ ଭଉଣୀ।

ସେତେବେଳେ ଚିତ୍ତପୁରରେ ରହୁଥିଲେ ଜଣେ ମହିଳା। ତାଙ୍କ ନାଆଁ ବିମଳା। ସେ ନିଜର ପେସାକୁ ପରିତ୍ୟାଗ କରି ମହିଳାକର୍ମୀଙ୍କ ପ୍ରତିଷ୍ଠାନକୁ ଚାଲିଆସିଲେ। ସେଠାରେ ରହି ଦେଶର ସ୍ୱାଧୀନତା ଆନ୍ଦୋଳନରେ ଉତ୍ସର୍ଗ କରିଦେଲେ ନିଜକୁ। ବିମଳା ଥିଲେ ଖୁବ୍ ସୁନ୍ଦରୀ। ବେଶ୍ ଲେଖାପଢ଼ା ଜାଣିଥିଲେ। ବଙ୍ଗଳା ଓ ହିନ୍ଦୀରେ ଅନର୍ଗଳ ବକ୍ତୃତା ଦେଇପାରୁଥିଲେ। ଇଂରାଜୀରେ କଥାବାର୍ତ୍ତା କରିବାରେ ମଧ୍ୟ ଥିଲେ ଖୁବ୍ ପାରଙ୍ଗମ। ସ୍ୱାଧୀନତା ଆନ୍ଦୋଳନରେ ସମସ୍ତ ପ୍ରକାର କାର୍ଯ୍ୟକୁ ଅତି ଦକ୍ଷତାର ସହ ସଂପାଦନ କରୁଥିଲେ ସେ । ବଡ଼ଲୋକମାନଙ୍କ ଘର ଭିତରକୁ ଯାଇ ପ୍ରଚୁର ଚାନ୍ଦା ସଂଗ୍ରହ କରିବା, ଖଦଡ଼ ଶାଢ଼ୀ ବିକ୍ରୟ କରିବା, ବିଲାତି ଲୁଗା ଦୋକାନରେ ପିକେଟିଂ କରିବାଠାରୁ ଆରମ୍ଭକରି ଜନସଭାରେ ଓଜସ୍ୱିନୀ ଭାଷାରେ ଭାଷଣ ଦେଇ ଅସହଯୋଗ ଆନ୍ଦୋଳନର ସପକ୍ଷରେ ଜନମତ ସୃଷ୍ଟିକରିବା ଇତ୍ୟାଦି ସବୁ କାମରେ ତାଙ୍କର ପାରଦର୍ଶିତା ଥିଲା।

ଦିନେ ମହିଳାମାନଙ୍କ ଗୋଟିଏ ଜନସଭାରେ ପୋଲିସ୍ ଯେତେବେଳେ ବେପରୁଆ ଲାଠି ଚାର୍ଜ କଲା, ସେତେବେଳେ ବିମଳା ବିଜୁଳି ବେଗରେ ଛୁଟି ଆସିଲେ। ଘୋଡ଼ା ଉପରେ ସବାର ହୋଇଥିବା ଇଂରେଜ ପୋଲିସ୍ ସର୍ଜେଣ୍ଟର ଘୋଡ଼ାର ଲଗାମକୁ ମୁଠେଇ ଧରି ଚିତ୍କାର କରି କହିଲେ - "ଆର୍ ୟୁ ନଟ୍ ବର୍ନ୍ ଅଫ୍ ଏ ଓମ୍ୟାନ୍? ହାଓ ଡୁ ୟୁ ବିଟ୍ ଇଓର୍ ମଦରସ୍ ଆଣ୍ଡ ସିଷ୍ଟରସ୍?" (ତୁମେ କ'ଣ ଜଣେ ନାରୀର ଗର୍ଭରୁ ଜନ୍ମ ନେଇନ? ତୁମ ମାଆ ଭଉଣୀମାନଙ୍କୁ ପିଟି ମାରୁଛ କିପରି?)।

ତାଙ୍କର ଏହି କଥା ପଦକ ଶୁଣି ହଠାତ୍ ସ୍ତବ୍ଧ ହୋଇଗଲେ ସର୍ଜେଣ୍ଟ ଜଣକ। ସେ ଅନ୍ୟାନ୍ୟ କନଷ୍ଟେବଲମାନଙ୍କୁ ନେଇ ତୁରନ୍ତ ବାହୁଡ଼ିଗଲେ।

ଏହି ଘଟଣାଟି ସମ୍ବନ୍ଧରେ ସେଦିନ ଚିତ୍ତରଂଜନଙ୍କ ଘରେ ଆଲୋଚନା ହେଉଥିଲା। ବିମଳାଙ୍କର ଅମୀମ ସାହସକୁ ଅନେକ ଖୁବ୍ ପ୍ରଶଂସା କରୁଥାନ୍ତି। ବଙ୍ଗଳାର ବିଶିଷ୍ଟ ଉପନ୍ୟାସ ଲେଖକ ତଥା ସ୍ୱାଧୀନତା ସଂଗ୍ରାମୀ ଶରତଚନ୍ଦ୍ର ନୀରବରେ ବସି ଶୁଣୁଥାନ୍ତି ସେମାନଙ୍କ କଥା। ସେ ହଠାତ୍ ନିଜର ଚଉକିରୁ ଉଠିପଡ଼ିଲେ। ଧୀରେ ଧୀରେ ଆଗେଇ ଗଲେ ବିମଳାଙ୍କ ପାଖକୁ। ତାଙ୍କ ମଥାରେ ହାତ ବୁଲେଇ ବୁଲେଇ କହିଲେ, "ସାବାସ୍! କିଏ କହେ ତୁ ଘୃଣାର ପାତ୍ରୀ! ତୋ'ଠାରେ ଆଜି ମୁଁ ଦେଖିଲି ଆଦ୍ୟାଶକ୍ତି ମହିଷାମର୍ଦ୍ଦିନୀଙ୍କର ମହିମା!"।

ଶରତଚନ୍ଦ୍ରଙ୍କ ଏହି ଆଦରପୂର୍ଣ୍ଣ କଥାରେ ବିମଳାଙ୍କ ଆଖି ଦୁଇଟି ଲୁହରେ ଭରିଗଲା। ସେ ନିଜ ବେକରେ ଶାଢ଼ୀର କାନିକୁ ଗୁଡ଼େଇ ଅତ୍ୟନ୍ତ ଭକ୍ତିର ସହ ଶରତଚନ୍ଦ୍ରଙ୍କ ଚରଣରେ ପ୍ରଣାମ ଜଣାଇଲେ।

କଟିଗଲା ବେଶ୍ କିଛିବର୍ଷ। ପ୍ରକାଶ ପାଇଲା "ପଥେର ଦାବି" ନାମକ ଶରତଚନ୍ଦ୍ରଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ। ତାକୁ ପଢ଼ି ଶଚୀନନ୍ଦନ ଚଟ୍ଟୋପାଧ୍ୟାୟ ଶରତଚନ୍ଦ୍ରଙ୍କୁ ପଚାରିଲେ, "ଆଚ୍ଛା ଦାଦା, ଉପନ୍ୟାସଟିରେ ସୁମିତ୍ରା ଚରିତ୍ରଟି ସୃଷ୍ଟି କରିବା ସମୟରେ ଆପଣଙ୍କର କଅଣ ବିମଳାଦିଦିଙ୍କ କଥା ମନେପଡ଼ିଯାଇଥିଲା?"

ସେତେବେଳେ ଶରତଚନ୍ଦ୍ର ହୁକା ଟାଣୁଥିଲେ। ଦୁଇ ତିନିଥର ଜୋର୍‌ରେ ଟାଣି ନେଇ କହିଲେ, "କୁହାଯାଇପାରିବନି, ତେବେ ହୋଇପାରେ।"

ଏହାପରେ ଶରତବାବୁ ପଚାରିଲେ - "ବିମଳା ଏବେ କେଉଁଠି ଅଛି? ସେ କଅଣ କରୁଛି ଜାଣିଛ କି?"

ଶଚୀନନ୍ଦନ ଉତ୍ତର ଦେଲେ - "ଆନ୍ଦୋଳନ ବନ୍ଦ ହୋଇଯିବାରୁ "ନାରୀ କର୍ମମନ୍ଦିର" ଉଠିଯାଇଛି। ସେ ଏବେ ଗୋଟିଏ ଧନୀ ମାରୱାଡ଼ିରେ ରକ୍ଷିତା ହୋଇଛି।"

ଏହା ଶୁଣି ମନରେ ବଡ଼ ଆଘାତ ପାଇଲେ ଶରତଚନ୍ଦ୍ର। ବଡ଼ ଦୁଃଖରେ କହିଲେ, "କଅଣ ଆଉ କରିଥାନ୍ତି? ସମାଜରେ ତ ତା'ର ସ୍ଥାନ ନାହିଁ। ମହିଳାଟି କିନ୍ତୁ ଜଣେ ସଚ୍ଚା ଦେଶପ୍ରେମୀ। ସେ ଯେଉଁଠି ଥାଉ କି ଯାହା କରୁ ପଛେ, ସେ ଚିରକାଳ ତା'ର ଦେଶକୁ ନିଶ୍ଚୟ ଭଲପାଉଥିବ। ଦେଶବନ୍ଧୁ ଚିତ୍ତରଂଜନ ବଞ୍ଚି ରହିଥିଲେ ତା'ପାଇଁ ନିଶ୍ଚୟ କିଛି ଗୋଟାଏ ଭଲ ବ୍ୟବସ୍ଥା କରିଦେଇ ପାରିଥାନ୍ତେ। ତାଙ୍କଭଳି ପତିତପାବନ ତ ଆଉ କେହି ନାହିଁ।"

ଶଚୀନନ୍ଦନ ଚଟ୍ଟୋପାଧ୍ୟାୟ ଲେଖିଛନ୍ତି, "ଶରତଚନ୍ଦ୍ରଙ୍କ କଥା ସତ। ବିମଳା ଜୀବନସାରା ସ୍ୱଦେଶକୁ ଓ ସ୍ୱଦେଶୀ ଆନ୍ଦୋଳନକୁ ଭଲପାଉଥିଲେ। ମୋର ଜଣେ ବନ୍ଧୁ ବିମଳାଙ୍କୁ ଦିଦି ବୋଲି ଡାକୁଥିଲା। ସେଇ ବନ୍ଧୁଟି ଯେତେଦିନ ପର୍ଯ୍ୟନ୍ତ ବେକାର ଥିଲା, ସେତେଦିନ ପର୍ଯ୍ୟନ୍ତ ବିମଳା ତାକୁ ନିଜ ମାଆ ପେଟର ଭାଇ ଭଳି ଭଲପାଇ ଆସୁଥିଲେ। ଅର୍ଥ ସାହାଯ୍ୟ କରୁଥିଲେ।"

"ଅନ୍ୟ ଜଣେ ବିପ୍ଳବୀକୁ ବିମଳା ଦାଦା ବୋଲି ଡାକୁଥିଲେ। ବିପ୍ଳବୀଙ୍କ ଅଜ୍ଞାତ ବାସ କାଳରେ ବିମଳା ତାଙ୍କର ସବୁ ଖର୍ଚ୍ଚ ତୁଲାଇ ଚାଲିଥିଲେ।"

"ବିମଳା ସତୀ ତ ନଥିଲେ। କିନ୍ତୁ ମଣିଷପଣିଆର ବିଚାରରେ ତାଙ୍କର ସମକକ୍ଷ ହୋଇପାରିବା ଭଳି କେତେ ଜଣ ମହିଳା ମିଳିବେ?"

ଏପରି ଅନେକ ନାରୀ ଅଛନ୍ତି, ଯେଉଁମାନେ ସତୀ ନୁହଁନ୍ତି, କିନ୍ତୁ ଅତି ଉଚ୍ଚସ୍ତରର ମାନବିକ ଗୁଣର ଅଧିକାରିଣୀ। ପୁନଶ୍ଚ, ଏପରି ବି ଅନେକ ନାରୀ ରହିଛନ୍ତି, ଯେଉଁମାନେ ଅତିଶୟ ସତୀ, କିନ୍ତୁ ବହୁଦୃଷ୍ଟିରୁ ଅତିଶୟ ପାପୀ।

ଔପନ୍ୟାସିକ ଶରତଚନ୍ଦ୍ର ମନେ କରୁଥିଲେ, ସତୀ ନାରୀ ଯେପରି ମନୁଷ୍ୟତ୍ୱରେ ମହୀୟସୀ ହୋଇପାରେ, ଅସତୀ ନାରୀ ମଧ୍ୟ ଠିକ୍ ସେହିପରି ମନୁଷ୍ୟତ୍ୱରେ ମହୀୟସୀ ହୋଇପାରେ। ସେ କହୁଥିଲେ ଯେ ନାରୀଠାରେ ସତୀତ୍ୱ ଓ ମନୁଷ୍ୟତ୍ୱ ଉଭୟେ ଥିଲେ ସେ ସର୍ବଶ୍ରେଷ୍ଠ ଉତ୍କର୍ଷ। କିନ୍ତୁ ମନୁଷ୍ୟତ୍ୱ ନଥାଇ ସତୀତ୍ୱ ଅପେକ୍ଷା ମନୁଷ୍ୟତ୍ୱ ଥାଇ ଅସତୀତ୍ୱ ନିଶ୍ଚିତ ଭାବରେ ଶ୍ରେଷ୍ଠତର।

'ଅଭୀପ୍ସା'
ସେକ୍ଟର-୬, ପ୍ଲଟ୍ ନଂ -୧୧୩୧
ଅଭିନବ ବିଡ଼ାନାସୀ,
କଟକ - ୭୫୩୦୧୪

# ଦେଖାଦେଇ ଲୁଚିଯାଅ



**ଶ୍ରୀ ଶିବସୁନ୍ଦର ପଟ୍ଟନାୟକ**

ଶୂନ୍ୟ ଆକାଶ, ତୁମରି ପ୍ରକାଶ
ଶୂନ୍ୟେ ମିଳାଇ ଯାଅ,
ସବୁଜ ବନାନୀ, ପ୍ରଭୁ ହେ କହନି
ସେଥିରେ କି ରହିଯାଅ । ॥୦॥

ମୋ ମନ କଷଣ, କରାଇ ହରଣ
ବେଦବାର ସମସ୍ୱର
ମୋର ଯେତେ ଖ୍ୟାତି, ତୁମରି ସୁକୃତି
ମୋ କବିତା ଗୀତିଝର,
ଝରିଆଡ଼େ ମୁହିଁ ତୁମକୁ ଦେଖଇ
ଦେଖାଦେଇ ଲୁଚିଯାଅ । ॥୧॥

ଏ ସାରା ସଂସାର ସବୁତ ତୁମର
ମିଛ ବୋଲି କହୁନାହିଁ
ପାରିହେବା ଆଶା, ହେବକି ନିରାଶା
ତୋ ବିନା ମୁଁ ଜାଣିନାହିଁ,
ତୋର ଦୁଇ ପାଦ, ଏ ମୋର ସମ୍ପଦ
କାହିଁକି ହେ ଲୁଚିଯାଅ । ॥୨॥

**ସଭାପତି ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦ**
**କନକ ମୃଗ, କାରାଗାର ପଥ, ଖୋର୍ଦ୍ଧା**
**ମୋ - ୯୪୩୭୪୨୧୮୦୪**

**ଅବଶିଷ୍ଟାଂଶ...୧୯ପୃଷ୍ଠାର........**

ବିଶେଷଜ୍ଞମାନଙ୍କ ମତରେ, ୪ବର୍ଷ ରୁ ୧୦ବର୍ଷ ବୟସର ଶିଶୁମାନେ ଏହାଦ୍ୱାରା ଅନେକ ଭାବରେ ଚାପଗ୍ରସ୍ତ ରହିବେ ଓ ପ୍ରଭାବିତ ହେବେ। କାରଣ, ଏହି ବୟସରେ ଶିଶୁଟିର ଭାଷାର ବିକାଶ ହେବା ସଙ୍ଗେସଙ୍ଗେ ବୌଦ୍ଧିକ ବିକାଶ ଘଟିଥାଏ ଓ ଏଥିସହିତ ତା ଭିତରେ ଦୃଢ଼ ଆତ୍ମବିଶ୍ୱାସର ଜାଗରୁକ ହୋଇଥାଏ। ଏଭଳି ଆତ୍ମବିଶ୍ୱାସ ସେ ନିଜର ପିତାମାତା, ଗୁରୁ ଓ ଗୁରୁଜନମାନଙ୍କଠାରୁ ଭରସା ମାଧ୍ୟମରେ ପ୍ରାପ୍ତ ହୋଇଥାଏ। ମାତ୍ର ଦେଖାଯାଉଛି, ଯୋଉଠି ଭରସା ଦେବା ଲୋକ ଏଭଳି ଏକ ସଙ୍ଗୀନ ସମୟରେ ବ୍ୟସ୍ତ ଓ ବିବ୍ରତ ଜୀବନ କାଟୁଛି, ସେ ସମୟରେ ଶିଶୁଟିକୁ ଭରସା ଦେବ କିଏ ? ସୁତରାଂ, ଶିଶୁଟି ଗୋଟିଏ ଦିଶାହୀନ, ଆଶାହୀନ ଜୀବନ ଜିଇଁଥିବା ପରି ମନେ ହେଉଛି। ତା ଭିତରେ ରଚନାତ୍ମକ ସୃଜନଶୀଳତାର ଧାରା ମରିମରି ଯାଉଛି। ଆତ୍ମଜାଗରଣ, ଆତ୍ମନିରୀକ୍ଷଣ, ଆତ୍ମଶୋଧନ ତଥା ଆତ୍ମପ୍ରତ୍ୟୟ ସୃଷ୍ଟିରେ ଅଭାବ ପରିଲକ୍ଷିତ ହେଉଛି। ପିଲାଟି ଭିତରେ ଭୟ, ଆଶଙ୍କା, କ୍ଷୋଭ, ଗ୍ଲାନି, ସନ୍ଦେହ, ବ୍ୟର୍ଥତା, ନିରାଶା ଭଳି ଅନେକ ଉପସର୍ଗ ଦେଖାଦେବାକୁ ଯାଉଛି, ଯାହା ଭବିଷ୍ୟତ ପାଇଁ କେବେ ବି ଶୁଭଙ୍କର ନୁହଁ।

ଏ କ୍ଷେତ୍ରରେ କେବଳ ଗୋଟିଏ ଉପଚାରର କଥା କୁହାଯାଇପାରେ ଓ ତାହା ହେଉଛି ପିତାମାତାଙ୍କର ଦୂରଦୃଷ୍ଟି ସଂପନ୍ନ ମାନସିକତା। ଶିଶୁକୁ ଯଥେଷ୍ଟ ସମୟ ଦିଆଯାଉ। ତାକୁ ଟି.ଭି କିମ୍ବା ଆଣ୍ଡରୟେଡ୍ ଫୋନ୍‌ଠାରୁ ଦୂରେଇ ରଖାଯାଉ। ତା ବଦଳରେ ତାକୁ ଶିଶୁ ଗଳ୍ପ, ରାମାୟଣ, ମହାଭାରତର କଥାକୁ ପଢ଼ି ଶୁଣାଯାଉ, ତା ସହିତ ଖେଳାଯାଉ। ବିଶେଷକରି ତା ସହିତ ମାଆବାପ ନୁହଁ ବରଂ ସାଙ୍ଗଟିଏ ପରି ବ୍ୟବହାର କରାଯାଉ। ଏବଂ ତାର ଶୈଶବ କରୋନାୟ ହୋଇନଯାଉ !

ବେଗୁନିଆ, ଖୋରଧା
ମୋ- ୯୪୩୮୭୩୪୮୧୬



# ରୁବେଲା (Rubella)

ଡା: ଧନେଶ୍ୱର ସାହୁ



ଏହା ଏକ ସଂକ୍ରମଣ କରାଉଥିବା ଭାଇରସ ଜନିତ ରୋଗ। ଏହାକୁ ଜରମାନ ମିଜଲସ (German Measles) ତିନିଦିନିଆ ମିଜଲସ ମଧ୍ୟ କୁହାଯାଏ।

ଏହା ଟୀକାଦ୍ୱାରା ପ୍ରତିଷେଧ କରାଯାଏ। ଏହାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ଏହା ବହୁତ କମ୍ ହୁଏ। ଏହା ସହଜରେ ବ୍ୟାପେ। ଏହା ଚଞ୍ଚଳ ଭଲ ହୋଇଯାଏ। ମିଜଲସ୍ ଓ ରୁବେଲା ଅଲଗା ଅଲଗା। ଏହା ସମସ୍ତଙ୍କୁ ହୁଏ। କିନ୍ତୁ ପିଲା ଓ ଯୁବକଙ୍କୁ ବେଶି ହୁଏ। ଏହାକୁ ତିନିଦିନିଆ ମିଜଲସ୍ କୁହାଯାଏ। କାରଣ ଏହା ଯୋଗୁଁ ଦେହରେ ହେଉଥିବା ନାଲି ଚିହ୍ନ ୩ଦିନ ରହେ।

## କାରଣ : -

ଏହା ରୁବେଲା ଭାଇରସ ବା ଜରମାନ ମିଜଲସ ଭାଇରସ ଯୋଗୁ ହୁଏ। ଏହା ଏକ ଟୋଗାଭାଇରସ।

ଏହି ଭାଇରସ ପ୍ରଶ୍ୱାସ ନିଶ୍ୱାସ ବାଟରେ ପ୍ରବେଶ କରି ନାଜୋଫାରିଙ୍କ୍ସ ଓ ଲସିକାଗ୍ରନ୍ଥି (Lymphnode)ରେ ବଂଶ ବିସ୍ତାର କରେ। ତା'ପରେ ୫-୭ ଦିନରେ ରକ୍ତରେ ପ୍ରବେଶ କରେ ଓ ଦେହସାରା ଚାରିଆଡ଼େ ଯାଏ। ଏହି ଭାଇରସ ପ୍ରାସିଣ୍ଟାରେ ପାସ କରି ଯାଇପାରେ ଓ ବଢୁଥିବା ପିଲା ଦେହରେ ଟେରାଟୋଜେନିକ ପ୍ରଭାବ ପକାଏ।

## କେମିତି ବ୍ୟାପେ : -

୧. ବାୟୁଦ୍ୱାରା ଡ୍ରପଲେଟ ଯୋଗୁ - ସଂକ୍ରମିତ ରୋଗୀ କାଶିବା, ଛିଙ୍କିବା, ହସିବା, କଥା କହିବା ଯୋଗୁ।

୨. ସଂକ୍ରମିତ ରୋଗୀର ଲାଳ, ସଂସ୍ପର୍ଶରେ ଆସିବା ଯୋଗୁ - ଚୁମ୍ବନ କରିବା, ଏକ ପାତ୍ରରେ ପାନୀୟ ପିଇବା।

୩. ରକ୍ତଦ୍ୱାରା ସଂକ୍ରମିତ ମା'ଠାରୁ ପିଲାକୁ ହୁଏ।

## ଇନକୁବେସନ ପିରିଅଡ଼ : -

ଭାଇରସ ଶରୀରରେ ପ୍ରବେଶ ପରଠାରୁ ରୋଗ ହେବା ପର୍ଯ୍ୟନ୍ତ ସମୟକୁ ଇନକୁବେସନ ପିରିଅଡ଼ କୁହାଯାଏ। ଏହା ୧୨-୨୩ ଦିନ।

ଏହି ଭାଇରସ ରାସ ବାହାରିବାର ୭ଦିନ ପୂର୍ବରୁ ଓ ରାସ ବାହାରିବାର ୭ଦିନ ପର ପର୍ଯ୍ୟନ୍ତ ସଂକ୍ରମଣକ୍ଷମ।

## କିଏ ରୁବେଲା ଡ଼ିସକଭର କରିଥିଲେ ?

୧୮୬୬ ମସିହାରେ ବୈଜ୍ଞାନିକ ହେନରି ଭିଲେ (Henry Veale) ରୁବେଲା ରୋଗ ନାମକରଣ କରିଥିଲେ।

## ସଂକେତ ଓ ଲକ୍ଷଣ : -

୦ ଜ୍ୱରହେବା।
୦ ମୁଣ୍ଡବିନ୍ଧା ହେବା।
୦ ନାକରୁ ପାଣି ବାହାରିବା।
୦ ନାକ ଚୁଣ୍ଟି ହେବା।
୦ ଆଖି ଲାଲ ହେବା।
୦ କାଶ ହେବା।
୦ ତଣ୍ଟି ଦରଜ ହେବା।
୦ ମୁଣ୍ଡର ନିମ୍ନ ଭାଗରେ ବେକର ପଛପଟେ, କାନର ପଛପଟେ ଥିବା ଲସିକା ଗ୍ରନ୍ଥିଗୁଡ଼ିକ ବଡ଼ ହୋଇଯାଏ ଓ ଦରଜ ହୁଏ।
୦ ଦେହରେ ନାଲି ଚିହ୍ନ (Red rash) ଦେଖାଯାଏ। ଏହା ପ୍ରଥମେ ମୁହଁରେ ଦେଖାଯାଏ, ତା'ପରେ ଛାତି, ପେଟ, ପଛପଟ , ହାତ ଓ ଗୋଡ଼ରେ ଦେଖାଯାଏ। ଏହା ଯେଉଁ ପ୍ରକାରରେ ଆରମ୍ଭ ହୁଏ ସେଇ ପ୍ରକାରରେ ଦେହରୁ ଲିଭିଯାଏ। ଏହି ଚିହ୍ନ ୩ଦିନ ରହେ।
୦. ଗଣ୍ଠି ବିନ୍ଧା ହୁଏ।
୦. ମାଂସପେଶୀ ବିନ୍ଧା ହୁଏ।
୦. ଦୁର୍ବଳ ଅନୁଭବ ହୁଏ।
୦. ବାନ୍ତି ଲାଗେ।
୦. ପତଳା ଝାଡ଼ା ହୁଏ।

## ନିଦାନ : -

୧. ସଂକେତ ଓ ଲକ୍ଷଣ ଦେଖି।

୨. ରକ୍ତ, ତଣ୍ଟିସ୍ରାବ ଓ ପରିସ୍ରାରେ ରୁବେଲା ଭାଇରସ ଦେଖି।

୩. ରକ୍ତରେ ରୁବେଲା ଆଣ୍ଟିବଡ଼ି ଦେଖି। 1gm ଓ 1gG ଆଣ୍ଟିବଡ଼ି ଦେଖାଯାଏ।

## ପ୍ରତିଷେଧକ : -

ଏହି ରୋଗ ଟୀକା ଦ୍ୱାରା ପ୍ରତିଷେଧ କରାଯାଏ। କେବଳ ରୁବେଲା ଟୀକା ଦିଆଯାଏ ନାହିଁ। ତିନିଗୋଟି ରୋଗ ପ୍ରତିଷେଧକ କରିବାକୁ ଟୀକା ଦିଆଯାଏ। ତାହା ହେଲା

mmR (Mumps, Measles, Rubella) ଟୀକା।

୧ମ ଡ଼ୋଜ MMR ଟୀକା - ୯ମାସ ପୂର୍ଣ୍ଣ ଠାରୁ ୧୨ମାସ ପର୍ଯ୍ୟନ୍ତ ପିଲାଙ୍କୁ ଦିଆଯାଏ।

୨ୟ ଡ଼ୋଜ MMR ଟୀକା - ୧୬ - ୨୪ ମାସର ପିଲାଠାରୁ ୪ -୬ ବର୍ଷର ପିଲାଙ୍କୁ ଦିଆଯାଏ।

ଥରେ ରୁବେଲା ହେଲେ ଅଧିକାଂଶ ଲୋକଙ୍କୁ ଜୀବନସାରା ଇମ୍ୟୁନିଟି ଦିଏ। ତଥାପି ଏହା ୧୦୦% ନୁହେଁ।
କେତେକ ଲୋକ ଯିଏ ସଂପୂର୍ଣ୍ଣ ଟୀକା ନେଇଥିବେ ସେମାନେ ବି ଭାଇରସ ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି। ଏହି ଟୀକା ଗର୍ଭବତୀ ମାଆଙ୍କୁ ଦିଆଯାଏ ନାହିଁ।

## ଜଟିଳତା : -

୧. ଆରଥ୍ରାଇଟିସ    ୨. ଅଟାଇଟିସ ମେଡ଼ିଆ
୩. ଏନକେଫାଲାଇଟିସ    ୪. ନିମୋନିଆ
୫. ବ୍ରୋଂକାଇଟିସ    ୬. ପ୍ଲେଟଲେଟ ପରିମାଣ କମ ହେବା।
୭. ବ୍ଲିଡ଼ିଙ୍ଗ ପ୍ରୋବଲେମ ଦେଖାଦେବା। ୮. ଅଣ୍ଡକୋଷ ଫୁଲିବା।
୯. ସ୍ନାୟୁ ଇନ୍‌ଫ୍ଲାମେସନ ହେବା।
୧୦. କନଜେନିଟାଲ ରୁବେଲା ସିଣ୍ଡ୍ରୋମ (CRS) -

ଯଦି ମା ୧୨ ସପ୍ତାହ ଗର୍ଭବତୀ ଥିବା ସମୟରେ ରୁବେଲା ହୁଏ ତେବେ ପିଲାକୁ କନଜେନିଟାଲ ରୁବେଲା ସିଣ୍ଡ୍ରୋମ ହୁଏ। ଏହି ରୋଗ ହେଲେ ଗର୍ଭନଷ୍ଟ ହୁଏ। ଆଉ ଯେଉଁ ପିଲା ଜନ୍ମ ହୁଅନ୍ତି ସେମାନଙ୍କର ବିଭିନ୍ନ ପ୍ରୋବଲେମ ଦେଖାଯାଏ। ସେଗୁଡ଼ିକ ହେଲା

୧. ବୃଦ୍ଧିହେବା ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ।
୨. ଆଖିରେ ମୋତିଆବିନ୍ଦୁ ହେବା।
୩. କାଲା ହେବା।    ୪. ଜନ୍ମଗତ ହୃତପିଣ୍ଡ ଦୋଷ ଦେଖାଯିବା।
୫. ଜନ୍ମ ସମୟରେ ଓଜନ କମ ହେବା।
୬. ଗ୍ଲୁକୋମା ଦେଖାଯିବା।
୭. ଜନ୍ମ ସମୟରେ ଚର୍ମରେ ରାସ ଦେଖାଯିବା।
୮. ବୁଦ୍ଧି ବାଧାପ୍ରାପ୍ତ ହେବା।
୯. ଅନ୍ୟାନ୍ୟ ଅରଗାନ ଯଥା ଯକୃତ, ବୃକକ, ପାନକ୍ରିଆସ, ପ୍ଲିହା ଆଦିରେ ଦୋଷ ଦେଖାଯିବା।

## ମିଜଲସ ଓ ରୁବେଲା ମଧ୍ୟରେ ପ୍ରଭେଦ କ'ଣ ?

୧. ମିଜଲସ - ମିଜଲସ ବା ରୁବିଓଲା (Rubeolla) ଭାଇରସ ଯୋଗୁ ହୁଏ। ରୁବେଲା, ରୁବେଲା ବା ଜରମାନ ମିଜଲସ (German Measles) ଭାଇରସ ଯୋଗୁ ହୁଏ।
୨. ମିଜଲସର ଲକ୍ଷଣଗୁଡ଼ିକ ପ୍ରଖର କିନ୍ତୁ ରୁବେଲାର ଲକ୍ଷଣଗୁଡ଼ିକ ଧୀର।
୩. ଗର୍ଭବତୀ ମାଆଙ୍କୁ ମିଜଲସ ହେଲେ ପିଲାର କିଛି କ୍ଷତିହୁଏ ନାହିଁ। କିନ୍ତୁ ଗର୍ଭବତୀ ମାଆଙ୍କୁ ରୁବେଲା ହେଲେ ପିଲାର ବିଭିନ୍ନ ଜନ୍ମଗତ ଦୋଷ ହୁଏ।

## ଏକାପରି ଦେଖାଯାଉଥିବା ରୋଗ : -

୧. ମିଜଲସ
୨. ସ୍କାରଲେଟ ଫିଭର
୩. ରୋଜିଓଲା ଇନଫ୍ଲାଣ୍ଟମ
୪. ଏଣ୍ଟରୋଭାଇରାଲ ଇନଫେକସନ
୫. ଡ୍ରଗ ଫିଭର
୬. ଇନଫେକ୍ଟିଅସ ମନୋନ୍ୟୁକ୍ଲିଓସିସ
୭. ଇରିଥ୍ରିମା ଇନଫେକ୍ଟିଓସମ
୮. କକ୍ସସାକି ଭାଇରସ ଇନଫେକସନ

## ରିସ୍କ ଫ୍ୟାକ୍ଟରସ : -

୧. ରୁବେଲା ସଂକ୍ରମିତ ରୋଗୀ ସଂସ୍ପର୍ଶରେ ଆସିଲେ।
୨. ରୁବେଲା ଟୀକା ନେଇନଥିଲେ।
୩. ଅଧିକ ଲୋକ ଗହଳି ଜାଗା।
୪. ରୁବେଲା ଟୀକା ପାଇଁ ଦୁର୍ବଳ ପ୍ରତିଷେଧକ ରେସପନସ।
୫. ମେଡ଼ିକାଲ ପରସନେଲ।
୬. ପ୍ରଜନନକ୍ଷମ ସ୍ତ୍ରୀ ଲୋକମାନଙ୍କ ଦେହରେ ରୁବେଲା ପାଇଁ ଇମ୍ୟୁନିଟି ନଥିଲେ।

## ଚିକିତ୍ସା :

ଏହାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହି। ଏ ପର୍ଯ୍ୟନ୍ତ କୌଣସି ଆଣ୍ଟିଭାଇରାଲ ମେଡ଼ିସିନ ବାହାରିନାହିଁ।
ଯାହା ଚିକିତ୍ସା ଦିଆଯାଏ, ସେ ହେଉଛି ସପୋର୍ଟିଭ ଚିକିତ୍ସା।

୧. ଅଲଗା ହୋଇ ରହିବା।    ୨. ବେଡ଼ରେଷ୍ଟ ନେବା।
୩. ଅଧିକ ପରିମାଣର ପାଣି ପିଇବା।
୪. ବ୍ୟଥା, ଜ୍ୱର କମିବା ପାଇଁ ପାରାସେଟାମଲ, ଏସିଟାମିନୋଫେନ, ଆଇବୁପ୍ରୋଫେନ ଇତ୍ୟାଦି ଦିଆଯାଏ।
୫. ଗର୍ଭବତୀ ମା'ଙ୍କୁ ହାଇପରଇମ୍ୟୁନଗାମା ଗ୍ଲୋବୁଲିନ ଦିଆଯାଏ।
୬. ଅନ୍ୟାନ୍ୟ ସଂକେତ ଲକ୍ଷଣ ଅନୁସାରେ ଚିକିତ୍ସା।

କୌଣସି ଲୋକର ଜ୍ୱର ହେଲେ, ମୁଣ୍ଡବିନ୍ଧା ହେଲେ, ନାକ ଚୁଣ୍ଟି ହେଲେ, ନାକରୁ ପାଣି ବାହାରିଲେ, ଆଖି ଲାଲ ହେଲେ, କାଶ ହେଲେ, ତଣ୍ଟି ଦରଜ ହେଲେ, ମୁଣ୍ଡର ନିମ୍ନଭାଗରେ ବେକର ପଛପଟେ କାନର ପଛପଟେ ଲସିକାଗ୍ରନ୍ଥିଗୁଡ଼ିକ ବଡ଼ହୋଇ ଦରଜ ହେଲେ, ଦେହରେ ନାଲିଚିହ୍ନ ଦେଖାଦେଲେ, ଗଣ୍ଠିବିନ୍ଧା ହେଲେ, ମାଂସପେଶୀ ଦରଜ ହେଲେ, ପତଳାଝାଡ଼ା ହେଲେ, ବାନ୍ତି ଲାଗିଲେ, ଦୁର୍ବଳ ଲାଗିଲେ ଡ଼ାକ୍ତରଙ୍କ ପରାମର୍ଶ କରି ପରୀକ୍ଷା କରି ଚିକିତ୍ସା କରିବା ଉଚିତ। ନଚେତ ଜୀବନ ପ୍ରତି ବିପଦ ଆସିପାରେ।

**ପୂର୍ବତନ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ, ଖୋର୍ଦ୍ଧା**
**ଦୂରଭାଷ-୯୪୩୭୧୦୭୬୧୩**

# ଖୁସିଟିଏ ଅନେକ ରୂପରେ

ଆରତି ପ୍ରହରାଜ



ଅନେକ ଦିନପରେ ଖୁସି ସହ ହୋଇଗଲା ଭେଟ
ପଚାରିଲି ତାକୁ
କୋଉଠି ରହୁଛୁ ଯେ ଏବେ, ଦେଖାନାହିଁ ତୋର
କାହିଁ ଏଇଠି ତ ଅଛି, ହସି ଦେଲା ସିଏ
ବେଶୀ ଫୁଲେଇ ହଉଛୁ କି ??
ଏଇ ଦେଖ୍ ତୋ ଭଉଣୀ ଦୁଃଖକୁ
ଦିନେ ଦୁଇଦିନେ ଚାଲିଆସେ ଦେଖା କରିବାକୁ
ଆରେ ନା ମୁଁ ବି ତ ଆସେ
ଅଣଦେଖା କର ମୋତେ ତୁମେ
ଆଚ୍ଛା...... ଅଣଦେଖା ? କହି ଚାଲିଲା ସେ
ମୁଁ ରହେ ପିଲାଙ୍କର ହସ ହସ ସତେଜ ମୁହଁରେ
କେବେ ପୁଣି ରହିଯାଏ ଦେଖାହେଲେ ବନ୍ଧୁ ସହିତରେ
ଆଉ କେବେ ମନଛୁଆଁ ସିନେମା ଦେଖାରେ
ଅବା ପୁଣି ହଜିଯିବା ଚିଜଟିଏ ମିଳିଯିବା ପରେ
ଲୁଚେ ମୁହିଁ ପତିପତ୍ନୀ ଭଲ ପାଇବାରେ
ଥାଏ ମୁହିଁ ବରଷାର ପହିଲି ସ୍ପର୍ଶରେ
ମନ ମତାଣିଆ ଗୀତ ଲହରୀରେ
ଅବା ଥାଏ ସୁରଭିତ କୁସୁମ କୋଳରେ
ଛପିଥାଏ ଯାଇ ମୁହିଁ ଚିକ୍‌ଚିକ୍ କରୁଥିବା ଆଖି ପଲକରେ
ରାକ୍ଷୀଟିଏ ବାନ୍ଧୁଥିବା ଭଉଣୀ ମନରେ
ଆହୁରି ବି ଥାଏ ମୁହିଁ ତୃପ୍ତିଭରା ହସୁଥିବା
ପିତାମାତା ଲୋଚକୋଚ ବଦନରେ
ବାଣ୍ଟିଦିଏ ନିଜକୁ ମୁଁ କ୍ଷୁଦ୍ର କଣିକାରେ
କ୍ଷଣକ୍ଷଣରେ, ଅନୁଭବରେ ଆଉ
ଆନନ୍ଦର ପ୍ରତି ମୁହୂର୍ତ୍ତରେ
ଆଉ ତୁମେ ମୋତେ ଖୋଜୁଥାଅ ବଡ଼ ଆକାରରେ
ବିଶାଳ ରୂପରେ
ଏବେ ଜାଣିଲ ତ ମୋତେ ?
ଆଖିଖୋଲି ଦେଖିବାରେ, ଏଠି ସେଠି ସହଜରେ
ପାଇଯିବ ହାତେ ।

ଭୁବନେଶ୍ୱର, ଭି.ଏସ୍.ଏସ୍ ନଗର
ମୋ - ୯୪୩୮୩୬୦୨୫୨

# ଫିନାଇଲର ବ୍ୟବହାରରେ ସତର୍କତା

ଫିନାଇଲ୍‌ରେ କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରପାଇଁ କ୍ଷତି ଘଟାଇଥାଏ।

୧. ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହଛି।
୨. ଫିନାଇଲିରେ ଥିବା ଫିନେଲ କୀଟାଣୁନାଶକ ରୂପେ କାମ କରିଥାଏ। ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ।
୩. ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ଶରୀରର ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ - ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ।
୪. ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ କ୍ଷତି ଘଟାଇଥାଏ।
୫. ଏହା ନିଶ୍ୱାସ ମାଧ୍ୟମରେ ଭିତରକୁ ଚାଲିଯାଏ ତେବେ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ।

# ମାଛ ମସଲା



ସୌମିତ୍ରା ହରିଚନ୍ଦନ

**ସାମଗ୍ରୀ : - ବଡ଼ କଟା ମାଛ - ୫୦୦ ଗ୍ରାମ, ପିଆଜ (ବଡ଼) - ୪ଗୋଟା, ରସୁଣ - ୨ବୁଦା ,ଟମାଟୋ - ୨ଗୋଟା, ଲଙ୍କା, ଲୁଣ, ହଳଦୀ - ଆବଶ୍ୟକ ଅନୁଯାୟୀ, ଗରମ ମସଲା ଗୁଣ୍ଡ - ୧ ଚାମଚ, ତେଲ - ୨୦୦ ଗ୍ରାମ ଓ କଟା ଧନିଆ ପତ୍ର**

**ପ୍ରସ୍ତୁତ ପ୍ରଣାଳୀ -**

**ପ୍ରଥମେ ମାଛକୁ ଭଲ ଭାବରେ ଧୋଇ ହଳଦୀ ଓ ଲୁଣ ଦେଇ ଭଲଭାବେ ଭାଜି ନିଅନ୍ତୁ। ମାଛ ଭାଜିବା ପରେ ସେଇ ତେଲରେ କଟା ପିଆଜ ପକାଇ ଭାଜନ୍ତୁ। ଏହା ବାଦାମୀ ରଙ୍ଗ ହେଇଆସିଲେ ଏଥିରେ ପିଆଜ, ରସୁଣ, ଲଙ୍କା ଓ ଟମାଟୋ ବାଟଣ ଦେଇ ଭଲଭାବେ କଷିନେବେ। କଷିବାବେଳେ ଆବଶ୍ୟକ ଅନୁଯାୟୀ ଲୁଣ ଓ ହଳଦୀ ପକାଇବେ। ତା'ପରେ ୧୧/୨ କପ୍ ପାଣି ଦେଇ ପାଣି ଫୁଟି ଆସିଲେ ଭଜାମାଛ ଖଣ୍ଡ ପକାଇ ୫/୭ ମିନିଟ୍ ଫୁଟାନ୍ତୁ ଓ ମଖା ମଖା ହୋଇଆସିଲେ ଗରମ ମସଲା ଗୁଣ୍ଡ ଓ କଟା ଧନିଆ ପତ୍ର ପକାଇ ଗ୍ୟାସ ବନ୍ଦ କରିଦିଅନ୍ତୁ। ସାମାନ୍ୟ ଗରମ ଥିବାବେଳେ ଖାଇବା ଆରମ୍ଭ କରନ୍ତୁ।**

ଦୂରଭାଷ-୧୪୪୩୪୯୫୦୦



# ଶ୍ରୀ ଜଗନ୍ନାଥ ସଂସ୍କୃତିରେ ଛେରା ପହଁରା ଏକ ସାମାଜିକ ଉପଚାର

**ଶ୍ରୀ ବିଭୂତି ଭୂଷଣ ସେନାପତି**

ସଂସ୍କୃତି ମାନବ ଜାତିର ପ୍ରାଣ । ଏହାକୁ ଆଧାର କରି ଉତ୍କଳ ଆଜ ଚରମ ସୀମାରେ ଉପନୀତ। ମାନବ ସଭ୍ୟତା ଉନ୍ନତି ଅର୍ଥ ସଂସ୍କୃତିର ଉନ୍ନତି। ସଂସ୍କୃତି ସମାଜ ଦ୍ୱାରା ସ୍ୱୀକୃତି ପାଇସଭ୍ୟତାରେ ପରିଣତ ହୁଏ। ଅନେକ ସଂସ୍କୃତିର ବିଲୟ ପରେ ଆଧୁନିକ ବିଶ୍ୱରେ ଯେଉଁ ଚାରିଟି ସଂସ୍କୃତି ଗଢି ଉଠିଛି ତାହା ହେଲା ଋଷୀୟ ସାମ୍ୟବାଦ ସଂସ୍କୃତି, ଖ୍ରୀଷ୍ଟିୟାନ ସଂସ୍କୃତି,ଇସଲାମୀୟ ସଂସ୍କୃତି ଓ ଶ୍ରୀ ଜଗନ୍ନାଥ ସଂସ୍କୃତି। ଅନ୍ୟ ପକ୍ଷରେ ଭାରତୀୟ ହିନ୍ଦୁ ସଂସ୍କୃତି ଚାରିଟି ପର୍ଯ୍ୟାୟରେ ବିଭକ୍ତ ତାହା ପ୍ରାକ୍



ବୈଦିକ, ଅନାର୍ଯ୍ୟ ସଂସ୍କୃତି, ଅନାର୍ଯ୍ୟ ବିଜୟ ପରେ ଆର୍ଯ୍ୟ ପ୍ରତିଷ୍ଠିତ ବୈଦିକ ସଂସ୍କୃତି,ଜୈନ ଓ ବୌଦ୍ଧ ସଂସ୍କୃତି ଚତୁର୍ଥରେ ମୂର୍ତ୍ତି ଉପାସକ ପୌରାଣିକ ସଂସ୍କୃତି । ସେହି ଦୃଷ୍ଟିକୋଣରୁ ବିଚାର କଲେ ଶ୍ରୀ ଜଗନ୍ନାଥ ସଂସ୍କୃତିର ଅନ୍ତରୀଣ ପ୍ରବାହ ସାରା ବିଶ୍ୱରେ ଉଚ୍ଛ୍ୱସିତ ପ୍ରଶଂସିତ। ଏହି ପରିପ୍ରେକ୍ଷୀରେ ସ୍କନ୍ଦ ପୁରାଣରଉତ୍କଳ ଖଣ୍ଡ ଅବଶ୍ୟ ପ୍ରଣିଧାନ ଯୋଗ୍ୟ। ବ୍ରହ୍ମା ଦେବତା ମାନଙ୍କୁ କହନ୍ତି-ଶ୍ରୀ ଜଗନ୍ନାଥ ନୀଳକାନ୍ତ ମଣିମୟ ଶରୀରରେ ଆବିର୍ଭୂତ ହୋଇ ପୁରୁଷୋତମ କ୍ଷେତ୍ରରେ ଅବସ୍ଥାନ କରୁଛନ୍ତି । ମୋ ଜୀବନ ପର୍ଯ୍ୟାୟର ଦ୍ୱିତୀୟ ପରାର୍ଦ୍ଧ କାଳର ପ୍ରଥମ ଦିନର ପ୍ରାତଃ ସମୟରୁ ଶ୍ୱେତବରାହ କଳ୍ପରେ ସ୍ୱୟମ୍ଭୂବ ନାମକ ମନୁପ୍ରବର୍ତିତ ହୋଇ ଆସୁଅଛନ୍ତି ,ଶେଷ ପର୍ଯ୍ୟନ୍ତଏଠାରେ ଅବସ୍ଥାନ କରିବେ ।"ଶ୍ୱେତ ବରାହ କଳ୍ପରେ ବ୍ରହ୍ମା ଜଗନ୍ନାଥ ନୀଳଶୈଳରେ ନୀଳମାଧବକୁ ଓ ଅଜ ଶବର କଳେବର ଅରଣ୍ୟରେ ଶ୍ରୀ ଶବରୀ ନାରାୟଣଙ୍କୁ ଉପାସନା କରୁଥିଲେ। ଶ୍ରୀଶବରୀ ନାରାୟଣ, ଶ୍ରୀ ନୀଳ ମାଧବ ଓ ଶ୍ରୀ ଜଗନ୍ନାଥ ସମସ୍ତେ ଏକ ଓ ଅଭିନ୍ନ। ଶ୍ରୀଯୁକ୍ତ ସଦାଶିବ ରଥଶର୍ମା ଗବେଷଣାରୁ ଉପଲବ୍ଧ୍ୟ ତଥ୍ୟ ପ୍ରକାଶ କରନ୍ତି-ଆଜକୁ ପ୍ରାୟ ୧୫୬ କୋଟି ବର୍ଷ ପୂର୍ବରୁ ଶ୍ରୀଜଗନାଥ ଉପାସନା ଉତ୍କଳରେ ପ୍ରଚଳିତ ଶ୍ରୀଜଗନ୍ନାଥ ସଂସ୍କୃତିର ଅନାର୍ଯ୍ୟ ଭାବ, ଆର୍ଯ୍ୟ ଭାବ, ହିନ୍ଦୁ, ଜୈନ, ବୌଦ୍ଧ, ଶାକ୍ତ, ଶୈବ, ଗାଣପତ୍ୟ ଓ ବୈଷ୍ଣବଭାବ ପ୍ରଭୃତି ପ୍ରକଟିତ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ସର୍ବ ପୁରାତନ ସଂସ୍କୃତି ଯାହାକୁ କେବେ ଅସ୍ୱୀକାର କରିହେବ ନାହିଁ । ସେହି ଜଗନ୍ନାଥଙ୍କର ବର୍ଷର ବିଭିନ୍ନ ସମୟରେ ବହୁ ପର୍ବ ପର୍ବାଣୀ ପାଳିତ ହୁଏ । ତନ୍ମଧ୍ୟରେ ଛେରା ପହଁରା ଏକ ନିତ୍ୟ ନୈମିତିକ ପରଂପରା । ଏହା ଦେବ ଉପାସନାର ଏକ ମାଧ୍ୟମ ।ଛେରା ଅର୍ଥ ବହଳିଆ ଚଂଦନ ଓ ପହଁରା ଅର୍ଥ ଖରକିବା । ଆମ୍ଭେମାନେ ଏହାକୁ ସରଳ ଅର୍ଥରେ ବୁଝିଲେ ମଧ୍ୟ ପ୍ରକୃତରେ ଏହା ଗଜପତି ମହାରାଜ କର୍ତ୍ତୃକ ଓ ଶ୍ରୀ ଜଗନ୍ନାଥ ସେବା ବିଧିର ଅନ୍ୟତମ ପଦ୍ଧତି । ଚନ୍ଦନ ପାଣି ପକାଇ ରଥ ମାର୍ଜ୍ଜନରେ ଛେରା ପହଁରାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଗଜପତି ମହାରାଜାଙ୍କ ସେବାରେ ଛଅଟି ବିଭାବ ରହିଛି । ଦର୍ଶନ, ରାଜନୀତି, ବଂଦାପନା, କର୍ପୁର ଆଳତୀ, ଆଲଟସେବା, ଚାମରସେବା ଓ ପୟରମାଳା ଗ୍ରହଣ । ପ୍ରଥମେ ପୁଷ୍ପ ସହ ରଥ ଦୈବତମ୍ ସ୍ୱାଗତମ୍,ତତଃ ମାର୍ଜେନ ହସ୍ତେନ ସମାର୍ଜନମ୍ । ଦ୍ୱିତୀୟତଃ ତତଃପରଂ ଚନ୍ଦନଜଳୈଃ ମାର୍ଜନ ତ୍ରିବିଧାର୍ଚ୍ଛନମ୍ । ଯାହାକୁ ମାର୍ଜନ, ସଂସ୍କାର ପବିତ୍ରିକରଣ କହନ୍ତି । ଗଜପତି ମହାରାଜା ଶ୍ରୀ ଜଗନ୍ନାଥଙ୍କ ଆଦ୍ୟ ସେବକ ଓ ଛେରା ପହଁରାର କର୍ତା । ଗଜପତି ଦେବ ଚାରିଟି ନାମ ପର୍ଯ୍ୟାୟକ୍ରମେ ବଦଳୁଥାଏ ତାହା ରାମଚନ୍ଦ୍ର ଦେବ, ବୀରକିଶୋର ଦେବ, (ବାସୁଦେବ ରଥଙ୍କ ଗଙ୍ଗ ବସଦିବ୍ୟସିଂ ଦେବ ଓ ମୁକୁନ୍ଦ ଦେବ । ଗଜପତି ଦିବ୍ୟସିଂହ ଦେବ ୪ର୍ଥଙ୍କ ପିଲାଦିନର ନାମ କାମାର୍ଣ୍ଣବ ଦେବ ତାଙ୍କ ପରେ ମୁକୁନ୍ଦ ଦେବ ୪ର୍ଥ । ଏହି ପରଂପରାର ଦ୍ୱତୀୟ ରାମଚନ୍ଦ୍ର ଦେବଙ୍କ ସମୟ-୧୭୨୭ରୁ ୧୭୩୬ । (ବାସୁଦେବ ରଥଙ୍କ ଗଙ୍ଗ ବଂଶ ଚରିତ ଅନୁସାରେ ସୂର୍ଯ୍ୟବଂଶ ପ୍ରତିଷ୍ଠାତା କପିଳେନ୍ଦ୍ର ଦେବ,ଚତୁର୍ଥ ଭାନୁଦେବଙ୍କ ମନ୍ତ୍ରୀ,ଖ୍ରୀ.୧୫୦୦ରୁ ୧୮୦୦। ଓଡ଼ିଆ ଭାଷାର ସୃଷ୍ଟି ଓ ବିକାଶ ପୃ ୫୪)। ଅନ୍ୟ ଏକ ପ୍ରମାଣାନୁସାରେ ପ୍ରତାପରୁଦ୍ର ଦେବଙ୍କ ସମୟ୧୪୯୭ରୁ ୧୫୩୩,ରାମଚନ୍ଦ୍ର ଦେବ ୧୫୩୩ରୁ ଆରମ୍ଭ ସେ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ,ପୁତ୍ର ପୁରୁଷୋତମ ଦେବ ୧୬୦୫ରୁ ୧୬୨୧,ନରସିଂ ଦେବ୧୬୪୮ରୁ ୧୬୫୭,ମୁକୁନ୍ଦ ଦେବ ୧୬୫୭ରୁ ୧୬୮୮,ପ୍ରଥମ ଦିବ୍ୟସିଂଦେବ ୧୬୮୮ରୁ ୧୭୧୬ ଓଡିଶାରେ ଗଜପତି ସିଂହାସନ ଆରୋହଣ କଲେ ସଂଗୃହୀତ ଗବେଷକ ଉପେନ୍ଦ୍ରପ୍ରସାଦ ଦଳାଇ ପୃ.୫୪)। ଚକ୍ର କ୍ଷେତ୍ର କୋଣାର୍କର ମାଘ ସପ୍ତମୀ ଅନୁଷ୍ଠିତ ସୂର୍ଯ୍ୟନାରାୟଣ ରଥର ଛେରାପହଁରା,ଚୈତ୍ରଶୁକ୍ଳ ଅଷ୍ଟମୀରେ ପଦ୍ମକ୍ଷେତ୍ର ଲିଂଗରାଜଙ୍କ ଅଶୋକାଷ୍ଟମୀର ଛେରା ପହଁରା, ଗଦାକ୍ଷେତ୍ର ଯାଜପୁର ଅନୁଷ୍ଠିତ ବିରଜା ରଥର ଛେରା ପହଁରା ସେବା ବିଧି ରକ୍ଷାପୂର୍ବକ ଆୟୋଜନ କରାଯାଏ ।ଏହା ସ୍ୱୀକୃତ ରଥ ଯାତ୍ରାର ଛେରାପହଁରା ସେବା ଗଜପତିଙ୍କ ଅବର୍ତମାନରେ ମୁଦିରଥଙ୍କ ଦ୍ୱାରା ସଂପାଦିତ ହୋଇଥାଏ । ଅନ୍ୟ ପକ୍ଷରେ ରାମଚଂଦ୍ର ବଡଯେନା ରାଉତ ରାଜୁତିରେ

ମୁନିଖାଁ ଡରରେ ମୋଗଲ ହେଲେ। ତେଣୁ ୧୫୦୮ ରଥଯାତ୍ରାରେ ସେ ଛେରା ପହଁରା କରିପାରିବେ ନାହିଁ ବୋଲି ଆଦେଶ ମିଳିବାରୁ ନାରାୟଣ ମହାପାତ୍ର ଛେରା ପହଁରା କଲେ । (ରଥ ଚକଡ଼ା ଭିକାରୀ ପଟ୍ଟନାୟକଙ୍କ ଲିଖିତ) ରାମଚନ୍ଦ୍ର ଦେବଙ୍କ ପରେ ବୀର କିଶୋର ଦେବ ଗଜପତି ହେବାରୁ ସେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କଲେ । ପରବର୍ତ୍ତୀ ପର୍ଯ୍ୟାୟରେ କପିଳେନ୍ଦ୍ର ଦେବ ଛେରା ପହଁରା ବିଧିରେ ରହିଲେ । ଏକ ବିଶେଷ ପରିସ୍ଥିତିରେ ପୁରୁଷୋତମ ଦେବ ଛେରା ପହଁରା କାର୍ଯ୍ୟ କରିଥିଲେ। କେତେକ ମତ ଦିଅନ୍ତି-କପିଳେନ୍ଦ୍ର ଦେବ ପାଟ ରାଣୀ ଗର୍ଭରୁ ପ୍ରଥମ ସଂତାନ ହମିର ଜାତ ହୋଇଥିଲେ । କୌଣସି କାରଣରୁ କିପିଳେନ୍ଦ୍ର ଦେବଙ୍କ ମୃତ୍ୟୁ ପରେ ହମିରଙ୍କ ଅନୁପସ୍ଥିତି ବଶତଃ ପୋଇଲୀ ପୁଅ ପୁରିଆ ବା ପୁରୁଷୋତମ ଦେବ ଉତରାଧିକାରୀ ହୋଇ ସିଂହାସନରେ ବସିଲେ ଓ ଛେରା ପହଁରା କାର୍ଯ୍ୟ ସଂପାଦିତ କଲେ। ପଂଡିତ ହରିହର ବାହିନିପତିଙ୍କ ମତାନୁସାରେ କାଂଚି ରାଜ ସାଲ୍ୱ ନରସଂହ ଦେବ ସ୍ୱୀୟ ପଦ୍ମିନୀ କନ୍ୟା ରୂପାମ୍ବିକା ସହ ଚଣ୍ଡାଳର କୁତ୍ସିତ କାର୍ଯ୍ୟ କରୁଥିବା ପୁରୁଷୋତ୍ତମ ଦେବଙ୍କ ବିବାହ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କଲେ। ଯାହାଦ୍ୱାରା ଗଜପତି କାଂଚି ଆକ୍ରମଣ କରିବାରୁ ଶ୍ରୀ ଗୁଂଡିଚା ରଥ ଯାତ୍ରା ସେହି ସମୟରେ ଅନୁଷ୍ଠିତ ହେଲା । ପୁରୁଷୋତ୍ତମ ଦେବ ଯୁଦ୍ଧକ୍ଷେତ୍ର ପରିତ୍ୟାଗ କରିବାକୁ ବାଧ୍ୟ ହେଲେ । ରୂପାମ୍ବିକା ନାମ ପଦ୍ମାବତୀ ରଖାଗଲା । ପ୍ରତିଦିନ ଗଜପତି ସୁବର୍ଣ୍ଣ ଆରତି ଦାନିରେ କର୍ପୁର ବସାଇ ଆଳତି କରି ଆଲଟ ଚାମର ସେବା କରି ଥାଆନ୍ତି । ପୂର୍ବରୁ ଗଜପତି ପ୍ରତ୍ୟହ ଏହି ସେବା କରୁଥିଲେ । କିନ୍ତୁ କିଛିଦିନ ପରେ ଯେତେବେଳେ ସେ ଶ୍ରୀ ଜୀଉଙ୍କୁ ଦର୍ଶନ କରନ୍ତି ସେହିଦିନ ରାଜନୀତି ବନ୍ଦାପନା ସଂଗେ ସଂଗେ ଗର୍ଭଗୃହ ସମାର୍ଜନା କରୁଥିଲେ । ଆଜିକିଂତୁ ରଥ ଦିନ ଛେରା ପହଁରା କାର୍ଯ୍ୟ ସଂପାଦିତ ହେଉଛି । ରଥଯାତ୍ରା ଦିନ ତିନି ରଥରେ ଠାକୁର ବିଜେ ଓ ବାହୁଡ଼ା ରଥରେ ଗଜପତି ଛେରା ପହଁରା କାର୍ଯ୍ୟ କରି ଥାଆନ୍ତି । ଗଜପତିଙ୍କ ଅନୁପସ୍ଥିତିରେ ମୁଦିରଥ କାର୍ଯ୍ୟସଂପନ୍ନ କରନ୍ତି। ଶ୍ରୀଜୀଉମାନେ ସ୍ନାନ ବେଦୀ କିଂବା ଗୁଣ୍ଡିଚା ରଥ ଉପରକୁ ପହଣ୍ଡି ବିଜେ କରୁଥିଲେ ଚନ୍ଦନ ଛେରା ପକାଯାଏ ଓ ସୁନା ଖଡିକାରେ ପହଣ୍ଡି ବିଜୟ ପଥ ସମାର୍ଜ୍ଜନା କରାଯାଏ । କାଂଚି କାବେରୀ କାବ୍ୟରେ ଉଲ୍ଲେଖ ଅଛି-ପହଣ୍ଡି ବିଜେ ବେଳେ ଓଡିଶା ରାଜନ ଚନ୍ଦନ ଛେରା ପକାଇ ଖରକନ୍ତି।

୧୪୬୦ ଖ୍ରୀରେ ଗଜପତି ପ୍ରତାପରୁଦ୍ରଦେବ ବଡଦାଣ୍ଡ ଓଳାଇ ଥିଲେ ବୋଲି ଐତିହାସିକମାନେ ମତ ଦିଅନ୍ତି । ଆହୁରି ମଧ୍ୟ ଶ୍ରୀଚୈତନ୍ୟ ସ୍ୱୟଂ ରଥ ଯାତ୍ରା ବେଳେ କାଶୀ ମିଶ୍ର, ତୁଳସି ପରିଛା ଓ ବାସୁଦେବ ସାର୍ବଭୌମକୁ ଡାକି ଆଣି ନିଜ ବସ୍ତ୍ରରେ ଗୁଣ୍ଡିଚା ଗୃହ ଓ ରତ୍ନବେଦୀ ସମାର୍ଜନ କରନ୍ତି । ନିଜେ ବସ୍ତ୍ରେହସ୍ତେ ପ୍ରଭୁ ଗୃହ ସମାର୍ଜ୍ଜନ/ମହାପ୍ରଭୁ ନିଜ ବସ୍ତ୍ରେ ମାର୍ଜି ସିଂହାସନ ।"(ଶ୍ରୀ ଚୈତନ୍ୟ ଚରିତାମୃତ) ଅଧୁନା ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂ ଦେବ ଉପସ୍ଥିତି ବ୍ୟତିରେକ ଛେରା ପହଁରା ହୋଇ ପାରିବ ନାହିଁ । ଏହି ଛେରାପହଁରା କାର୍ଯ୍ୟରେ କାହାଳିଆ ଓ ରାଜଗୁରୁ ନିଯୁକ୍ତ ହୁଅନ୍ତି । ଗରାବଡୁ, ଭଣ୍ଡାରମେକାପ, ଦୟଣାମାଳୀ ଓ ଘଟୁଆରୀ ଆଦି ବ୍ୟବହୃତ ହୋଇଥାଏ । ଶ୍ରୀ ମନ୍ଦିରରୁ ଦେଉଳିକରଣ,କୋଠ କରଣ,ଚଢାଉକରଣ ଓ ଚାଙ୍ଗଡା କରଣ ପ୍ରଭୃତି ସେବାୟତ ଗଣ ଗଜପତିଙ୍କୁ ଆମନ୍ତ୍ରଣ କରିଥାଆନ୍ତି । ବୈଦିକ ସ୍ତୋତ୍ର ଓ ଗ୍ରହବିପ୍ରଙ୍କ ମଂଗଳାଚରଣ ପାଠ ପରେ ରାଜଲକ୍ଷ୍ମୀ କନକ ଦୁର୍ଗାଙ୍କୁ ଦର୍ଶନ କରିକାହାଳି ବାଜିଲେ ଗଜପତି ରାଜ ଉଆସରୁ ବିଜେ କରନ୍ତି। ପୂର୍ବରୁ ସେ ଗଜ ଆରୋହଣ କରି ଆସୁଥିଲେ ଆଜି କିନ୍ତୁ ମେହେନା ବା ପାଲିଙ୍କିରେ ଆସୁଛନ୍ତି । ସେଥିପାଇଁ ତାଙ୍କୁ ଧଳା ପୋଷାକ ପିନ୍ଧି ବାକୁ ପଡିଥାଏ। ଏତଦ୍ ବ୍ୟତିତ ଶ୍ୱେତ ଚପକନ୍, ଶୁଭ୍ର ପଗଡ଼ି, ପରମୂଳ ରକ୍ତବର୍ଣ୍ଣର ଫାଛୁଡା ପରିଧାନ କରିଥାଆନ୍ତି ଗଜପତି ବଳଦେବଙ୍କ ତାଳଧ୍ୱଜ ରଥ ପାଖରେ ଠିଆ ହେବା ପରେ ଦଇତାପତିମାନେ ତାଙ୍କୁ ଚାରଣ ମାଳା ଉପରେ ବଡବାଡ ରଥ ଉପରକୁ ପାଛୋଟି ନେଇ ଥାଆନ୍ତି ।

ଶ୍ରୀ ଜୀଉଙ୍କ ଦରବାରରେ ଛେରା ପହଁରା ଏକ ଆଦର୍ଶ ପ୍ରଥା ଯାହାକୁ ରାଜା ପ୍ରଜା ସମସ୍ତେ ସମାନ ଭାବରେ ଉପଭୋଗ କରନ୍ତି । ସେଠାରେ ଧନୀ ଦରିଦ୍ରର ପାର୍ଥକ୍ୟ ନଥାଏ ସେଥିପାଇଁ କୁହାଯାଏ-ଆମ ଏ ରାଇଜେ ନୀଚ କେ ନୁହଁଇ ହୀନ ନୁହେଁ କାର କର୍ମ/ଝାଡୁ ଧରି ଛେରା ପହଁରା କରିବା ଯେ ଦେଶେ ରାଜାର ଧର୍ମ ।" ଏହି ସବୁ ଦୃଷ୍ଟି କୋଣରୁ ବିଚାର କଲେ ଶ୍ରୀ ଜଗନ୍ନାଥ ସଂସ୍କୃତିରେ ଛେରା ପହଁରା ଏକ ମହନୀୟ କାର୍ଯ୍ୟ । ଯେଉଁଠି ଅହଂକାର ବା ଆତ୍ମବଡିମାର ପ୍ରଶ୍ନ ନଥାଏ । ହାତରେ ଝାଡୁ ଧରି ସଫା କରିବା ସାରା ଜଗତକୁ ଶିକ୍ଷାଦିଏ ଜ୍ଞାନୀ ଓ ଗୁଣୀ ଲୋକ ସଦା ସର୍ବଦା ନମ୍ରଶୀଳ । ରାଜ ଝାଡୁଦାର ଭୂମିକାରେ ଅବତୀର୍ଣ୍ଣ ହୋଇ ଉପଯୁକ୍ତ ସମ୍ମାନର ଅଧିକାରୀ । ଦିନେ ଇନ୍ଦ୍ରଦ୍ୟୁମ୍ନ ଆଭିଜାତ୍ୟ ଓ ଅହଂକାରକୁ ଦୂରେଇ ଦେବା ପାଇଁ କହିଥିଲେ -ମୋ ବଂଶରେ କେହି ନରହୁ। ତାଙ୍କରି ଅନୁସୃତ ଆଜି ଆତ୍ମ ବଡିମା ପରିହାର କରି ଝାଡୁଦାର କାର୍ଯ୍ୟ ନିର୍ବାହ କରିଛନ୍ତି । ଏହା ହେଉଛି ଶ୍ରୀ ଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ ଏବଂ ଛେରା ପହଁରା ବିଧିରେ କର୍ମର ମହନୀୟତା ଓ ଶ୍ରମର ସମ୍ମାନବୋଧ ବା ଡିଗନିଟ୍ ଅଫ୍ ଲେବର ଜଗତକୁ ଶିକ୍ଷା ଦେଉଛି ମାନବ ସମାଜ ସବୁ ବେଳେ ସାମ୍ୟବାଦର ପ୍ରହରୀ ମାତ୍ର ସମାଜବାଦର ନୁହେଁ । କ୍ଷତ୍ରିୟ ପରିପାଟୀରେ ବିଭୂଷିତ ଗଜପତି ବ୍ରାହ୍ମଣ୍ୟ ପଦ୍ଧତିରେ ପୂଜା କରେ । ବୈଶ୍ୟ ଭାବରେ ଶ୍ରୀମାଳ,ଶ୍ରୀପ୍ରସାଦ,ଶ୍ରୀକାପଡା ଗ୍ରହଣ କରେ । ଶୂଦ୍ରୋଚିତ ବ୍ୟବହାରରେ ଛେରା ପହଁରା କାର୍ଯ୍ୟ ସଂପନ୍ନ କରେ । ସୁତରାଂ ଶ୍ରୀଜଗନ୍ନାଥ ସଂସ୍କୃତିରେ ଛେରା ପହଁରା ଏକ ସାମାଜିକ ଉପଚାର ।

**ଶଚିମଣି କୁଟୀର, କୋହ୍ଲ, ତିହିଡି, ଭଦ୍ରକ,**
**ମୋ-୯୪୩୭୫୭୪୪୬୨**



# ଗୋବିନ୍ଦ ଦାସଙ୍କ ଅମାବାସ୍ୟାର ଚନ୍ଦ୍ର : ଏକ ଦୃଷ୍ଟିପାତ

**ଜବାହରଲାଲ ସୁବୁଦ୍ଧି**

ବାରିଷ୍ଟର ଗୋବିନ୍ଦ ଦାସଙ୍କ "ଅମାବାସ୍ୟାର ଚନ୍ଦ୍ର" ଉପନ୍ୟାସ ଆଧୁନିକ କାଳରେ ପାଠକମାନଙ୍କଦ୍ୱାରା ବିଶେଷ ଭାବରେ ଜନପ୍ରିୟ ଓ ସୁଖପାଠ୍ୟ। ଆମ ଦେଶ ସ୍ୱାଧୀନତା ପାଇଲା ପରେ ଆଧୁନିକ ଜୀବନଧାରାରେ ବହୁ ବିରୋଧାଭାସର ଇଙ୍ଗିତ, ଶଠତା, ଭାଣ୍ଡାମୀ ଓ ବ୍ୟଭିଚାରର ବହୁ ଅନୈତିକ ଓ ଅସାମାଜିକ ଘଟଣା ପ୍ରତ୍ୟେକ୍ଷ ଅନୁଭୂତିରେ ଆଣିଲା ପରେ ନିଜର ଅଭିଜ୍ଞତାକୁ ପୁଞ୍ଜିକରି ଔପନ୍ୟାସିକ ବାରିଷ୍ଟର ଗୋବିନ୍ଦ ଦାସ ଯଥେଷ୍ଟ ସାହସ ଓ ନିର୍ଭୀକତା ସହକାରେ ସମାଜସେବାର ଏକ ଉତ୍ସର୍ଗୀକୃତ ଓ ଉଦାର ଦୃଷ୍ଟିକୋଣ ନେଇ ବର୍ତ୍ତମାନର ସମାଜ ଓ ଲୋକଲୋଚନକୁ ଖୁବ୍ ନିବିଡ଼ ଭାବରେ ଅନୁଧ୍ୟାନ କରିଛନ୍ତି ଏବଂ ସେସବୁକୁ ଶିଳ୍ପ ସଂଗତ ରୂପ ପ୍ରଦାନ କରିବାକୁ ଯାଇ ସେ ଏକ ଅଭୁତପୂର୍ବ ଔପନ୍ୟାସିକ ସଫଳତା ଲାଭ କରିଛନ୍ତି।



ଆମାବାସ୍ୟାର ଚନ୍ଦ୍ର ୧୯୬୪ ମସିହା ଡ଼ିସେମ୍ବର ମାସରେ ଓଡ଼ିଆ ସାହିତ୍ୟର ଏକ ଅନୁପମ ଉପନ୍ୟାସର ଆଦ୍ୟ ଆତ୍ମପ୍ରକାଶ ଲାଭକରି ୨୦୧୪ ମସିହାରେ ଏହାର ୫୦ ବର୍ଷ ପୂର୍ତ୍ତି ଅର୍ଥାତ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଇଛି। ୨୦୧୫ ମସିହାରେ ପ୍ରକାଶ ପାଇଛି ଏହାର ୩୦ତମ ପୁନର୍ମୁଦ୍ରଣ। ଅମାବାସ୍ୟାର ଚନ୍ଦ୍ର ଉପନ୍ୟାସଟି ବିଦ୍ୟାଳୟ, ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ନଥାଇ ମଧ୍ୟ ତିନିଦଶାଧିକ ପୁନର୍ମୁଦ୍ରଣ ପ୍ରକାଶ ପାଇଥିବାରୁ ଏହାର ପାଠକୀୟ ଆଦୃତି ବୃଦ୍ଧି ପାଇଛି। ଓଡ଼ିଆ ପାଠକମାନେ ଅମାବାସ୍ୟାର ଚନ୍ଦ୍ର, ଔପନାସିକ ବାରିଷ୍ଟର ଗୋବିନ୍ଦ ଦାସ ଓ ଉପନ୍ୟାସର ନାୟକ 'କାଉଲ' ଚରିତ୍ର ସହିତ ଖୁବ୍ ପରିଚିତ। ଔପନ୍ୟାସିକ ଏହି ଉପନ୍ୟାସର ଚରିତ୍ର 'କାଉଲ' ଓଡ଼ିଆ ସାହିତ୍ୟର ଏକ ବିସ୍ଫୋରକ ବ୍ୟତିକ୍ରମ ଭାବେ ଧରି ନିଆଯାଇଛି। ଗୋବିନ୍ଦ ଦାସ କୁହନ୍ତି, 'ଏ ଜାତି ଯେତେବେଳେ ଜଣେ ନାୟକ ଖୋଜୁଥିଲା', ମୁଁ ଦେଇଛି 'କାଉଲୁ' କୁ। କିନ୍ତୁ ଏଇ ନାୟକ ଜଣକ ପ୍ରକୃତରେ ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରତି - ନାୟକ। ତେଣୁ ଅମାବାସ୍ୟାର ଚନ୍ଦ୍ରର ଉତ୍ସର୍ଗ ପତ୍ରରେ ଔପନ୍ୟାସିକ ବାରିଷ୍ଟର ଗୋବିନ୍ଦ ଦାସ ସେଦିନ ଲେଖିଥିଲେ - "ଯିଏ ପାପପୁଣ୍ୟକୁ ସମାଜର ତତ୍‌କାଳୀନ ମୂଲ୍ୟବୋଧରେ ବିଚାର ନକରି, ମନୁଷ୍ୟତାର ନିକିତିରେ ତଉଲି ପାରିଛି, ସେହିପରି ମହାନ ବ୍ୟକ୍ତିଙ୍କ ହାତରେ ମୋର ଏହି କାଉଲକୁ ସମର୍ପି ଦେଇଛି।"

ଗୋବିନ୍ଦଦାସଙ୍କ ଉପନ୍ୟାସର ନାମକରଣରେ ସ୍ୱତନ୍ତ୍ରତା, ଚରିତ୍ର ନାମକରଣ ଯଥା - କାଉଲ, ମନୀଷା, ଜେନି, ସଲିମ୍, ମିସ୍‌ନାରୀ ଆଜି ମଧ୍ୟ ବିଷୟ ଉପଯୋଗୀ। ଆରମ୍ଭରେ ଲେଖାଯାଇଛି ନାଟକୀୟ ଢଙ୍ଗରେ - "ତୁମେ କାଉଲ, ତୁମର ଯନ୍ତ୍ରଣା ନାହିଁ, ନାହିଁ ଅନୁଶୋଚନା। ଭାଗ୍ୟ ବିରୁଦ୍ଧରେ ନାହିଁ ବିଦ୍ରୋହ ଅଥବା ଆତ୍ମସମର୍ପଣ। ବିଜୟ ପାଇଁ ନାହିଁ ଆଗ୍ରହ, ନାହିଁ ପରାଜୟର ଭୟ। ତୁମେ ନିର୍ବିକାର, ନିରଚ୍ଛିନ୍ନ ପୁରୁଷ। ବିଥୋଭନ୍‌ଙ୍କ ଫୋର୍ଥ ସିମ୍ଫୋନି ପରି ନିଶ୍ଚଳ, ଶାନ୍ତ, ଜୀବନର ଶତ ଝଡ଼ଝଞ୍ଜା ସତ୍ତ୍ୱେ।

ତୁମ ଜୀବନ ଅନନ୍ତ ପାପର ଏକ ଗାଥା। ପାଦେ ପାଦେ ତୁମେ ଧର୍ମ, ସମାଜର ନୀତି - ନିୟମ - ଶୃଙ୍ଖଳାକୁ ଆଘାତ କରିଛ। ବାଇବେଲର ନିର୍ଦ୍ଦେଶ, କୋରାନର ଆଦେଶ, ଗୀତାର ପରାମର୍ଶ ସବୁ ତୁମ ପାଖରେ ଅବହେଳିତ। ସମସ୍ତେ ତୁମକୁ ନିନ୍ଦିବେ ପକ୍ଷାଘାତ ବ୍ୟାଧିଗ୍ରସ୍ତ ବୋଲି। ତୁମକଥା ଲେଖିଲେ ଲୋକେ ଅପବାଦ ଦେବେ। କହିବେ, ଏ କକ୍ଷଚ୍ୟୁତ, ଚରିତ୍ରହୀନ, ଲମ୍ପଟ, ଆମର ଏସମାଜକୁ କଳଙ୍କିତ କରିବ, ପରମ୍ପରା ହେବ ନଷ୍ଟ, ଭବିଷ୍ୟତର ଚିନ୍ତା ହେବ କଳୁଷିତ।

ତଥାପି ଲେଖୁଛି। କାରଣ ଅତଳସ୍ପର୍ଶୀ କଳଙ୍କ ସତ୍ତ୍ୱେ ତୁମ ଚରିତ୍ରର ଏକ ବଳିଷ୍ଠ ମର୍ଯ୍ୟାଦା ରହିଛି। ତୁମ ଜୀବନର ଘନ ଅନ୍ଧକାର ଗହ୍ୱର ମଧ୍ୟରେ ଏକ ପ୍ରଦୀପର କୋମଳ ଆଭା ମଧ୍ୟ ଲକ୍ଷ୍ୟ କରିଛି। ତୁମର କଳଙ୍କ ଯିଏ ଦେଖିବ, ସେ ଏ ଆଲୋକକୁ ମଧ୍ୟ ଅବଜ୍ଞା କରିପାରିବ ନାହିଁ। ଲୋକେ ବୁଝନ୍ତୁ ଯେ, ଅନ୍ୟକୁ ପତିତ ବୋଲି ଆଖ୍ୟା ଦେବା ସହଜ ନୁହେଁ, ବ୍ୟକ୍ତିର ପରିଧିକୁ ସମୀକ୍ଷଣ କରିବା କେତେ ଜଟିଳ। ଚରିତ୍ରହୀନତା ଭିତରେ ଥାଇପାରେ ମହତ୍ତ୍ୱ। ପାପ ଭିତରେ ମଧ୍ୟ ଥାଇପାରେ ଗୌରବ।

ତୁମ ଜୀବନରେ କିଛି ବିଡ଼ମ୍ବନା ନାହିଁ, କିଛି ପ୍ରତାରଣା ନାହିଁ, କିଛି ହିପୋକ୍ରାସି ନାହିଁ। 'ତୁମେ ସତ୍ୟ - ମୃତ୍ୟୁ ପରି ତୁମେ ଚିରଞ୍ଜିବୀ - ଅନ୍ଧକାର ପରି।'

ଏହି 'କାଉଲ' କିଏ ? ଏହି ଚରିତ୍ରଟି କ'ଣ ସତରେ ଥିଲେ ବା ଅଛନ୍ତି ? ଏଭଳି ଚରିତ୍ରକୁ ନେଇ ଅନେକଙ୍କ ମନଭିତରେ ପ୍ରଶ୍ନ। ଏହାର ଉତ୍ତର ପାଇବାପାଇଁ ଅନେକ ଲେଖକ ଗୋବିନ୍ଦ ଦାସଙ୍କୁ ପ୍ରଶ୍ନ ପଚାରି ଉତ୍ତର ଖୋଜିଛନ୍ତି ତାଙ୍କ ମୁହଁରୁ। ହେଲେ ଜାଣିଶୁଣି ଉତ୍ତରକୁ ବିଭିନ୍ନ ଦିଗରେ ମୁହାଁଇ ଦେଇଛନ୍ତି। ତାହାର ଉଦାହରଣ ହେଉଛି -

୨୦୦୮ : ଧରିତ୍ରୀ ସମ୍ବାଦ ପତ୍ର 'ସାହିତ୍ୟାୟନ' କ୍ରୋଡ଼ ପତ୍ର (ସେପ୍ଟେମ୍ବର ୧୯, ଅକ୍ଟୋବର ୧୨) ରେ 'କାଉଲ' ଚରିତ୍ରର ପ୍ରେରଣା ସଂପର୍କରେ ସୁରେନ୍ଦ୍ର ପଲାଇଙ୍କ ଏକ ପ୍ରଶ୍ନର ଉତ୍ତରରେ ଗୋବିନ୍ଦ ଦାଶ ଉତ୍ତର ଦେବାକୁ ଯାଇ କୁହନ୍ତି - 'ଅମାବାସ୍ୟାର ଚନ୍ଦ୍ର' ଲେଖିବାକୁ ମୋତେ କେହି ପ୍ରେରଣା ଦେଇନି। ଅନନ୍ତରର ଆବେଗ ଓ ସମାଜରେ ଘଟୁଥିବା ଘଟଣାବଳୀକୁ କଲମ ମାଧମରେ ପ୍ରକାଶ କରିବାର ମାନସିକତାରୁ 'ଅମାବାସ୍ୟାର ଚନ୍ଦ୍ର' ସୃଷ୍ଟି। ତେବେ ହମାନ୍ ହେସ୍‌ଙ୍କ 'ସିଦ୍ଧାର୍ଥ' ଓ ବଙ୍ଗଳା ଔପନାସିକ ଶରତଚନ୍ଦ୍ରଙ୍କ 'ଶେଷପ୍ରଶ୍ନ' ମୋତେ "ଅମାବାସ୍ୟାର ଚନ୍ଦ୍ର" ଲେଖିବାରେ ବିଶେଷ ସାହାଯ୍ୟ କରିଥିଲା। ମୋ ଉପନ୍ୟାସରେ 'କାଉଲ' ଏକ କାଳ୍ପନିକ ଚରିତ୍ର। ଯାହାର ଯନ୍ତ୍ରଣାରୁ ଜୀବନ ଆରମ୍ଭ ଓ ସଂଗ୍ରାମରେ ଶେଷ। ଉଦ୍ୟମ କଲେ ଓ ନିଷ୍ଠା ଥିଲେ ସମାଜର ପ୍ରତିଟି ମଣିଷ କାଉଲଙ୍କ ପରି ଜୀବନରେ ଅନେକ ସଫଳତା ପାଇପାରିବେ।"

୨୦୦୨ : 'ପ୍ରତିବେଶୀ' ପତ୍ରିକାର ଜାନୁଆରୀ - ମାର୍ଚ୍ଚ ସଂଖ୍ୟାରେ ପ୍ରତ୍ୟୁଷ ମହାନ୍ତିଙ୍କ ପ୍ରଶ୍ନ "ଏମିତି କେହି ଲୋକ ସତରେ ଥିଲେ ବା ଅଛନ୍ତି ?" ଉତ୍ତର ଦେଇ ଗୋବିନ୍ଦ ଦାସ କୁହନ୍ତି, "ହଁ, ତାହା ତୁମେ ହୋଇପାର, କେହି ବି ହୋଇପାରନ୍ତି। ବେଶି ଜିଦ୍ କଲେ ମୁଁ କହିବି କାଉଲ ହେଉଛି ଜର୍ମାନ ହସ୍‌ଙ୍କ ସିଦ୍ଧାର୍ଥ ଓ ମୋର ମନୀଷା ହେଉଛି ସେହି ଉପନ୍ୟାସର କମଲା।" ପୁଣି ସେହି ସଂଖ୍ୟାରେ ପ୍ରକାଶିତ ପ୍ରତ୍ୟୁଷଙ୍କ ଆଉ ଏକ ପ୍ରଶ୍ନ - କାଉଲ ଭିତରର ମୁହଁଟି କିଏ ? ର ଉତ୍ତରରେ ସେ କହନ୍ତି - "ହଁ, କିଛିଟା ମୁଁ ନିଜେ କିଛିଟା ଜାଣିଥିବା ଲୋକ। ଏମିତି ଗୋଟେ ଅସ୍ପଷ୍ଟ ଲୋକ ହେଉଛି କାଉଲ।"

୧୯୮୧ : ଓରିଏଣ୍ଟାଲ ଏକାଡ଼େମୀ ଅଫ ଆର୍ଟ ଆଣ୍ଡ ଲେଟର୍ସ ଅଧ୍ୟକ୍ଷ ନରେନ୍ଦ୍ର ନାରାୟଣ ଦାସ 'ଅମାବାସ୍ୟାର ଚନ୍ଦ୍ର' ସଂପର୍କରେ କଥାହେବା ପାଇଁ ଇଚ୍ଛା ପ୍ରକାଶ କରିବାରେ ଗୋବିନ୍ଦ ଦାସ କୁହନ୍ତି "ଆସିବ ତ ଶରତଚନ୍ଦ୍ରଙ୍କ 'ଶ୍ରୀକାନ୍ତ' ପଢ଼ି ଆସ। ଆଲୋଚନା ପାଇଁ ସୁବିଧା ହେବ।" ତେବେ 'କାଉଲ' ଚରିତ୍ରର ପ୍ରେରଣା ବା ସୃଜଭଦ୍ଧ ଉତ୍ସ କ'ଣ ? ଗୋବିନ୍ଦ ଦାସ ଏହାର ଉତ୍ତର ଦେବାକୁ ଯାଇ କୁହନ୍ତି -

(୧) 'କାଉଲ' ଏକ କାଳ୍ପନିକ ଚରିତ୍ର।

(୨) 'କାଉଲ' ଚରିତ୍ର ଅବତାରଣା ପାଇଁ କେହି ତାକୁ ପ୍ରେରଣା ଦେଇନି। ଅନ୍ତରର ଆବେଗ ଓ ସମାଜରେ ନିତି ଘଟୁଥିବା ଘଟଣାବଳୀ ଏହାର ସୃଜନ ଉତ୍ସ।

(୩) ଶରତ ଚନ୍ଦ୍ରଙ୍କ 'ଶେଷ ପ୍ରଶ୍ନ' ଓ ହର୍ମାନ ହେସ୍‌ଙ୍କ "ସିଦ୍ଧାର୍ଥ" ଉପନ୍ୟାସ ତାଙ୍କୁ 'ଅମାବାସ୍ୟାର ଚନ୍ଦ୍ର' ଉପନ୍ୟାସ ଲେଖିବାପାଇଁ ସାହାଯ୍ୟ କରିଛି।

(୪) ତେବେ 'ଅମାବାସ୍ୟାର ଚନ୍ଦ୍ର' ସଂପର୍କରେ ଆଲୋଚନା ପାଇଁ 'ଶ୍ରୀକାନ୍ତ ପଢ଼ିଲେ ଠିକ୍ ହେବ।

ଗୋବିନ୍ଦ ଦାସ ନିଜ ଜୀବନଦଶାରେ ସ୍ପଷ୍ଟଭାବେ ସଫେଇ ଦେଇଛନ୍ତି ଓ ଆତ୍ମଜୀବନୀ 'ସାନ ଗୋଟିଏ ଜୀବନ' ରେ ମଧ ଏତେଟା ସଫେଇ ଦେଇନାହାନ୍ତି। ୨୦୦୨ ରେ ପୀୟୁଷ ମହାନ୍ତିଙ୍କୁ ସାକ୍ଷାତକାରରେ କହିଥିଲେ "ଅସଲରେ ୧୯୬୦ ବେଳକୁ ଥରେ କଲିକତା ଆସି ଗ୍ରାଣ୍ଡ ହୋଟେଲରେ ରହୁଥିଲି, ଏବଂ ହଠାତ୍ ମୋ ପାଖକୁ ଆସିଲା 'ସିଦ୍ଧାର୍ଥ' ଉପନ୍ୟାସ। ମୋ ମନଭିତରକୁ କ'ଣ ଗୋଟାଏ ଭେଦିଯିବାକୁ ଲାଗିଲା। ମୁଁ ପରେ ବେଶ୍ କିଛିଥର ବାରମ୍ବାର ପଢ଼ିଲି ଓ ସବୁଥର ପ୍ରଥମଥରର ଚମକ ଓ ଆହ୍ଲାଦ ପାଇଲି। ପ୍ରାୟ ପଚିଶ ଦିନର ରହଣି ଭିତରେ ଏକାଥରକେ ଗୋଟେ ଉପନ୍ୟାସ ଲେଖି ବସିଲି।" (ପ୍ରତିବେଶୀ - ଜାନୁଆରୀ - ମାର୍ଚ୍ଚ ସଂଖ୍ୟା - ୨୦୦୨)। ଏହାର ଚାରିବର୍ଷ ପରେ ପ୍ରକାଶିତ ନିଜ ଆତ୍ମଜୀବନୀରେ ଗୋବିନ୍ଦ ଦାସ ଲେଖିଛନ୍ତି - "ଜୀବନର ସମସ୍ତ ଉଲ୍ଲାସ, ବିଶେଷତଃ ମୋ ସ୍ୱପ୍ନ ନଗରୀ କଲିକତାର ଜୀବନକୁ ପେଣ୍ଡୁ ପରି ଖେଳିବାର ଉଚ୍ଛ୍ୱାସ, ସବୁକିଛି ଛାଡ଼ିପାରିବାର ସାହସ, ଗୋଟିଏ ଗଭୀର ଅସଂପୂର୍ଣ୍ଣ ପ୍ରେମର ଇଙ୍ଗିତ, ଜୀବନଟା ଯେ ଚରୈବେତି - ଚରୈବେତି - ଏଇଟା ନୁହେଁ, ଏଇଟା ନୁହେଁ କହି ଆଗେଇଯିବା ଓ ଶେଷରେ ଅଜ୍ଞାତ ଭାବରେ ବିଲୀନ ହୋଇପାରିବାର ଦମ୍ଭକୁ ନେଇ 'ଅମାବାସ୍ୟାର ଚନ୍ଦ୍ର' ଉପନ୍ୟାସର ଜନ୍ମ।"

ଶେଷରେ ଔପନ୍ୟାସିକ ବାରିଷ୍ଟର ଗୋବିନ୍ଦ ଦାସଙ୍କ, (ଖ୍ରୀ ୧୯୨୬) 'ଦେଶେ ଦେଶେ' ଭ୍ରମଣ ସାହିତ୍ୟଟି ତାଙ୍କର ଏକ ସାର୍ଥକ ଓ ବହୁ ପ୍ରଚାରିତ ଭ୍ରମଣ କାହାଣୀ। ଅନ୍ୟାନ୍ୟ ରଚନା ମଧରେ ମିଶ୍ରରାଗ (ଗଳ୍ପ ସଂକଳନ), ଜାତକ (କବିତା ସମ୍ଭାର), କେତେ କଥା ଓ କିଛି କବିତା (ଏକତ୍ର ସଂକଳନ), ସାନ ଗୋଟିଏ ଜୀବନ (ଆତ୍ମଜୀବନୀ)। ଆମାବାସ୍ୟାର ଚନ୍ଦ୍ର ଉପନ୍ୟାସରେ ଔପନ୍ୟାସିକ ଘଟଣାବଳୀର ଘାତ - ପ୍ରତିଘାତ ଅପେକ୍ଷା ତାଙ୍କର ସୌନ୍ଦର୍ଯ୍ୟ - ଦୃଷ୍ଟି ଅଧିକତର ଜୀବନ୍ତ ଓ ନିଖୁଣ ଚରିତ୍ର ସୃଷ୍ଟିରେ ପର୍ଯ୍ୟବେଶିତ ହୋଇଅଛି। ଏହା ୧୫୧ ପୃଷ୍ଠାରେ ପ୍ରକାଶିତ ହୋଇଛି ପ୍ରତ୍ୟେକ ପାଠକଙ୍କ ନିକଟରେ ଜନପ୍ରିୟ ହେବା ସହିତ ସୁଖପାଠ୍ୟ ହୋଇପାରିଛି।

ସହାୟକ ଗ୍ରନ୍ଥ -
୧. ଅମାବାସ୍ୟାର ଚନ୍ଦ୍ର - ଗୋବିନ୍ଦ ଦାସ
୨. ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ - ଡ. ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ
୩. ଭଲ ବହିର ବାସ୍ନା - ପ୍ରକାଶକ, ଏକାମ୍ର ପୁସ୍ତକ ମହୋତ୍ସବ କମିଟି।

**ବଡ଼ତୋଟା, ଜଟଣୀ, ଖୋରଧା**
**ପିନ୍ - ୭୫୨୦୫୦**

# ଝରା ଶେଫାଳୀ

**ଅନିରୁଦ୍ଧ ମହାନ୍ତି**

ମାସ ଶେଷରେ ଦରମା ମିଳିଲା ପରେ ଘରକୁ ନଗଲେ ନହୁଏ। କ୍ଷୀରବାଲା ପଇସା ନବ। ଚାଉଳ ଓ ଗ୍ରୋସୋରୀକୁ ପଇସା ଦେଲେ ଯାଇ ପୁଣି ମାସକ ପାଇଁ ସଉଦା ଦେବ। ସାନଭାଇ ଓ ପୁଅର ଟିଉସନ ପଇସା ନଦେଲେ ନହୁଏ। ଏହିପରି କେତେ କ'ଣ ? ମଧ୍ୟବିତ୍ତ ପରିବାର। ଏଣୁ ଦରମା ପାଇଲାକ୍ଷଣି ଲଣ୍ଡ ଭଣ୍ଡ ହୋଇ ଘରମୁହାଁ ହେଲି। ବସ୍‌ରେ ଯିବାକୁ ପଡ଼ିବ ବାଉନ କି.ମି। ବସ୍‌ଷ୍ଟପ୍‌ରେ ବେଳାବେଳି ପହଞ୍ଚିଲି। ବସ୍ ଆସିବାକୁ ଡେ଼ରିଥାଏ। ବସ୍‌ଷ୍ଟପ୍ ନିକଟରେ ଥିବା ଚା ଦୋକାନରୁ ଚା ମଗାଇ ପିଇଲି। ଶୀତଦିନ ସନ୍ଧ୍ୟା। ଷ୍ଟ୍ରିଟ୍ ଆଲୁଅ ଜଳି ସାରିଥାଏ। ଅଦୂରରେ ଥିବା ଏକ ବତୀଖୁଣ୍ଟ ତଳର ଦୃଶ୍ୟ ମୋର କୌତୁହଳ ବଢ଼ାଇଦେଲା। ନିକଟକୁ ଗଲି। ଦେଖିଲି ଦଶ ଏଗାର ବର୍ଷର କୁନି ଝିଅଟିଏ ସେଠାରେ ଏକ ଖଟ ଉପରେ ବୁଟ, ବାଦାମ ଓ ମଟର ରଖି ବିକୁଛି। ଜଳୁଥିବା ଛୋଟ ଡ଼ିବିରିଟିଏ ବି ତା ପାଖରେ ଅଛି। ଗରାଖ ଆସିଲେ ସେମାନଙ୍କୁ ମଟର, ବୁଟ ଆଦି ବିକୁଛି। ଫାଙ୍କା ସମୟରେ ବହି ଧରି ପଢୁଛି। କହିଲି, "ଏ ଝିଅ, ମୋତେ ଦୁଇଟଙ୍କାର ବୁଟ ଦେଲୁ।" ଝିଅଟି ତରାଜୁରେ ମଟର ଓଜନ କରି କାଗଜ ଠୁଙ୍ଗାରେ ମୋ'ହାତକୁ ବଢ଼ାଇଦେଲା ତା' ଟିକି ହାତରେ। ମୁଁ ଦୁଇଟଙ୍କା ବଢ଼ାଇଦେଲି। କୁନିଝିଅଟି ତା'ର ଢଳଢ଼ଳ ଆଖିରେ ମୋତେ ଟିକିଏ ଚାହିଁ ପଇସା ନେଇ ମୁଣିରେ ରଖିଲା। ଦେଖିଲି ଗୋରା ତକତକ ମୁହଁଟି ତା'ର ଝାଉଁଳି ଯାଇଛି... ତେଲ ଲୁଣର ସଂସାର ମଧ୍ୟରେ। ପଚାରିଲି, – "ଝିଅ ତୁମ ନାମ କ'ଣ ?" ଥରଥର ହୋଇ ଡ଼ରିଲା କଣ୍ଠରେ କହିଲା – "ଶେଫାଳୀ"। ଆଚ୍ଛା, ତୁମ ଘର କେଉଁଠି ? ଘରେ ଆଉ କେଉଁମାନେ ଅଛନ୍ତି ? ତୁମ ବାପା କ'ଣ କରନ୍ତି ? ଝିଅଟି କିଛି ସମୟ ମୋ ମୁହଁକୁ ଚାହିଁରହିଲା ନୀରବରେ। ତା'ପରେ ଅତ୍ୟନ୍ତ ଧୀର କଣ୍ଠରେ କହିଲା – ବାବୁ, ଏଇ ଆଗରେ ଯେଉଁ ଗଳି ଦେଖୁଛନ୍ତି, ସେହି ଗଳି ରାସ୍ତାର ଶେଷ ମୁଣ୍ଡରେ ଆମ ଘର। ଘରେ ମୋର ଅନ୍ଧୁଣୀ ମାଆ ଓ ସାନଭାଇ ଅଛନ୍ତି। ଆଉ ତୋ ବାପା....., ସେ କ'ଣ କରୁଛନ୍ତି ? ମୋ କଥା ଶୁଣି ଝିଅଟି କଇଁ କଇଁ କାନ୍ଦିଉଠିଲା। ଆଖିରୁ ଲୁହ ପୋଛି କହିଲା... ବାବୁ, ମୋ ବାପା ମରିଯାଇଛନ୍ତି ଆଜକୁ ଚାରିବର୍ଷ ହେଲା। ମୋ ବାପାଙ୍କୁ ପରା ଏ ସହରର ଜଣେ ଜଣାଶୁଣା ବଡ଼ବାବୁଙ୍କର ଟ୍ରକ ଚାପିଦେଲା। ମା'ତାଙ୍କୁ ଝୁରିହୋଇ ସବୁବେଳେ କାନ୍ଦିଲା ଯେ, ସେ ବି ଅନ୍ଧୁଣୀ ହୋଇଗଲା। ମୋ ମନରେ ଉତ୍କଣ୍ଠା ବଢ଼ିଗଲା। ପଚାରିଲି, ଶେଫାଳୀ, ତୁମେ ଏବେ ଚଳୁଛ କିପରି ? ଝିଅଟି କହିଲା.... ବାବୁ, ମୋ ବାପାଙ୍କର ଘରନଥିଲା, ଥିଲା ଝୁମ୍ପୁଡ଼ି ଘରଟିଏ। ଅନ୍ୟର ରିକ୍ସା ଚଳାଇ ଯାହା ରୋଜଗାର ହେଉଥିଲା, ସେଇଥିରେ ଆମ ଘର ଚଳୁଥିଲା। ମୁଁ ପଢୁଥିଲି। ଆଉ ମୋ ସାନଭାଇ ପାଇଁ କ୍ଷୀର ଅଣାଯାଉଥିଲା। ବାପାଙ୍କର ଇଚ୍ଛାଥିଲା ଯେତେ ଦୁଃଖ କଷ୍ଟ ଆସୁ ପଛେ ମୁଁ ଯେମିତି ପାଠପଢ଼ିବି। ପାଞ୍ଚଜଣରେ ଜଣେ ହୋଇ ବାହାରିବି। ସେତ ଆମକୁ ଅନାଥ କରି ଚାଲିଗଲେ। କିନ୍ତୁ ତାଙ୍କ ଇଚ୍ଛାକୁ ପୂରଣ କରିବାପାଇଁ ମୁଁ ଏତେ କଷ୍ଟରେ ବି ପାଠପଢୁଛି। ବାପା ଥିଲାବେଳେ ମା'ତାଙ୍କ ରୋଜଗାରରୁ କିଛି କିଛି ବଳାଇ ଗୋଟିଏ ମାଟି ଗୁଟିରେ ରଖିଥିଲେ। ସେଇ ଗୁଟିକୁ ଭାଙ୍ଗି ସେଇଥିରେ ଥିବା ପଇସାକୁ ସମ୍ବଳ କରି ଏଇ ଦୋକାନଟି କରିଛି। ଏଇଥିରୁ ଯାହା ମିଳେ ସେଇଥିରେ ଆମେ ଚଳୁଛୁ। ସାନଭାଇ ପାଇଁ କ୍ଷୀର ଆଣୁଛି। ମା'ପାଇଁ ବେଳେବେଳେ ହୋମିଓପାଥି ଔଷଧ ଆଣୁଛି। ଦୁଃଖର ସଂସାର ବାବୁ। କହୁ କହୁ ଝିଅଟି କାନ୍ଦି ଉଠିଲା। ମୋ ମନ ବିଚଳିତ ହୋଇଉଠିଲା। ମୁଁ ସ୍ଥିରହୋଇ ରହିପାରିଲି ନାହିଁ। ଯେଉଁ ବୟସରେ ସେ ଧୂଳିଘର ଖେଳନ୍ତା, ନାଚି ନାଚି ଗାଇଗାଇ ପ୍ରଜାପତି ପରି ଉଡ଼ିବୁଲନ୍ତା, ସେହି ବୟସରେ ତା'କୁନି ମଥାରେ ସେ ସଂସାରର ବୋଝ ଟେକି ଚାଲିଛି। ଆଉ ବାପାଙ୍କ ଇଚ୍ଛାକୁ ପୂରଣ କରିବାପାଇଁ ପାଠ ପଢୁଛି। ପାଇଥିବା ଟଙ୍କାରୁ ଦୁଇଶତ ଟଙ୍କା ତା'କୁନିହାତରେ ଗୁଞ୍ଜିଦେଇ ତା' ଆଖିରୁ ଲୁହ ପୋଛିଦେଲି। କହିଲି – ଶେଫାଳୀ ଏଇ ପଇସା ନେଇ ମନଦେଇ ପଢ଼। ବାପାଙ୍କର ଇଚ୍ଛା ପୂର୍ଣ୍ଣ କର। ଏଇ କୁନି ହାତରେ ଏତେ କାମ କରନି। ଏଇ ଟିକି ମୁଣ୍ଡରେ ଏତେ ଭାର ଆଉ ବହନି। ଆଖିର ଲୁହ ମୋର ଅମାନିଆ ଥିଲା। ଝିଅଟି ତା'ର କୁନି ହାତରେ ମୋ ଆଖିରୁ ବୋହି ପଡୁଥିବା ଲୁହକୁ ପୋଛିଦେଇ ମୁଁ ଦେଇଥିବା ପଇସାକୁ ମୋ ହାତରେ ଗୁଞ୍ଜିଦେଇ ଥର ଥର କଣ୍ଠରେ କହିଲା – ବାବୁ, ଆପଣଙ୍କ ସ୍ନେହ, ମୋ'ପରି ଅଭାଗିନୀ ପ୍ରତି ଆପଣଙ୍କର କରୁଣା ମୋ ପାଇଁ ଅଭୁଲା ହୋଇ ରହିଯିବ। ମାତ୍ର ଏଇ ପଇସା ଆପଣ ଫେରାଇ ନିଅନ୍ତୁ। କହିଲେ ଦେଖି ଏତିକିରେ କ'ଣ ଆମର ଦୁଃଖର ସଂସାର ଚଳିଯିବ, ମୋ ଅନ୍ଧୁଣୀ ମା'କୁ ସବୁଦିନେ ଔଷଧ ମିଳିବ ନା ସବୁଦିନେ ସାନଭାଇ କ୍ଷୀର ପିଇପାରିବ। ବାବୁ ! ମୋତେ ପରିଶ୍ରମ କରି ବଞ୍ଚିବାକୁ ଦିଅନ୍ତୁ। କଷ୍ଟକରି ପଢ଼ିବାକୁ ଶିଖାନ୍ତୁ। ବାବୁ, ଆପଣ କ'ଣ କେବେ ମୁଁ ଭିକାରୁଣୀ ହୁଏ ଚାହିଁବେ ? ନିଜେ ନିଜକୁ ବିଶ୍ୱାସ କରିପାରିଲିନି। କୁନି ଝିଅଟି କି କଥା କହିଲା ? ପରିଶ୍ରମକରି ସେ ବଞ୍ଚିବା ଶିଖୁଛି। ପରପାଖରେ ହାତ ନପାତି ସମ୍ମାନର ସହ ସେ ଜୀବନ ବିତାଇବା ଶିଖିଛି। ଆଉ ଆଜିର ସମାଜର ଯୁବଗୋଷ୍ଠୀ – କର୍ମ ନକରି ଅକର୍ମା ସାଜି କଥା କଥାକେ ପରପାଖରେ ହାତ ପତାଉଛନ୍ତି। ମାଗଣା ଭୋଜନ ଓ ପାଞ୍ଚଟଙ୍କିଆ ଚାଉଳକୁ ଅନାଇ ବସିଛନ୍ତି।

ବସ୍ ଆସିଯାଇଥିଲା। ଝିଅଟିକୁ ସାବାସ୍ ଜଣାଇ ବସ୍‌ରେ ବସିଗଲି। ଦିନ ପରେ ଦିନ ବିତିଗଲା। ମୋର ବି ଇତିମଧ୍ୟରେ ଦୂରସ୍ଥାନକୁ ବଦଳି ହୋଇଗଲା। ହେଲେ ଝିଅଟିର କଥା ମୋର ସବୁବେଳେ ମନେପଡୁଥିଲା। ପୁଣି କେବେ ଦେଖାହେବ, ତା'ପଢ଼ାକଥା ପଚାରି ବୁଝିବି, ତା'କୁନି ହାତରୁ


ବୁଟ ଭଜା ଖାଇବି, ଏକଥା କିଏ କହିବ ? ପ୍ରାୟ ପାଖାପାଖି ବର୍ଷେ ବିତିଗଲା। ଦିନେ ଦୈବାତ୍ ସେହି ବାଟଦେଇ ମୁଁ ଘରକୁ ଫେରୁଥିଲି ମାସ ଶେଷରେ ଦରମା ସାଙ୍ଗରେ ଧରି। ସେତେବେଳେ ସନ୍ଧ୍ୟା ସମୟଥିଲା। ପୂର୍ବର ସେହି ବସ୍‌ଷ୍ଟପ୍, ସେହି ଚା ଦୋକାନ ମୋର ମନେପଡ଼ିଗଲା। ସେହି ବସ୍‌ଷ୍ଟପ୍‌ରେ ଓହ୍ଲାଇ ଅନ୍ୟ ଏକ ବସ୍‌ରେ ଘରକୁ ଯିବାକୁ ସ୍ଥିରକଲି। ବସ୍‌ଟି ଯଥା ସମୟରେ ବସ୍‌ଷ୍ଟପ୍‌ରେ ଛିଡ଼ାହେଲା। ମୁଁ ସଙ୍ଗେ ସଙ୍ଗେ ଓହ୍ଲେଇପଡ଼ି ଚା ଦୋକାନରେ ପହଞ୍ଚି ଚା'ମଗାଇଲି। ଚା'ପାନ କରୁ କରୁ ସେହି କୁନି ଝିଅଟିର କଥା ମନେପଡ଼ିଗଲା। ସେ ପାଠପଢ଼ା ଚାଲୁ ରଖିଛି ତ ? ସଂସାର କିପରି ଚଳାଉଛି ? ଅନ୍ଧୁଣୀ ମାଆ ଓ ମାନଭାଇଟିର କଥା କିପରି ବୁଝୁଛି? ଏ ସମସ୍ତ କଥା ଜାଣିବାପାଇଁ ଝିଅଟି ବସୁଥିବା ସେହି ଷ୍ଟ୍ରିଟ୍ ଆଲୁଅ ବତୀଖୁଣ୍ଟ ପାଖକୁ ତରବର ହୋଇ ଚାଲିଲି। ପହଞ୍ଚି ଦେଖିଲି ସେଠାରେ ପ୍ରବଳ ଜନଗହଳି। ଗହଳି ମଧ୍ୟରୁ ଶୁଣାଯାଉଥିଲା , "ହାୟ, ହାୟ ବାପା ଛେଉଣ୍ଡ ଝିଅଟା ଚାଲିଗଲା। ସହରର ନାମୀଦାମୀ ରାଜନେତାଙ୍କ କାର୍ ତାକୁ ଧକ୍କା ଦେଇ ମାରିଦେଲାରେ !" କଥା କ'ଣ ଜାଣିବାକୁ ଭିଡ଼ମଧ୍ୟରେ ଠେଲିପେଲି ହୋଇ ଦେଖେତ ଝିଅଟି ହେଉଛି ତାଙ୍କର ସେହି ଅଭୁଲା ଶେଫାଳୀ। ସତେ ଯେପରି ସେ ଶୋଇପଡ଼ିଛି। ଆଖିରୁ ତା'ର ଲୁହ କେଇଟୋପା ଝରିପଡ଼ିଛି। ଡିବିରିଟା ଲିଭିଯାଇଛି। ହାୟରେ ଶେଫାଳୀ କହି ଲଥକରି ସେହିଠାରେ ବସିପଡ଼ିଲି। ସମ୍ଭାଳି ପାରିଲିନାହିଁ। ଭୋ ଭୋ କରି କାନ୍ଦିଉଠିଲି। ଆଉ ପରେ ପରେ ଚେତାଶୂନ୍ୟ ହୋଇପଡ଼ିଲି। ଚେତା ଫେରିଲା ବେଳକୁ ଦେଖେତ ମୁଁ ଶୋଇଛି ଡାକ୍ତରଖାନା ବେଡ୍‌ରେ। ଆଉ ମୋତେ ଘେରିବସିଛନ୍ତି ମୋ ସ୍ତ୍ରୀ ଓ ପିଲାମାନେ। ଏହି ସମୟରେ ବାହାରେ ଶୁଣାଗଲା - ରାମ ନାମ ସତ୍ୟ ହେ। ଝରକା ଖୋଲାକରି ଦେଖେତ ଛଅଖଣ୍ଡ କାଠର ବିଛଣା ଉପରେ ଗୋଟିଏ ଝିଅର ଶବକୁ ଶୁଆଇ କେତେକ ଲୋକ ନେଉଛନ୍ତି ମଶାଣିକୁ। ଆଉ ଟିକିଏ ନିରେଖି ଦେଖେତ ସେଇଠି ଥିଲା ଶେଫାଳୀର ଶବ। 'ଶେଫାଳୀ' ସେ ପର ହେଲେବି ଥିଲା ଅତି ନିଜର। ଦୂରରେ ଥିଲେ ବି ସେ ଥିଲା ଅତି ନିକଟତର। ଅଜ୍ଞାନ ଥିଲେ ବି ମୋ ପାଇଁ ଥିଲା ସେ ଜ୍ଞାନର ଗନ୍ତାଘର। ମୁହୂର୍ତ୍ତକ ମଧ୍ୟରେ ମୋ ଆଖି ଆଗରେ ଭାସିଉଠିଲା ଶେଫାଳୀର ଝୁମ୍ପୁରି କୁଡ଼ିଆର କରୁଣ ଦୃଶ୍ୟ। ସତେ ଯେପରି ତା'ଅଝଟିଆ କୁନିଭାଇ କହୁଥିଲା, "ନାନୀ, ମୋ ପାଇଁ ଆଜି ଟିକିଏ ଅଧିକ କ୍ଷୀର ଆଣିବୁ ଆଉ ଆଣିଦେବୁ ପେଁକାଳୀଟିଏ। ମୁଁ ପେଁକାଳି ବଜାଇ ନାଚି ନାଚିକା ବୋହୂ ବୋହୂକା ଖେଳ ଖେଳିବି। ଅନ୍ଧୁଣୀ ମା' କହୁଥିଲା - ଶେଫାଳୀଲୋ ମୋତେ ଆଜି ଭାରି ଜ୍ୱର। ଗୋଡ଼ ହାତ ବିନ୍ଧା ଗୋଳା କରୁଛି। ଆସିବାବେଳେ ମୋ ପାଇଁ ଔଷଧ ଟିକେ ଆଣିବୁ ଲୋ !"

**ଅବସରପ୍ରାପ୍ତ ସହକାରୀ ଶିକ୍ଷକ**
**ମଙ୍ଗଳାନଗର, ଖୋର୍ଦ୍ଧା**
**ମୋ - ୭୫୦୪୮୬୮୧୮୮**



# ପ୍ରାର୍ଥନା

**ଶ୍ରୀ ବିଭୁ ପ୍ରସାଦ ହରିଚନ୍ଦନ**



ହେ ଜଗତପିତା ସୁନ୍ଦର ସଂସାର
ଗଢ଼ିଅଛି ନିଜ ହାତେ,
ଯାହା ଯାହା ସବୁ ଆବଶ୍ୟକ ମୋର
ଦେଇଅଛ ଇଚ୍ଛାମତେ ।

ସୁନ୍ଦର ବସ୍ତୁକୁ ଦେଖିବାକୁ ମୋତେ
ଦେଇଛ ଦୁଇଟି ଆଖି,
ଶୁଣିବାକୁ ଭଲ ଦେଇଅଛ କାନ
ତୁମେ ତା'ର ଏକା ସାକ୍ଷୀ।

ଗନ୍ଧ ଜାଣିବାକୁ ଦେଇଛ ନାସିକା
ସ୍ୱାଦ ଅନୁଭବେ ଜିଭ,
ପାଟିରେ କହିବି ଭଲକଥା ସବୁ
ସବୁ କାମ ହେବ ଶୁଭ ।

ହସ୍ତପାଦ ସବୁ ଦେଇଅଛ ପ୍ରଭୁ
କରିବାକୁ ଭଲ କର୍ମ,
ଜୀବନରେ ହେବି ସୁଶୀଳ, ସୁମତି
ପରୋପକାର ମୋ ଧର୍ମ।

ପିତାମାତା ଗୁରୁ ବନ୍ଧୁ ପରିବାର
ସମସ୍ତଙ୍କ ହିତ ପାଇଁ,
ସ୍ନେହ ଶ୍ରଦ୍ଧାଦେଇ ଖୁସୀ କରୁଥିବି
କୁବାକ୍ୟ କହିବି ନାହିଁ ।

ଛୋଟ ଶିଶୁମୁହିଁ ଦିଅ ଆଶୀର୍ବାଦ
ହେଉ ମୋ ଜୀବନ ଧନ୍ୟ,
ହେ ବିଶ୍ୱଜୀବନ ତୁମ ପାଦତଳେ
ସଦା ରହୁ ମୋର ମନ ।

**ସାନପଲା, ପଲାହାଟ, ଖୋର୍ଦ୍ଧା**
**ମୋ - ୭୯୭୮୨୪୪୨୧୧**

# କର୍ତ୍ତବ୍ୟ ସମ୍ବନ୍ଧୀୟ ବିଶେଷ କଥନ

**ଅଜୟ କୁମାର ସାହୁ**



ମନୁଷ୍ୟର କଲ୍ୟାଣ କରିବା ହିନ୍ଦୁ ସଂସ୍କୃତିର ଏକମାତ୍ର ଉଦ୍ଦେଶ୍ୟ। ଏହି ସଂପର୍କରେ ଗୀତାରେ ଉଲ୍ଲେଖ ଅଛି ଯେ ବ୍ରହ୍ମା ମନୁଷ୍ୟକୁ ନିଃସ୍ୱାର୍ଥ ଭାବରେ ନିଜ ନିଜର କର୍ତ୍ତବ୍ୟ ଦ୍ୱାରା ପରସ୍ପରକୁ ସୁଖ ସୁବିଧା ଦେବାକୁ ଆଶା ଦେଇଥିଲେ (ଗୀତା ୩/୧୦)। ଆମ ପରିବାରରେ ଭାଇ, ଭଉଣୀ, ମା ଇତ୍ୟାଦି କର୍ମ କରୁଥିଲେ ମଧ୍ୟ କାମନା, ମମତା, ଆସକ୍ତି ସ୍ୱାର୍ଥ ଇତ୍ୟାଦିରେ ବଶୀଭୂତ ହୋଇଥାଉ। ତେଣୁ ଆମ୍ଭମାନଙ୍କର ଲୌକିକ ଓ ପରଲୌକିକ ଲାଭ ହେବା ପରିବର୍ତ୍ତେ କ୍ଷତି ହୋଇଥାଏ। ସ୍ୱାର୍ଥ ବଶବର୍ତ୍ତୀ ହୋଇ ନିଜପାଇଁ କର୍ମ କରିଥିବାରୁ ଇହଲୋକରେ ସଂଘର୍ଷ, ମାରପିଟ, ଇର୍ଷା ଇତ୍ୟାଦି ହୁଏ ଏବଂ ପରଲୋକରେ ଦୁର୍ଗତି ହୁଏ। ଅନ୍ୟର ସେବାକରି ପ୍ରତିବଦଳରେ କିଛି ଆଶାକଲେ ବସ୍ତୁ ଓ ବ୍ୟକ୍ତିଙ୍କ ସହିତ ମନୁଷ୍ୟର ସମ୍ବନ୍ଧ ହୋଇଯାଏ, ଫଳରେ କର୍ମ ତୁଚ୍ଛ ଓ ବନ୍ଧନକାରକ ହୋଇଯାଏ। ଏଣୁ ସ୍ୱାର୍ଥପର ମନୁଷ୍ୟକୁ ସଂସାରରେ କେହି ଭଲ କୁହେନାହିଁ। ଅନ୍ୟର ସେବାକଲେ କଲ୍ୟାଣ ନିଶ୍ଚିତ ହୁଏ ତା'ଛଡ଼ା ବସ୍ତୁ, ଆରାମ, ମାନ, ବଡ଼ିମା ଓ ଆଦର ଆଦି ଚାହୁଁନଥିଲେ ମଧ୍ୟ ସ୍ୱତଃ ମିଳିଥାଏ।

ଘରେ ପିତାମାତା, ଭାଇଭଉଣୀ, ସ୍ତ୍ରୀ, ପୁତ୍ର ଆଦି ଯେତେ ସଦସ୍ୟ ଅଛନ୍ତି ସମସ୍ତେ ପରସ୍ପରର ହିତ ଚିନ୍ତା କରିବା ଉଚିତ। ଦେବତା, ଋଷି, ପିତୃପୁରୁଷ, ପଶୁପକ୍ଷୀ, ବୃକ୍ଷଲତା ପ୍ରଭୃତି ସ୍ୱଭାବତଃ ପରୋପକାରୀ। ଏମାନଙ୍କଠାରୁ ସହଯୋଗ ପାଉଥିବାରୁ ମନୁଷ୍ୟ ଏମାନଙ୍କ ପାଖରେ ସର୍ବଦା ଋଣୀ। ଏହି ଋଣରୁ ମୁକ୍ତିପାଇବା ପାଇଁ ପଞ୍ଚ ମହାପଦର (ଋଷିପଦ, ଦେବପଦ, ଭୂତପଦ, ପିତୃପଦ ଓ ମନୁଷ୍ୟପଦ) ବିଧାନ ରହିଛି। ବୁଦ୍ଧି ପୂର୍ବକ ସମସ୍ତଙ୍କୁ କର୍ତ୍ତବ୍ୟ କର୍ମ ଦ୍ୱାରା ତୃପ୍ତ କରିପାରିବା ଭଳି ଏକମାତ୍ର ପ୍ରାଣୀ ହେଉଛି ମନୁଷ୍ୟ। ଅତଏବ ମନୁଷ୍ୟ ଉପରେ ସବୁଠି ଅଧିକ କର୍ତ୍ତବ୍ୟ ରହିଛି। ମନୁଷ୍ୟକୁ ଏପରି ସ୍ୱତନ୍ତ୍ରତା ମିଳିଛି ଯାହାର ସଦୁପଯୋଗ କରି ସେ ପରମ ଶ୍ରେୟ ଲାଭ କରିପାରିବ। ମନୁଷ୍ୟ ଯଦି ନିଜ କର୍ତ୍ତବ୍ୟ ପାଳନ ନ କରେ ତେବେ ତ୍ରିଲୋକରେ ବିଶୃଙ୍ଖଳା ସୃଷ୍ଟିହେବ। ଫଳରେ ଅତିବୃଷ୍ଟି, ଅନାବୃଷ୍ଟି, ଭୂକମ୍ପ, ଦୁର୍ଭିକ୍ଷ ଇତ୍ୟାଦି ପ୍ରାକୃତିକ ପ୍ରକୋପ ବୃଦ୍ଧି ହେବ। ଭଗବାନ ମଧ୍ୟ କହିଛନ୍ତି, "ଯଦି ମୁଁ ସାବଧାନ ହୋଇ କର୍ତ୍ତବ୍ୟ ପାଳନ କରିବି ତେବେ ସମସ୍ତେ ନଷ୍ଟଭ୍ରଷ୍ଟ ହୋଇଯିବେ (ଗୀତା ୩/୩୨-୨୪)।" ଯେପରି ଚଳନ୍ତା ଶଗଡ଼ରେ ଗୋଟିଏ ଚକ ଖଣ୍ଡିତ ହୋଇଗଲେ ପୂରା ଶଗଡ଼ଟି ଝୁଙ୍କିପଡ଼େ ସେହିପରି ଗତିଶୀଳ ସୃଷ୍ଟିଚକ୍ରରେ ଯଦି ଜଣେ ମଧ୍ୟ କର୍ତ୍ତବ୍ୟଚ୍ୟୁତ ହୁଏ ତେବେ ସାରା ସୃଷ୍ଟି ଉପରେ ବିପରୀତ ପ୍ରଭାବ ପଡ଼େ।

ମନୁଷ୍ୟକୁ ନିଜ କର୍ମର ଫଳ ଭୋଗିବାକୁ ପଡ଼େ। ସେ କରିଥିବା କର୍ମର ପ୍ରଭାବ ସାରା ସଂସାର ଉପରେ ପଡ଼େ। ମନୁଷ୍ୟ କର୍ତ୍ତବ୍ୟଚ୍ୟୁତ ହେଲେ ଦେଶରେ ଦୁର୍ଭିକ୍ଷ, ମହାମାରୀ, ମୃତ୍ୟୁ ଇତ୍ୟାଦି ମହାକଷ୍ଟ ଉପସ୍ଥିତ ହୁଏ। ସୃଷ୍ଟି ଚକ୍ର ଅନୁସାରେ ଚାଲିବା ଅର୍ଥାତ୍ ନିଜର କର୍ତ୍ତବ୍ୟ ପାଳନ କରିବାର ଦାୟିତ୍ୱ ମନୁଷ୍ୟ ଉପରେ ନ୍ୟସ୍ତ। ଯେଉଁ ମନୁଷ୍ୟ ନିଜର କର୍ତ୍ତବ୍ୟ ପାଳନ କରେନାହିଁ ସେ ଭଗବାନଙ୍କ ଆଶୀର୍ବାଦରୁ ବଞ୍ଚିତ ହୁଏ। ଭଗବାନ ଶ୍ରୀକୃଷ୍ଣ ଯୁଦ୍ଧରୁ ବିରତ ହେବାକୁ ଚାହୁଁଥିବା ଅର୍ଜୁନଙ୍କୁ ଅନେକ ଯୁକ୍ତି ମାଧ୍ୟମରେ କର୍ତ୍ତବ୍ୟ ପାଳନ କରିବାପାଇଁ ବିଶେଷଭାବେ କହିଛନ୍ତି।

**ପ୍ଲଟ୍ ନଂ - ଏନ୍ ୫/୨୨୩, ଆଇ.ଆଇ.ସି ଭିଲେଜ**
**ଭୁବନେଶ୍ୱର**

# ସତ୍ୟ

**ଶ୍ରୀ ଉମାକାନ୍ତ ସାହୁ**

ଆମରି ସତ୍ୟ   ତୁମରି ସତ୍ୟ
ସବୁ ଏ ଜଗତ ସତ୍ୟ
ସତ୍ୟରେ ଆଜି ଜଗତ ଚଳେ
କହୁଚି ତ୍ରିବାର ସତ୍ୟ ।

ସତ୍ୟ ବ୍ରହ୍ମ ନିରାକାର ସେ
ସତ୍ୟ ତାଙ୍କରି ସର୍ଜନା
ସତ୍ୟ ଏ ଆତ୍ମା ପରମାତ୍ମାର
କରୁ ତାଙ୍କୁ ହିଁ ବନ୍ଦନା ।

ସତ୍ୟ ଭଣ୍ଡାରେ ଅସତ୍ୟ ପଶେ
କିଛିକ୍ଷଣ କାଳଧରି
ଆଲୋକ ଆସେ ଅନ୍ଧାର ହଟେ
ଦିଶେ ଦିବାଲୋକ ପରି।

ସତ୍ୟରେ ରାମ ବନବାସରେ
ସତ୍ୟେ ରାଜା ହରିଶ୍ଚନ୍ଦ୍ର
ସତ୍ୟେ ସାବିତ୍ରୀ ସ୍ୱାମୀ ଫେରାଇ
ଉଡ଼ାଇଲେ କୀର୍ତ୍ତିଚକ୍ର।

ବାଇପାସ୍ ନିଉ କଲୋନୀ
ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା

# ଅନାଦିର ନାହିଁ ଅନ୍ତ



**ପ୍ରମୋଦ କୁମାର ନନ୍ଦ**

ବଡ଼ ଦିଅଁଙ୍କର ବଡ଼ଯାତ ଆଜି
ଏହିଯେ ରଥଯାତରା,
ବରଷକୁ ଥରେ ବ୍ରହ୍ମାଣ୍ଡଠାକୁର
ଭକ୍ତଙ୍କୁ ଦେଖିବେ ପରା । ।।୧।।
ହେଉ ଉଚ୍ଚଜାତି ଅବା ନୀଚ ଜାତି
କରିବେ ତାଙ୍କୁ ଦର୍ଶନ,
ସଭିଙ୍କ ପାଇଁଯେ ଗୋଟିଏ ନିୟମ
ଦେଖାନ୍ତି ଚକାନୟନ । ।।୨।।
କରୁଣା ସାଗର ଭକ୍ତଙ୍କ ଆଧାର
ଅନାଦିର ନାହିଁ ଅନ୍ତ,
ପୁରୀ ଶଙ୍ଖକ୍ଷେତ୍ର ଅଟଇ ପବିତ୍ର
ଅଛନ୍ତି ଜଗା ସାଆନ୍ତ । ।।୩।।
ନୀଳ କନ୍ଦରରେ ନିଳାଚଳଠାରେ
ନୀଳ ମହୋଦଧି ପାଶେ,
କାଳିଆଠାକୁର ନନ୍ଦିଘୋଷ ରଥେ
ଆହା କି ସୁନ୍ଦର ଦିଶେ । ।।୪।।
ଗୋରା ବଳଭଦ୍ର ହରିଦ୍ରା ଭଉଣୀ
ତାଳଧ୍ୱଜ ଦର୍ପଦଳନେ,
ବିରାଜ କରନ୍ତି ନାନାବେଶ ଧରି
ଭକ୍ତମାନଙ୍କ ଗହଣେ । ।।୫।।

ଏହି ବଡ଼ଦାଣ୍ଡ ଆଜି ଜାଣିଅଛି
ସଭିଁଙ୍କ ମଧ୍ୟେ ଏକତା,
କେତେଯେ ବିଦେଶୀ ଭକ୍ତ ଅନୁରାଗୀ
ନୁଆଁଇ ଦିଅନ୍ତି ମଥା । ।।୬।।

**ବିଶ୍ୱକଲ୍ୟାଣ ପ୍ରତିରକ୍ଷା ଓ ବିପ୍ଳବ ବିଭାଗ**
**ବଡ଼ପାରି, ଖୋର୍ଦ୍ଧା, ଓଡ଼ିଶା**
**ପିନ୍ - ୭୫୨୦୨୩**

# ଚିର ମଳୟ



**ଶ୍ରୀମତୀ ରଶ୍ମିତା ନାୟକ**

ଚିର ବସନ୍ତର ଚିର ମଳୟ ମୁଁ
ନାଚିବି ମୁଁ ଧୀରେ ଧୀରେ
ଭାରତ ମାତାର ଗୌରବ ଗାଥା
ଗାଇବି ମୁଁ ଧୀରେ ଧୀରେ । ।।୧।।

ଗାନ୍ଧୀ, ଗୋପବନ୍ଧୁ, ନେତାଜୀ, ସୁଭାଷ
କହିଛନ୍ତି କାନେ କାନେ
ପଛଘୁଞ୍ଚା ନାହିଁ ବୀରର ଜାତକେ
ରହିଥିବ ସଦା ମନେ । ।।୨।।

ବୀର ଶହୀଦର ବଳିଦାନ କଥା
ଜଗାଇବି ଶିଶୁ ପ୍ରାଣେ
'ପୂର୍ଣ୍ଣଯୋଗ' ଆଉ 'ରାଜଯୋଗ' ପ୍ରାଣେ
ସ୍ମରିବି ମୁଁ ପ୍ରତିକ୍ଷଣେ । ।।୩।।

ରାଣୀ 'ଲକ୍ଷ୍ମୀବାଈ' 'କଳ୍ପନା' ର କଥା
ଲେଖିବି ମୁଁ ଧୀରେ ଧୀରେ
କୋଣାରକର ଚାରୁ ଚିତ୍ରକଳା
ଆଙ୍କିବି ମୁଁ ଧୀରେ ଧୀରେ । ।।୪।।

ମହକାଇ ଦେବି ସାରା ବିଶ୍ୱେ ମୁହିଁ
ଶାନ୍ତି, ମୈତ୍ରୀ, ବାରତା
ନାଚିବେ ସଭିଏଁ ହସିବେ ସଭିଏଁ
ନଥିବ ଦୁଃଖର ସତ୍ତା । ।।୫।।

ସୃଷ୍ଟି କରିବି ସରଗ ମୁଁ ଏଠି
ପୁଲକିତ ତନୁ ମନ
ସବୁ ଋତୁ ଏଠି ବସନ୍ତର ଋତୁ
ଚିର ମଳୟ ପବନ । ।।୬।।

**ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବିଦ୍ୟାଳୟ**
**କୁଶମାଟି, ଛଣଘର**



# ଦେହରକ୍ଷୀ

**ଡ. ରାମଚନ୍ଦ୍ର ଦେଓ**

ସୌମ୍ୟରଞ୍ଜନ ରାୟଚୌଧୁରୀ ଜଣେ ରୋବଟିକ ବୈଜ୍ଞାନିକ ଭାବରେ ଖ୍ୟାତ। ଘରେ ଏକ ବିଶାଳ ନିଜସ୍ୱ ଲାବରେଟୋରୀ ପ୍ରତିଷ୍ଠାକରି ଦିନରାତି ସେ ତାଙ୍କର ଗବେଷଣାରେ ବ୍ୟସ୍ତଥାନ୍ତି। ଗବେଷଣାର ଯାବତୀୟ ଅତ୍ୟାଧୁନିକ ସରଞ୍ଜାମ ରହିଛି ସେହି ପରୀକ୍ଷାଗାରରେ। ବହୁତଗୁଡ଼ିଏ ଆଲମାରି କାନ୍ଥକୁ ଲାଗି ଧାଡ଼ି ଧାଡ଼ି ହୋଇ ଛିଡ଼ାହୋଇଛି। ଆଲମାରୀ ସବୁ ବିଭିନ୍ନ ପ୍ରକାରର ରାସାୟନିକ ଦ୍ରବ୍ୟରେ ପରିପୂର୍ଣ୍ଣ। ମଝିରେ ରହିଛି ଏକ ପ୍ରକାଣ୍ଡ ଟେବୁଲ। ଟେବୁଲ ଉପରେ ସଜାଯାଇଛି ବିଭିନ୍ନ ସାଇଜର ଟେଷ୍ଟଟ୍ୟୁବ ଓ ବିକର। ଏହାଛଡ଼ା ଅନ୍ୟ ଟେବୁଲରେ ବିକ୍ଷିପ୍ତ ଭାବରେ ପଡ଼ିରହିଛି ଗବେଷଣାର କାଗଜପତ୍ର, ଫାଇଲ ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଇତ୍ୟାଦି। ନିଜ ଘରସହିତ ସୌମ୍ୟବାବୁଙ୍କର ଲାବୋରେଟୋରିଟା ସଂଲଗ୍ନ ହୋଇରହିଲେ କ'ଣ ହେଲା, ସେ ଖୁବ୍ କମ୍ ସମୟ ଘରେ ରହନ୍ତି ଓ ବାକି ସମୟ ଲାବୋରେଟୋରୀରେ ନିଜ କାମରେ ବ୍ୟସ୍ତଥାନ୍ତି।

ପରିମଳ ଦାସ ହେଉଛନ୍ତି ସୌମ୍ୟବାବୁଙ୍କ ଜଣେ ବନ୍ଧୁ। ସେ ମଧ୍ୟ ରୋବଟିକ ବିଜ୍ଞାନର ଅନ୍ୟତମ ଗବେଷକ। ନିଜ କର୍ମରୁ ଟିକିଏ ଫୁରୁସତ ପାଇଲେ ପରିମଳ ବାବୁ ସୌମ୍ୟବାବୁଙ୍କ ସହିତ ମିଶିବାକୁ ଆସନ୍ତି। ହେଲେ ସୌମ୍ୟବାବୁ ତାଙ୍କ ପରୀକ୍ଷାଗାରରେ ନମିଶି ନିଜ ଘରେ ପରିମଳ ବାବୁଙ୍କ ସହିତ ମିଶୁଥିଲେ ଓ ଗବେଷଣା ସମ୍ପର୍କିତ ଆଲୋଚନାରେ କିଛିସମୟ ବୁଡ଼ି ରହୁଥିଲେ। ଉଭୟଙ୍କ ମଧ୍ୟରେ ବନ୍ଧୁତାର ନିବିଡ଼ତା ଥିଲେ ମଧ୍ୟ ନିଜ ନିଜ ଗବେଷଣାର ମୂଳତତ୍ତ୍ୱ କେହି କାହାରିକୁ ଜଣାଉନଥିଲେ। ରୋବଟ ଉପରେ କିଛି ଗୋଟାଏ ନୂତନ ଉଦ୍ଭାବନ କରିବାର ଥାଏ ଉଭୟଙ୍କର ଇଚ୍ଛା।

ପୃଥିବୀର ନାମକରା ବିଶ୍ୱବିଦ୍ୟାଳୟରେ ସୌମ୍ୟବାବୁ ତାଙ୍କର ଗବେଷଣା ସନ୍ଦର୍ଭ ପାଠ କରିବାର ସୁଯୋଗ ପାଉଥିଲା ବେଳେ ପରିମଳ ବାବୁ ଏଥିରୁ ବଞ୍ଚିତ ହେଉଥିଲେ। ଏଣୁ ତାଙ୍କ ମନରେ ପ୍ରବଳ ହିଂସା ଜାତ ହେଲା। ବନ୍ଧୁତା ଶତ୍ରୁତାର ରୂପ ନେଲା। ସୌମ୍ୟବାବୁଙ୍କୁ ଶେଷ କରିବାର ସିଦ୍ଧାନ୍ତ ସେ ନେଲେ।

ଦିନକର କଥା। ସୌମ୍ୟବାବୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରୋବଟ ଉପରେ ତାଙ୍କ ଗବେଷଣାପତ୍ର ପାଠକରି ଫେରୁ ଫେରୁ ଟିକିଏ ବିଳମ୍ବ ହୋଇଗଲା। ତାଙ୍କ ଗବେଷଣାପତ୍ର ଉପରେ ଆଲୋଚକମାନେ ଟିକିଏ ପ୍ରତିକୂଳ ମନ୍ତବ୍ୟ ଦେଇଥିବାରୁ ସେ ତା'ର ସଂଶୋଧନ ପାଇଁ ଘର ଭିତରକୁ ନପଶି ସିଧା ଗବେଷଣାଗାର ଭିତରକୁ ପଶିଲେ ଓ ଗଲାବେଳେ ତାଙ୍କର ସ୍ତ୍ରୀ ମିନତୀଙ୍କୁ କପେ ଷ୍ଟ୍ରଙ୍ଗ୍ ଚା ନେଇଯିବାପାଇଁ କହିଲେ। ମିନତୀ ଦେବୀ ଚା ନେଉ ନେଉ ଟିକିଏ ବିଳମ୍ବ ହୋଇଗଲା। ଚା କପ୍‌ଧରି ସେ ଯାଇ ପହଞ୍ଚିଲେ ପରୀକ୍ଷାଗାରର ପ୍ରବେଶଦ୍ୱାର ନିକଟରେ। ଗବେଷଣାଗାରର କବାଟ ଖୋଲିଲା ମାତ୍ରେ ତାଙ୍କ ଆଖିରେ ଯାହା ପଡ଼ିଲା, ସେଥିରେ ସେ ଅତ୍ୟନ୍ତ ବିଚଳିତ ହୋଇଉଠିଲେ। ଘଟଣାଟି ଏମିତିଥିଲା ଦେଖିଲାମାତ୍ରେ ତାଙ୍କର ଶ୍ୱାସରୁଦ୍ଧ ହେବାକୁ ବସିଲା। କେହି ଜଣେ ଅଜଣାଲୋକ କଳା ପୋଷାକରେ ଆପାଦମସ୍ତକ ଆବୃତହୋଇ ସୌମ୍ୟବାବୁଙ୍କ ଆଡ଼କୁ ଆଗେଇଯାଇଛି। ହାତରେ ତା'ର ଚିକ୍ ଚିକ୍ କରୁଛି ଏକ ତୀକ୍ଷ୍ଣ ଛୁରୀ। ସନ୍ତର୍ପଣରେ ଆଉ ଜଣେ ଅଜଣାଲୋକ ପ୍ରଥମ ଲୋକକୁ ଅନୁସରଣ କରୁଛି। ସୌମ୍ୟବାବୁ ନିଜ ଗବେଷଣାପତ୍ର ସଂଶୋଧନ କରିବାରେ ବ୍ୟସ୍ତ ରହିଛନ୍ତି। ଏସବୁ ପ୍ରତି ତାଙ୍କର ମୋଟେ ନଜର ନାହିଁ। ନିମିଷକ ମଧ୍ୟରେ ଆତତାୟୀର ଛୁରାମାଡ଼ରେ ତାଙ୍କ ସ୍ୱାମୀଙ୍କର ଜୀବନଦୀପ ଲିଭିଯିବଭାବି ଆତଙ୍କରେ ତାଙ୍କ ଆଖି ବୁଜି ହୋଇଗଲା। ହଠାତ ଏକ ବିକଟାଳ ଶବ୍ଦଶୁଣି ସେ ଅନେଇଲା ବେଳକୁ କଳାପୋଷାକଧାରୀ ଲୋକଟି ତଳେପଡ଼ିଛି ଓ ତାକୁ ଅନୁସରଣ କରୁଥିବା ଲୋକଟି ତାର ମୁଖା ଖୋଲୁଛି। ଚିତ୍କାର ଶୁଣି ନିଜର କାଗଜପତ୍ର ଛାଡ଼ି ସୌମ୍ୟବାବୁ ଦୌଡ଼ିଆସିଲେ ଘଟଣାସ୍ଥଳକୁ। ଯାହାଦେଖିଲେ ବିସ୍ମୟରେ ଅଭିଭୂତ ହୋଇଗଲେ। କଳାପୋଷାକଧାରୀ ଲୋକଟି ହେଉଛି ତାଙ୍କର ଅନ୍ତରଙ୍ଗ ବନ୍ଧୁ ପରିମଳ ବାବୁ। ସେତେବେଳକୁ ମିନତୀଦେବୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଗଲେ। ପରିମଳ ବାବୁଙ୍କୁ ଦେଖି ମିନତୀ ଦେବୀ ତଟସ୍ଥ ହୋଇ ସ୍ୱାମୀଙ୍କ ଆଡ଼େ ଅନେଇ କହିଲେ, ଏବେ ମୁଁ ତମର ପରମବନ୍ଧୁ ପରିମଳ ବାବୁଙ୍କ ପ୍ରକୃତ ପରିଚୟ ପାଇଲି, ହେଲେ ଯିଏ ତୁମକୁ ଏ ସଂକଟରୁ ରକ୍ଷା କଲା ସେ ଲୋକଟି କିଏ। ଏହାଶୁଣି ସୌମ୍ୟବାବୁ ମୃଦୁହସି କହିଲେ, ସେ ହେଉଛି ମୋ ଗବେଷଣାଲବ୍ଧ ଦେହରକ୍ଷୀ ରୋବଟ। କଥାଟା ଶୁଣି ପରିମଳ ବାବୁ ଭୂଇଁରୁ ଉଠୁ ଉଠୁ କହିଲେ, ବନ୍ଧୁ ମୋର ଅପରାଧ ପାଇଁ କ୍ଷମା କରିଦିଅ। ପ୍ରଶଂସା ପାଇବାର ମିଛ ଲାଳସାରେ ପାଗଳ ହୋଇ ମୁଁ ଏମିତି ଏକ ଘୃଣ୍ୟ କାମ କରିବାକୁ ଯାଉଥିଲି। ନିଜ ବନ୍ଧୁକୁ କୋଳେଇ ନେଉ ନେଉ ସୌମ୍ୟବାବୁ କହିଲେ, ତମେ ଏ କାର୍ଯ୍ୟ କରିନଥିଲେ ମୋ ଗବେଷଣାର ପରୀକ୍ଷା ଅପୂର୍ଣ୍ଣ ରହିଯାଇଥାନ୍ତା। ଏଣୁ ତମେ ମୋର ଶତ୍ରୁ ନୁହଁ, ପରମବନ୍ଧୁ। ଏ ରୋବଟ ହେଉଛି ବିଶେଷ କ୍ଷମତାସଂପନ୍ନ ଦେହରକ୍ଷୀ। ଆଜି ସେ ତା'ର ପ୍ରମାଣ ଦେଖାଇ ବିରୁଦ୍ଧ ପରିସ୍ଥିତିକୁ ମୁକାବିଲା କରି ମୋ ଜୀବନ ବଞ୍ଚାଇପାରିଲା। ଏହା ମଧ୍ୟରେ ରହିଛି ଅତ୍ୟାଧୁନିକ ସେନସର ଓ ସ୍ୱୟଂକ୍ରିୟ ମଟର। ଏହାକୁ ଆଦେଶ ଦେବାର ଆବଶ୍ୟକତା ନାହିଁ। କୌଣସି ଅସ୍ୱାଭାବିକ ଅବସ୍ଥା ଉପୁଜିଲେ ଏହା ସ୍ୱତଃ କ୍ରିୟାଶୀଳ ହୋଇଉଠେ। ତେଣୁ ଏହି ରୋବଟ ପାଖରେ ଥିଲେ ନିରାପତ୍ତା ପାଇଁ କୌଣସି ରକ୍ଷୀର ଆବଶ୍ୟକତା ନାହିଁ।

କଥାଟା ଶୁଣି ଓ ସ୍ୱଚକ୍ଷୁରେ ରୋବଟର ଅଦ୍ଭୁତ କାର୍ଯ୍ୟଦକ୍ଷତା ଦେଖି ପରିମଳ ବାବୁ ବିସ୍ମୟ ବିସ୍ଫାରିତ ନେତ୍ରରେ ଅନେଇ ରହିଲେ ବିଲୋଳ ହସ ଚହଲୁଥିବା ସୌମ୍ୟବାବୁଙ୍କ ମୁଖମଣ୍ଡଳକୁ।

**ନନ୍ଦବିହାର (ପଟିଆ), ଭୁବନେଶ୍ୱର**
**ଦୂରଭାଷ-୯୪୩୭୪୯୧୨୧୪**



# ରୋଗୀ ସେବା କରୁ କରୁ ଯିଏ ରୋଗୀ ବନିଗଲେ

ଶ୍ରୀ ରବୀନ୍ଦ୍ରନାଥ ପ୍ରଧାନ

ସେତେବେଳେ ସାରାଓଡ଼ିଶା ମୁଲକରେ ଥିଲା ଗୋଟିଏ ବଡ଼ସ୍କୁଲ। ତା'ର ନାଁ ଥିଲା, ଭାରି ବିଖ୍ୟାତ। ଓଡ଼ିଶାର ଚାରିଆଡ଼ୁ ପିଲାମାନେ ଆସି ଏଇଠି ପାଠପଢୁଥିଲେ। ପିଲାମାନେ ଛାତ୍ରାବାସରେ ରହନ୍ତି। ଛାତ୍ରବାସ ଦାୟିତ୍ୱରେ ଜଣେ ଗୁରୁଜୀ ଥାଆନ୍ତି, ଭାରି ଉପକାରୀ ମଣିଷ ଜଣେ। ସେ ପିଲାଙ୍କ ଭଲମନ୍ଦ କଥା ବୁଝନ୍ତି। କାହାର ଦେହ ଖରାପ ହେଲେ ପାଖେ ପାଖେ ବସିରହି ସେବାକରନ୍ତି। ସେ ପିଲାମାନଙ୍କୁ ବାପା-ମାଆଠାରୁ ବଳି ସ୍ନେହକରନ୍ତି, ଆଉ ପିଲାମାନେ ବି ତାଙ୍କୁ ଭପପାଆନ୍ତି। ସୁତରାଂ ଛୁଟିଦିନମାନଙ୍କରେ ବି କେହି ଘରକୁ ଯିବାକୁ ମନକରନ୍ତିନାହିଁ।

ବର୍ଷେ ସେ ଅଞ୍ଚଳରେ ଖୁବ୍ ଜ୍ୱର ବ୍ୟାପିଲା। ବିଦ୍ୟାଳୟର ଛାତ୍ରବାସରେ ଅନେକ ପିଲା ଜ୍ୱରରେ ଶୋଇଗଲେ। ଏଇ ଗୁରୁଜୀ ଜଣକ ଅତ୍ୟନ୍ତ ବ୍ୟସ୍ତହୋଇପଡ଼ିଲେ। ପୀଡ଼ିତ ଛାତ୍ରଙ୍କର ସେବାରେ ଦିନରାତି ଲାଗିପଡ଼ିଥାନ୍ତି। ସେମାନଙ୍କ ପାଖେ ପାଖେ ଜଗିବସି ଯେତେବେଳେ ଯାହାର କ'ଣ ଲୋଡ଼ାହୁଏ ଯୋଗାଇଦିଅନ୍ତି। କାହାକୁ କେତେବେଳେ ଔଷଧ ଦିଆଯିବ, କାହାକୁ କି ପଥ୍ୟ ଲୋଡ଼ା ସବୁକଥା ବୁଝୁଥାନ୍ତି।

ଦିନକର କଥା - "ରୋଗୀ ସେବା କରୁ କରୁ ଶିକ୍ଷକ
ଦିନେ ସେ ରୋଗରେ ହେଲେ ଆକ୍ରାନ୍ତ
ହରାଇ ବସିଲେ ଚେତା
ଚେତା ଫେରୁ ଫେରୁ ପଚାରି ବୁଝିଲେ
ରୋଗିଣା ଛାତ୍ରଙ୍କ କଥା।"

ଧନ୍ୟ ସେ ଗୁରୁଜୀ। ସେ ନିଜକଥା ବୁଝିବେ କ'ଣ ଜ୍ୱରରେ ପୀଡ଼ିତହୋଇ ଥରୁଥାନ୍ତି, ଅଥଚ ପଚାରୁଥାନ୍ତି ପିଲାଙ୍କ ଦେହପା'କଥା। କିଏ କ'ଣ ଖାଇଲା କି ନଖାଇଲା ସେକଥା।

ଏତିକିବେଳେ ଛାତ୍ରାବାସରୁ କେତେଜଣ ପିଲାଯାଇ ଡାକ୍ତର ଡକାଇଆଣିଲେ। ଗୁରୁଜୀଙ୍କର ଚିକିତ୍ସା କରାଇଲେ ଓ ତାଙ୍କସେବାରେ ଲାଗିପଡ଼ିଲେ। ଏପରିକି ତାଙ୍କୁ ଜଗିବସିଲେ।

ଏହାଦେଖି ଗୁରୁଜୀ କହିଲେ - "ପିଲାମାନେ! ତୁମେ ମୋତେ ଜଗିବସିବା ଲୋଡ଼ାନାହିଁ। ରୋଗିଣା ପିଲାଙ୍କର ସେବାକର। କିଏ କ'ଣ ଖାଇବ ଆଗ ସେକଥା ବୁଝ।" ସତରେ ଏହିଭଳି ଲୋକ ଏଦୁନିଆରେ କେତେ ଅଛନ୍ତି କହିଲ, ଯେଉଁମାନେ ନିଜକଥା ଭୁଲିଯାଇ ପରର ଦୁଃଖଦେଖି ବ୍ୟାକୁଳ ହୁଅନ୍ତି ? ସେଇ ଗୁରୁଜୀ କହନ୍ତି - "ପିଲାଏ! କାଛୁ କୁଣ୍ଡିଆ ଡିଆଁରୋଗ ସିନା, ଏହାକୁ ନିୟମିତ ସଫା ରଖିଲେ ଆପେ ଆପେ ଭଲହୋଇଯାଏ। ଆଉ ଯିଏ ଅପରିଷ୍କାର ରହେ, ତାକୁ ହିଁ ଏ ରୋଗ ହୋଇଥାଏ।"

ସାଧାରଣତଃ ପିଲାଦିନେ ପିଲାମାନେ ଅପରିଷ୍କାର ରହିବା କାରଣରୁ ଏହିରୋଗ ସେହିମାନଙ୍କଠାରେ ହିଁ ଦେଖାଦେଇଥାଏ। ବିଶେଷକରି ଆଙ୍ଗୁଠି ସନ୍ଧିରେ ମଇଳା ଜମିରହିବା ସ୍ଥାନରେ ଏହି ରୋଗ ହୋଇଥାଏ। ଏହାର ପୂଜ, ରକ୍ତ ଯେଉଁ ସ୍ଥାନରେ ଲାଗେ ସେଠାରେ ଫୋଟକାଭଳି ଆଉ ଗୋଟିଏ ଘା' ହୋଇଯାଏ। କାଛୁକୁଣ୍ଡିଆ ରୋଗୀକୁ ଦେଖିଲେ ଲୋକ ନାକଟେକନ୍ତି। ରୋଗ ଡ଼େଇଁବ ବୋଲି କେହି ତା'ପାଖ ମାଡ଼ନ୍ତିନାହିଁ। ହେଲେ ଏଇ ଗୁରୁଜୀ ଜଣକ କ'ଣ କରନ୍ତି ଶୁଣ ସେକଥା -

"ଡିଆଁରୋଗ ବୋଲି କାଛୁକୁଣ୍ଡିଆ
କିଏ ସିନା ଦୂରୁ ମାରେ ମୁଣ୍ଡିଆ
ଏଇ ଗୁରୁଜୀ ଜଣକ
ରୋଗୀ ପାଶେ ବସି ପୋଛନ୍ତି ଘାଆରୁ
ପୂଜ, ରକତ ଯେତେକ ।"

ମାତ୍ର ଏଇ ଗୁରୁଜୀ ଜଣକ ଏଭଳି ରୋଗୀଙ୍କୁ କେଉଁଠି ଦେଖିଦେଲେ ପାଖକୁ ଡାକିବସାନ୍ତି। ନିମ୍ବପତ୍ରକୁ ପାଣିରେ ସିଝାଇ ପିଲାଙ୍କର ଘା'ଧୋଇ ସଫା କରିଦିଅନ୍ତି। ଧୋଇବାବେଳେ କାହାର ଘା' ଛିଣ୍ଡିଗଲେ ପିଲାମାନେ କାନ୍ଦନ୍ତି। ହେଲେ ଏଇ ଗୁରୁଜୀ ଜଣକ ସ୍ନେହବୋଳା କଥା କହି ପିଲାର କାନ୍ଦଣା ବନ୍ଦ କରିଦିଅନ୍ତି। ପ୍ରତିଦିନ ଏହିଭଳି କରିବାକୁ ମାଆମାନଙ୍କୁ ବୁଝାଇ ଆସନ୍ତି।

ଏଇ ଗୁରୁଜୀ ଜଣକ ଅନ୍ୟକେହି ନୁହଁନ୍ତି - ସେ ଥିଲେ ଆଚାର୍ଯ୍ୟ ହରିହର ଦାସ ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକ ପଞ୍ଚସଖା ଭିତରୁ ଜଣେ। ସେ ପିଲାଦିନୁ ବରାବର ରୋଗୀସେବା କରୁଥିଲେ ଓ ସମସ୍ତଙ୍କୁ କହୁଥିଲେ, "ଭଲ ମଣିଷ ହୁଅ" । ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ଡାକରାରେ ଗୋପବନ୍ଧୁଙ୍କ ସହିତ ଆଚାର୍ଯ୍ୟ ମହାଶୟବି ଯୋଗ ଦେଇଥିଲେ। ଆଚାର୍ଯ୍ୟ ମହାଶୟ ଆମରାଜ୍ୟର ଜଣେ ମୁରବୀଭଳିଆ ମଣିଷ ଥିଲେ।

ଗୋରାମାନେ ଆମ ଦେଶଛାଡ଼ି ଚାଲିଗଲେ। ଏହାପରେ ଆମ ଦେଶ ଲୋକ ଆମ ଦେଶକୁ ଶାସନ କଲେ। ହେଲେ ଆଚାର୍ଯ୍ୟ ଏଥିରେ ଭାଗନେଲେନାହିଁ। ସେ ଆଗଭଳି ଲୋକଙ୍କ କଥା ବୁଝିଲେ ଓ ଦୁଃଖସୁଖରେ ଠିଆହେଲେ। ୧୯୭୧ ସାଲ ଫେବୃୟାରୀ ମାସରେ ୯୪ବର୍ଷ ବୟସରେ ସେ ଆଖିବୁଜିଦେଲେ। ମନେରଖ -


"ଭଲକାମ ଯିଏ କରୁଥାଏ ସଦା, କହେ ନାହିଁ ଜମା କରୁଛି ବୋଲି
ଜନ ସମାଜରେ ଶତ ଶତ ମୁଖେ, ସେ ଲୋକ ପ୍ରଶଂସା ପଡ଼େ ଉଚ୍ଛୁଳି।"

ଖମାରସାହି, ବାଣପୁର, ଖୋର୍ଦ୍ଧା
ଦୂରଭାଷ- ୯୬୬୮୫୬୦୬୪୫

# ସ୍ୱାଧୀନ ଭାରତର ସର୍ବଶ୍ରେଷ୍ଠ ହକି ତାରକା

**ଆଶିଷ କୁମାର ରାୟ**





ଏହି ଆଲେଖ୍ୟ ମାଧ୍ୟମରେ ଏଥର ଯେଉଁ ମହାନ କ୍ରୀଡ଼ାବିତଙ୍କ କଥା ଉଲ୍ଲେଖ କରାଯାଉଛି, ନିଶ୍ଚିତ ଭାବେ ସେ ଥିଲେ ସ୍ୱାଧୀନ ଭାରତର ସର୍ବଶ୍ରେଷ୍ଠ ହକି ତାରକା। ଥିଲେ ଏଇଥିପାଇଁ କୁହାଯାଉଛି, କାରଣ ସେ ଆଉ ଇହଧାମରେ ନାହାନ୍ତି। କିଛିଦିନ ପୂର୍ବେ ଗତ ମେ ୨୫ ତାରିଖରେ ୯୫ବର୍ଷ ବୟସରେ ଚଣ୍ଡୀଗଡ଼ଠାରେ ତାଙ୍କର ଦେହାନ୍ତ ହୋଇଯାଇଛି। ସେ ଯେ କେବଳ ସ୍ୱାଧୀନ ଭାରତର ସର୍ବଶ୍ରେଷ୍ଠ ହକି ତାରକା, ତାହା ନୁହେଁ, ବରଂ ହକି ଯାଦୁକର ଭାବେ ପ୍ରସିଦ୍ଧ ଧ୍ୟାନଚାନ୍ଦଙ୍କ ପଛକୁ ସେ ମଧ୍ୟ ହେଉଛନ୍ତି ବିଶ୍ୱର ଦ୍ୱିତୀୟ ସର୍ବଶ୍ରେଷ୍ଠ ହକି ତାରକା। ଏପରିକି ଅନେକ କ୍ରୀଡ଼ା ବିଶେଷଜ୍ଞ ତାଙ୍କୁ ସ୍ୱାଧୀନ ଭାରତର ଶ୍ରେଷ୍ଠ କ୍ରୀଡ଼ାବିତ ଆଖ୍ୟା ମଧ୍ୟ ଦେଇଥାନ୍ତି। କାରଣ ନିଜ ଖେଳାଳି ଜୀବନରେ ସେ ଯେଉଁଭଳି କୃତିତ୍ୱ ହାସଲ କରିଥିଲେ, ସେଭଳି କୃତିତ୍ୱ ଭାରତ ସ୍ୱାଧୀନ ହେବା ପରଠାରୁ ଅନ୍ୟ କୌଣସି କ୍ରୀଡ଼ାର କ୍ରୀଡ଼ାବିତଙ୍କ ଭାଗ୍ୟରେ ଏଯାବତ୍ ଜୁଟି ନାହିଁ। ଏଠାରେ ଯାହାଙ୍କ କଥା କୁହାଯାଉଛି ସେ ହେଉଛନ୍ତି ବଲବୀର ସିଂହ ଦୋସାଞ୍ଜ; ଭାରତ ଏକ ସ୍ୱାଧୀନ ଦେଶରେ ପରିଣତ ହେବା ପରେ ଦୀର୍ଘ ଦଶ/ବାର ବର୍ଷ ଧରି ଯାହାଙ୍କ ଅଦ୍ଭୁତ ଷ୍ଟିକ୍ ଚାଳନାର ଯାଦୁ ମନ୍ତ୍ରମୁଗ୍ଧ କରିଥିଲା ବିଶ୍ୱର ଅଗଣିତ କ୍ରୀଡ଼ାପ୍ରେମୀଙ୍କୁ।

୧୦ ଅକ୍ଟୋବର ୧୯୨୪ରେ ପଞ୍ଜାବର ହରିପୁର ଖାଲସାଠାରେ ଜନ୍ମଗ୍ରହଣ କରିଥିବା ବଲବୀର ସିଂହ ଦୋସାଞ୍ଜ ଥିଲେ ଜଣେ ବିଚକ୍ଷଣ କ୍ରୀଡ଼ାବିତ। ଭାରତ ସ୍ୱାଧୀନ ହେବାପରେ ବଲବୀର ସିଂହ ନାମଧାରୀ ତିନିଜଣ ଖେଳାଳି ପାଖାପାଖି ଏକା ସମୟରେ ଭାରତୀୟ ହକି ଦଳରେ ସାମିଲ ହେବାର ସୁଯୋଗ ଲାଭ କରିଥିବା ଦୃଷ୍ଟିରୁ ହରିପୁର ଖାଲସାରେ ଜନ୍ମଗ୍ରହଣ କରିଥିବା ଏହି ତାରକା ଜଣକ ବଲବୀର ସିଂହ ସିନିଅର ଭାବେ ପରିଚିତ ହୋଇଥିଲେ ହକିଜଗତରେ। ସେତେବେଳେ ବିଶ୍ୱ ହକିରେ ଭାରତ ଥିଲା ସର୍ବଶ୍ରେଷ୍ଠ ଦଳ। ବିଶ୍ୱ ସ୍ତରରେ ଭାରତୀୟ ହକି ଦଳକୁ ଶୀର୍ଷରେ ପହଞ୍ଚାଇବା ଦିଗରେ ସ୍ୱାଧୀନତା ପୂର୍ବରୁ ମହାନ ତାରକା ଧ୍ୟାନଚାନ୍ଦଙ୍କର ଯେଉଁଭଳି ଅବଦାନ ରହିଥିଲା, ସ୍ୱାଧୀନତାପ୍ରାପ୍ତି ପରେ ସେହି ଧାରାକୁ ବଜାୟ ରଖିବା ଦିଗରେ ଠିକ୍ ସେହିଭଳି ଅବଦାନ ରହିଥିଲା ବଲବୀର ସିଂହ ସିନିଅରଙ୍କର। ସ୍ୱାଧୀନତା ପୂର୍ବରୁ କ୍ରମାଗତ ତିନିଟି ଅଲିମ୍ପିକ୍‌ରେ ଧ୍ୟାନଚାନ୍ଦ ଯେଉଁଭଳି ଭାରତୀୟ ଦଳର ସ୍ୱର୍ଣ୍ଣ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ; ଠିକ୍ ସେହିଭଳି ସ୍ୱାଧୀନତା ପରେ କ୍ରମାଗତ ତିନିଟି ଅଲିମ୍ପିକ୍‌ରେ ଭାରତକୁ ସ୍ୱର୍ଣ୍ଣପଦକ ପ୍ରଦାନ ଦିଗରେ ବଲବୀର ଗ୍ରହଣ କରିଥିଲେ ମହତ୍ତ୍ୱପୂର୍ଣ୍ଣ ଭୂମିକା।

ପିଲାଟି ଦିନରୁ ହକି ଖେଳ ପ୍ରତି ଆକୃଷ୍ଟ ହୋଇଥିବା ବଲବୀର ଧ୍ୟାନଚାନ୍ଦଙ୍କୁ ହିଁ ନିଜର ଆଦର୍ଶ ମାନୁଥିଲେ। ସେ ମାତ୍ର ୧୩ବର୍ଷର ହୋଇଥିବା ବେଳେ ୧୯୩୬ ମସିହା ବର୍ଲିନ୍ ଅଲିମ୍ପିକ୍‌ରେ ଭାରତୀୟ ହକି ଦଳର ସ୍ୱର୍ଣ୍ଣ ବିଜୟୀ ପ୍ରଦର୍ଶନ ଉପରେ ନିର୍ମିତ ଏକ 'ନ୍ୟୁଜ୍ ରିଲ୍' ଦେଖି ବେଶ୍ ପ୍ରଭାବିତ ହୋଇଥିଲେ। ସେହି 'ନ୍ୟୁଜ୍ ରିଲ୍'ରେ ହକି ଯାଦୁକର ଧ୍ୟାନଚାନ୍ଦଙ୍କ ଅପୂର୍ବ କ୍ରୀଡ଼ାନୈପୁଣ୍ୟର ଝଲକ ଦେଖି ବଲବୀର ମଧ୍ୟ ତାଙ୍କରି ଭଳି ହେବା ନିମନ୍ତେ ସଂକଳ୍ପ ନେଇଥିଲେ। ତେବେ ତାଙ୍କ କ୍ରୀଡ଼ା ପ୍ରତିଭାର ଅଧିକ ବିକାଶ ଘଟିଥିଲା ଅମୃତସରର ଖାଲସା କଲେଜରେ ପଢ଼ିବା ସମୟରେ। ସେଠାକାର ପ୍ରଶିକ୍ଷକ ହରବେଲ୍ ସିଂହଙ୍କ ତତ୍ତ୍ୱାବଧାନରେ ସେ ନିଜକୁ ଏକ ଉଚ୍ଚକୋଟୀର ଖେଳାଳି ଭାବେ ଗଢ଼ି ତୋଳିଲେ। ସ୍ୱାଧୀନତା ପୂର୍ବରୁ ଅବିଭକ୍ତ ପଞ୍ଜାବ ଦଳକୁ ଜାତୀୟ ଚାମ୍ପିଆନ କରାଇବାରେ ବଲବୀରଙ୍କ ଅବଦାନ ଥିଲା ବହୁତ ଅଧିକ। ଏତଦ୍‌ବ୍ୟତୀତ ସେ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ପଞ୍ଜାବ ବିଶ୍ୱବିଦ୍ୟାଳୟକୁ କ୍ରମାଗତ ତିନିବର୍ଷ ଧରି ଚାମ୍ପିଆନ୍ କରାଇଥିଲେ।

୧୯୪୮ର ଲଣ୍ଡନ ଅଲିମ୍ପିକ୍ ସକାଶେ କିଶନ୍ ଲାଲ୍‌ଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳରେ କେ.ଡି. ସିଂହ ବାବୁ, ଲତିଫୁର ରହମାନ, ଲେସଲୀ କ୍ଲାଉଡିୟସ୍, ରଣଧୀର ସିଂହ ଜେଣ୍ଟଲ୍, ରଘୁନନ୍ଦନ ଫ୍ରାନସିସ୍, କେଶବ ଦତ୍ତଙ୍କ ଭଳି ଏକୁ ଆରେକ ବଳି ତାରକାଙ୍କ ସହିତ ସାମିଲ ଥିଲେ ବଲବୀର ସିଂହ। ପ୍ରଥମ ମ୍ୟାଚରେ ତାଙ୍କୁ ଖେଳିବାର ସୁଯୋଗ ମିଳିନଥିଲା, କିନ୍ତୁ ଆର୍ଜେଣ୍ଟିନା ବିପକ୍ଷରେ ଦ୍ୱିତୀୟ ମ୍ୟାଚରେ ନିଜ ପ୍ରତିଭା ପ୍ରଦର୍ଶନର ସୁଯୋଗ ଲାଭ କରି





ବଲବୀର ସ୍କୋର୍ କରିଥିଲେ ୬ଟି ଗୋଲ୍। ଏହା ପରଠାରୁ ତାଙ୍କୁ ଅଟକାଇବା ଆଉ ସମ୍ଭବ ନଥିଲା। ଗ୍ରେଟ୍ ବ୍ରିଟେନ୍ ବିପକ୍ଷରେ ଫାଇନାଲ ମ୍ୟାଚରେ ଭାରତ ୪-୦ରେ ବିଜୟୀ ହୋଇଥିବା ବେଳେ ସେଥିମଧ୍ୟରୁ ଦୁଇଟି ଗୋଲ ଆସିଥିଲା ବଲବୀରଙ୍କ ଷ୍ଟିକ୍‌ରୁ। କିଛିମାସ ପୂର୍ବ ପର୍ଯ୍ୟନ୍ତ ଆମର ଶାସକ ଥିବା ଗ୍ରେଟ୍ ବ୍ରିଟେନ୍ ବିରୁଦ୍ଧରେ ଏହା ଥିଲା ଭାରତର ଏକ ନୈତିକ ବିଜୟ। ଏହା ମଧ୍ୟ ଥିଲା ଅଲିମ୍ପିକ୍ କ୍ରୀଡ଼ାରେ ସ୍ୱାଧୀନ ଭାରତର ପ୍ରଥମ ସ୍ୱର୍ଣ୍ଣ ପଦକ ବିଜୟର କୃତିତ୍ୱ, ଯେଉଁଥିରେ ବଲବୀର ସିଂହଙ୍କର ରହିଥିଲା ପ୍ରମୁଖ ଭୂମିକା।

୧୯୫୨ର ହେଲସିଙ୍କି ଅଲିମ୍ପିକ୍ ସକାଶେ କେ.ଡି. ସିଂହ ବାବୁଙ୍କ ନେତୃତ୍ୱରେ ଯେଉଁ ହକି ଦଳ ଗଠନ କରାଯାଇଥିଲା ସେଥିରେ ବଲବୀର ସିଂହ ସିନିଅର ଥିଲେ ଉପ ଅଧିନାୟକ। ସେଣ୍ଟର୍ ଫରୱାର୍ଡ ଭାବେ ଖେଳୁଥିବା ବଲବୀରଙ୍କ ଅସାଧାରଣ ଗୋଲ୍ ସ୍କୋରିଂ ଦକ୍ଷତା ଏହି ଅଲିମ୍ପିକ୍‌ରେ ମଧ୍ୟ ଦେଖିବାକୁ ମିଳିଥିଲା। ଫିନଲାଣ୍ଡର ରାଜଧାନୀ ହେଲସିଙ୍କିଠାରେ ଭାରତ ତିନିଟି ମ୍ୟାଚ୍ ଖେଳି ମୋଟ୍ ୧୩ଟି ଗୋଲ୍ ଦେଇଥିବା ବେଳେ ସେଥିମଧ୍ୟରୁ ସେ ହିଁ ସର୍ବାଧିକ ୯ଟି ଗୋଲ୍ ଦେବାର ଗୌରବ ହାସଲ କରିଥିଲେ। ସେମି ଫାଇନାଲରେ ଗ୍ରେଟ୍ ବ୍ରିଟେନ୍ ବିପକ୍ଷରେ ୩-୧ରେ ଏବଂ ଫାଇନାଲରେ ନେଦରଲାଣ୍ଡ୍‌ସ ବିପକ୍ଷରେ ୬-୧ରେ ମିଳିଥିବା ଚମକପ୍ରଦ ବିଜୟରେ ସେ ଥିଲେ ମୁଖ୍ୟ ବିନ୍ଧାଣୀ। ସେମି ଫାଇନାଲରେ ଭାରତ ପକ୍ଷରୁ ହୋଇଥିବା ୩ଟି ଯାକ ଗୋଲ୍ ଏବଂ ଫାଇନାଲରେ ୬ଟି ଗୋଲ ମଧ୍ୟରୁ ୫ଟି ଗୋଲ୍ ଆସିଥିଲା ତାଙ୍କରି ଷ୍ଟିକ୍‌ରୁ। କୌଣସି ଅଲିମ୍ପିକ୍‌ର ଫାଇନାଲ ମୁକାବିଲାରେ ସର୍ବାଧିକ ୫ଟି ଦେବାର ରେକର୍ଡ ଏଯାବତ ବଲବୀର ସିଂହ ସିନିଅରଙ୍କ ନାମରେ ହିଁ ରହିଛି।

ଏହାପରେ ୧୯୫୬ରେ ଅଷ୍ଟ୍ରେଲିଆର ମେଲବୋର୍ଣ୍ଣରେ ଅନୁଷ୍ଠିତ ଅଲିମ୍ପିକ୍‌ରେ ବଲବୀର ଥିଲେ ଭାରତର ଅଧିନାୟକ। ସେଠାରେ ଆଫଗାନିସ୍ତାନ ବିପକ୍ଷରେ ଉଦ୍‌ଘାଟନୀ ମ୍ୟାଚରେ ମଧ୍ୟ ସେ ଦେଇଥିଲେ ୫ଟି ଗୋଲ। ଅସୁସ୍ଥତା ଯୋଗୁଁ ଅନ୍ୟ ଦୁଇଟି ପୁଲ୍ ମ୍ୟାଚରେ କିନ୍ତୁ ସେ ଖେଳି ପାରିନଥିଲେ। ତେବେ ପଶ୍ଚିମ ଜର୍ମାନୀ ବିରୁଦ୍ଧରେ ସେମି ଫାଇନାଲ ଓ ପାକିସ୍ତାନ ବିରୁଦ୍ଧରେ ଫାଇନାଲ ମ୍ୟାଚ୍‌ରେ ତାଙ୍କରି ଅଭିଜ୍ଞତା ବଳରେ ଭାରତ ବିଜୟୀ ହୋଇ ହାସଲ କରିଥିଲା ଅଲିମ୍ପିକ୍‌ରେ କ୍ରମାଗତ ଷଷ୍ଠ ସ୍ୱର୍ଣ୍ଣ ପଦକ। ସେହି ଦୁଇଟିଯାକ ମ୍ୟାଚ୍‌ରେ ଭାରତ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାର ସାମନା କରି ୧-୦ଗୋଲରେ ବିଜୟୀ ହୋଇଥିଲା। ଦୁଇଟିଯାକ ମ୍ୟାଚ୍‌ରେ ବଲବୀରଙ୍କ ସଫଳ ନେତୃତ୍ୱ ଭାରତର କ୍ରୀଡ଼ା ଇତିହାସରେ ସ୍ମରଣୀୟ ହୋଇ ରହିଛି। ତିନିଟି ଅଲିମ୍ପିକ୍‌ରେ ଆଠଟି ମ୍ୟାଚ୍ ଖେଳି ୨୨ଟି ଗୋଲ ଦେବା ତାଙ୍କୁ ହକି ଜଗତରେ ଜଣେ ଅସାଧାରଣ ଗୋଲସ୍କୋରର୍ ଭାବେ ପ୍ରତିଷ୍ଠିତ କରିଥିଲା। ତିନିଟି ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବ୍ୟତୀତ ୧୯୫୮ର ଟୋକିଓ ଏସିଆଡ୍‌ରେ ରୌପ୍ୟ ପଦକ ହାସଲ କରିବା ମଧ୍ୟ ତାଙ୍କ କ୍ରୀଡ଼ା ଜୀବନର ଆଉ ଏକ ସଫଳତା।

୧୯୫୮ର ଏସୀୟ କ୍ରୀଡ଼ା ପରେ ବଲବୀର ସିଂହ ଦୋସାଞ୍ଜ ପ୍ରତିଦ୍ୱନ୍ଦ୍ୱିତାରୁ ଅବସର ନେଇଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ଜଣେ ସଫଳ ପ୍ରଶିକ୍ଷକ ଏବଂ ତତ୍ତ୍ୱାବଧାରକ ଭାବେ ଭାରତୀୟ ହକି ଦଳର ସେବାରେ ନିଜକୁ ନିୟୋଜିତ କରିଥିଲେ। ୧୯୭୫ରେ ମାଲେସିଆର କୁଆଲାଲମପୁର ନଗରୀରେ ଆୟୋଜିତ ହକି ବିଶ୍ୱକପ୍‌ରେ ଚାମ୍ପିଆନ ହୋଇଥିବା ଭାରତୀୟ ଦଳର ସେ ଥିଲେ ସଫଳ ମ୍ୟାନେଜର୍। ୧୯୫୭ରେ ପଦ୍ମଶ୍ରୀ ଉପାଧି, ୧୯୮୨ରେ ସ୍ୱାଧୀନ ଭାରତର ସର୍ବଶ୍ରେଷ୍ଠ କ୍ରୀଡ଼ାବିତ ସମ୍ମାନ, ୨୦୦୬ରେ ସର୍ବଶ୍ରେଷ୍ଠ ଶିଖ୍ ହକି ତାରକାର ସମ୍ମାନ, ୨୦୧୫ରେ ଧ୍ୟାନଚାନ୍ଦ ଲାଇଫଟାଇମ୍ ଆଚିଭମେଣ୍ଟ ଆୱାର୍ଡ ଆଦି ଅନେକ ସମ୍ମାନ ଓ ପୁରସ୍କାରର ସେ ଅଧିକାରୀ ମଧ୍ୟ ହୋଇଛନ୍ତି। ଭାରତୀୟ ହକିର ସୁବର୍ଣ୍ଣ ଯୁଗର ଅନ୍ୟତମ ଅଗ୍ରଣୀ ନାୟକ ବଲବୀର ସିଂହ ଆଜି ଇହ ଜଗତରେ ନାହାନ୍ତି ସତ, କିନ୍ତୁ ତାଙ୍କର କୃତିତ୍ୱ ସଦା ଅମର ରହିବା ସହିତ ଦେଶର ଅଗଣିତ କ୍ରୀଡ଼ାନୁରାଗୀଙ୍କ ହୃଦୟରେ ତାଙ୍କର ସ୍ମୃତି ସଦା ଅମ୍ଳାନ ହୋଇ ରହିଥିବ।


ମୋ-୯୪୩୭୬୨୭୫୧୪

## ପିଲାଙ୍କ ଆମରି ସତ୍ୟ


# ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ

### (ପଢ଼ାବେଳର କଥା)

ତ୍ରିଲୋଚନ ମହାପାତ୍ର



ପିତା ଦୈତାରୀ ଦାସ ଗାଁରେ ଚାଟଶାଳୀଟିଏ କରି ଜଣେ ଅବଧାନଙ୍କୁ ରଖାଇଲେ । ଗୋପବନ୍ଧୁ ସେଇଠି ପଢ଼ିଲେ । ଦିନକର କଥା । ଦିପହର ବେଳ । ଅବଧାନ ନିଘୋଡ଼ ନିଦରେ ଶୋଇଥାନ୍ତି । ନାଗ ସାପଟିଏ ଆସି ତାଙ୍କ ଆଡ଼କୁ ଗଲା । ପିଲାମାନେ ଡରି ମରି ଦୌଡ଼ି ପଳାଇଲେ । ଗୋପବନ୍ଧୁ ବାଡ଼ି ଖଣ୍ଡିଏ ଆଣି ସାପଟିକୁ ପିଟିପିଟି ମାରିଦେଲେ । ଅବଧାନଙ୍କ ନିଦ ଭାଂଗିଗଲା । ସବୁକଥା ବୁଝିଲେ । ଶ୍ରଦ୍ଧାରେ ଗୋପବନ୍ଧୁଙ୍କ ମୁଣ୍ଡ ଆଉଁସି କହିଲେ - ଗୋପ, ତୁ ଦିନେ ବଡ଼ଲୋକ ହେବୁ ।



ଥରେ ଅବଧାନଙ୍କୁ ଭୀଷଣ ଝାଡ଼ାହେଲା । ତୁଟୁକାମୁଟୁକା ଓଷୁଅ ଖାଇଲେ ବି ଭଲ ହେଲାନି । ବେଳକୁ ବେଳ ସେ ଦୁର୍ବଳ ହୋଇପଡ଼ିଲେ । ଲେମ୍ବୁ ଓ ଡାଳିମ୍ବ ବାଟି ପିଇଲେ ଭଲ ହୋଇଯିବ ବୋଲି ଜଣେ କିଏ ପରାମର୍ଶ ଦେଲେ । ଗାଁ ଗହଳରେ କୋଉଠି ବା ମିଳିବ ?

ଗୋପବନ୍ଧୁ ଗାଁ ଯାକର ବାଡ଼ି ଖୋଜିଲେ, ମିଳିଲାନି । ଆଖପାଖ ଦୁଇ ତିନିଟି ଗାଁରେ ଖୋଜିଲେ । ଶେଷରେ ଗୋଟିଏ ଗାଁରୁ ଲେମ୍ବୁ ଓ ଡାଳିମ୍ବ ଆଣି ବାଟିକରି ପିଇବାକୁ ଦେଲେ । ଅବଧାନ ସୁସ୍ଥ ହେଲେ ।

୧୮୯୨ ମସିହାରେ ଗୋପବନ୍ଧୁ ପୁରୀ ଜିଲ୍ଲା ସ୍କୁଲରେ ନାଁ ଲେଖେଇଲେ । ସେତେବେଳେ ରାଧାନାଥ ରାୟ 'ପାର୍ବତୀ' ନାମକ ଏକ କାବ୍ୟ ରଚନା କରିଥିଲେ । ସେଥିରେ ଓଡ଼ିଶାର ଗଜପତିଙ୍କୁ ଅତି କଦର୍ଯ୍ୟ ଭାବରେ ଅପମାନିତ କରାଯାଇଥିଲା । ଯୋଗକୁ ସେହି ସମୟରେ ପତ୍ର ପତ୍ରିକାରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ କବିବର ରାଧାନାଥଙ୍କ ସାହିତ୍ୟ ଉପରେ ଭିନ୍ନ ଭିନ୍ନ ଆଲୋଚନା ହୋଇ ପ୍ରକାଶ ପାଉଥିଲା । ଏଇ ଦୁଇଟି କାରଣରୁ ବାଳକ ଗୋପବନ୍ଧୁଙ୍କ ମନ ବିଦ୍ରୋହ କରିଉଠିଲା । ସେ 'ଇନ୍ଦ୍ରଧନୁ' ପତ୍ରିକାରେ କବିତାଟିଏ ପ୍ରକାଶ କରାଇଲେ । ସେଥିରେ ଥିଲା - ଧଡ଼ିଆ ପଣ୍ଡିତଂମନ୍ୟ ।

ବାଉରୀ ସାହିରେ ଶୃଗାଳ କେଶରୀ ପରି ହେଉଥାନ୍ତି ଗଣ୍ୟ । ଉଲ୍ଲେଖଯୋଗ୍ୟ ଯେ, ରାଧାନାଥ ଚିରରୋଗୀ ଥିବାରୁ ଅତି ଜୀର୍ଣ୍ଣଶୀର୍ଣ୍ଣ ଦେଖାଯାଉଥିଲେ । ସେ ଥିଲେ ଓଡ଼ିଶା ସ୍କୁଲ ସମୂହର ଇନ୍‌ସ୍ପେକ୍ଟର । ପିଲାଟି ପୁରୀ ଜିଲ୍ଲା ସ୍କୁଲର ଛାତ୍ର ବୋଲି ଜଣାପଡ଼ିଲା । ରାଧାନାଥ ଦିନେ ଜିଲ୍ଲାସ୍କୁଲ ପରିଦର୍ଶନରେ ଆସିଲେ । ଇନ୍‌କ୍ୱାରି କରାଯାଇ ଛାତ୍ରଜଣକ ଗୋପବନ୍ଧୁ ବୋଲି ଜଣାପଡ଼ିଲା । ତାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରିବାପାଇଁ ସେ ନିର୍ଦ୍ଦେଶ ଦେଲେ । ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଓ ବହୁ ଭଦ୍ରଲୋକ ବ୍ୟସ୍ତ ହେଲେ । କେତେକ କ୍ଷମାପ୍ରାର୍ଥନା କରିବାକୁ ଗୋପବନ୍ଧୁଙ୍କୁ ପ୍ରବର୍ତ୍ତାଇଲେ । ସେ ରୋକ୍‌ଠୋକ୍ ମନା କରିଦେଲେ । କେଉଁ ତଥ୍ୟ ଆଧାରରେ ସେ 'ପାର୍ବତୀ' କାବ୍ୟ ରଚନା କରିଛନ୍ତି ବୋଲି ଗୋପବନ୍ଧୁ ପ୍ରଶ୍ନ କଲେ । ତା'ର ଉତ୍ତର ମିଳିଲାନି ।

ରାଧାନାଥ କହିଲେ - ସେ ମୋ ବିରୁଦ୍ଧରେ ଲେଖିପାରେ । ତାକୁ ଆଉ ବେଶି ଶିକ୍ଷାଦେଲେ ସେ ଭବିଷ୍ୟତରେ ହେବ କ'ଣ ? ତାକୁ ଆଉ ବେଶି ଶିକ୍ଷାଦେଲେ ସେ ସମାଜର କି ଅନିଷ୍ଟ ନକରିପାରେ ?

ତେବେ ତାଙ୍କୁ ଦଶଟଙ୍କା ଜୋରିମାନା ହେଲା । ସେ ବର୍ଷର ପ୍ରାଇଜ୍ ମିଳିଲାନି । ଗୋପବନ୍ଧୁ ପଢ଼ିଲେ ।

ଭାରତୀ ବିହାର,ଜଟଣୀ,ଖୋରଧା
ଦୂରଭାଷ-୯୯୩୮୯୯୪୮୨୨

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

ସମରଜିତ୍ ପଟ୍ଟନାୟକ

ଲକ୍ଷ୍ମୀ ପୂଜାଦିନ ୯ ଡିସେମ୍ବର, ୧୮୮୮ ମସିହାରେ ଲକ୍ଷ୍ମୀକାନ୍ତଙ୍କର କଟକରେ ଜନ୍ମ ହୋଇଥିଲା । କିନ୍ତୁ ତାଙ୍କର ପୈତୃକ ଘର ତାଳପଦା, ତିହିଡ଼ି ବ୍ଲକ ଏବଂ ଭଦ୍ରକ ଜିଲ୍ଲା । ପିତାଙ୍କ ନାମ ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ, ମାତା - ରାଧାମଣୀ । ପିତା - ଭାଗବତ ପ୍ରସାଦ ବିହାର - ଓଡ଼ିଶା ବିଧାନସଭାରେ ପ୍ରତିନିଧିତ୍ୱ କରିଥିଲେ ଏବଂ ୨ଥର ଉପ-ବାଚସ୍ପତି ଥିଲେ ।

ଲକ୍ଷ୍ମୀକାନ୍ତ ହାଇସ୍କୁଲ ଶିକ୍ଷା ପରେ ସ୍ୱାଧିନତା ସଂଗ୍ରାମରେ ଯୋଗ ଦେଲେ । କାରାବରଣ କଲେ । ୧୯୧୩ ରେ ରେଭେନ୍ସାରୁ ସ୍ନାତକୋତ୍ତର ଉପାଧି ପାଇଲେ । ଭଦ୍ରକ ହାଇସ୍କୁଲ ପ୍ରାଙ୍ଗଣରେ ଏକ ସମ୍ବର୍ଦ୍ଧନା ସଭାରେ ତାଙ୍କୁ 'କାନ୍ତକବି' ଉପାଧି ଦିଆଗଲା ।

'ଜାତୀୟ ସଙ୍ଗୀତ' ଏବଂ 'ଜୀବନ ସଙ୍ଗୀତ' କ୍ରମରେ ରଚିତ ଶତାଧିକ ଗୀତ ତାଙ୍କୁ ଲୋକପ୍ରିୟ କରିଛି । ଲକ୍ଷ୍ମୀକାନ୍ତ ତାଙ୍କର ଅସଂପୂର୍ଣ୍ଣ ଉପନ୍ୟାସ 'କଣାମାମୁ' ଏବଂ 'ବୁଢ଼ାଶଙ୍ଖାରୀ' ଗଳ୍ପପାଇଁ ଘରେ ଘରେ ପରିଚିତ । ତାଙ୍କର ମର୍ମସ୍ପର୍ଶୀ ରଚନା ମଧ୍ୟରେ 'ସବୁଥିରୁ ବଞ୍ଚିତ କରି', 'ଫୁଲଟି ମୋର ଯେବେ ଯାଏ ଝଡ଼ି' ଏବଂ 'ସବୁତ ନେଇଛ ଛଡ଼ାଇ' ।

ସେ ମଧ୍ୟ ଏକ ମାସିକ ସାହିତ୍ୟ ପତ୍ରିକା 'ଡ଼ଗର'ର ପ୍ରତିଷ୍ଠାତା ଥିଲେ । ଜମିଦାରୀ ଯିବାପରେ କିଛିଦିନ ଆର୍ଥିକ ଅନଟନରେ ୨୪ ଫେବୃୟାରୀ, ୧୯୫୩ ମସିହାରେ ମୃତ୍ୟୁ ବରଣ କଲେ ।

## କିଛି ଜାଣିବା କଥା

### ଭାରତ ଏବଂ ଚୀନ୍ ସୀମା ବିବାଦର ଚୁକ୍ତି ସ୍ୱାକ୍ଷର :-

ଏଲଏସି - ଲାଇନ୍ ଅଫ୍ ଆକ୍‌ଚୁଆଲ୍ କଣ୍ଟ୍ରୋଲ

୧୯୯୩ : ଏଲଏସିରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା।

୧୯୯୬ : କନ୍‌ଫିଡ଼େନ୍‌ସ ବିଲ୍ଡିଙ୍ଗ୍ ମେଜର(ସିବି ଏମ୍) ଚୁକ୍ତି।

୨୦୦୫ : ସିବିଏମ୍‌କୁ ବିସ୍ତୃତ ଭାବରେ କାର୍ଯ୍ୟକାରୀ ପାଇଁ ପ୍ରୋଟୋକଲ ପ୍ରସ୍ତୁତି।

୨୦୧୨ - ସୀମାବିବାଦରେ ସହଭାଗିତା ଏବଂ ପରାମର୍ଶ ପାଇଁ କାର୍ଯ୍ୟପ୍ରଣାଳୀ।

୨୦୧୩ - ସୀମା ସୁରକ୍ଷା ସହଯୋଗ ଚୁକ୍ତି।

### କୂଟନୈତିକ ସମ୍ପର୍କ :-

୧୯୭୭ : ମୋରାରଜୀ ଦେଶାଇ ଚୀନ ସହ ସମ୍ପର୍କ ଦୃଢ଼ କରିବାକୁ ଋହିଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ବେଜିଂ ପଠାଇଥିଲେ।

୧୯୮୦ : ଇନ୍ଦିରାଗାନ୍ଧୀ ଏଲଏସିରେ ସୈନ୍ୟ ମୁତୟନ ପାଇଁ ଯୋଜନାକୁ ସ୍ୱୀକୃତି ଦେଲେ।

୧୯୮୭ : ବିଶେଷଜ୍ଞମାନଙ୍କ ଆକଳନ ଥିଲା ଏବଂ ଯୁଦ୍ଧପାଇଁ ରାଜୀବ ଗାନ୍ଧୀ ଏବଂ ବୈଦେଶିକ ମନ୍ତ୍ରୀ ଏନ୍ ଡ଼ି ତିୱାରୀ ଉତ୍ତେଜନା ହ୍ରାସପାଇଁ ବେଜିଂ ଗସ୍ତ।

୨୦୦୬ : ଅରୁଣାଞ୍ଚଳ ପ୍ରଦେଶରେ ଜଣେ ଆଇ.ଏ.ଏସ୍ ଅଫିସରଙ୍କଠାରୁ ଭିସା ପତ୍ରକୁ ଚୀନ ପ୍ରତ୍ୟାଖାନ କରିଥିଲା।

୨୦୦୮ : ତିବ୍ବତ ଚୀନ୍‌ର ଅଂଶ ବୋଲି ବ୍ରିଟେନ କହିଥିଲା।

୨୦୦୯ : ଏସିଆନ ଡ଼େଭଲେପମେଣ୍ଟ ବ୍ୟାଙ୍କ୍ ଅରୁଣାଚଳ ପ୍ରଦେଶକୁ ଭାରତର ଅଂଶବୋଲି କହିଥିଲା।

୨୦୧୩ : ଏଲ ଏ ସି ରେ ଭାରତ ଚୀନ୍ ମଧ୍ୟରେ ତିନି ସପ୍ତାହ ଧରି ସୈନ୍ୟମାନଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା।

୨୦୧୭ : ଡ଼ୋକ୍‌ଲାମ ବିବାଦ ଏକ ଚର୍ଚ୍ଚିତ ବିଷୟ।

୨୦୨୦ : ଚୀନ ସେନା ଏକ ରାସ୍ତା ନିର୍ମାଣକୁ ନେଇ ବିବାଦ। ଦୁଇମାସ ବିବାଦ ପରେ ଏଲଏସି ନିକଟରେ ଉତ୍ତେଜନା। ମଇ ୧୫ ତାରିଖ ବିଳମ୍ବିତ ରାତିରେ ଉଭୟ ସେନାଙ୍କ ମଧ୍ୟରେ ସଂଘର୍ଷରେ ଭାରତୀୟ ୨୦ ସୈନ୍ୟ ସହୀଦ ହେଲେ।

## କିଛି ତଥ୍ୟ

୧. ଗୋଟିଏ ଗେଣ୍ଡା ପ୍ରାୟ ୩ ବର୍ଷ ପର୍ଯ୍ୟନ୍ତ ଶୋଇ ପାରିଥାଏ।

୨. ହାତୀର ୪ଟି ଗୋଡ଼ ଥିଲେ ବି ସେ ଡ଼େଇଁ ପାରିନଥାଏ।

୩. ଜୀବନକାଳରେ ଗୋଟିଏ ଗାଈ ପାଖାପାଖି ୨୦୦୦୦୦ ଗ୍ଲାସ୍ କ୍ଷୀର ଦେଇଥାଏ।

୪. ଗୋଟିଏ ପକ୍ଷୀର ହୃତସ୍ପନ୍ଦନ ଗୋଟିଏ ମିନିଟ୍‌କୁ ୪୦୦ଥର ହୋଇଥାଏ।

୫. ଗୋଟିଏ ପେଙ୍ଗୁଇନ୍ ଏକାଥରକେ ୬ଫୁଟ ଉପରକୁ ଡେଇଁଥାଏ।

୬. ଓଡ଼ିଶାର ପାଣିନୀଭାବରେ ପଣ୍ଡିତ ଗୋପୀନାଥ ନନ୍ଦ ସୁପରିଚିତ।

୭. କରୋନା ରୋଗୀମାନେ କୋଭିଡ଼୍ ହସ୍ପିଟାଲରେ ଚିକିତ୍ସିତ ହୁଅନ୍ତି।

୮. ଅଲମ୍ପିକ୍ ପତାକାରେ କେତୋଟି ରିଙ୍ଗ୍ ରହିଛି - ୫ଟି।

୯. ଭାରତରେ ପ୍ରଜାପତିମାନଙ୍କର ବୟସ ୧ମାସ ଅଟେ।

୧୦. ୨ ଡିସେମ୍ବର, ୧୯୬୦ ରେ ପ୍ରକାଶ ପାଇଥିଲା ବିନୋଦ କାନୁନ୍‌ଗୋଙ୍କର "ଜ୍ଞାନମଣ୍ଡଳ"ର ପ୍ରଥମଖଣ୍ଡ ।

## କିଛି କୌତୁକିଆ ପ୍ରଶ୍ନ-

୧. ମୁକ୍ତେଶ୍ୱର ମନ୍ଦିର କେଉଁ ଶତାବ୍ଦୀରେ ନିର୍ମିତ ହୋଇଥିଲା ?

୨. କିଏ ସେହି ସଂଖ୍ୟା ଯାହାକୁ ସେଥିରେ ମିଶାଇଲେ ଯୋଗଫଳ ଯାହାହୁଏ, ସେହି ସଂଖ୍ୟାକୁ ସେଥିରେ ଗୁଣିଲେ ଗୁଣଫଳ ତାହା ହିଁ ହୁଏ ?

୩. ସବୁଠାରୁ ସାନ ହାଣ୍ଡିକୁ କ'ଣ କୁହାଯାଏ ?

୪. ୧/୩ କେତୋଟି ମିଶିଲେ ୩ ହେବ ?

୫. କ୍ଷୁଦ୍ରତମ ଯୌଗିକ ସଂଖ୍ୟାଟି କିଏ ?

୬. ବିନା ତାପ ପ୍ରୟୋଗରେ ଖଣ୍ଡେ କଠିନ ପଦାର୍ଥ ତରଳରେ ରୂପାନ୍ତରିତ ହୋଇଗଲା। ତେବେ ସେ କଠିନ ପଦାର୍ଥଟି କ'ଣ ?

୭. ସନ୍ଧ୍ୟା ହେଲେ କେଉଁ ଶାଗର ପତ୍ର ମୁଦି ହୋଇଯାଏ ?

୮. ଜଣେ ପୂର୍ବ ଦିଗକୁ କିଛିବାଟ ଯିବାପରେ ତା'ର ବାମ ପଟକୁ ଗଲା, ତା'ପରେ ତା'ର ଡାହାଣ ପଟକୁ ଗଲା, ବର୍ତ୍ତମାନ ସେ କେଉଁ ଦିଗରେ ଅଛି ?

୯. କେଉଁ ପ୍ରାଣୀର ଋରିଗୋଡ଼ ଅଛି ମାତ୍ର ସେ ଡ଼େଇଁପାରେ ନାହିଁ ?

୧୦. କେଉଁ ପୂର୍ଣ୍ଣମାରେ ଜଗନ୍ନାଥଙ୍କର ହାତୀବେଶ ହୋଇଥାଏ ?

**ଉତ୍ତର**

୧. ଦଶମ, ୨. ୨, ୩. ବଡ଼ା, ୪. ୯ଟି, ୫. ୨, ୬. ବରଫ, ୭.ସୁନ୍‌ସୁନିଆ ଶାଗ, ୮.ପୂର୍ବ, ୯.ହାତୀ , ୧୦.ଦେବସ୍ନାନ ପୂର୍ଣ୍ଣିମା।

# ଦିବସ ପାଳନ (ଅଗଷ୍ଟ)

## (କେତୋଟି ମାତ୍ର)

**ତା୧ରୁ୭- ବିଶ୍ୱ ସ୍ତନ୍ୟପାନ ସପ୍ତାହ** (World Breastfeeding Week) -

ସ୍ତନ୍ୟପାନ ଶିଶୁର ଏକ ସ୍ୱାଭାବିକ ପ୍ରକ୍ରିୟା। ଜନ୍ମ ପରେ ବିଶେଷକରି ୪ -୫ ମାସ ପର୍ଯ୍ୟନ୍ତ ମା'ର କ୍ଷୀରରେ ପ୍ରଚୁର ଭିଟାମିନ୍, ଆଣ୍ଟିବଡ଼ିସ୍ ଏବଂ ଅନେକ ପୋଷକ ତତ୍ତ୍ୱ ଭରପୂର ରହିଥାଏ। ଏହା ଶିଶୁପାଇଁ ଅମୃତ ସମାନ ଅଟେ। ମା'ର କ୍ଷୀର ଶିଶୁକୁ କୁପୋଷଣ ଏବଂ ଅତିଶୟ ମାରାତ୍ମକ ବେମାରିରୁ ରକ୍ଷା କରିଥାଏ। ଶିଶୁମାନଙ୍କୁ ଜନ୍ମଠାରୁ ୬ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ କରାଇବାସହ ମହିଳାମାନଙ୍କୁ ପ୍ରୋତ୍ସାହିତ କରିବାଲାଗି ଏହି ସପ୍ତାହଟି ସମଗ୍ର ବିଶ୍ୱରେ ପାଳନ କରାଯାଇଥାଏ।

**ତା୨- ବିଶ୍ୱ ମିତ୍ରତା ଦିବସ** (World Friendship Day) - ଅନ୍ତରାଷ୍ଟ୍ରୀୟ ମିତ୍ରତା ଦିବସ ଅଗଷ୍ଟ ମାସର ପ୍ରଥମ ରବିବାର ଦିନ ପାଳନ କରାଯାଇଥାଏ। ପ୍ରଥମଥର ଜୁଲାଇ ୨୦ ତାରିଖ ୧୯୫୮ ମସିହାରେ ଡକ୍ଟର ଆଣ୍ଟୋନିଓ ବ୍ରେକୋ ଦ୍ୱାରା ପ୍ରଥମେ ପ୍ରସ୍ତାବିତ କରାଯାଇଥିଲା।




**ତା୬- ହିରୋସୀମା ଦିବସ** (Herosima Day )




ଆମେରିକା ୬ ତାରିଖ ଅଗଷ୍ଟ ୧୯୪୫ ମସିହାରେ ଜାପାନର ହିରୋସୀମା ସହର ଉପରେ 'ଲିଟିଲ ବୟ' ନାମକ ଇଉରେନିୟମ୍ ବୋମା ନିକ୍ଷେପ କରିଥିଲା। ଯାହାର ପ୍ରଭାବରେ ୧୩ ବର୍ଗ କି.ମି ପରିସରରେ ହିରୋସୀମାର ୩.୫ ଲକ୍ଷ ଜନବସତିରେ ୧ ଲକ୍ଷ ୪୦ ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା। ଏମାନେ ସମସ୍ତେ ସୈନିକ ନଥିଲେ। ଅଧିକାଂଶ ସାଧାରଣ ନାଗରିକ, ଶିଶୁ, ବୃଦ୍ଧ ଏବଂ ମହିଳା ଏଥିରେ ସାମିଲ ଥିଲେ। କିନ୍ତୁ ଏହାର ବିକିରଣର ପ୍ରଭାବରେ ଅନେକ ବର୍ଷଧରି ଲୋକମାନେ ମରିବାକୁ ଲାଗିଲେ। କିନ୍ତୁ ଏ ଅମାନୁଷିକ କାର୍ଯ୍ୟପରେ ମାତ୍ର ତିନିଦିନ ପରେ ଅଗଷ୍ଟ ୮ ତାରିଖରେ 'ଫ୍ୟାଟ୍ ମ୍ୟାନ୍ 'ନାମକ ଆଉ ଏକ ପ୍ଳୁଟୋନିୟମ ବୋମା ନାଗାସାକୀ ସହର ଉପରେ ଆମେରିକା ବର୍ଷଣ କରିଥିଲା। ଏଥିରେ ୭୪ ହଜାର ଲୋକ ଅତ୍ୟଧିକ ଉତ୍ତାପ ସହ୍ୟକରିନପାରି ମୃତ୍ୟୁବରଣ କରିଥିଲେ। ଏହି ଦିବସଟିକୁ ମଧ୍ୟ "ହିରୋସୀମା ଦିବସ" ରୂପେ ପାଳନ କରାଯାଏ।

**ତା୧୦- ଡେ଼ଙ୍ଗୁ ନିରୋଧକ ଦିବସ** (Dengu Prevention Day ) -




ଡେ଼ଙ୍ଗୁ ଏକ ମାରାତ୍ମକ ସଂକ୍ରମଣ ରୋଗ। ଡେଙ୍ଗୁ ହାଡ଼ଭଙ୍ଗା ଜ୍ୱର ନାମରେ ପରିଚିତ। ଏଥିରେ ଆଣ୍ଠୁ, ଗଣ୍ଠିରେ ପ୍ରବଳ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ମେଲେରିଆ ଭଳି ଏହା ମଶାମାନଙ୍କ ଦ୍ୱାରା ବ୍ୟାପିଥାଏ। ଏହି ମଶାର ନାମ ଏଡ଼ିସ୍ ଏଇଜିଲ ଏଇଜିପ୍ଟ (Aedes Aegypti)। ଡେ଼ଙ୍ଗୁ ଭୂତାଣୁଦ୍ୱାରା ସଂକ୍ରମିତ ହୋଇଥାଏ। ଏହି ଭୂତାଣୁ ୪ ପ୍ରକାରର। ଡ଼େନ୍ - ୧, ଡ଼େନ୍ - ୨, ଡ଼େନ୍ - ୩, ଡ଼େନ୍ - ୪, ଡ଼େନ୍ - ୧ ଏବଂ ଡ଼େନ୍ - ୩ ତୁଳନାରେ ଡ଼େନ୍ - ୨ ଓ ଡ଼େନ୍ ୪ କମ୍ କ୍ଷତିକାରକ ଅଟେ। ଏହା ବିଶେଷକରି ଫ୍ଲାବି ବିରସ୍ ଜିନ୍‌ର ମଶାମାନଙ୍କଦ୍ୱାରା ବ୍ୟାପିଥାଏ।

**ତା୧୨- ଅନ୍ତରାଷ୍ଟ୍ରୀୟ ଯୁବ ଦିବସ** (International Youth Day) -




୧୨ ତାରିଖ ଅଗଷ୍ଟକୁ ପ୍ରତିବର୍ଷ ଅନ୍ତରାଷ୍ଟ୍ରୀୟ ଯୁବ ଦିବସ ରୂପେ ପାଳନ କରାଯାଏ। ସଂଯୁକ୍ତ ରାଷ୍ଟ୍ର ମହାସଭାଦ୍ୱାରା ୧୭ ଡିସେମ୍ବର ୧୯୯୯ ମସିହାକୁ ସେ ଏହି ଦିବସ ରୂପେ ପାଳନ କରିବାକୁ ସ୍ଥିରକଲା। ୨୦୦୦ ମସିହାଠାରୁ ଏହା ପାଳନ କରାଯାଇଆସୁଅଛି।

କିନ୍ତୁ ଭାରତରେ ପ୍ରତିବର୍ଷ ଜାନୁଆରୀ ୧୨ ତାରିଖରେ ବିବେକାନନ୍ଦ ଜୟନ୍ତୀକୁ ରାଷ୍ଟ୍ରୀୟ ଯୁବାଦିବସ ରୂପେ ପାଳନ କରାଯାଉଛି।

**ତା୧୨- ବିଶ୍ୱ ହସ୍ତୀ ଦିବସ** (World Elephant Day)




ସମଗ୍ର ବିଶ୍ୱରେ ହାତୀର ସ୍ୱାସ୍ଥ୍ୟ ସଂରକ୍ଷଣ ପାଇଁ ୧୨ ତାରିଖ ଅଗଷ୍ଟକୁ ବିଶ୍ୱ ହାତୀ ଦିବସ ରୂପେ ପାଳନ କରାଯାଏ। ବିଶ୍ୱ ହାତୀ ଦିବସର ଆରମ୍ଭ ହୁଏ ୨୦୧୧ ମସିହାରେ - କିନ୍ତୁ ପ୍ରଥମ ବିଶ୍ୱ ହାତୀ ଦିବସକୁ ୧୨ ତାରିଖ ଅଗଷ୍ଟ ୨୦୧୨ରେ ଆରମ୍ଭ କରାଯାଇଥିଲା। ପ୍ରକାଶ ଥାଉ କି ୨୦୧୦ମସିହାରେ ହାତୀକୁ ରାଷ୍ଟ୍ରୀୟ ଐତିହ ପ୍ରାଣୀର ମାନ୍ୟତା ମିଳିଛି।

**ତା୧୩ - ବିଶ୍ୱ ଅଙ୍ଗଦାନ ଦିବସ -** (World Organ Donation Day) -





ଶରୀରର ଆଭ୍ୟନ୍ତରର ମୁଖ୍ୟ କ୍ରିୟାଶୀଳ ଅଂଗଗୁଡ଼ିକ ଯଥା - ହୃଦୟ, ଯକୃତ, କିଡ୍‌ନୀ, ଅଗ୍ନାଶୟ, ଫୁସ୍‌ଫୁସ୍, ଆଖି ଇତ୍ୟାଦି ଅଚଳ ହୋଇଗଲେ ତା'ର ନିରାକରଣ ନିମନ୍ତେ ଉପରୋକ୍ତ ଅଙ୍ଗଗୁଡ଼ିକୁ ଅନ୍ୟ ଡ଼ୋନରଙ୍କଠାରୁ ଗ୍ରହଣକରି ପ୍ରତ୍ୟାରୋପଣ କରାଯାଇଥାଏ। ଏହା ଅନ୍ୟର ଜୀବନରକ୍ଷା କରିଥାଏ। ଏଗୁଡ଼ିକ ମୁଖ୍ୟତଃ ମୃତ୍ୟୁହେବା ସଙ୍ଗେ ସଙ୍ଗେ ମୃତକର ଦେହରୁ ଅଲଗା କରାଯାଇ ଅନ୍ୟ ଶରୀରରେ ରୋପଣ କରାଯାଇଥାଏ। ଯେଉଁମାନେ ଏହାକୁ ଦାନ କରିଥାନ୍ତି। ସେମାନଙ୍କୁ ଅଙ୍ଗଦାତା ରୂପେ ଘୋଷଣା କରାଯାଇଥାଏ।

**ତା୧୫ - ସ୍ୱାଧିନତା ଦିବସ –** (Independence Day)




-ଭାରତ୧୯୪୭ ମସିହା ଅଗଷ୍ଟ ୧୫ଦିନ ସ୍ୱାଧିନତା ପାଇଥିଲା।ଏହି ଦିନଠାରୁ ଆମେ ଇଂରେଜ ଶାସନରୁ ମୁକ୍ତି ପାଇଥିଲୁ। ସ୍ୱାଧିନତା ସଂଗ୍ରାମୀମାନଙ୍କୁ ମନେପକାଇବା ସହ ସେମାନଙ୍କର ଦେଶ ପ୍ରେମ ସମ୍ପର୍କରେ ଆଗାମୀ ବଂଶଧରମାନଙ୍କୁ ସଚେତନ କରିଥାଉ।

**ତା୧୯ - ବିଶ୍ୱ ଫଟୋଗ୍ରାଫି ଦିବସ** - (World Photography Day)




ଫଟୋଗ୍ରାଫି ଶବ୍ଦଟି ଗ୍ରୀକ୍ ଶବ୍ଦ "ଫୋଟେଜ୍" ଏବଂ ଗ୍ରାଫିନ୍ (ଫଟୋ ଉଠେଇବା) ଶବ୍ଦଦ୍ୱୟର ମିଶ୍ରଣ। ୧୮୩୯ରେ ସର୍ବପ୍ରଥମେ ବୈଜ୍ଞାନିକ ସାର୍ ଜନ୍ ଏଫ୍ ଡ଼ବ୍ଲୁ ହସ୍ରେଲ ଏଇ ଶବ୍ଦ ବ୍ୟବହାର କରିଥିଲେ। ଫ୍ରାନ୍‌ସିସ୍ ବୈଜ୍ଞାନିକ ଆର୍ଗୋ ୭ ଜାନୁଆରୀ ୧୮୩୯ରେ ଫ୍ରେଞ୍ଚ ଏକାଡ଼େମୀ ଅଫ୍ ସାଇନସ୍‌ରେ ଏକ ରିପୋର୍ଟ ପ୍ରସ୍ତୁତ କରି ଫ୍ରାନ୍‌ସ ସରକାରଙ୍କୁ ଦେଲେ - ତା'ପରେ ପ୍ରଥମେ ଫ୍ରାନ୍‌ସ ସରକାର ୧୯ ଅଗଷ୍ଟ ୧୮୩୯ରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ ଲାଗି ଘୋଷଣା କଲେ।

**ତା ୨୦ - ବିଶ୍ୱ ମଶା ଦିବସ** - (World Mosquito Day)




ବିଶ୍ୱ ମଶା ଦିବସ ୨୦ ତାରିଖ ଅଗଷ୍ଟ ୧୮୯୭ ରୁ ଆରମ୍ଭ ହୋଇଛି। ଏହି ଦିବସଟି ଡାକ୍ତର/ ବୈଜ୍ଞାନିକ ରୋନାଲଡ୍ ରୋସ୍‌ଙ୍କର ସ୍ମୃତି ଉଦ୍ଦେଶ୍ୟରେ ପାଳନ କରାଯାଉଛି - କାରଣ ୧୮୯୭ ମସିହାରେ ରୋନାଲଡ୍ ରୋସ୍ ଗବେଷଣାଦ୍ୱାରା ଜାଣିପାରିଥିଲେ ଯେ ମଶାଦ୍ୱାରା ମେଲେରିଆ ଜ୍ୱର ହୋଇଥାଏ।

**ତା୨୬ - ମହିଳା ସମାନତା ଦିବସ** - (Women's Equality Day)

ଏହା ପ୍ରତିବର୍ଷ ୨୬ ଅଗଷ୍ଟ ଦିନ ସମଗ୍ର ବିଶ୍ୱରେ ପାଳନ କରାଯାଇଥାଏ। ୧୮୩୯ ମିହାରେ ନିଉଜିଲ୍ୟାଣ୍ଡ ପ୍ରଥମେ ତାଙ୍କ ଦେଶରେ ଏହା ଆରମ୍ଭ କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକାରେ ୨୬ ଅଗଷ୍ଟ ୧୯୨୦ ମସିହାରେ ୧୯ତମ ସଂବିଧାନ ସଂଶୋଧନ ମାଧ୍ୟମରେ ମହିଳାମାନଙ୍କୁ ମତଦାନର ସୁଯୋଗ ଦିଆଗଲା। ଏହାପୂର୍ବରୁ ଏମାନଙ୍କୁ (ମହିଳା) ୨ୟ ଶ୍ରେଣୀ ନାଗରିକଭାବେ ଗ୍ରହଣ କରାଯାଇଥିଲା।




ମହିଳାମାନଙ୍କ ସମାନତା ଦେବା ଉଦ୍ଦେଶ୍ୟରେ ଏକ ମହିଳା ଆଇନ୍‌ଜୀବୀ ବେଲ୍ଲାଅଂଜୁଗ୍ ଲଗାତାର ସଂଘର୍ଷ କରି ୧୯୭୧ ଅଗଷ୍ଟ ୨୬ତାରିଖକୁ ମହିଳା ସମାନତା ଦିବସ ପାଳନ କରିବାପାଇଁ ସକ୍ଷମ ହୋଇଥିଲେ।

**ତା୨୯ - ରାଷ୍ଟ୍ରୀୟ ଖେଳ ଦିବସ** - (National Sports Day)




ପୃଥିବୀ ପ୍ରସିଦ୍ଧ ଭାରତୀୟ ହକି ଖେଳାଳି ମେଜର ଧ୍ୟାନ ଚନ୍ଦଙ୍କ ଜନ୍ମ ୨୯ ଅଗଷ୍ଟ ୧୯୦୫ ମସିହାରେ ହୋଇଥିଲା। ତେଣୁ ତାଙ୍କର ଜନ୍ମ ଦିବସକୁ ରାଷ୍ଟ୍ରୀୟ କ୍ରୀଡ଼ା ଦିବସରୂପେ ପାଳନ କରିବା ପାଇଁ ଭାରତ ସରକାର ସ୍ଥିର କରିଛନ୍ତି। ୨୦୧୨ମସିହାରୁ ଏହା ପାଳନ କରାଯାଉଛି।

**ତା୩୦ - ଲଘୁ ଉଦ୍ୟୋଗ ଦିବସ** - (Small Industry Day)




ଏହା ପ୍ରତିବର୍ଷ ୩୦ ଅଗଷ୍ଟ ଦିନ ଭାରତରେ ପାଳନ କରାଯାଇଥାଏ। ଏହାର ଉଦ୍ଦେଶ୍ୟ ହେଲା - ବେକାରମାନଙ୍କୁ ଲଘୁ ଉଦ୍ୟୋଗ ମାଧ୍ୟମରେ ରୋଜଗାରର ସୁଯୋଗ ଦେବା।ଯାହାଦ୍ୱାରା ଭାରତର ଆର୍ଥିକ ବିକାଶ ସମ୍ଭ ହୋଇଥାଏ।

# ଅହିରାଜ ସାପ



ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର

ଆମ ଭାରତରେ ପ୍ରାୟ ୨୫୦ ଜାତିର ସାପ ଦେଖାଯାଆନ୍ତି ଓ



ସେମାନଙ୍କ ମଧ୍ୟରୁ ୫୫ ଜାତିର ସାପ ବିଷାକ୍ତ ଅଟନ୍ତି। ସେହି ବିଷଧର ସାପ ମଧ୍ୟରେ ରହିଛି ଅହିରାଜ ସାପ ଓ ଏହାକୁ କେତେକ ଗଙ୍ଗଚୁଡ ବା ମଣ୍ଡିଚୁଡ ସାପ କହିଥାଆନ୍ତି। ଏମାନଙ୍କର ଇଂରାଜୀ ନାମ ହେଲା King Whar ଓ ବୈଜ୍ଞାନିକ ନାମ ହେଉଛି Ophiophoguy Hannah। ଏମାନଙ୍କର ଦେହର ଲମ୍ବ ପ୍ରାୟ ୩ ରୁ ୫ ମିଟର। ଦେହର ରଙ୍ଗ ହଳଦିଆ ବା ବାଦାମୀ ବା କଳା ଅଟେ। ଏମାନଙ୍କର ଫଣା ବଡ଼ ଓ ଲମ୍ବାଳିଆ। ଦେହସାରା ଫିକା ଓ ହଳଦିଆ ରଙ୍ଗର ପଟି ପଟି ଦାଗ ରହିଛି ଓ ଲାଞ୍ଜ ଆଡ଼କୁ ପଟି ପଟି ଦାଗ ନଥାଏ। ଛୋଟ ବା ଛୁଆ ଅହିରାଜର ଦେହର ରଙ୍ଗ ଘନକଳା ଓ ପଟିର ରଙ୍ଗ ଧଳା କିମ୍ବା ହଳଦିଆ ରଙ୍ଗ ଅଟେ। ଦେହରେ ଥିବା କାତିଗୁଡ଼ିକ ଚିକ୍‌କଣ ବା ଚକଚକିଆ। ଏମାନଙ୍କର ପେଟ ଦେଶରେ ୨୪୦ ରୁ ୨୫୦ଟି ଶୁଳ୍କ ଅଛି। ଏମାନଙ୍କର ମଧ୍ୟକପାଳ ତା'ର ପଛକୁ ଦୁଇଟି ପଶ୍ଚକପାଳ ଢ଼ାଲ ଥାଏ। ଏମାନଙ୍କ ଲାଞ୍ଜତଳ କାତିମାନଙ୍କ ମଧ୍ୟରୁ ମଳଦ୍ୱାର ନିକଟସ୍ଥ କେତେକ କାତି ଗୋଟି ଗୋଟି ରହିଥାଏ ଓ ଲାଞ୍ଜ ଶେଷ ପର୍ଯ୍ୟନ୍ତ ଆଉ ସବୁ କାତିଗୁଡ଼ିକ ଦୁଇଧାଡ଼ିରେ ସଜ୍ଜା ହୋଇ ରହିଥାଏ। ଏମାନେ ଭାରତର ପ୍ରାୟ ସବୁସ୍ଥାନରେ ଓ ପାର୍ବତ୍ୟ ଅଞ୍ଚଳରେ ରହିଥାନ୍ତି।

ଏମାନେ ବିଶେଷକରି ଢମଣା, ଧଣ୍ଡ, ଚିତ୍ତି, ନାଗ ଆଦି କେତେକ ସାପମାନଙ୍କୁ ମାରି ଖାଇଥାନ୍ତି।

ସ୍ତ୍ରୀ ଅହିରାଜ ସାପ ଅଣ୍ଡା ଦେଇଥାଏ। ଅଣ୍ଡା ଦେବା ସମୟରେ ସେମାନେ ଶୁଖିଲାପତ୍ରକୁ ଏକାଠି କରି ଏକ ୩୦ ସେ.ମି ଉଚ୍ଚର କୋନ୍ ଆକାରର ବସା ତିଆରି କରିଥାନ୍ତି ଓ ଏହି ବସା ମଧ୍ୟରେ ଅଣ୍ଡା ଦେବାପରେ ଅଣ୍ଡାଗୁଡ଼ିକୁ ଜଗି ରୁହନ୍ତି । ଅଣ୍ଡାରୁ ଛୁଆ ବାହାରିବା ପର୍ଯ୍ୟନ୍ତ ଓ ଶତ୍ରୁମାନଙ୍କ ଆକ୍ରମଣରୁ ରକ୍ଷାପାଇବା ପାଇଁ ଅଣ୍ଡାଗୁଡ଼ିକୁ ଜଗି ରୁହନ୍ତି।

ଏମାନଙ୍କର ବିଷ କମ୍ ଥାଏ। ମାତ୍ର ଦଂଶନ କଲାବେଳେ ପ୍ରଚୁର ପରିମାନରେ ବିଷ ସୃଷ୍ଟି କରିଥାନ୍ତି। ଏହାଫଳରେ ଦଂଶିତ ପ୍ରାଣୀ ପ୍ରାୟ ୨୦ ମିନିଟ୍ ମଧ୍ୟରେ ମୃତ୍ୟୁବରଣ କରନ୍ତି। ଏହି ସାପଟି ହଠାତ୍ କାହାକୁ ନାଗ ସାପପରି ଆକ୍ରମଣ କରିନଥାଏ। ଆଘାତ ପାଇଲେ ସେମାନେ ଦଂଶନ କରିଥାନ୍ତି। ଏବେ ବ୍ୟାପକ ଜଙ୍ଗଲ ନଷ୍ଟ ହେବା ଫଳରେ ଏମାନଙ୍କର ସଂଖ୍ୟା କମି କମି ଗଲାଣି।

ଦୂରଭାଷ-୯୪୩୭୩୧୭୬୫୯

# ଏମିତି ଦିଅଁ

ନିଶିକାନ୍ତ କହଲସିଂହ



ଏମିତି ଦିଅଁର
କିଗୁଣ ଗାଇବି
ଦେବଙ୍କୁ ଦୁର୍ଲଭ ଯିଏ
ସେତିକି କହିଲି
ଅଳପ ବୁଦ୍ଧିରେ
ଯେତିକି ଦେଇଛି ସିଏ।

ଜଣାଇ ରହିଲି
ପଦାରବିନ୍ଦରେ
କୋଟିକୋଟି ଦଣ୍ଡବତ
ଯେତେ ଦିନ ଥିବୁ
ମନେ ରଖିଥିବୁ
ନାଆଁ ତା'ର 'ଜଗନ୍ନାଥ '।

ଦୂରଭାଷ-୯୯୩୭୯୫୩୫୨୬



# ସମ୍ବାଦ ବିଚିତ୍ରା

୧. ଜୁନ୍ ୫ ତାରିଖରୁ ଜୁଲାଇ ୫ ତାରିଖ ମଧ୍ୟରେ ୨ଟି ଉପଛାୟା ଚନ୍ଦ୍ରଗ୍ରହଣ ଓ ଗୋଟିଏ ସୂର୍ଯ୍ୟପରାଗ ହୋଇଛି।

୨. ବିଶ୍ୱର ସବୁଠୁ ଛୋଟ ରଥ (ଉଚ୍ଚତା ୨.୩ ସେମି, ଚଉଡ଼ା ୧.୯ ସେ.ମି, ଓଜନ ୧ ଗ୍ରାମ. ୧୪୦ ମି.ଗ୍ରା) ନିର୍ମାଣ କରିଛନ୍ତି ବାଲୁକା ଶିଳ୍ପୀ ସୁବକ ମହାରଣା।

୩. ସେସୁର ୫୧ ପ୍ରତିଶତ ଅଂଶଧନ ଟାଟାକୁ ହସ୍ତାନ୍ତର କରାଯାଇଛି।

୪. ଭାରତ ଜାତିସଂଘ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟ ଭାବରେ ଜାନୁଆରୀ ୨୦୨୧ରୁ ଦାୟିତ୍ୱ ତୁଲାଇବ।

୫. ସୁବ୍ରତ ବାଗଚି ଓ ସୁପ୍ରିୟା ବାଗଚି ମୁଖ୍ୟମନ୍ତ୍ରୀଙ୍କର ରିଲିଫ୍ ଫଣ୍ଡକୁ ଅଢ଼େଇ କୋଟି ଟଙ୍କା ଦାନ କରିଛନ୍ତି।

୬. ମହାବାତ୍ୟା "ନିସର୍ଗ" ମହାରାଷ୍ଟ୍ରରେ ଲ୍ୟାଣ୍ଡଫଲ କରିଥିଲା।

୭. କୃଷି କ୍ଷେତ୍ର ପାଇଁ କେନ୍ଦ୍ର ସରକାର "ଏକ ରାଷ୍ଟ୍ର ଏକ ବଜାର" ବ୍ୟବସ୍ଥାକୁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛନ୍ତି।

୮. ଆଳୁ, ଡାଲି, ପିଆଜ ଓ ତେଲକୁ ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନରୁ ବାଦ ଦିଆଯାଇଛି।

୯. ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମ ନିକଟ ମହାନଦୀ ଗର୍ଭରେ ପୁଣି ଦିଶିଲା ଦଧିନଉତି।

୧୦. ଗଞ୍ଜାମର ଗୋଟିଏ ହିଞ୍ଜିଳିକାଟ ବ୍ଲକ ଓ ଦୁଇଟି ପଞ୍ଚାୟତ ଶାସନ ଆମ୍ବ ଗାଁ ଏବଂ ଅଲାରଗଡ଼ ଜାତୀୟ ସ୍ତରରେ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର ପାଇଛି।

୧୧. ମହାରାଷ୍ଟ୍ର ବୁଲକାଣା ଜିଲ୍ଲାରେ ଅବସ୍ଥିତ ଲୋନାର ହ୍ରଦ ଅଚାନକ ଗୋଲାପି ରଙ୍ଗ ଧାରଣ କରିଛି।

୧୨. ଏନ୍ ଆଇ ଆର୍ ଏଫ୍ ସାମଗ୍ରିକ ର୍ୟାଙ୍କିଂରେ ଶ୍ରେଷ୍ଠ ୧୦୦ରେ ନିଟ୍ ରାଉରକେଲା, ସୋଆ ଓ କିଟ୍ ବିଶ୍ୱବିଦ୍ୟାଳୟ ରହିଛି।

୧୩. ଭାରତରେ ଅଟୋଶିଳ୍ପକୁ କରୋନା ପ୍ରଭାବିତ କରିଛି ଯାହାଦ୍ୱାରା ୮୮.୮୭% ବିକ୍ରି କମିଯାଇଛି।

୧୪. ଏନ୍ ଆଇ ଆର୍ ଏଫ୍ ର୍ୟାଙ୍କିଂ ୨୦୨୦ ରେ ପ୍ରଥମ ସ୍ଥାନରେ ଅଛି ଆଇ.ଆଇ.ଟି ,ମାଡ୍ରାସ।

୧୫. ମଧ୍ୟପ୍ରଦେଶରେ "ୱାନ୍ ନେସନ୍ ୱାନ୍ ରେସନ୍ କାର୍ଡ଼" ଯୋଜନା ଆରମ୍ଭ ହୋଇଛି।

୧୬. ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଏକ ସାମାଜିକ ସୁରକ୍ଷା ପାଣ୍ଠି ଗଠନ ହେବ।

୧୭. ଓଡ଼ିଶାର ପ୍ରତି ପଞ୍ଚାୟତରେ ରହିବ କୋଭିଡ୍ କେୟାର୍ ହୋମ୍।

୧୮. ଭାରତର ଦୃଢ଼ ବିରୋଧ ସତ୍ତ୍ୱେ ନେପାଳ ୩ଟି ଅଞ୍ଚଳ ଲିକୁଲେଖ, କାଲାପାନି, ଏବଂ ଲିମ୍ପିଂ ୟା ଧୁରାକୁ ନିଜର ମାନଚିତ୍ରରେ ସାମିଲ କରିଛି।

୧୯. ଚାଇନା ସେନା ସଂଘର୍ଷରେ ଦୁଇ ଓଡ଼ିଆ ଯବାନ କନ୍ଧମାଳ ରାଇକିଆ ବ୍ଲକର ବିଅରପାଙ୍ଗି ଗ୍ରାମର ଚନ୍ଦ୍ରକାନ୍ତ ପ୍ରଧାନ (୨୮ ବର୍ଷ) ଏବଂ ମୟୂରଭଞ୍ଜ ବିଜାତଳା ବ୍ଲକ ଚମ୍ପାଉଦା ଗ୍ରାମର ନନ୍ଦୁରାମ ସୋରେନ (୪୩ ବର୍ଷ) ସହିଦ ହୋଇଛନ୍ତି।

୨୦. ଭାରତ ନିକଟରେ ୩୩ଟି ଯୁଦ୍ଧବିମାନ କିଣିବାପାଇଁ ନିଷ୍ପତ୍ତି ନେଇଛି।

୨୧. ମୁକେଶ ଅମ୍ବାନି ବ୍ଲୁମ୍ ବର୍ଗ ବିଲିଅନାୟାର ସୂଚୀରେ ବିଶ୍ୱର ନବମ ଧନୀ ବ୍ୟକ୍ତି ଅଟନ୍ତି।

୨୨. କେନ୍ଦ୍ର ସରକାର ୨୦ ଜୁନ୍‌ରେ ଗରିବ କଲ୍ୟାଣ ରୋଜଗାର ଯୋଜନାର ଶୁଭାରମ୍ଭ କରି ୫୦ ହଜାର କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଛନ୍ତି।

୨୩. ଭାରତ ଏବଂ ଡେନ୍‌ମାର୍କ ବିଜୁଳି କ୍ଷେତ୍ରରେ ସହଯୋଗ ବଢ଼ାଇବା ପାଇଁ ଏକ ସମ୍ମତି ପତ୍ର ସ୍ୱାକ୍ଷର କରିଛନ୍ତି।

୨୪. ବିଶ୍ୱବ୍ୟାଙ୍କର ମତାନୁସାରେ ଏବର୍ଷ ଭାରତର ଅର୍ଥନୈତିକ ସ୍ଥିତି ୩.୨% ରହିବ ବୋଲି ଅନୁମାନ କରାଯାଇଛି।

୨୫. ପୂର୍ବତନ ଲୋକସଭା ଏମ୍.ପି୍ ଶ୍ରୀମାଧବ ରାଓ ପାଟିଲ ମହାରାଷ୍ଟ୍ରର ନାସିକଠାରେ ୮୦ ବର୍ଷରେ ଦେହାନ୍ତ ହୋଇଯାଇଛି।

୨୬. ପେପ୍‌ସି କଂପାନୀ ଫାଉଣ୍ଡେସନ୍ ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ରର ଦୁଇଲକ୍ଷ ଲୋକଙ୍କର ଘରକୁ ପାଇପ୍‌ଦ୍ୱାରା ଜଳ ଯୋଗାଣ କରାଇବା ଲାଗି ଘୋଷଣା କରିଛନ୍ତି।

୨୭. ଏୟାରଟେଲ୍ ପେମେଣ୍ଟବ୍ୟାଙ୍କ୍ "ସୁରକ୍ଷା ସାଲେରୀ ଆକାଉଣ୍ଟ" ନାମରେ ଏକ ନୂଆ ପ୍ରକାର ଆକାଉଣ୍ଟ MSME ଏଣ୍ଟରପ୍ରାଇଜରସ୍‌ଙ୍କ ପାଇଁ କରାଯିବ ବୋଲି ଘୋଷଣା କରିଛନ୍ତି।

୨୮. କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍.ୟେଡ୍ଡୁୟାରାପା ୨୨୦କୋଟିଟଙ୍କାର ଏକ ନୂତନ ବିମାନ ବନ୍ଦର ନିର୍ମାଣ ଲାଗି ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି।

୨୯. ଏକ ଭିନ୍ନପ୍ରକାର ବୁଢ଼ିଆଣୀକୁ ସୁଇଡ଼େନ୍ କ୍ଲାଇମେଟ୍ କାଂପେନର ଗ୍ରେଟା ଥୁନ୍‌ବର୍ଗଙ୍କ ନାମରେ ନାମିତ କରାଯାଇଛି।

୩୦. ଭାରତ ସରକାର ୧୮୨୯ କୋଟି ଟଙ୍କା ବ୍ୟୟରେ ମହାରାଷ୍ଟ୍ରରେ ଜଳଜୀବନ ମିଶନ୍ ୨୦୨୦-୨୧ ଘୋଷଣା କରିଛନ୍ତି।

୩୧. ରିଜର୍ଭବ୍ୟାଙ୍କ୍ ସ୍କାନରରେ ଦେଶର ସମସ୍ତ ଅର୍ବାନ ସମବାୟ ବ୍ୟାଙ୍କ୍ ରହିବ।

୩୨. ମହାକାଶ କ୍ଷେତ୍ର ସହିତ ଘରୋଇ କ୍ଷେତ୍ରର ଭାଗିଦାରିକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରି ଦେଇଛି।

୩୩. ୨୦୨୦-୨୧ ଆର୍ଥିକ ଭାରତ ବର୍ଷରେ ମୋଟ ଘରୋଇ ଉତ୍ପାଦ (ଜି.ଡ଼ି.ପି) ଅଭିବୃଦ୍ଧି ୪.୫% ପ୍ରତିଶତ ଖସିଯିବ ବୋଲି ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ପକ୍ଷରୁ ପୂର୍ବାନୁମାନ କରାଯାଇଛି।

୩୪. ବରିଷ୍ଠ ବିଧାୟକ ଏବଂ ପୂର୍ବତନ ମନ୍ତ୍ରୀ ବିଷ୍ଣୁ ଚରଣ ଦାସଙ୍କର ୬୭ ବର୍ଷ ବୟସରେ ଦେହାନ୍ତ ହୋଇଛି।

୩୪. ବିଜେଡ଼ି ସାଂସଦ ଭର୍ତ୍ତୃହରି ମହତାବଙ୍କ ସମେତ ୧୦ଜଣ ସାଂସଦ ୨୦୨୦ର ରତ୍ନ ପୁରସ୍କାର ପାଇବେ।

୩୫. ଭାରତରେ ପ୍ରଥମଥର ୨୪ ଜୁନ୍, ୨୦୨୦ରେ ପେଟ୍ରୋଲଠାରୁ ଡ଼ିଜେଲ ଦର ଅଧିକ ହୋଇଛି।

୩୬. ୫୮ ବର୍ଷ ପରେ ଭାରତ - ଚାଇନା ସୀମାର ଗଲୱାନ୍ ଘାଟିରେ ଘଟିଥିବା ହିଂସ୍ରକ ସଂଘର୍ଷରେ ଭାରତର ୨୦ ଜଣ ସୈନିକ ଶହୀଦ ହୋଇଛନ୍ତି।

# ସାଧାରଣ ଜ୍ଞାନ

## (1) ABBREVIATION

1. AYUSH - Ayurveda, Yoga & Naturopathy, Unani, Siddha and Homeopathy
2. CSIR - Council of Scientific & Industrial Research
3. CCKW - Convention - Coupled Kelvin Wave
4. ICMR - Indian Council of Medical Research
5. PPE - Personal Protective Equiment
6. COVID -19 - Corona Virus Disease -19
7. CBDT - Central Board of Direct Taxes
8. GATT - General Agreement on Tariffs and Trade
9. NFSA - National Food Security Act
10. WTO - World Trade Organisation

## (୨) ପୁସ୍ତକ ଓ ଲେଖକ

1 Dark Circles: Udayan Mukhejee
2.The Unquiet River: Arup Jyoti Saikia
3.Reelentless :Yashwant Sinha
4.The Lying Life of Adult: Elena Ferrante
5.Everyone Has a Story: Savi Sharma

୧. ନନ୍ଦିକେଶ୍ୱରୀ (କାବ୍ୟ) - ରାଧାନାଥ ରାୟ
୨. ତପସ୍ୱିନୀ (କାବ୍ୟ) - ଗଙ୍ଗାଧର ମେହେର
୩. କନକଲତା (ଉପନ୍ୟାସ) - ନନ୍ଦକିଶୋର ବଳ
୪. ମାଟିର ମଣିଷ (ଉପନ୍ୟାସ) - କାଳିନ୍ଦୀ ଚରଣ ପାଣିଗ୍ରାହୀ
୫. କ୍ରାନ୍ତି (ଉପନ୍ୟାସ) - କୁନ୍ତଳା କୁମାରୀ ସାବତ


## (୩) ଦେହାନ୍ତ

| ନାମ | ବୟସ(ବର୍ଷ) | ପରିଚୟ |
|---|---|---|
| ୧. ବଲବୀର ସିଂ (ସିନିୟର) | - ୯୬ | - ହକି ପୁରୁଷ। |
| ୨. ଅଜିତ୍ ଯୋଗୀ | - ୭୪ | -ପ୍ରଥମ ମୁଖ୍ୟମନ୍ତ୍ରୀ (ଛତିଶଗଡ଼)। |
| ୩. ୱାଜିଦ୍ ଖାନ୍ | - ୪୨ | - ସଂଗୀତକାର । |
| ୪. ପ୍ରଫେସର ନିତ୍ୟାନନ୍ଦ ଶତପଥି | - ୮୩ | - ପ୍ରାକ୍ତନ୍ ପ୍ରଫେସର ଏବଂ ଶିକ୍ଷାବିତ୍। |
| ୫. ବାସୁ ଚାଟାର୍ଜି | - ୯୦ | - ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ଦ୍ଦେଶକ |

## (୪) ବିଭିନ୍ନ ଯୋଜନାନାମ

| ଯୋଜନା | ସରକାର, | ଅନୁଷ୍ଠାନ |
|---|---|---|
| ୧. ବଳରାମ ଯୋଜନା, ୨୦୨୦, | ଓଡ଼ିଶା ସରକାର | - ଭୂମିହୀନ କୃଷକମାନଙ୍କୁ ସହାୟତା ପ୍ରଦାନ |
| ୨. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ୨୦୨୦, | ଓଡ଼ିଶା ସରକାର | - ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ ପାଇଁ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବସିଡ଼ି |
| ୩.ଓଡ଼ିଶା ନିର୍ମାଣ କୁସୁମ ଯୋଜନା | ଓଡ଼ିଶା ସରକାର | - ଗୃହ ନିର୍ମାଣ କାରିଗର ଓ ଶ୍ରମିକ ପିଲାଙ୍କ ସହାୟତା |
| ୪.ମିଶନ ସୁବିଦ୍ୟା | ଓଡ଼ିଶା ସରକାର | - ଆଦିବାସୀ ଜନଜାତି ହଷ୍ଟେଲର ଉନ୍ନତି କରଣ |

## (୫) କେନ୍ଦ୍ରଶାସିତ ଅଞ୍ଚଳ / ରାଜ୍ୟ



୧. ରାଜ୍ୟର ନାମ - ଅରୁଣାଚଳ ପ୍ରଦେଶ
୨. ରାଜ୍ୟପାଳ - ବି. ଡି. ମିଶ୍ର
୩. ମୁଖ୍ୟମନ୍ତ୍ରୀ - ପ୍ରେମା ଖାଣ୍ଡୁ
୪. ଗଠନ - ୨୦ ଫେବୃଆରୀ ୧୯୮୭
୫. କ୍ଷେତ୍ରଫଳ - ୮୩,୭୪୩ବର୍ଗ କି.ମି
୬. ରାଜଧାନୀ - ଇଟାନଗର
୭. ଲୋକସଭା ସଭ୍ୟ ସଂଖ୍ୟା - ୨ ୮. ରାଜ୍ୟସଭା ସଭ୍ୟ ସଂଖ୍ୟା- ୧
୯. ବିଧାନ ସଭା ସଭ୍ୟସଂଖ୍ୟା - ୬୦ ୧୦.ବିଧାନ ପରିଷଦ - ୦୦
୧୧.ସରକାରୀ ଭାଷା - ଇଂରାଜୀ
୧୨. ଜନସଂଖ୍ୟା -ସମୁଦାୟ- ୧୩,୮୨,୬୧୧(୨୦୧୧)
ପୁରୁଷ- ୭୨୦,୨୩୨ ମହିଳା - ୬୬୨,୩୭୯
୧୩.ଜନସଂଖ୍ୟା ବୃଦ୍ଧିହାର - ୨୫,୯୨%
୧୪.ଜନସଂଖ୍ୟା ଘନତ୍ୱ - ୧୭ / ବର୍ଗ କି.ମି
୧୫.ଶିଶୁ ଲିଙ୍ଗ ଅନୁପାତ - ୯୨୦ଝିଅ ୧୦୦୦ ପୁଅ
୧୬. ଲିଙ୍ଗ ଅନୁପାତ - ୯୬୦ ମହିଳା ୧୦୦୦ ପୁରୁଷରେ
୧୭. ସାକ୍ଷରତା ହାର - ୬୬.୯୫ %
ପୁରୁଷ- ୭୩,୬୯% ମହିଳା- ୫୯,୫୭%
୧୮. ଜିଲ୍ଲା - ୨୫ ୧୯. ଗ୍ରାମ - ୩୮୬୩
୨୦.ସହର - ୧୭
୨୧.ଜଙ୍ଗଲ ଜମି - ୫୧୫୪୦ ବର୍ଗ କି.ମି.
୨୨.ପର୍ଯ୍ୟଟନ ସ୍ଥଳୀ - ତୱାଙ୍ଗ, ଦିରାଙ୍ଗ, ବୋମଡ଼ିଲା, ଟିପି, ଇଟାନଗର, ମେଳିନଥାନ, ଲିକାବାଲି, ପାଶିଘାଟ,ଏଲଙ୍ଗ, ତେଜୁ, ମିଆଓ, ରୋଇଙ୍ଗ, ଡ଼ାପରିଜିଓ, ପର୍ଶୁରାମ କୁଣ୍ଡ , ଖୋନ୍‌ସା।

## (୬) ପୁରସ୍କାର

୧. ମେଜର ସୁମନ ଗାୱାନି - ଜାତିସଂଘ ମିଲିଟାରୀ ଜେଣ୍ଡର ଆଡଭୋକେଟ୍ ଅଫ୍ ଦି ଇଅର୍ ପୁରସ୍କାର, ୨୦୨୦
୨. ପ୍ରଫେସର ସୌରଭ ଲୋଧା - ୟଙ୍ଗ କ୍ୟାରିଅର ଆୱାର୍ଡ ଇନ୍ ନାନୋ ସାଇନସ୍ ଆଣ୍ଡ ଟେକ୍ନୋଲୋଜି ପୁରସ୍କାର, ୨୦୨୦
୩.ପ୍ରାଚୀ ସାଲଭେ ଓ ପ୍ରଦୀପ ଦ୍ୱିବେଦୀ - ରୋଡ ସେଫ୍ଟି ମେଡିଆ ଫେଲୋସିପ୍ ପୁରସ୍କାର ୨୦୧
୪.ପରମାନନ୍ଦ ମଜୁମଦାର - ମୋଗଲ ଓଝା ଆୱାର୍ଡ଼ ୨୦୨୦

## (୭) ନିଯୁକ୍ତି

୧. ମୀରା ମହାନ୍ତି - ନିର୍ଦ୍ଦେଶିକା ,ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ,ନୂଆଦିଲ୍ଲୀ
୨.ସୌମ୍ୟା ମିଶ୍ର - ଏଡିଜି, ଅଗ୍ନିଶମ ସଂସ୍ଥା,ଓଡ଼ିଶା
୩. ରୁମା ଦେ - ମୁଖ୍ୟ ମହାପ୍ରବନ୍ଧକ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ
୪.ବୈଶାଳୀ ମହାନ୍ତି - ଜାତିସଂଘ ନୀତି ଅଧିକାରୀ।
୫.ଆନନ୍ଦି ବେନ୍ - ରାଜ୍ୟପାଳ, ମଧ୍ୟ ପ୍ରଦେଶ

## (୮) ଓଡ଼ିଶା

୧. ମଧୁବାବୁ ପେନ୍‌ସନ୍ ଯୋଜନାରେ କେଉଁମାନଙ୍କୁ ସାମିଲ କରାଯାଇଛି ?
(କ) ବିଧବା (ଖ) କିନ୍ନର
(ଗ) ବୃଦ୍ଧା (ଘ) ପତିତା

୨. ଘରୋଇ ହସ୍‌ପିଟାଲ୍‌ରେ କରୋନା ଟେଷ୍ଟିଂ ପାଇଁ କେତେ ଟଙ୍କା ଫିସ୍ ସରକାର ସ୍ଥିର କରିଛନ୍ତି ?
(କ) ୨୦୦୦ (ଖ) ୨୧୦୦
(ଗ) ୨୨୦୦ (ଘ) ୨୫୦୦

୩. ଅତୀବଡ଼ି ରୂପେ କିଏ ପରିଚିତ ?
(କ) ରାଧାନାଥ ରାୟ (ଖ) ବୀର କିଶୋର ଦାସ
(ଗ) ଜଗନ୍ନାଥ ଦାସ (ଘ) ନୀଳକଣ୍ଠ ଦାସ

୪. ମା ଭୈରବୀ ଦେବୀଙ୍କ ମନ୍ଦିର କେଉଁଠାରେ ଅବସ୍ଥିତ ?
(କ) କଟକ (ଖ) ପୁରୁଣା କଟକ
(ଗ) ପାଟଣାଗଡ଼ (ଘ) ହରିଶଙ୍କର

୫. ଲଳିତଗିରି ବୌଦ୍ଧ କୀର୍ତ୍ତି କେଉଁ ଜିଲ୍ଲାରେ ଅବସ୍ଥିତ ?
(କ) ଯାଜପୁର (ଖ) କଟକ
(ଗ) କେନ୍ଦ୍ରାପଡ଼ା (ଘ) ଜଗତସିଂହପୁର

୬. କେଉଁ ପର୍ବଟି ମାଘ ମାସରେ ପଡ଼େନାହିଁ ?
(କ) ଶିବରାତ୍ରୀ (ଖ) ମକର ସଂକ୍ରାନ୍ତି
(ଗ) ସରସ୍ୱତୀ ପୂଜା (ଘ) ମାଣବସା ଗୁରୁବାର

୭. ଦିଆସିଲି କାରଖାନା କେଉଁଠାରେ ଅଛି ?
(କ) ଚୌଦ୍ୱାର (ଖ) ପାରାଦ୍ୱୀପ
(ଗ) ତାଳଚେର (ଘ) ସୁନାବେଡ଼ା

୮. ଫର୍‌ଜକ୍ରୋମ୍ ଫ୍ୟାକ୍ଟରୀ କେଉଁଠାରେ ଅଛି ?
(କ) ଯାଜପୁର (ଖ) ବ୍ରଜରାଜନଗର
(ଗ) ଭଦ୍ରକ (ଘ) ହୀରାକୁଦ

୯. କେଉଁ ପାର୍କଟି ଭୁବନେଶ୍ୱରରେ ଅବସ୍ଥିତ ନୁହେଁ ?
(କ) ଗଉରୀଶଙ୍କର ପାର୍କ (ଖ) ଏକାମ୍ରକାନନ ପାର୍କ
(ଗ) ବୁଦ୍ଧ ପାର୍କ (ଘ) ନିକୋ ପାର୍କ

୧୦. ଓଡ଼ିଶାର ଜାତୀୟ ପଶୁର ନାମ କ'ଣ ?
(କ) ସିଂହ (ଖ) ବାଘ
(ଗ) ଭାଲୁ (ଘ) ସମ୍ବର

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ଡିୟୁସ୍: ଟେନିସ୍ :: ଗୁଗ୍‌ଲି: ?
(କ) ଫୁଟବଲ୍(ଖ) କ୍ରିକେଟ୍ (ଗ) ପୋଲୋ (ଘ) ହକି

୨. ନିମ୍ନଲିଖିତ ମଧ୍ୟରୁ କେଉଁଟି ଅନ୍ୟ ତିନୋଟି ଠାରୁ ଅଲଗା ?
(କ) ମାଆ - ବାପା (ଖ) ମାଇଁ - ମାମୁ
(ଗ) ପୁଅ - ବୋହୂ (ଘ) ଭାଇ - ଭଉଣୀ


୩. କେଉଁ ଅକ୍ଷରଗୁଡ଼ିକ ଶୂନ୍ୟସ୍ଥାନରେ ଭରିଲେ ସିରିଜଟା ପୂର୍ଣ୍ଣ ହେବ ?
-c-bd-cbcda-a-db-a
(a) adabcd(b) cdbbca(c) dabcc(d) bdbcba

୪. ପ୍ରଶ୍ନବାଚକ ଚିହ୍ନଟି କେତେ ?
୩,୧୦,୨୯,୬୬,୧୨୭, ?
(କ)୧୬୪(ଖ) ୧୮୭(ଗ) ୨୧୬(ଘ) ୨୧୮

୫. ଝିଅଟି କହିଲା, "ସେ ମୋ ବାପାଙ୍କ ଜେଜେମାଆଙ୍କ ପୁଅର ବୋହୂ ଅଟେ।" ଝିଅଟି ସହିତ ସେ ମହିଳାଙ୍କ ସମ୍ପର୍କ କ'ଣ ?
(କ) ବୋହୂ (ଖ) ମାଆ (ଗ) ମାଇଁ (ଘ) ଶାଶୂ


୬. ଲୋକେଶ ତା'ଘରୁ ଉତ୍ତର ଦିଗକୁ ୧୫ କି.ମି ଯିବାପରେ ପଶ୍ଚିମ ଦିଗକୁ ୧୦ କି.ମି ଗଲା ଏବଂ ପରେ ଉତ୍ତରଦିଗକୁ ୫ କି.ମି ଗଲା। ପୁଣି ପୂର୍ବଦିଗକୁ ୧୦ କି.ମି ଗତିକରିବା ପରେ ବର୍ତ୍ତମାନ ସେ ଘରଠାରୁ କେଉଁଦିଗରେ ଅଛି ?
(କ) ପୂର୍ବ(ଖ) ପଶ୍ଚିମ (ଗ) ଉତ୍ତର(ଘ) ଦକ୍ଷିଣ


୭. ପ୍ରଶ୍ନବାଚକ ଚିହ୍ନଟି କେତେ ହେବ ?




(କ) ୨୫ (ଖ) ୨୮ (ଗ) ୩୫(ଘ) ୩୮

୮. ପ୍ରଶ୍ନବାଚକ ଚିହ୍ନଟି କିପରି ହେବ ?



(କ) (ଖ) (ଗ) (ଘ)

୯. ଅର୍ଥପୂର୍ଣ୍ଣ ଭାବରେ ସଜାଇ ଲେଖିଲେ ସଂଖ୍ୟାଗୁଡ଼ିକ କେଉଁ କ୍ରମରେ ରହିବ ?
୧.ହେକ୍ଟୋ, ୨.ସେଣ୍ଟି, ୩.ଡ଼େକା, ୪.କିଲୋ, ୫. ଦେଶୀ
(କ)୧,୩,୪,୫,୨ (ଖ) ୧,୫,୩,୪,୨
(ଗ)୨,୫,୩,୧,୪ (ଘ) ୫,୨,୧,୪,୩

୧୦. ଯଦି ହରଣକୁ ଯୋଗ, ଗୁଣନକୁ ହରଣ, ବିୟୋଗକୁ ଗୁଣନ ଏବଂ ଯୋଗକୁ ବିୟୋଗ ବୋଲି ଧରାଯାଏ ତେବେ କେଉଁଟି ଠିକ୍ ?
(କ) ୧୮ ହରଣ ୬ ଗୁଣନ ୭ମିଶାଣ ୫ ବିୟୋଗ ୨
(ଖ) ୧୮ ଗୁଣନ୬ ମିଶାଣ୭ ହରଣ ୫ ବିୟୋଗ ୨
(ଗ)୧୮ ହରଣ ୬ବିୟୋଗ ୭ ମିଶାଣ ୫ ଗୁଣନ ୨
(ଘ) ୧୮ ମିଶାଣ୬ ହରଣ ୭ ଗୁଣନ ୫ ବିୟୋଗ ୨

**ଉତ୍ତର**

୧.(ଖ) କିନ୍ନର, ୨.(ଗ) ୨୨୦୦, ୩.(ଗ) ଜଗନ୍ନାଥ ଦାସ, ୪.(ଖ) ପୁରୁଣା କଟକ, ୫.(କ) ଯାଜପୁର, ୬.(କ) ଶିବରାତ୍ରୀ , ୭.(ଗ) ତାଳଚେର, ୮.(ଗ) ଭଦ୍ରକ, ୯.(କ) ଗଉରୀଶଙ୍କର ପାର୍କ, ୧୦.(ଘ) ସମ୍ବର।

୧.(ଖ) କ୍ରିକେଟ୍ , ୨.(ଘ) ଭାଇ - ଭଉଣୀ, ୩.(a) adabcd, ୪.(ଘ) ୨୧୮ , ୫.(ଖ) ମାଆ, ୬.(ଗ) ଉତ୍ତର, ୭.(ଘ) ୩୮, ୮.(ଘ) , ୯.(ଗ)୨,୫,୩,୧,୪ , ୧୦.(ଘ) ୧୮ ମିଶାଣ୬ ହରଣ ୭ ଗୁଣନ ୫ ବିୟୋଗ ୨

## (୧୦) ଇତିହାସ

୧. ମହାରାଷ୍ଟ୍ରର ଏଲୋରା ଗୁମ୍ଫା କେଉଁ ମସିହାରେ ବିଶ୍ୱ ଐତିହ୍ୟ ତାଲିକାରେ ମାନ୍ୟତା ପ୍ରାପ୍ତ ପର୍ଯ୍ୟଟନ ସ୍ଥଳୀରୂପେ ପରିଗଣିତ ହେଲା ?

(କ) ୧୯୮୩ (ଖ) ୧୯୮୪

(ଗ) ୧୯୮୫ (ଘ) ୧୯୮୬

୨. ଉତ୍ତର ପ୍ରଦେଶର ଫତେପୁର ସିକ୍ରୀ କେଉଁ ମସିହାରେ ବିଶ୍ୱ ଐତିହ୍ୟ ତାଲିକାରେ ମାନ୍ୟତାପ୍ରାପ୍ତ ପର୍ଯ୍ୟଟନ ସ୍ଥଳୀରୂପେ ପରିଗଣିତ ହେଲା ?

(କ) ୧୯୮୪ (ଖ) ୧୯୮୫

(ଗ) ୧୯୮୬ (ଘ) ୧୯୮୭

୩. ଦିଲ୍ଲୀର ମହାତ୍ମାଗାନ୍ଧୀଙ୍କ ମମାଧିପୀଠର ନାମ କ'ଣ ?

(କ) ରାଜଘାଟ (ଖ) ଶାନ୍ତିବନ

(ଗ) ଶକ୍ତିପୀଠ (ଘ) ବୀରଭୂମି

୪. ଜବାହାରଲାଲ ନେହେରୁଙ୍କ ସମାଧିପୀଠର ନାମ କ'ଣ ?

(କ) ରାଜଘାଟ (ଖ) ଶାନ୍ତିବନ

(ଗ) ବିଜୟଘାଟ (ଘ) ବୀରଭୂମି

୫. 'ବାବୁଜୀ' ବୋଲି କାହାକୁ ସମ୍ବୋଧନ କରାଯାଏ ?

(କ) ଜଗଜ୍ଜୀବନ ରାମ (ଖ) ମହାତ୍ମାଗାନ୍ଧୀ

(ଗ) ବିବେକାନନ୍ଦ (ଘ) ବିନୋବାଭାବେ

୬. ଭୀମଭୋଇଙ୍କୁ କେଉଁ ଉପାଧି ଦିଆଯାଇଛି ?

(କ) ବିଶ୍ୱକବି (ଖ) ଛନ୍ଦକବି

(ଗ) ସନ୍ଥକବି (ଘ) ପଲ୍ଲୀକବି

୭. ଛନ୍ଦକବି ନାମରେ କିଏ ପରିଚିତ ?

(କ)କାଳିଚରଣ ପଟ୍ଟନାୟକ (ଖ)ନନ୍ଦକିଶୋର ବଳ

(ଗ) ଉପେନ୍ଦ୍ର ଭଞ୍ଜ (ଘ)ରାଧାମୋହନ ଗଡ଼ନାୟକ

୮. ଭାରତର କେଉଁ ପ୍ରସିଦ୍ଧ ସ୍ଥାନର ଅନ୍ୟନାମ "ଗୋଲାପୀ ସହର" ?

(କ) ଜୟପୁର (ଖ) ବାରାଣସୀ

(ଗ) ମଗଧ (ଘ) ଚଣ୍ଡୀଗଡ଼

୯. ମନ୍ଦିରମୟୀ ନଗରୀ ରୂପେ କିଏ ପରିଚିତ ?

(କ) ବନାରସ (ଖ) ଭୁବନେଶ୍ୱର

(ଗ) କଲିକତା (ଘ) ଅହମ୍ମଦାବାଦ

୧୦. ପ୍ରାସାଦମୟୀ ନଗରୀ ରୂପେ କିଏ ପରିଚିତ ?

(କ) କୋଲକାତା (ଖ) ମୁମ୍ବାଇ

(ଗ) ନୂଆଦିଲ୍ଲୀ (ଘ) ବାରାଣସୀ

## (୧୧) ବାଣିଜ୍ୟ

୧. ଲକ୍‌ଡ଼ାଉନ୍ ସମୟରେ ଦେଶର ପ୍ରାୟ ୭୦% ଷ୍ଟାର୍ଟ ଅପ୍ ପ୍ରଭାବିତ ହୋଇଥିବାବେଳେ କେତେ ଶତକଡ଼ା ଷ୍ଟାଟସ୍‌ରେ ତାଲା ଝୁଲୁଛି ବୋଲି ଏଫ୍.ଆଇ.ସି.ସି.ଆଇ ସର୍ଭେରୁ ଜଣାପଡ଼ିଛି ?

(କ) ୧୦% (ଖ) ୧୧% (ଗ) ୧୨% (ଘ) ୧୩ %

୨. ଚଳିତବର୍ଷ ପ୍ରଥମ ୬ ମାସରେ ମ୍ୟୁଚୁଆଲ ଫଣ୍ଡ୍ କଂପାନୀଙ୍କ ନିବେଶ କେତେଗୁଣ ବଢ଼ିଛି ?

(କ) ୫ ଗୁଣ (ଖ) ୪ ଗୁଣ (ଗ) ୬ ଗୁଣ (ଘ) ୩ ଗୁଣ

୩. ଆୟକର ରିଟର୍ଣ୍ଣ ଫାଇଲିଙ୍ଗ୍ ସମୟସୀମା କେତେ ତାରିଖକୁ ଘୁଞ୍ଚିଲା ?

(କ) ଜୁଲାଇ ୩୦ (ଖ) ଅଗଷ୍ଟ ୩୦

(ଗ) ସେପ୍ଟେମ୍ବର ୩୦ (ଘ) ନଭେମ୍ବର ୩୦

୪. କରୋନା ପ୍ରଭାବିତ ଭାରତୀୟ ଅର୍ଥନୀତି ପାଇଁ କେତେ କୋଟିର ବିଦେଶୀ ପୁଂଜି ଆବଶ୍ୟକ ଅଛି ?

(କ) ୩୦-୪୦ ଲକ୍ଷ (ଖ) ୪୦-୫୦ ଲକ୍ଷ

(ଗ) ୫୦-୬୦ ଲକ୍ଷ (ଘ) ୬୦-୭୦ ଲକ୍ଷ

୫. ଭାରତରେ ସାମଗ୍ରୀ ଓ ସେବା ଟିକସ (ଜି.ଏସ୍.ଟି) କେବେଠାରୁ କାର୍ଯ୍ୟକାରୀ ହୋଇଥିଲା ?

(କ) ଜୁନ୍ ୨୦୧୭ (ଖ) ଜୁଲାଇ ୨୦୧୭

(ଗ) ଅପ୍ରେଲ୍ ୨୦୧୭ (ଘ) ଜାନୁଆରୀ୨୦୧୭

୬. ଚଳିତ ବର୍ଷ ଫେବୃଆରୀରେ ଭୋଡ଼ାଫୋନ୍ - ଆଇଡ଼ିଆ କେତେ ଗ୍ରାହକ ହରାଇଛି ?

(କ) ୩୦.୬ ଲକ୍ଷ (ଖ) ୩୪.୬ ଲକ୍ଷ

(ଗ) ୩୫.୨୦ ଲକ୍ଷ (ଘ) ୩୪.୧ ଲକ୍ଷ

୭. ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଉଇରୋପୀୟ ବଜାରକୁ କେତେ ହଜାର ଟନ୍ ପ୍ଲେଟ୍ ଷ୍ଟିଲ୍ ଯୋଗାଇ ଦେବାକୁ ଅର୍ଡ଼ର ପାଇଛି ?

(କ) ୫୦୦୦ ଟନ୍ (ଖ) ୬୦୦୦ ଟନ୍ (ଗ) ୭୦୦୦ ଟନ୍ (ଘ) ୮୦୦୦ ଟନ୍

୮. ଶିକ୍ଷାର ଭିତ୍ତିଭୂମି ବିକାଶ ପାଇଁ କେତେ ନିୟୁତ ଡଲାର ଋଣ ସହାୟତା ଦେଇଛି ?

(କ) ୫୦୦ (ଖ) ୪୦୦ (ଗ) ୩୦୦ (ଘ) ୧୦୦

୯. ସମସ୍ତ ଅରବାନ୍ ଓ ମଲ୍ଟିଷ୍ଟେଟ୍ କୋଅପରେଟିଭ ବ୍ୟାଙ୍କଗୁଡ଼ିକ ଏଣିକି କାହା ନିର୍ଦ୍ଦେଶରେ କାର୍ଯ୍ୟକରିବେ ?

(କ) ଏସ୍.ବି.ଆଇ (ଖ) ଆର୍.ବି.ଆଇ

(ଗ) କେନ୍ଦ୍ର ସରକାର (ଘ) ରାଜ୍ୟ ସରକାର

୧୦. ଆମେରିକାରେ କଳାଗୋରା ଭେଦଭାବକୁ ନେଇ କେତୋଟି କଂପାନୀ ଫେସ୍‌ବୁକ୍ ବିଜ୍ଞାପନ ବନ୍ଦ କରି ନେଇଛନ୍ତି ?

(କ) ୬୦ (ଖ) ୭୦ (ଗ) ୮୦ (ଘ) ୯୦

**ଉତ୍ତର**

୧.(କ)୧୯୮୩, ୨.(ଗ)୧୯୮୬, ୩.(କ)ରାଜଘାଟ, ୪.(ଖ)ଶାନ୍ତିବନ, ୫.(କ)ଜଗଜ୍ଜୀବନ ରାମ, ୬.(ଗ)ସନ୍ଥକବି, ୭.(ଘ)ରାଧାମୋହନ ଗଡ଼ନାୟକ, ୮.(କ)ଜୟପୁର, ୯.(କ)ବନାରସ, ୧୦.(କ)କୋଲକାତା।

୧.(ଗ)୧୨%, ୨.(ଖ)୪ଗୁଣ, ୩.(ଘ)ନଭେମ୍ବର ୩୦, ୪.(ଗ) ୫୦-୬୦ ଲକ୍ଷ, ୫.(ଖ)ଜୁଲାଇ ୨୦୧୭, ୬.(ଖ)୩୪.୬ ଲକ୍ଷ, ୭.(ଖ)୬୦୦୦ଟନ୍, ୮.(କ)୫୦୦, ୯.(ଖ)ଆର୍.ବି.ଆଇ, ୧୦.(ଘ)୯୦।

## (୧୨) ଅର୍ଥନୀତି

୧. ଅର୍ଥଶାସ୍ତ୍ରରେ ଦ୍ରବ୍ୟର ମୂଲ୍ୟ କ'ଣ ?
(କ) ଉପାଦେୟତା (ଖ) ବିନିମୟ ମୂଲ୍ୟ
(ଗ) ଉପଯୋଗିତା (ଘ) ଉପରୋକ୍ତ ସମସ୍ତ

୨. କେଉଁ ବ୍ୟାଙ୍କ୍ ଋଣ ସୃଷ୍ଟି କରେ ?
(କ) ବାଣୀଜ୍ୟିକ ବ୍ୟାଙ୍କ୍ (ଖ) କେନ୍ଦ୍ରୀୟ ବ୍ୟାଙ୍କ୍
(ଗ) ରିଜର୍ଭ ବ୍ୟାଙ୍କ୍ (ଘ) ଉପରୋକ୍ତ ସମସ୍ତ

୩. ସଂପଦ ଏକ ଗଚ୍ଛିତ; କିନ୍ତୁ ପୁଞ୍ଜି ଏକ
(କ) ବଳକା (ଖ) ପ୍ରବାହ
(ଗ) ସ୍ଥିର (ଘ) କୌଣସିଟି ନୁହେଁ

୪. ଟଙ୍କିକିଆ କାଗଜ ନୋଟ୍‌କୁ କିଏ ପ୍ରଚଳନ କରିଥିଲେ ?
(କ)କେନ୍ଦ୍ର ସରକାରଙ୍କ ଅର୍ଥବିଭାଗ (ଖ) ଭାରତୀୟ ରିଜର୍ଭ ବ୍ୟାଙ୍କ୍
(ଗ) ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ (ଘ) କୌଣସିଟି ନୁହେଁ

୫. କେଉଁ ବଜାରଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ଦ୍ରବ୍ୟ ବିଭେଦନ ଅଟେ ?
(କ) ପୂର୍ଣ୍ଣାଙ୍ଗ ବଜାର (ଖ) ଏକାଧିକବାର ବଜାର
(ଗ)ଏକାଧିକ ପ୍ରତିଯୋଗିତା ମୂଳକ ବଜାର (ଘ)ଅଳ୍ପାଧିକାର ବଜାର

୬. କେଉଁ କରର ଆର୍ଥିକ ବୋଝ ସ୍ଥାନାନ୍ତର ଅଟେ ?
(କ) ପ୍ରତ୍ୟକ୍ଷ (ଖ) ପରୋକ୍ଷ
(ଗ) ଆୟକର (ଘ) ସଂପତ୍ତିକର

୭. କେଉଁଟି ମୁକ୍ତଦ୍ରବ୍ୟର ଉଦାହରଣ ?
(କ) ପବନ (ଖ) ପାଣି
(ଗ) ସୂର୍ଯ୍ୟାଲୋକ (ଘ) ଉପରୋକ୍ତ ସମସ୍ତ

୮. ସୀମାନ୍ତ ଉପଯୋଗିତାର ରେଖା ସର୍ବଦା କ'ଣ ଅଟେ ?
(କ) ନିମ୍ନଗାମୀ (ଖ) ଉର୍ଦ୍ଧ୍ୱଗାମୀ
(ଗ) ଉଲମ୍ବ (ଘ) ଆନୁଭୂମିକ

୯. କେନ୍ଦ୍ର ସରକାର କେତୋଟି ଖରିଫ ଫସଲର ସର୍ବନିମ୍ନ ସହାୟକ ଦର(ଏସ ଏସ ପି) ୫୦%ରୁ ୮୩% ବୃଦ୍ଧି କରିଛନ୍ତି।
(କ)୧୦ଟି (ଖ) ୧୨ଟି
(ଗ)୧୩ଟି (ଘ) ୧୪ଟି

୧୦. ଚଳିତ ବର୍ଷ ଦେଶର ଅର୍ଥନୈତିକ ଅଭିବୃଦ୍ଧିହାର କେତେ ପ୍ରତିଶତ ଖସିବା ନେଇ ଆକଳନ କରାଯାଇଛି ?
(କ) ୩.୫% (ଖ) ୪.୫%
(ଗ) ୫.୦% (ଘ)୩.୦%

## (୧୩) କ୍ରୀଡ଼ା

୧. ୨୦୨୦ରେ ଟୋକିଓଠାରେ ଆୟୋଜିତ ହେବାକୁଥିବା ଅଲିମ୍ପିକ୍, ଯାହାକି ଏବେ ୨୦୨୧ରେ ଆୟୋଜିତ ହେବ, ତାହା ଅଲିମ୍ପିକ୍ କ୍ରୀଡ଼ାର କେତେତମ ସଂସ୍କରଣ ?
(କ) ୩୦ତମ (ଖ) ୩୧ତମ (ଗ) ୩୨ତମ (ଘ) ୩୩ତମ

୨. ଅଲିମ୍ପିକ୍‌ରେ ଭାରତ ହକି ଖେଳ ବ୍ୟତୀତ ଆଉ କେଉଁ ଖେଳରେ ସ୍ୱର୍ଣ୍ଣ ପଦକ ଜିତିଛି ?
(କ) ଶୁଟିଂ (ଖ) ବକ୍ସିଂ (ଗ) କୁସ୍ତି (ଘ) ବ୍ୟାଡମିଣ୍ଟନ୍

୩. ଭାରତର ପ୍ରଥମ ଅଲିମ୍ପିକ୍ ପଦକ ବିଜେତା ନର୍ମାନ୍ ପିଟ୍‌ଚାର୍ଡ କେଉଁ ମସିହାର କେଉଁ ଅଲିମ୍ପିକ୍‌ରେ ଦୁଇଟି ରୌପ୍ୟ ପଦକ ଜିତିଥିଲେ ?
(କ) ୧୮୯୬-ଏଥେନ୍‌ସ (ଖ) ୧୯୦୦-ପ୍ୟାରିସ୍
(ଗ) ୧୯୦୪-ସେଣ୍ଟ ଲୁଇ (ଘ) ୧୯୦୮-ଲଣ୍ଡନ୍

୪. କେଉଁ ଦିନ ୱାର୍ଲ୍ଡ ଅଲିମ୍ପିକ୍ ଡେ ବା ବିଶ୍ୱ ଅଲିମ୍ପିକ୍ ଦିବସ ପାଳନ କରାଯାଏ ?
(କ) ଜୁନ୍-୨୨ (ଖ) ଜୁନ୍-୨୩ (ଗ) ଜୁଲାଇ-୨୨ (ଘ) ଜୁଲାଇ-୨୩

୫. ଆନ୍ତର୍ଜାତିକ ଯୋଗ ଦିବସ କେଉଁ ଦିନ ପାଳିତ ହେଉଛି ?
(କ) ଜୁନ୍-୧୧ (ଖ) ଜୁନ୍-୧୭ (ଗ) ଜୁନ୍-୨୦ (ଘ) ଜୁନ୍-୨୧

୬. କରୋନା ଭୂତାଣୁ ସଂକ୍ରମଣ ଯୋଗୁଁ ମୃତ୍ୟୁବରଣ କରିଥିବା ପ୍ରଥମ କ୍ରୀଡ଼ାବିତଙ୍କ ନାମ ହେଉଛି- କୁଇ ଜୁନ୍। ଗତ ୬-ଫେବ୍ରୁଆରୀ ଦିନ ଚୀନ୍‌ର ଉହାନ୍‌ରେ ତାଙ୍କର ଦେହାନ୍ତ ହୋଇଥିଲା। କୁଇ ଜୁନ୍ କେଉଁ ଖେଳ ସହିତ ସଂପୃକ୍ତ ଥିଲେ ?
(କ) ଭାରୋତ୍ତୋଳନ (ଖ) କୁସ୍ତି (ଗ) ବଡି ବିଲ୍ଡିଂ (ଘ) ବକ୍ସିଂ

୭. କରୋନା ମହାମାରୀ ଯୋଗୁଁ ମୃତ୍ୟୁବରଣ କରିଥିବା ଜାପାନର ଶୋବୁଶି ନାମକ କ୍ରୀଡ଼ାବିତ ଜଣକ କେଉଁ ଖେଳର ତାରକା ଥିଲେ ?
(କ) ଫୁଟବଲ୍ (ଖ) ବେସ୍‌ବଲ୍ (ଗ) ସୁମୋ କୁସ୍ତି (ଘ) ଭଲି ବଲ୍

୮. କରୋନା ମହାମାରୀ ଯୋଗୁଁ ଲଣ୍ଡନ୍ ଠାରେ ଇହଧାମ ତ୍ୟାଗ କରିଥିବା ପାକିସ୍ତାନର ଆଜମ୍ ଖାନ୍ କେଉଁ ଖେଳରେ ୧୯୫୯ରୁ ୧୯୬୨ ପର୍ଯ୍ୟନ୍ତ କ୍ରମାଗତ ଚାରିବର୍ଷ ବ୍ରିଟିଶ୍ ଓପନ୍ ଚାମ୍ପିଆନ୍ ହୋଇଥିଲେ ?
(କ) ଗଲଫ୍ (ଖ) ସ୍କ୍ୱାଶ୍ (ଗ) ବିଲିୟାର୍ଡସ୍ (ଘ) ଚେସ୍

୯. କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିବା ବାଂଲାଦେଶର କ୍ରିକେଟ ଅଧିନାୟକଙ୍କ ନାମ କ'ଣ ?
(କ) ମହମ୍ମଦ ହଫିଜ୍ (ଖ) ଶକିବ୍ ଉଲ୍ ହସନ୍
(ଗ) ମହମ୍ମଦୁଲ୍ଲା ରିଆଜ୍ (ଘ) ମୋସ୍‌ରଫି ବିନ୍ ମୋର୍ତ୍ତାଜା

୧୦. ବର୍ତ୍ତମାନ ବିଶ୍ୱ ମାନ୍ୟତାର ଶୀର୍ଷରେ ଥିବା ଟେନିସ୍ ତାରକାଙ୍କ ନାମ କ'ଣ, ଯିଏକି କିଛିଦିନ ପୂର୍ବେ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି ?
(କ) ରାଫାଏଲ୍ ନାଦାଲ (ଖ) ରୋଜର୍ ଫେଡେରର୍
(ଗ) ନୋଭାକ୍ ଡ୍ୟୋକୋଭିଚ୍ (ଘ) ସିମୋନା ହାଲେପ୍

**ଉତ୍ତର**

୧.(ଖ)ବିନିମୟ ମୂଲ୍ୟ,୨.(କ)ବାଣୀଜ୍ୟିକ ବ୍ୟାଙ୍କ,୩.(ଖ)ପ୍ରବାହ, ୪.(କ)କେନ୍ଦ୍ର ସରକାରଙ୍କ ଅର୍ଥବିଭାଗ,୫.(ଗ)ଏକାଧିକ ପ୍ରତିଯୋଗିତା ମୂଳକ ବଜାର,୬.(କ)ପ୍ରତ୍ୟକ୍ଷ,୭.(ଘ)ଉପରୋକ୍ତ ସମସ୍ତ,୮.(କ)ନିମ୍ନଗାମୀ, ୯.(ଘ) ୧୪ଟି, ୧୦(ଖ) ୪.୫%।

୧.(ଗ) ୩୨ତମ, ୨.(କ) ଶୁଟିଂ, ୩.(ଖ) ୧୯୦୦-ପ୍ୟାରିସ୍, ୪.(ଖ) ଜୁନ୍-୨୩, ୫.(ଘ) ଜୁନ୍-୨୧, ୬.(ଗ) ବଡି ବିଲ୍ଡିଂ, ୭.(ଗ) ସୁମୋ କୁସ୍ତି, ୮.(ଖ) ସ୍କ୍ୱାଶ୍,୯. (ଘ) ମୋସ୍‌ରଫି ବିନ୍ ମୋର୍ତ୍ତାଜା,୧୦.(ଗ) ନୋଭାକ୍ ଡ୍ୟୋକୋଭିଚ୍

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ସାହିତ୍ୟ କ୍ଷେତ୍ରରେ ପ୍ରଦାନ କରାଯାଉଥିବା ମ୍ୟାନ୍ ବୁକର୍ ଆନ୍ତର୍ଜାତିକ ପୁରସ୍କାର କେଉଁ ଦେଶରେ ପ୍ରଦାନ କରାଯାଇଥାଏ ?
(କ) ଅଷ୍ଟ୍ରେଲିଆ (ଖ) ଗ୍ରେଟ ବ୍ରିଟେନ୍
(ଗ) ଯୁକ୍ତରାଷ୍ଟ୍ର ଆମେରିକା (ଘ) ଦକ୍ଷିଣ ଆଫ୍ରିକା

୨. ନିମ୍ନଲିଖିତ ବିଶ୍ୱପ୍ରସିଦ୍ଧ ଇଂରାଜୀ ସାହିତ୍ୟିକମାନଙ୍କ ମଧ୍ୟରୁ କାହାର ଜନ୍ମ ୱେଷ୍ଟଇଣ୍ଡିଜ୍ ଅନ୍ତର୍ଗତ ତ୍ରିନିଦାଦ ଟବାଗୋରେ ହୋଇଥିଲା ?
(କ) ସଲ୍‌ମାନ୍ ରଶ୍‌ଦୀ (ଖ) ରସ୍କିନ୍ ବଣ୍ଡ
(ଗ) ଝୁମ୍ପା ଲାହିଡ଼ି (ଘ) ଭି. ଏସ. ନଇପଲ୍

୩. ୧୯୦୭ ମସିହାରେ ସାହିତ୍ୟ କ୍ଷେତ୍ରରେ ନୋବେଲ୍ ପୁରସ୍କାର ପାଇଥିବା ରୁଡିୟାଡ୍ କିପ୍‌ଲିଙ୍ଗଙ୍କ ଜନ୍ମ କେଉଁ ଦେଶରେ ହୋଇଥିଲା ?
(କ) ଇଂଲାଣ୍ଡ (ଖ) କାନାଡ଼ା (ଗ) ଭାରତ (ଘ) ଅଷ୍ଟ୍ରେଲିଆ

୪. ନିମ୍ନଲିଖିତ ମଧ୍ୟରୁ କେଉଁ କାବ୍ୟଟି ଗଙ୍ଗାଧର ମେହେରଙ୍କ ରଚନା ନୁହେଁ ?
(କ) ତପସ୍ୱିନୀ (ଖ) ମହାଯାତ୍ରା (ଗ) ଇନ୍ଦୁମତି (ଘ) ପ୍ରଣୟବଲ୍ଲରୀ

୫. ଜାବ୍ରୋ ନାମକ ନୃତ୍ୟଟି କେଉଁ କେନ୍ଦ୍ରଶାସିତ ଅଞ୍ଚଳର ଏକ ପ୍ରସିଦ୍ଧ ଲୋକନୃତ୍ୟ ଅଟେ ?
(କ) ଜମ୍ମୁ କାଶ୍ମୀର (ଖ) ଆଣ୍ଡାମାନ ଓ ନିକୋବର
(ଗ) ଲଦାଖ୍ (ଘ) ଲାକ୍ଷାଦ୍ୱୀପ

୬. ପଦ୍ମନାଭ ସ୍ୱାମୀ ମନ୍ଦିର କେରଳ ରାଜ୍ୟର କେଉଁ ସହରରେରହିଛି ?
(କ) ତିରୁଚିରାପଲ୍ଲୀ (ଖ) ଶାବରୀମାଲା
(ଗ) ତିରୁଓ୍ୱନନ୍ତପୁରମ୍ (ଘ) ତ୍ରିଚୁର

୭. 'ଦି ଲାଷ୍ଟ ସପର୍' ଓ 'ମୋନାଲିସା' ଭଳି ବିଶ୍ୱ ପ୍ରସିଦ୍ଧ ଚିତ୍ରର ସ୍ରଷ୍ଟା ଲିଓନାର୍ଦୋ ଦା ଭିଞ୍ଚି କେଉଁ ଦେଶର ଜଣେ ଖ୍ୟାତନାମା ଚିତ୍ରକର ତଥା ସ୍ଥପତି ଥିଲେ ?
(କ) ଫ୍ରାନ୍ସ୍ (ଖ) ଇଟାଲୀ (ଗ) ଜର୍ମାନୀ (ଘ) ସ୍ପେନ୍

୮. ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଦିନ ପହଣ୍ଡି ସମୟରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ମଥାରେ ଲାଗିଥିବା ମୁକୁଟକୁ କ'ଣ କୁହାଯାଏ ?
(କ) କିରୀଟ (ଖ) ତଡ଼ପ (ଗ) ବାଙ୍କଚୂଳ (ଘ) ଟାହିଆ

୯. ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିବା ସମୟରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା କେଉଁଠାରେ ଅବସ୍ଥାନ କରନ୍ତି ?
(କ) ଗୁଣ୍ଡିଚା ମଣ୍ଡପ (ଖ) ଇନ୍ଦ୍ରଦ୍ୟୁମ୍ନ ମଣ୍ଡପ
(ଗ) ଆଡ଼ପ ମଣ୍ଡପ (ଘ) ରତ୍ନ ମଣ୍ଡପ

୧୦. ପୁରୀ ଜଗନ୍ନାଥ ଧାମରେ ପ୍ରତିବର୍ଷ କେତେଥର ତିନି ଠାକୁରଙ୍କ ସୁନାବେଶ ହୋଇଥାଏ ?
(କ) ଥରେ (ଖ) ଦୁଇଥର (ଗ) ଚାରିଥର (ଘ) ପାଞ୍ଚଥର

## (୧୫) ଭୂଗୋଳ

୧. ପୃଥିବୀ ପୃଷ୍ଠରେ କେତେ ଡିଗ୍ରୀର ଦ୍ରାଘିମା ରେଖାକୁ 'ପ୍ରାଇମ୍ ମେରିଡିଆନ୍', ବା 'ମୂଳ ମଧ୍ୟରେଖା' କୁହାଯାଏ ?
(କ) ଶୂନ ଡିଗ୍ରୀ (ଖ) ୧୮୦ଡିଗ୍ରୀ (ଗ) ୯୦ଡିଗ୍ରୀ (ଘ) ୧୦୦ଡିଗ୍ରୀ

୨. ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀଦ୍ୱୟ ମିଶି ବାଂଲାଦେଶରେ କେଉଁ ନାମରେ ପରିଚିତ ହୋଇଛି ?
(କ) ପଦ୍ମା (ଖ) ଭାଗିରଥୀ (ଗ) ମେଘନା (ଘ) ଇରାବତୀ

୩. ଦକ୍ଷିଣ ଆଟ୍‌ଲାଣ୍ଟିକ୍ ମହାସାଗରରେ ଥିବା ଫାକ୍‌ଲାଣ୍ଡ ଦ୍ୱୀପପୁଞ୍ଜଟି କେଉଁ ଦେଶ ଅଧୀନରେ ରହିଛି ?
(କ) ଆର୍ଜେଣ୍ଟିନା (ଖ) ଗ୍ରେଟ୍ ବ୍ରିଟେନ
(ଗ) ବ୍ରାଜିଲ (ଘ) ଯୁକ୍ତରାଷ୍ଟ୍ର ଆମେରିକା

୪. ଆୟତନ ଦୃଷ୍ଟିରୁ ଆଫ୍ରିକା ମହାଦେଶର ବୃହତ୍ତମ ଦେଶର ନାମ କ'ଣ ?
(କ) ଆଲ୍‌ଜେରିଆ (ଖ) କଙ୍ଗୋ ଡେମୋକ୍ରେଟିକ୍ ରିପବ୍ଲିକ୍
(ଗ) ସୁଦାନ୍ (ଘ) ଆଙ୍ଗୋଲା

୫. ୧୯୬୨ରେ ଚୀନ ଦ୍ୱାରା ଦଖଲ ହୋଇଥିବା ଲଦାଖର ଉତ୍ତର-ପୂର୍ବ ଭାଗ କେଉଁ ନାମରେ ପରିଚିତ ?
(କ) ପଶ୍ଚିମ ତିବ୍ବତ (ଖ) ଶିନ୍‌ଜିୟାଙ୍ଗ
(ଗ) ନେଫା (ଘ) ଅକ୍‌ସାଇ ଚୀନ୍

୬. ନିମ୍ନଲିଖିତ ମଧ୍ୟରୁ କେଉଁ ଦେଶଟି ଦକ୍ଷିଣ ଆମେରିକାର ମୁଖ୍ୟ ପେଟ୍ରୋଲିୟମ୍ ରପ୍ତାନୀକାରୀ ଦେଶଭାବେ ପ୍ରସିଦ୍ଧ ?
(କ) କଲମ୍ବିଆ (ଖ) ବଲିଭିଆ (ଗ) ପେରୁ (ଘ) ଭେନେଜୁଆଲା

୭. ୟୁରୋପ୍ ମହାଦେଶର ଦୀର୍ଘତମ ନଦୀର ନାମ କ'ଣ ?
(କ) ଡାନ୍ୟୁବ୍ (ଖ) ରାଇନ୍ (ଗ) ଭୋଲ୍‌ଗା (ଘ) ଡନ୍

୮. ଆୟତନ ଦୃଷ୍ଟିରୁ ଭାରତର କ୍ଷୁଦ୍ରତମ ରାଜ୍ୟର ନାମ କ'ଣ ?
(କ) ସିକିମ୍ (ଖ) ଗୋଆ (ଗ) ମିଜୋରାମ (ଘ) ତେଲେଙ୍ଗାନା

୯. ମଧ୍ୟପ୍ରଦେଶରେ ଥିବା ଧୂଆଁଧାର ଜଳପ୍ରପାତଟି କେଉଁ ନଦୀ ଶଯ୍ୟାରେ ଅବସ୍ଥିତ ?
(କ) ନର୍ମଦା (ଖ) ତାପ୍ତି (ଗ) ସୋଣ (ଘ) ଚମ୍ବଲ୍

୧୦. ଓଡ଼ିଶାର କେଉଁ ଅଭୟାରଣ୍ୟରେ ସର୍ବାଧିକ ସଂଖ୍ୟକ ହାତୀ ରହିଛନ୍ତି ?
(କ) ଚନ୍ଦକା (ଖ) ଶିମିଳିପାଳ (ଗ) ସାତକୋଶିଆ (ଘ) ସୁନାବେଡ଼ା

**ଉତ୍ତର**

୧.(ଖ) ଗ୍ରେଟ ବ୍ରିଟେନ୍, ୨.(ଘ) ଭି. ଏସ. ନଇପଲ୍, ୩.(ଗ) ଭାରତ, ୪.(ଖ) ମହାଯାତ୍ରା, ୫.(ଗ) ଲଦାଖ୍ ,୬.(ଗ) ତିରୁଓ୍ୱନନ୍ତପୁରମ୍, ୭.(ଖ) ଇଟାଲୀ, ୮.(ଘ) ଟାହିଆ, ୯.(ଗ) ଆଡ଼ପ ମଣ୍ଡପ, ୧୦.(ଘ) ପାଞ୍ଚଥର

୧. (କ) ଶୂନ ଡିଗ୍ରୀ, ୨.(ଗ) ମେଘନା, ୩. (ଖ) ଗ୍ରେଟ୍ ବ୍ରିଟେନ, ୪.(ଗ) ସୁଦାନ୍, ୫.(ଘ) ଅକ୍‌ସାଇ ଚୀନ୍, ୬.(ଘ) ଭେନେଜୁଆଲା, ୭.(ଗ) ଭୋଲ୍‌ଗା, ୮.(ଖ) ଗୋଆ, ୯.(କ) ନର୍ମଦା, ୧୦.(ଖ) ଶିମିଳିପାଳ

## (୧୭) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ରାଜ୍ୟ ନୁହେଁ?
(କ) ଓଡ଼ିଶା(ଖ) ପଶ୍ଚିମବଙ୍ଗ (ଗ) ଗୋଆ(ଘ) ଚଣ୍ଡିଗଡ଼
୨. କେଉଁ ମସିହା ପରଠାରୁ ଦିଲ୍ଲୀ ପାଇଁ ଗୋଟିଏ ବିଧାନସଭା ଓ ଗୋଟିଏ ମନ୍ତ୍ରୀ ପରିଷଦର ବ୍ୟବସ୍ଥା କରାଯାଇଛି?
(କ) ୧୯୯୦ (ଖ) ୧୯୯୧ (ଗ) ୧୯୯୨(ଘ) ୧୯୯୩
୩. କେଉଁ ରାଜ୍ୟରୁ ଅଲଗା ହୋଇ ଝାଡ଼ଖଣ୍ଡ ରାଜ୍ୟ ଗଠିତ ହୋଇଛି?
(କ) ବିହାର (ଖ) ରାଜସ୍ଥାନ
(ଗ) ମହାରାଷ୍ଟ୍ର (ଘ) ଉତ୍ତର ପ୍ରଦେଶ
୪. ଭାରତରେ କେତେ ବର୍ଷ ବୟସରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଭୋଟଦାନ ଅଧିକାର ପାଇଛନ୍ତି?
(କ) ୧୮ ବର୍ଷ (ଖ) ୨୦ ବର୍ଷ (ଗ) ୨୧ ବର୍ଷ (ଘ) ୨୩ ବର୍ଷ
୫. ଆମ ଦେଶର ନିର୍ବାଚନ ଆୟୋଗ ଲୋକସଭା ଓ ବିଧାନସଭା ନିମନ୍ତେ କେତେବର୍ଷରେ ଥରେ ନିର୍ବାଚନ କରିଥାଏ?
(କ) ୩ ବର୍ଷ (ଖ) ୫ ବର୍ଷ
(ଗ) ୬ ବର୍ଷ (ଘ) ୧୦ ବର୍ଷ
୬. କିଏ ପରୋକ୍ଷ ନିର୍ବାଚନ ମାଧ୍ୟମରେ ନିର୍ବାଚିତ ହୁଅନ୍ତି ନାହିଁ?
(କ) ରାଷ୍ଟ୍ରପତି (ଖ) ଉପରାଷ୍ଟ୍ରପତି
(ଗ) ରାଜ୍ୟସଭା ସଦସ୍ୟ (ଘ) ଲୋକସଭା ସଦସ୍ୟ
୭. ଓଡ଼ିଶାର ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ଲୋକସଭା ମଣ୍ଡଳର ସଂଖ୍ୟା ମଧ୍ୟରେ ଅନୁପାତ କେତେ?
(କ) ୫:୧ (ଖ) ୬:୧
(ଗ) ୭:୧ (ଘ) ୧୦:୧
୮. ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ କିଏ ନିଯୁକ୍ତ କରନ୍ତି?
(କ) ରାଷ୍ଟ୍ରପତି (ଖ) ପ୍ରଧାନମନ୍ତ୍ରୀ
(ଗ) ମୁଖ୍ୟବିଚାରପତି (ଘ) ବାଚସ୍ପତି
୯. ଓଡ଼ିଶା ବିଧାନସଭାର ସଦସ୍ୟମାନେ ରାଜ୍ୟସଭାକୁ କେତେଜଣ ସାଂସଦଙ୍କୁ ନିର୍ବାଚିତ କରନ୍ତି?
(କ) ୧୦ଜଣ (ଖ) ୧୨ଜଣ
(ଗ) ୧୫ଜଣ (ଘ) ୨୧ଜଣ
୧୦. ରାଷ୍ଟ୍ରପତି ଲୋକସଭାକୁ ସାଂସଦଭାବରେ ନିମ୍ନୋକ୍ତ କେତେଜଣକୁ ଆଙ୍ଗ୍ଲୋଭାରତୀୟ ସଂପ୍ରଦାୟରୁ ମନୋନୀତ କରନ୍ତି?
(କ) ୧(ଖ) ୨ (ଗ) ୩ (ଘ) ୪

## (୧୭) କମ୍ପ୍ୟୁଟର ଶିକ୍ଷା

୧. କଂପ୍ୟୁଟର ସିଷ୍ଟମ୍‌ର ବ୍ରେନ କାହାକୁ କୁହାଯାଏ?
(କ) ମେମୋରୀ (ଖ) ସିପିଇଉ
(ଗ) କଣ୍ଟ୍ରୋଲ ଇଉନିଟ୍ (ଘ) କୌଣସିଟି ନୁହେଁ
୨. RAM କାହାକୁ ବୁଝାଏ?
(କ) Random Allowed Memory
(ଖ) Ready Asset Memory
(ଗ) Random AssessMemory
(ଘ) Random Added Memory
୩. 'MICR' ର 'c' କ'ଣ ବୁଝାଏ?
(କ) Colour (ଖ) Code(ଗ) Character (ଘ) Coding
୪. ଫ୍ୟାକ୍ଟସ୍ ଏଣ୍ଡ ଫିଗର୍ କଲେକ୍ସନକୁ କ'ଣ କୁହାଯାଏ?
(କ) ଡାଟା (ଖ) ଇନ୍‌ଫରମେସନ୍
(ଗ) ପ୍ରୋସେସିଙ୍ଗ୍ (ଘ) ଫାଇଲ୍
୫. କେଉଁ କମାଣ୍ଡକୁ ଗଲେ କଂପ୍ୟୁଟରରେ ବର୍ତ୍ତମାନ ସମୟ ଜଣାଯିବ?
(କ)କପି(ଖ) ଫରମାଟ (ଗ) ଟାଇମ୍ (ଘ) କୌଣସିଟି ନୁହେଁ
୬. ଏମ୍.ଏସ୍.ଓ୍ୱାର୍ଡ୍‌ର ଏକ ନୂଆ ଫାଇଲ୍ ଓପନ୍ କରିବାକୁ ହେଲେ କେଉଁ ସର୍ଟକଟ୍ କି ବ୍ୟବହାର କରାଯାଏ?
(କ) କଣ୍ଟ୍ରୋଲ + X (ଖ) କଣ୍ଟ୍ରୋଲ + V
(ଗ) କଣ୍ଟ୍ରୋଲ + C (ଘ) କଣ୍ଟ୍ରୋଲ + N
୭. ବାଇଡ଼ିଫଲଟ୍ ଓ୍ୱାର୍ଡ୍ ଡକୁମେଣ୍ଟର ରାଇଟ୍ ମାର୍ଜିନ କେତେ?
(କ) ୧ ଇଞ୍ଚ (ଖ) ୧.୫ ଇଞ୍ଚ
(ଗ) ୧.୨୫ ଇଞ୍ଚ (ଘ) କୌଣସିଟି ନୁହେଁ
୮. ଏମ୍.ଏଫ୍.ଏକ୍ସଲ୍‌ରେ କେତୋଟି ରେଜ୍ ଅଛି?
(କ) ୬୫,୫୦୦ (ଖ) ୬୫,୫୩୦
(ଗ) ୬୫,୪୦୦ (ଘ)୬୫,୫୩୬
୯. ଏମ୍ ଏଫ୍ ଏକ୍ସଲ୍‌ରେ ହରଣ ଚିହ୍ନର ସିମ୍ବଲଟା କଅଣ ?
(କ) \ (ଖ) / (ଗ) D (ଘ) J
୧୦. ଏକହଜାର ବାଇଟ୍ କାହାକୁ ବୁଝାଏ?
(କ) ମେଗା ବାଇଟ୍ (ଖ) ଗିଗା ବାଇଟ୍
(ଗ) କିଲୋ ବାଇଟ୍ (ଘ) କୌଣସିଟି ନୁହେଁ

**ଉତ୍ତର**

୧.(ଘ)ଚଣ୍ଡିଗଡ଼, ୨.(ଘ)୧୯୯୩, ୩.(କ)ବିହାର, ୪.(କ)୧୮ବର୍ଷ, ୫.(ଖ) ୫ ବର୍ଷ , ୬.(ଘ) ଲୋକସଭା ସଦସ୍ୟ, ୭.(ଗ) ୭:୧, ୮.(କ) ରାଷ୍ଟ୍ରପତି, ୯.(କ)୧୦ଜଣ, ୧୦. (କ) ୧।

୧.(ଖ)ସିପିଇଉ, ୨,(ଗ)Random AssessMemory, ୩.(ଗ)Character, 4.(କ)ଡାଟା, ୫.(ଗ)ଟାଇମ୍, ୬.(ଘ) କଣ୍ଟ୍ରୋଲ +N, 7.(ଗ)୧.୨୫ ଇଞ୍ଚ, ୮.(ଗ)୬୫,୪୦୦, ୯.(ଖ) /, ୧୦.(ଗ) କିଲୋ ବାଇଟ୍

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. ପ୍ରଥମ ଦଶଟି ଗଣନା ସଂଖ୍ୟାର ମଧ୍ୟମା, ପ୍ରଥମ ଦୁଇଟି ଗଣନା ସଂଖ୍ୟାର ମଧ୍ୟମାଠାରୁ କେତେ ବେଶି ?
(କ) ୦(ଖ) ୦.୫ (ଗ) ୧ (ଘ) ୧.୫

୨. ଦୁଇଟି ପରସ୍ପର ପରିପୂରକ କୋଣ ମଧ୍ୟରୁ ଗୋଟିକର ପରିମାଣ ଅନ୍ୟଟିର ପରିମାଣଠାରୁ ୧୬° ଅଧିକ ହେଲେ - କ୍ଷୁଦ୍ରତର କୋଣର ପରିମାଣ କେତେ ?
(କ) ୯୦° (ଖ) ୮୨°(ଗ) ୭୯° (ଘ) ୬୮°

୩. ସମସ୍ତ ଦୁଇଅଙ୍କ ବିଶିଷ୍ଟ ଧନାତ୍ମକ ଅଯୁଗ୍ମ ପୂର୍ଣ୍ଣସଂଖ୍ୟାର ଯୋଗଫଳ କେତେ ?
(କ)୨୪୫୦ (ଖ) ୨୪୩୫ (ଗ) ୨୪୭୫(ଘ) ୨୪୬୦

୪. ଯଦି ଦୁଇଟି ବୃତ୍ତର କ୍ଷେତ୍ରଫଳର ଅନୁପାତ ୪:୯ ହୁଏ ତେବେ ବୃତ୍ତ ଦ୍ୱୟରୁ ସୃଷ୍ଟ ଅର୍ଦ୍ଧବୃତ୍ତର ପରିସୀମାର ଅନୁପାତ କେତେ ?
(କ) ୨:୩ (ଖ) ୩:୨ (ଗ) ୧:୨ (ଘ) ୧:୩

୫. ଗୋଟିଏ ତ୍ରିଭୁଜାକୃତି ଭୂମି ବିଶିଷ୍ଟ ପ୍ରିଜମ୍‌ର ଭୂମିର କ୍ଷେତ୍ରଫଳ ୩୦ ବର୍ଗ ସେ.ମି ଓ ଉଚ୍ଚତା ୫ ସେ.ମି ହେଲେ ପ୍ରିଜମ୍‌ର ଘନଫଳ କେତେ ଘନ ସେ.ମି ?
(କ) ୧୫୦ (ଖ) ୧୮୦ (ଗ) ୨୦୦ (ଘ) ୩୦୦

୬. ଗୋଟିଏ ବର୍ଗାକୃତି କାଗଜ ଯାହାର ଦୈର୍ଘ୍ୟ ୨୫ ସେ.ମିକୁ ମୋଡ଼ି ଏକ ସିଲିଣ୍ଡର ଆକୃତି କଲେ ଏହାର ପାର୍ଶ୍ୱପୃଷ୍ଠତଳର କ୍ଷେତ୍ରଫଳ କେତେ ବର୍ଗ ସେ.ମି ହେବ ?
(କ) ୨୦୦ (ଖ) ୫୦୦ (ଗ) ୬୨୫ (ଘ) ୭୫୦

୭. ଗୋଟିଏ ୯ ମିଟର ଉଚ୍ଚତା ବିଶିଷ୍ଟ କୋନ୍‌ର ଭୂମିର ପରିଧି ୧୪୪ ମିଟର ହେଲେ କୋନ୍‌ର ଆୟତନ କେତେ ଘନମିଟର ?
(କ) ୪୬୨ (ଖ) ୬୩(ଗ) ୯୨୪ (ଘ) ୧୩୮୬

୮. ଗୋଟିଏ ଅର୍ଦ୍ଧଗୋଲକର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ ୧୮୪୮ ବର୍ଗ ସେ.ମି ହେଲେ ଏହାର ବ୍ୟାସ କେତେ ସେ.ମି ?
(କ) ୨୨ (ଖ) ୨୪ (ଗ) ୨୬ (ଘ) ୨୮

୯. ପ୍ରଥମ ୨୪ଟି ଗଣନସଂଖ୍ୟାର ମଧ୍ୟମା କେତେ ?
(କ) ୧୨ (ଖ) ୧୨.୫ (ଗ) ୧୩ (ଘ) ୧୩.୫

୧୦. ଦୁଇଟି ବହିଃସ୍ପର୍ଶୀ ବୃତ୍ତର କେତୋଟି ସାଧାରଣ ତୀର୍ଯ୍ୟକ୍ ସ୍ପର୍ଶକ ଥାଏ ?
(କ) ୪(ଖ) ୩ (ଗ) ୨(ଘ) ୧

## (୧୯) ସାଧାରଣ ବିଜ୍ଞାନ

୧. କେଉଁ ପଦାର୍ଥ ଜଳର ଖରତ୍ୱ ଦୂର କରିବାପାଇଁ ବ୍ୟବହୃତ ହୁଏନାହିଁ ?
(କ)ସୋଡ଼ିଅମ୍ କାର୍ବୋନେଟ (ଖ)ସୋଡ଼ିଅମ୍ ପଲିମେଟା ଫସ୍‌ଫେଟ
(ଗ) ସୋଡ଼ିଅମ୍ ଜିଓଲାଇଟ୍ (ଘ) ଓଜୋନ୍

୨. ପରମାଣୁର ଇଲେକ୍‌ଟ୍ରନ କିଏ ଆବିଷ୍କାର କରିଥିଲେ ?
(କ) କେ.କେ.ଟମ୍ପସନ୍ (ଖ)ଗୋଲ୍ଡଷ୍ଟାଇନ୍
(ଗ) ରଦର ଫୋର୍ଡ଼ (ଘ)ଜେମ୍‌ମ୍ ବାଦଉଇକ୍

୩. କେଉଁ ମୌଳିକର ପରମାଣୁରେ ଆଦୌ ନିଉଟ୍ରନ ନଥାଏ ?
(କ) ହିଲିଅମ (ଖ) ଉଦ୍‌ଜାନ
(ଗ) ଲିଥିଅମ୍ (ଘ) ବେରିଲିୟମ୍

୪. ଉଦ୍‌ଜାନର କେଉଁ ସମସ୍ଥାନିକରେ ନିଉଟ୍ରନ ନାହିଁ ?
(କ) ପ୍ରୋଟିଅମ୍ (ଖ) ଡିଉଟେରିଅମ୍
(ଗ) ଟ୍ରିଟିଅମ୍ (ଘ) କୌଣସିଟି ନୁହେଁ

୫. ପ୍ରାଚୀନ କାଳରେ ମାନବଜାତି କେତୋଟି ଧାତୁର ବ୍ୟବହାର ସଂପର୍କରେ ଅବଗତ ଥିଲେ ?
(କ) ୨ଟି(ଖ) ୪ଟି (ଗ) ୫ଟି (ଘ) ୮ଟି

୬. ଆକାଶ ଗଂଗା ଏକ କ'ଣ ଅଟେ ?
(କ) ତାରକା (ଖ) ତାରକାପୁଞ୍ଜ
(ଗ) ଛାୟାପଥ (ଘ) ଗ୍ରହ

୭. ସୌରଜଗତରେ ବୃହତ୍ତମ ଉପଗ୍ରହଟି କିଏ ?
(କ) ଗାନିମିଡ଼୍ (ଖ) ଟାଇଟାନ୍
(ଗ) ଇଉରୋପା (ଘ) ଟିଟନ୍

୮. କେଉଁ ଗ୍ରହଟି ପୃଥିବୀର ଯମଜ ଭଗିନୀ ?
(କ) ଶୁକ୍ର(ଖ) ବୁଧ (ଗ) ୟୁରେନ୍‌ସ (ଘ) ମଂଗଳ

୯. ଗୋଟିଏ ଦୋଳନରେ କେତୋଟି ନିସ୍ପନ୍ଦ (ବିଟ୍) ଥାଏ ?
(କ) ଏକଟା (ଖ) ଦୁଇଟା (ଗ) ତିନିଟା(ଘ) ଚାରିଟା

୧୦. ଗୋଟିଏ ସମତଳ ଦର୍ପଣ ଫୋକସ୍ ଦୂରତା କେତେ ?
(କ) ୦ (ଖ)୧ ସେ.ମି
(ଗ) ୧ ମି. (ଘ) ଅସୀମ

**ଉତ୍ତର**

୧.(ଖ)୦.୫, ୨.(ଖ)୮୨°, ୩.(ଗ)୨୪୭୫, ୪.(କ)୨:୩, ୫.(କ)୧୫୦, ୬.(ଖ)୫୦୦, ୭.(କ)୪୬୨, ୮.(ଘ) ୨୮, ୯. (ଖ) ୧୨.୫, ୧୦.(ଘ) ୧ ।

୧.(ଘ)ଓଜୋନ୍, ୨.(କ)କେ.କେ.ଟମ୍ପସନ୍, ୩.(ଖ)ଉଦ୍‌ଜାନ, ୪.(କ)ପ୍ରୋଟିଅମ୍, ୫.(କ)୨ଟି, ୬.(ଗ)ଛାୟାପଥ, ୭.(କ)ଗାନିମିଡ଼୍ ୮.(କ)ଶୁକ୍ର, ୯.(ଖ)ଦୁଇଟା, ୧୦.(ଘ)ଅସୀମ।

## (୨୦) ଗଞ୍ଜାମ ଜିଲ୍ଲା




୧. ଜିଲ୍ଲାର ନାମ - ଗଞ୍ଜାମ
୨. ଗଠନ - ୧ ଏପ୍ରିଲ, ୧୯୩୬
୩. କ୍ଷେତ୍ରଫଳ - ୮୨୦୬ ବର୍ଗ.କି.ମି
୪. ଜନସଂଖ୍ୟା - ୩୫୨୦୧୫୧
(କ) ପୁରୁଷ - ୧୭୭୭୩୨୪
(ଖ) ମହିଳା - ୧୭୪୨୮୨୭
୫. ଉପଖଣ୍ଡ - ୦୩
୬. ତହସିଲ - ୨୨
୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) - ୨୨
୮. ଗ୍ରାମ ପଞ୍ଚାୟତ - ୪୭୫
୯. ଗ୍ରାମ - ୩୧୯୫
୧୦. ଥାନା - ୩୭
୧୧. ପୌରସଂସ୍ଥା(ମ୍ୟୁନିସିପାଲିଟି) - ୧
୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)- ୧୭
୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୧୩

୧୨୩. ଭଞ୍ଜନଗର, ୧୨୪. ପୋଲସରା, ୧୨୫. କବିସୂର୍ଯ୍ୟନଗର, ୧୨୬. ଖଲ୍ଲିକୋଟ, ୧୨୭. ଛତ୍ରପୁର, ୧୨୮. ଆସ୍କା, ୧୨୯. ସୋରଡ଼ା, ୧୩୦. ସାନଖେମୁଣ୍ଡି, ୧୩୧. ହିଞ୍ଜିଳି, ୧୩୨. ଗୋପାଳପୁର, ୧୩୩. ବ୍ରହ୍ମପୁର, ୧୩୪. ଦିଗପହଣ୍ଡି, ୧୩୫. ଚିକିଟି।

୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୩୯୭୯୨୦
୧୫. ସାକ୍ଷରତା ହାର - ୭୧.୮୮%
୧୬.ପୁରୁଷ ସାକ୍ଷରତା ହାର - ୮୧.୮୫%
୧୭. ମହିଳା ସାକ୍ଷରତା ହାର - ୬୧.୮୪%
୧୮.ଜନସଂଖ୍ୟା ବୃଦ୍ଧି ହାର - ୧୧.୩୭%
୧୯.ଜନସଂଖ୍ୟା ଘନତ୍ୱ - ୪୨୯ / ବର୍ଗ କି.ମି
୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା - ୯୮୧
୨୧.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୧୯୮
୨୨. ନିଆଁଲିଭା କେନ୍ଦ୍ର - ୧୬
୨୩.ଲୋକସଭା ଆସନ ସଂଖ୍ୟା - ୦୨
୨୪ ଜଙ୍ଗଲ ଜମି - ୨୨୮୭.୫୯ ବର୍ଗ କି.ମି
୨୫.ହାରାହାରି ତାପମାତ୍ରା - ସର୍ବନିମ୍ନ ୧୪.୨୦- ସର୍ବୋଚ୍ଚ ୪୧.୫୦
୨୬. ସାଧାରଣ ବୃଷ୍ଟିପାତ - ୧୨୭୬.୨ ମି.ମି.
୨୭. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.୦୭
୨୮.ପର୍ଯ୍ୟଟନସ୍ଥଳୀ -ଆର୍ଯ୍ୟପଲ୍ଲୀ,ଆଠଗଡ଼ ପାଟନା,ବ୍ରହ୍ମପୁର, ବୁଗୁଡ଼ା,ଚିଲିକା(ରମ୍ଭା),ଗିରିସୋଲା,ଗୋପାଳପୁର,ହୁମା(କଣ୍ଟିଆଗଡ଼),ଜଉଗଡ଼ ବୁଦ୍ଧିଷ୍ଟ ସ୍କ୍ରିନ୍, କୁଲଦା,ମହୁରୀକାଲୁଆ।

## ପର୍ବପର୍ବାଣୀ

### ଜୁଲାଇ ୨୦୨୦

| | |
|---|---|
| ତା.୧ | ବାହୁଡ଼ା ଯାତ୍ରା ଓ ଏକାଦଶୀ ଉପବାସ, ହଳ ନିଷେଧ |
| ତା.୨ | ରଥ ଉପରେ ସୁନାବେଶ |
| ତା.୩ | ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା |
| ତା.୪ | ଚନ୍ଦ୍ରପୂଜା |
| ତା.୫ | ବ୍ୟାସ ପୂର୍ଣ୍ଣିମା, ଗୁରୁ ପୂର୍ଣ୍ଣିମା ଓ ଶରଣ ଆରମ୍ଭ |
| ତା.୯ | ମନସା ପଞ୍ଚମୀ |
| ତା.୧୫ | ମାସାନ୍ତ |
| ତା.୧୬ | ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି, କାମଦା ଏକାଦଶୀ ଉପବାସ,ବ୍ରତ ଓ ହଳ ନିଷେଧ |
| ତା.୧୯ | ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା |
| ତା.୨୦ | ଚିତାଲାଗି ଅମାବାସ୍ୟା, ଗୃହିଣାଂ, ଶ୍ରୀମନ୍ଦିରେ ଚିତ୍ରକ ପର୍ବ, ଚନ୍ଦ୍ରକ୍ଷୟ ଓ ସୋମମହତୀ ସ୍ନାନ। |
| ତା.୨୨ | ଦ୍ୱିତୀୟାର ଚନ୍ଦ୍ରଦର୍ଶନ ଓ ପୂଜା |
| ତା.୨୪ | ଜାଗ୍ରଦ୍‌ଗୌରୀ ପଞ୍ଚମୀ |
| ତା.୨୯ | ଶ୍ରୀକ୍ଷେତ୍ରେ ଝୁଲଣ ଯାତ୍ରାରମ୍ଭ |
| ତା.୩୦ | ହରିଶୟନ ଏକାଦଶୀ ଉପବାସ, ଲକ୍ଷ୍ମୀନାରାୟଣ ବ୍ରତ, ଉତ୍କଳେ ସର୍ବତ୍ର ଝୁଲଣ ଯାତ୍ରା ଓ ହଳ ନିଷେଧ। |
| ତା.୩୧ | ବିଷ୍ଣୁ ପବିତ୍ରାରୋପଣ ଓ ଗରୁଡ଼ ଶୟନ |
| ବିବାହ : | ତା. ୧,୨,୭,୧୧,୧୨,୧୩ ରିଖ। |
| ବ୍ରତ : | ତା. ୨,୯ ରିଖ। |

### ଅଗଷ୍ଟ ୨୦୨୦

| | |
|---|---|
| ତା.୧ | ଇନ୍ଦ୍ରଝୁହା ଓ ଆଖେଟକ ପର୍ବ |
| ତା.୨ | ଶିବ ପବିତ୍ରାରୋପଣ, ଶିବ ଚତୁର୍ଦ୍ଦଶୀ ଉପବାସ, ବେଢ଼ା ଓ ଶରଣ ଆରମ୍ଭ |
| ତା.୩ | ଗହ୍ମା ପୂର୍ଣ୍ଣିମା, ବଳଭଦ୍ର ଜନ୍ମ, ରାକ୍ଷୀବନ୍ଧନ ଓ ଚନ୍ଦ୍ରପୂଜା |
| ତା.୪ | ଝୁଲଣ ଯାତ୍ରା ଶେଷ |
| ତା.୫ | ବୁଧିବାମନ ଓଷା ଆରମ୍ଭ |
| ତା.୬ | ଅଙ୍ଗଭେଟ ତୃତୀୟା ଓ ଶରଣ ଶେଷ |
| ତା.୮ | ଗୃହିଣାଂ ରକ୍ଷା ପଞ୍ଚମୀ ଓ ଶ୍ରୀ ମନ୍ଦିରେ ରେଖା ପଞ୍ଚମୀ |
| ତା.୯ | ଖୁଦୁରୁକୁଣୀ ଓଷା ଆରମ୍ଭ |
| ତା.୧୧ | ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ(ସ୍ମାର୍ତ୍ତ ସମ୍ମତ) |
| ତା.୧୨ | ନନ୍ଦୋତ୍ସବ (ସ୍ମାର୍ତ୍ତ) ଓ ବୈଷ୍ଣବ ସମ୍ମତ ଶ୍ରୀହରି ଜନ୍ମ |
| ତା.୧୫ | ସ୍ୱାଧିନତା ଦିବସ, କାଳୀୟ ଦଳନ ଏକାଦଶୀ, ଅରବିନ୍ଦଙ୍କ ଜୟନ୍ତୀ, ମାସାନ୍ତ ଓ ହଳ ନିଷେଧ |
| ତା.୧୬ | ସିଂହ ସଂକ୍ରାନ୍ତି ଓ ଖୁଦୁରୁକୁଣୀ ଓଷା |
| ତା.୧୭ | ଶିବଚତୁର୍ଦ୍ଦଶୀ |
| ତା.୧୮ | ଗୃହିଣାଂ ସପ୍ତପୁରୀ ଭୋଗ, ଚନ୍ଦ୍ରକ୍ଷୟ ଓ ହଳି ନିଷେଧ |
| ତା.୧୯ | ଶ୍ରୀ ମନ୍ଦିରେ ସପ୍ତପୁରୀ ଅମାବାସ୍ୟା ଓ ବୁଧିବାମନ ଓଷା |
| ତା.୨୦ | ଚନ୍ଦ୍ରଦର୍ଶନ ଓ ପୂଜା |
| ତା.୨୧ | ବାଲି ତୃତୀୟା |
| ତା.୨୨ | ଗଣେଶ ଚତୁର୍ଥୀ ଓ ଗୌରୀ ବ୍ରତ |
| ତା.୨୩ | ନୂଆଖାଇ ପର୍ବ ଓ ଋଷି ପଞ୍ଚମୀ |
| ତା.୨୪ | ଷଷ୍ଠୀ ଓଷା, ସୋମନାଥ ବ୍ରତ ଆରମ୍ଭ, ଲଳିତା ସପ୍ତମୀ ଓ କୁକ୍‌କୁଟୀ ବ୍ରତ |
| ତା.୨୫ | ଶ୍ରୀଦୁର୍ଗାଶୟନୋତ୍ସବ (ସ୍ମାର୍ତ୍ତ) ଓ ରାଧାଷ୍ଟମୀ |
| ତା.୨୭ | ତାଳ ନବମୀ |
| ତା.୨୯ | ପାର୍ଶ୍ୱପରିବର୍ତ୍ତନ (ବଡ଼) ଏକାଦଶୀ, ବାମନ ଜନ୍ମ, ଶରଣ ଆରମ୍ଭ ଓ ହଳ ନିଷେଧ |
| ତା.୩୦ | ମହରମ ପର୍ବ, ସୁନିଆଁ ଅଙ୍କ ୬୩ଙ୍କ |
| ତା.୩୧ | ଶିବଚତୁର୍ଦ୍ଦଶୀ ଓ ବେଢ଼ା |

## ବିଭିନ୍ନ ଦିବସ ପାଳନ

### ଜୁଲାଇ ୨୦୨୦

| | |
|---|---|
| ତା ୦୧ | - ଜାତୀୟ ଚିକିତ୍ସକ ଦିବସ |
| | - ଆନ୍ତର୍ଜାତିକ ପରିହାସ ଦିବସ |
| ତା ୦୭ | - ବିଶ୍ୱ ଚକଲେଟ୍ ଦିବସ |
| ତା ୦୮ | - ଲେଖକ ଦିବସ |
| ତା୧୦ | - ପଠାଣି ସାମନ୍ତଙ୍କ ତିରୋଧାନ |
| ତା ୧୧ | - ବିଶ୍ୱ ଜନସଂଖ୍ୟା ଦିବସ |
| ତା ୧୨ | - ଆନ୍ତର୍ଜାତିକ ମାଲାଲା ଦିବସ |
| ତା ୧୮ | - ଆନ୍ତର୍ଜାତିକ ନେଲସନ୍ ମଣ୍ଡେଲା ଦିବସ |
| ତା ୨୬ | - କାର୍ଗିଲ ବିଜୟ ଦିବସ |
| ତା ୨୮ | - ବିଶ୍ୱ ହେପାଟାଇଟିସ୍ ଦିବସ |
| | - ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ |
| ତା ୨୯ | - ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ |

### ଅଗଷ୍ଟ ୨୦୨୦

| | |
|---|---|
| ତା ୦୧ | -ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ |
| ତା ୦୨ | (ପ୍ରଥମ ରବିବାର)- ମିତ୍ରତା ଦିବସ |
| ତା ୦୬ | - ବିଶ୍ୱ ଶାନ୍ତି ଦିବସ |
| | - ହିରୋସିମା ଦିବସ |
| ତା ୦୭ | - ଜାତୀୟ ହସ୍ତତନ୍ତ ଦିବସ |
| ତା ୦୮ | - ବିଶ୍ୱ ବରିଷ୍ଠ ନାଗରୀକ ଦିବସ |
| ତା ୦୯ | - ଅଗଷ୍ଟକ୍ରାନ୍ତି ଦିବସ |
| ତା ୧୨ | - ଆନ୍ତର୍ଜାତିକ ଯୁବ ଦିବସ |
| ତା ୧୩ | - ଅନ୍ତର୍ଜାତୀୟ ବାମ-ହସ୍ତ- ଋଳନା ଦିବସ |
| | - ବିଶ୍ୱ ଅଙ୍ଗଦାନ ଦିବସ |
| ତା ୧୫ | - ସ୍ୱାଧୀନତା ଦିବସ |
| ତା ୧୯ | - ବିଶ୍ୱ ମାନବୀୟ ଦିବସ |
| | - ବିଶ୍ୱ ଫଟୋଗ୍ରାଫି ଦିବସ |
| ତା ୨୦ | - ସଦ୍‌ଭାବନା ଦିବସ |
| | - ବିଶ୍ୱ ମଶା ଦିବସ -ଅକ୍ଷୟ ଉର୍ଜ୍ଜା ଦିବସ |
| ତା ୨୧ | - ବିଶ୍ୱ ଫେସନ୍ ଦିବସ |
| | - ଜାତୀୟ ବରିଷ୍ଠ ନାଗରୀକ ଦିବସ |
| ତା ୨୯ | - ଜାତୀୟ କ୍ରୀଡ଼ା ଦିବସ |
| ତା ୩୦ | - ଅନ୍ତରାଷ୍ଟ୍ରୀୟ ଲଘୁ ଉଦ୍ୟୋଗ ଦିବସ |

# ସହଯୋଗ ହସ୍ପିଟାଲ୍

ଟି.ଏଲ୍.ସି ଇଲେକ୍ଟ୍ରିକ୍ ଅଫିସ୍ ସାମ୍ନା (ଖଣିପାଖ), ଖୋର୍ଦ୍ଧା

(ସେବାରୁ ଆରମ୍ଭ ସେବାରେ ଶେଷ)

SAHAJOG HOSPITAL

An ISO 9001 : 2015 Certified Hospital

## ଆଡ୍‌ଭାନ୍‌ସ୍‌ଡ୍ ଲାପ୍ରାସ୍କୋପିକ୍ ଅପରେସନ୍ ସେଣ୍ଟର

**ଏଠାରେ ଅତ୍ୟାଧୁନିକ ଲାପ୍ରାସ୍କୋପିକ୍ ପଦ୍ଧତିରେ ଅପରେସନ୍ କରାଯାଏ**

- ଲାପ୍ରାସ୍କୋପିକ୍ ଗଲ୍‌ବ୍ଲାଡର୍ ଷ୍ଟୋନ୍ ଅପରେସନ୍
- ଲାପ୍ରାସ୍କୋପିକ୍ ଆପେଣ୍ଡିକ୍ସ ଅପରେସନ୍
- ଲାପ୍ରାସ୍କୋପିକ୍ ଗର୍ଭାଶୟ (L.A.V.H.,T.L.H.) ଅପରେସନ୍
- ଲାପ୍ରାସ୍କୋପିକ୍ ଅଣ୍ଡକୋଷ (ଓଭାରି) ଅପରେସନ୍
- ଲାପ୍ରାସ୍କୋପିକ୍ ଟ୍ୟୁମର ଅପରେସନ୍
- ଲାପ୍ରାସ୍କୋପିକ୍ ହାର୍‌ନିଆ ଅପରେସନ୍
- ଲାପ୍ରାସ୍କୋପିକ୍ ଭେଣ୍ଟ୍ରାଲ୍ ହାର୍‌ନିଆ ଅପରେସନ୍
- ଲାପ୍ରାସ୍କୋପିକ୍ ପରିସ୍ରା ଥଳି ଅପରେସନ୍
- ଲାପ୍ରାସ୍କୋପିକ୍ ପରିସ୍ରା ନଳୀ ଅପରେସନ୍
- ଲାପ୍ରାସ୍କୋପିକ୍ ପ୍ରୋଷ୍ଟେଟ୍ ଅପରେସନ୍
- ଲାପ୍ରାସ୍କୋପିକ୍ କିଡ଼ିନ୍ ପଥର ଅପରେସନ୍

ସମ୍ପର୍କ : ୦୬୭୫୫-୨୨୧୩୨୧/୨୨୨୨୭୭, ୯୯୩୮୪୪୬୩୦୯
୮୫୯୮୦୮୦୫୨୯, ୯୯୩୭୦୫୪୩୨୬, ୯୯୩୭୨୩୨୭୦୦

Postal Regd. No. : PURI-33/2019-21
Volume-11 I Issue No.-1 I Monthly I July-2020 I RNI Regn. No. 107608/2010 I Page-52

# ଓଡ଼ିଶା ରାଜ୍ୟ ସଙ୍ଗୀତ (ମାନ୍ୟତା)

# ବନ୍ଦେ ଉତ୍କଳ ଜନନୀ

ଲକ୍ଷ୍ମୀକାନ୍ତ ମହାପାତ୍ର



ବନ୍ଦେ ଉତ୍କଳ ଜନନୀ,
ଚାରୁ ହାସମୟୀ ଚାରୁ ଭାଷମୟୀ,
ଜନନୀ, ଜନନୀ, ଜନନୀ ॥

ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ର ତଟିନୀକୂଳ-ଶୀକର-ସମୀରା,
ଜନନୀ, ଜନନୀ, ଜନନୀ ॥

ଘନ ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ,
ଜନନୀ, ଜନନୀ ଜନନୀ ॥

ସୁନ୍ଦର ଶାଳୀ-ସୁଶୋଭିତ କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା,
ଜନନୀ, ଜନନୀ, ଜନନୀ ॥

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳୀ-ଶୋଭିତ-ବେଶା,
ପୁଣ୍ୟ ତୀର୍ଥାଚୟ-ପୂର୍ଣ୍ଣ-ପ୍ରଦେଶା,
ଜନନୀ, ଜନନୀ, ଜନନୀ ॥

ଉତ୍କଳ ଶୂରବର-ଦର୍ପିତ-ଗେହା
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା,
ଜନନୀ, ଜନନୀ, ଜନନୀ ॥

କବିକୂଳ ମୌଳି ସୁନନ୍ଦନ-ବନ୍ଦ୍ୟା
ଭୁବନ ବିଘୋଷିତ-କୀର୍ତ୍ତି ଅନିନ୍ଦ୍ୟା,
ଧନ୍ୟେ, ପୂଣ୍ୟେ, ଚିରଶରଣ୍ୟେ,
ଜନନୀ, ଜନନୀ, ଜନନୀ ॥

Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - Webline, D2/19, Mancheswar Industrial Estate, BBSR-10, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057
Editor : Dr. Prasanna Kumar Jena
Founder : Dr. Pramod Chandra Dash

From To.
AMARISATYA
M-1/5, M.P.H.B. Colony
Post- P.N. College,
Dist-Khurda, Pin-752057